
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଅଗଷ୍ଟ ୨୦୨୫



ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-6 • August 2025 • Monthly • Rs.40 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୬ • ଅଗଷ୍ଟ ୨୦୨୫ • ମାସିକ • ଟ.୪୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**


## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ବ୍ୟକ୍ତି ଓ କୃତି (ସମ୍ପାଦକୀୟ) | ୦୩ |
| ନେତିବାଦୀ ଚେତନା ଓ ସାଂପ୍ରତିକ କବିତା (ପ୍ରବନ୍ଧ) : ସେନାପତି ପ୍ରଦ୍ୟୁମ୍ନ କେଶରୀ | ୦୫ |
| ଚିରନ୍ତନୀ (କବିତା): ଉମାକାନ୍ତ ମିଶ୍ର | ୧୦ |
| ମୃତ୍ୟୁର ମୂଲ୍ୟ (ଗଳ୍ପ): ଅଚ୍ୟୁତାନନ୍ଦ ପତି | ୧୧ |
| ନମଇଁ ନକଲି ଚରଣ (ରମ୍ୟ ରଚନା): ଡ. କୁଳାଙ୍ଗାର | ୧୩ |
| ଦାୟାଦ (ଗଳ୍ପ): ଆରତୀ ସାହୁ | ୧୭ |
| ଓଡ଼ିଆ ଗପରେ ଭୋକବ୍ୟଥା (ପ୍ରବନ୍ଧ): ଜଗନ୍ନାଥ ସାହୁ | ୨୦ |
| ଆଉ କେତେଦିନ (ଅନୁଭୂତି): ସତ୍ୟ ମିଶ୍ର | ୨୬ |
| ବୈଦିକ ପରମ୍ପରାରେ ଧ୍ୱନିବିଜ୍ଞାନ ଓ ଓଡ଼ିଆ ବର୍ଣ୍ଣମାଳା (ପ୍ରବନ୍ଧ): ସିନିରୁଦ୍ଧ ଦାଶ | ୩୦ |
| ପରମ ବାଣୁଆଁ (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୩୬ |
| ଶରାହତ ସ୍ୱପ୍ନପକ୍ଷୀ (ଗଳ୍ପ): ଚୌଧୁରୀ ବରଦା ପ୍ରସନ୍ନ ଦାସ | ୪୦ |
| କଳାହାଣ୍ଡିର ଲୋକଗୀତରେ ବାଦୀ ପରମ୍ପରା (ପ୍ରବନ୍ଧ): ପ୍ରଦୀପ୍ତ ଶ୍ରୀଚନ୍ଦନ | ୪୪ |
| ଶିଶୁସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) | ୪୮ |
| ସୁନିତା, ସାତହଜାର ଓ ବୁଲାବିକାଳି (ଗଳ୍ପ): ଶରତ କୁମାର ଦାସ | ୫୨ |
| ଓଡ଼ିଆ ଓଷାବ୍ରତର ଭାଷା (ପ୍ରବନ୍ଧ): ମିତାଲି ମଧୁସ୍ମିତା ମହାନ୍ତି | ୫୪ |
| ହୋଲି (ଅନୁବାଦ): ସଦାନନ୍ଦ ପରିଡ଼ା | ୫୮ |
| ଓଡ଼ିଆ କ୍ଷୁଦ୍ରଗଳ୍ପରେ ଜନଜାତି ସମାଜର ଚିତ୍ର (ପ୍ରବନ୍ଧ): ସ୍ୱାଧୀନ ଚନ୍ଦ୍ର ପଧାନ | ୬୦ |
| ହେ ଭାରତ ପୁତ୍ର (କବିତା): ପୀନାକି ମିଶ୍ର | ୬୬ |
| ଦୁଇଟି ମିନିଗପ (ଗଳ୍ପ): ସୁଷମା ଦାଶ | ୬୭ |
| କାଉ ରାବିଲା କା (ଶିଶୁଗଳ୍ପ): କୁଞ୍ଜ ବିହାରୀ ସାହୁ | ୬୮ |
| ସ୍ମୃତି ସୌରଭ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ଅବସ୍ରଂସନ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

# ପାଠକଙ୍କ ମତାମତ

**ଜୁ**ଲାଇ ମାସର ସଂଖ୍ୟାଟି ପାଇଛି ଓ ପାଠ ମଧ୍ୟ କରିଛି। ଯେତିକି ପଢ଼ିଛି, ତନ୍ମଧ୍ୟରୁ ନିମ୍ନୋକ୍ତ କେତେକ ବିଷୟକୁ ପ୍ରାଧାନ୍ୟ ଦେଇଛି, କାରଣ ମୋତେ ଭଲ ଲାଗିଲା। ଗଳ୍ପରେ 'ଝରକା', 'ଭାଇ' ଓ 'ମୁଁ କ୍ଷେତ୍ର ଯିବି'; ପ୍ରବନ୍ଧରେ 'ଲେଖକଙ୍କ ବ୍ୟକ୍ତିଗତ ଜୀବନ', 'ଲୋକଭାଷା ବନାମ ସାହିତ୍ୟର ଭାଷା'; ଅନୁଭୂତିରେ 'ଏତେ ଭଲ ପାଆନ୍ତି ମୋତେ'; ସାକ୍ଷାତକାରରେ 'ଅଜୟ ମିଶ୍ରଙ୍କ ସହିତ ଆଳାପ' ମନକୁ ଛୁଇଁଲା। ସର୍ବୋପରି ପାଠକଙ୍କ ମତାମତରେ ପ୍ରମୋଦିନୀ ପଣ୍ଡାଙ୍କ ମତାମତଟି ସ୍ୱାଗତଯୋଗ୍ୟ। କାରଣ ସମ୍ପାଦକଙ୍କ ମତରେ ନୂତନ ପିଢ଼ିର ପାଠକମାନଙ୍କ ପାଖରେ ଛନ୍ଦ କବିତା ଆଦୃତ ହେଉନାହିଁ। ଅମିତ୍ରାକ୍ଷର କବିତାଗୁଡ଼ିକ ମନେରଖିବା କଷ୍ଟକର। ଏହାକୁ ଉପମା ବା ଅଳଙ୍କାର ରୂପେ ବ୍ୟବହାର କରିହେବ ନାହିଁ। କିମ୍ବା କୌଣସି ଲୋକ କାର୍ଯ୍ୟରେ ଥିଲାବେଳେ ଗୁଣୁଗୁଣୁ ହୋଇ ଏହା ଗାଇବା ଦେଖାଯାଏ ନାହିଁ।

**ଆଦିତ୍ୟ ପ୍ରସାଦ ମହାପାତ୍ର**
tumman.2004@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

**'ସା**ହିତ୍ୟ ଚର୍ଚ୍ଚା' ଜୁଲାଇ ସଂଖ୍ୟାର ପ୍ରଚ୍ଛଦପଟରେ ଭକ୍ତ ଏବଂ ଭଗବାନଙ୍କ ମିଳନର ଚିତ୍ର ଅତ୍ୟନ୍ତ ମନଲୋଭା ହୋଇଛି। ସମ୍ପାଦକୀୟରେ ନବଗୁଞ୍ଜର ବେଶର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଢ଼ିବାକୁ ମିଳିଲା। ସତରେ ବର୍ତ୍ତମାନ ନବଗୁଞ୍ଜରର ବେଶ୍ ପରିବର୍ତ୍ତନ ହୋଇଯାଇଛି। କଟକ - ପୁରୀ ବାଇପାସ୍ ଠାରେ ଥିବା ନବଗୁଞ୍ଜର ବେଶର ହାତରେ ଶୋଭା ପାଉଛି ନୀଳଚକ୍ର। ଏହା ମଧ୍ୟ ଅନେକ ଚିତ୍ରକରଙ୍କ ସୃଷ୍ଟିରେ ଦେଖିବାକୁ ମିଳିଲାଣି। ଏହା ପ୍ରତି ଆମେ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ।

**ମୁକେଶ ସ୍ୱାଇଁ**
mukeshswain39@gmail.com

**ସା**ହିତ୍ୟ ଚର୍ଚ୍ଚାର ଜୁଲାଇ ମାସର ସଂଖ୍ୟା ବହୁ ପୂର୍ବରୁ ମୋର ହସ୍ତଗତ ହୋଇଛି । ପ୍ରତିମାସ ଯଥା ସମୟରେ ପ୍ରକାଶିତ ହେଉଥିବା ପତ୍ରିକା ଓଡ଼ିଶାରେ ବହୁତ କମ୍। କିନ୍ତୁ 'ସାହିତ୍ୟ ଚର୍ଚ୍ଚା' ନିୟମିତତା ରକ୍ଷାକରି ଆସିଛି । ଏଥର ସମ୍ପାଦକୀୟରେ 'ନବଗୁଞ୍ଜରର ନବଚିତ୍ରଣ' ଲେଖାଟି ଅତ୍ୟନ୍ତ ଉଚ୍ଚକୋଟିର, ବେଶ୍ ଉପାଦେୟ ଓ ତଥ୍ୟପୂର୍ଣ୍ଣହୋଇଛି । ସେଥିପାଇଁ ସମ୍ପାଦକ ମହୋଦୟଙ୍କୁ ଅନେକ ଅନେକ ଧନ୍ୟବାଦ।

ଛାୟାକାନ୍ତ ଷଡଙ୍ଗୀଙ୍କ ଲେଖକ ଓ ବ୍ୟକ୍ତିଗତ ଜୀବନ ପ୍ରବନ୍ଧଟି ମଧ୍ୟ ବହୁତ ଭଲ ଲାଗିଲା । ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଅବସରରେ ଜଣେ ବନ୍ଧୁ ସାହିତ୍ୟ ଚର୍ଚ୍ଚାର ଏହି ଲେଖାକୁ ଉଦ୍ଧାର କରି ତାଙ୍କ ବକ୍ତବ୍ୟରେ କହିଥିଲେ, ପତ୍ରିକାର ଏହି ଲେଖାଟି ପଢିବା ପାଇଁ । ସେ କହିଥିଲେ ଯେ କୌଣସି ଅନୁଷ୍ଠାନ ଲେଖକ ବା କବିଙ୍କୁ ସମ୍ବର୍ଦ୍ଧନା ବା ପୁରସ୍କାର ଦେବାବେଳେ ତାଙ୍କର ସଂପୂର୍ଣ୍ଣ ବ୍ୟକ୍ତିତ୍ୱକୁ ସମ୍ମାନ ଦେଇ ନଥାଏ, ସମ୍ମାନ ଦେଇଥାଏ ତାଙ୍କର ସର୍ଜନଶୀଳ ଦିଗକୁ । ତା'ସତ୍ତ୍ୱେ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଉଭୟ ବ୍ୟକ୍ତି ଜୀବନ ଓ ସାହିତ୍ୟିକ ଜୀବନରେ ଶୁଦ୍ଧତା ରହିଲେ ତାହା ଜନସମାଜ ପାଇଁ ବେଶି ପ୍ରଭାବଶାଳୀ ଓ ପ୍ରେରଣାଦାୟୀ ହୁଏ। ସେ କହିଥିଲେ, ମାନବ ମାତ୍ରକେ ଦୋଷ ଦୁର୍ଗୁଣଯୁକ୍ତ। ପ୍ରାବନ୍ଧିକ ଛାୟାକାନ୍ତ ଷଡଙ୍ଗୀଙ୍କ ଲେଖାରୁ ଠିକ୍ ସେହି ଉପଦେଶ ମିଳୁଛି ଯେ ଆମେ ଲେଖକଙ୍କର ବ୍ୟକ୍ତିଗତ ଜୀବନ ବା ଚରିତ୍ରକୁ ଗୁରୁତ୍ୱ ଦେବା ଅପେକ୍ଷା ତାଙ୍କର ସର୍ଜନାକୁ ଗୁରୁତ୍ୱ ଦେବା ଉଚିତ। ଲେଖକ ଅପେକ୍ଷା ଲେଖାର ଗରିମାକୁ ଆମେ ଅଧିକ ପ୍ରାଧାନ୍ୟ ଦେବା ଶ୍ରେୟସ୍କର ହେବ ।

**ସସ୍ମିତାରାଣୀ ରାଉତ**
sasmitarani.rout20@gmail.com

**ସମ୍ପାଦକୀୟ**

# ବ୍ୟକ୍ତି ଓ କୃତି

କୃତି ବିଭିନ୍ନ ରକମର ହୋଇପାରେ; ଯଥା ସାହିତ୍ୟକୃତି, କଳାକୃତି, ସଂଗୀତକୃତି, ସ୍ଥାପତ୍ୟକୃତି ଓ ଏମିତି ଆହୁରି କେତେ କଣ। ପ୍ରତ୍ୟେକଟି କୃତି ପଛରେ ବ୍ୟକ୍ତିଟିଏ ତ ନିଶ୍ଚୟ ଥାଏ, ଯାହାର ନିପୁଣ ହାତର ସ୍ପର୍ଶ ବା କଳାକୌଶଳ ବଳରେ ସେହି କୃତିଟି ଗଢ଼ା ହୋଇଥାଏ। କିନ୍ତୁ ପ୍ରଶ୍ନ ଉଠେ, ଗୋଟିଏ କୃତିର ମାନ ସହିତ ସେହି ନିପୁଣ ହାତର ଅଧିକାରୀ ହୋଇଥିବା ବ୍ୟକ୍ତି ଜଣକର ସମ୍ପର୍କ କି ଧରଣର ହୋଇଥାଏ ?

ଆମ ପତ୍ରିକାର ଗତ ସଂଖ୍ୟାରେ, ଲେଖକମାନଙ୍କ ରଚନାର ଗୁଣାତ୍ମକ ମାନ ସହିତ ସେମାନଙ୍କ ବ୍ୟକ୍ତିଗତ ଜୀବନର ନୀତି-ନୈତିକତାକୁ ଯୋଡ଼ିବା ଉଚିତ କି ନୁହେଁ, ସେ ବିଷୟରେ ଆଲୋଚନା କରିଛନ୍ତି ପ୍ରବୀଣ ପ୍ରାବନ୍ଧିକ ଛାୟାକାନ୍ତ ଷଡ଼ଙ୍ଗୀ। ଏଇଟି ପଢ଼ିବା ପରେ ଆମ ମନରେ ଗୋଟିଏ ପ୍ରଶ୍ନ ଉଠେ ଯେ କୌଣସି ସାହିତ୍ୟକୃତିର ସ୍ତର ନିର୍ଦ୍ଧାରଣ କରିବା ବେଳେ ଆମେ ଅଚେତନ ଭାବରେ ସେହି ଲେଖକଙ୍କ ବ୍ୟକ୍ତିଗତ ଜୀବନକୁ ମଧ୍ୟ ନିଜର ବିବେଚନାର ପରିସର ଭିତରକୁ ନେଇଆସୁ କି ? ଏହା ଯଦି ହେଉଥାଏ, ତେବେ ତାହା କେତେ ମାତ୍ରାରେ ସଙ୍ଗତ ? ଏହି ପ୍ରସଙ୍ଗରେ ଜେମ୍ସ୍ ଜୟେସ୍, ଲିଓ ଟଲଷ୍ଟୟ ଓ ଫକୀରମୋହନଙ୍କ ଜୀବନର କେତେକ ନୈତିକ ସ୍ଖଳନ ବିଷୟରେ ଚର୍ଚ୍ଚା କରି ପ୍ରାବନ୍ଧିକ ମହୋଦୟ ଦର୍ଶାଇଛନ୍ତି ଯେ ନିଜ ଜୀବନର ଏସବୁ ନକାରାତ୍ମକତା ସତ୍ତ୍ୱେ ସେମାନଙ୍କର ରଚନାରେ ଉଚ୍ଚକୋଟିର ଗୁଣାତ୍ମକତା ବଜାୟ ରହିଛି।




ଏହି ପ୍ରସଙ୍ଗରେ ମନେପଡ଼େ, ଇଂରାଜୀ କବିତାରେ ଆଧୁନିକତାର ଅନ୍ୟତମ ପ୍ରବର୍ତ୍ତକ ଟି.ଏସ୍. ଇଲିୟଟ୍‌ଙ୍କର ଏକ ଚର୍ଚ୍ଚିତ ଉକ୍ତି, ଯେଉଁଥିରେ କୁହାଯାଇଛି ଯେ ଗୋଟିଏ କବିତାରେ ସମ୍ପୃକ୍ତ କବିଙ୍କର ବ୍ୟକ୍ତିତ୍ୱର ପ୍ରତିଫଳନ ହେବା ଜରୁରୀ ନୁହେଁ; ବରଂ କବିଜଣକ ନିଜ ବ୍ୟକ୍ତିତ୍ୱର ସରହଦରୁ ଉଚିତ ଦୂରତା ରକ୍ଷା କରି, ଅର୍ଥାତ୍ କେବଳ ଏକ 'କାଟାଲିଷ୍ଟ୍'ର ଭୂମିକା ନେଇ, ନୈର୍ବ୍ୟକ୍ତିକ ଭାବରେ ନିଜ ରଚନାର ସର୍ଜନା କରିବା ଉଚିତ। ଗତ ଶତାବ୍ଦୀର ମଧ୍ୟଭାଗରେ ଇଂରାଜୀ ସାହିତ୍ୟରେ ମୁଣ୍ଡ ଟେକିଥିବା 'ନିଉ କ୍ରିଟିସିଜମ୍' ନାମକ ଏକ ଚିନ୍ତାଧାରାର ମୂଳ ନୀତି ଏହା ହିଁ ଥିଲା। ତାହା ଅନୁସାରେ, ଗୋଟିଏ ରଚନାର ଗୁଣମାନ ନିର୍ଣ୍ଣୟ କରିବାପାଇଁ ତାହାର କବି ବା ଲେଖକଙ୍କ ଜୀବନୀଗତ ଦିଗକୁ ବିଚାରକୁ ନିଆଯିବାର କୌଣସି ଆବଶ୍ୟକତା ନାହିଁ। ବରଂ ସେହି ରଚନାରେ ଅନ୍ତର୍ନିହିତ ଭାଷା, ଭାବ ଓ ଶୈଳୀ ଆଦିର ସ୍ତରକୁ ଆଧାର କରି ହିଁ ଏହି ନିର୍ଣ୍ଣୟ ନିଆଯିବା ଉଚିତ।

ପାଠକେ ଲକ୍ଷ୍ୟ କରିଥିବେ ଯେ ଆମ ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ସହିତ ସଂପୃକ୍ତ ଲେଖକଙ୍କର ବ୍ୟକ୍ତିଗତ ପରିଚୟ ବା ଠିକଣା ଦିଆଯାଏ ନାହିଁ। ଏହା ପରୋକ୍ଷରେ 'ନିଉ କ୍ରିଟିସିଜମ୍'ର ନୀତି ଉପରେ ପର୍ଯ୍ୟବସିତ। ଆମେ ବିଶ୍ୱାସ କରୁ ଯେ ଲେଖକଙ୍କ ଲେଖା ହିଁ ତାଙ୍କର ଏକମାତ୍ର ପରିଚୟ ହେବା ଉଚିତ। ରଚନାଟିଏ ପଢ଼ିଲେ ତାହା ଭିତରୁ ଲେଖକର ଗୋଟିଏ ନିଆରା ବ୍ୟକ୍ତିତ୍ୱ ଉକୁଟୁଥାଏ। ଜଣେ ପ୍ରକୃତ ପାଠକ ସେହି ପରିଚୟକୁ ହିଁ ସ୍ୱୀକୃତି ଓ ସମ୍ମାନ ଦିଏ। ଲେଖାଟିଏ ପଢ଼ିବା ବେଳେ କୌଣସି ପାଠକ ପାଇଁ ଏହା ଜାଣିବା ଅନାବଶ୍ୟକ ଯେ ସେଇଟିର ଲେଖକ ଜଣେ ଉଚ୍ଚ ପଦାଧିକାରୀ, ବଡ଼ ଉଦ୍ୟୋଗପତି, ନା ଗାଆଁର ଜଣେ ସାଧାରଣ କୃଷକ, କି ଛାତ୍ରଟିଏ। ଲେଖକ ଜଣଙ୍କୁ ପାଠକ ପାଖରେ ଚିହ୍ନାଇଦେବା ପାଇଁ କେବଳ ତାଙ୍କର ଲେଖାଟି ହିଁ ଯଥେଷ୍ଟ; ତାଙ୍କର ଅନ୍ୟ କୌଣସି ପୃଷ୍ଠଭୂମି ଏହି ପ୍ରସଙ୍ଗରେ କିଛି ମାନେ ରଖେନାହିଁ।

ଅବଶ୍ୟ ଜଣେ ଲେଖକଙ୍କ ବାସ୍ତବ ବ୍ୟକ୍ତିତ୍ୱର କିଛି ନା କିଛି ପ୍ରଭାବ ଯେ ତାଙ୍କର ଲେଖା ଉପରେ ପଡ଼ିଥାଏ, ସେକଥା ଆମେ ସ୍ୱୀକାର କରୁ। କିନ୍ତୁ ସେହି ବ୍ୟକ୍ତିତ୍ୱଟିକୁ ଆମେ ଲେଖାର ସର୍ବସ୍ୱ ବୋଲି ମଣିବା ଉଚିତ ନୁହେଁ, କି ତାହାକୁ ମାତ୍ରାଧିକ ଗୁରୁତ୍ୱ ଦେବା ମଧ୍ୟ ଉଚିତ ନୁହେଁ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**



ପ୍ରବନ୍ଧ

# ନେତିବାଦୀ ଚେତନା ଓ ସାଂପ୍ରତିକ ଓଡ଼ିଆ କବିତା



ସେନାପତି ପ୍ରଦ୍ୟୁମ୍ନ କେଶରୀ

ଧର୍ମଧାରଣାରେ ନିରପେକ୍ଷତା, ଈଶ୍ୱରଙ୍କ ସ୍ଥାନରେ ପ୍ରକୃତି ଊନବିଂଶ ଶତାବ୍ଦୀର ଚିନ୍ତା ବିପ୍ଳବକୁ ବହୁ ଭାବରେ ପ୍ରଭାବିତ କରିଛି । ଏହି ଶତାବ୍ଦୀର ଦର୍ଶନ ଥିଲା, ମୂଳତଃ ଆଦର୍ଶବାଦ ଉପରେ ପ୍ରତିଷ୍ଠିତ । କିନ୍ତୁ ଡାରଓ୍ୱିନଙ୍କ ବିବର୍ତ୍ତନ ତତ୍ତ୍ୱ, ଫ୍ରୟେଡ୍‌ଙ୍କ ଯୌନବିଜ୍ଞାନ ଓ ଫ୍ରେଡରିକ୍ ନିତ୍‌ସେଙ୍କ ଅସ୍ତିତ୍ୱବାଦୀ ଦର୍ଶନ ବିଶ୍ୱ ସାହିତ୍ୟାଦର୍ଶକୁ ଦେଇଛି ଏକ ନୂଆ ମୋଡ଼ ।

ଫ୍ରୟେଡଙ୍କ ମନୋବିଶ୍ଳେଷଣ ମଣିଷର ସକଳ ଇନ୍ଦ୍ରିପରାୟଣତାକୁ ନୂଆ ଭାବରେ ସ୍ୱୀକାର କରିଛି । ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ମାନବର ସୃଷ୍ଟି ରହସ୍ୟକୁ ଈଶ୍ୱରଙ୍କଠାରୁ ବିଯୁକ୍ତ କରି ମାଟି ସହିତ ଯୋଡ଼ିପାରିଛି । ଅପରପକ୍ଷରେ ଫ୍ରେଡରିକ୍ ନିତ୍‌ସେଙ୍କ ଅତିମାନବ ତତ୍ତ୍ୱ ବ୍ୟକ୍ତି ଚେତନା ଭିତରେ ଅସୀମ ଇଚ୍ଛାଶକ୍ତିକୁ ଦେଇଛି ଏକ ନୂତନ ପ୍ରତିଷ୍ଠା । ହଜାର ହଜାର ବର୍ଷର ବଦ୍ଧମୂଳ ବିଶ୍ୱାସ ଓ ପୁରୁଣା ମୂଲ୍ୟବୋଧକୁ ଅସ୍ୱୀକାର କରି ଅସ୍ତିତ୍ୱବାଦୀମାନେ ପାଲଟି ଯାଇଛନ୍ତି ଜଣେ ଜଣେ ଶୁଦ୍ଧ ନେତିବାଦୀ । 'ମଣିଷ ଖାଲି ଚିନ୍ତା, ଖାଲି ଅନୁଭବ ବା ଖାଲି ଇଚ୍ଛାଶକ୍ତିର ସମଷ୍ଟି ନୁହେଁ – ଏସବୁର ଉର୍ଦ୍ଧ୍ୱରେ ଆହୁରି ଅନେକ କିଛି । ମଣିଷର ଭିତର ଓ ବାହାର ସ୍ୱରୂପକୁ ଚିହ୍ନି ଚିହ୍ନାଇବାକୁ ହେଲେ ଜୀବନ ଭିତରେ ଏହାକୁ ସଂପୂର୍ଣ୍ଣ ବୁଡ଼ିଯିବାକୁ ପଡ଼ିବ । ଜୀବନର ଅସୀମ କ୍ଷମତା ଓ ଭିତିରି ରହସ୍ୟକୁ ଉନ୍ମୋଚନ କରିବାକୁ ହେବ । ମୃତ୍ୟୁ, ସମୟ, ଇତିହାସବୋଧକୁ ଜାଗ୍ରତ କରିବାକୁ ହେବ ।' ନେତିବାଦ ଏଇ ଚରମ ସତ୍ୟରେ ବିଶ୍ୱାସ ରଖେ ।



ନିତ୍‌ସେ ମାନବ ଅସ୍ତିତ୍ୱର ବିଶ୍ଳେଷଣ କରୁ କରୁ ନିଜେ ଜଣେ ପ୍ରଚଣ୍ଡ ନେତିବାଦୀ ପାଲଟି ଯାଇଛନ୍ତି । କିନ୍ତୁ ନେତିବାଦୀ ହେବା ଅର୍ଥ ନାସ୍ତିକ ନୁହେଁ, ଜଣେ ଭିନ୍ନ ଆସ୍ତିକ ହେବାର ଚରମ ଉପଲବ୍ଧି । ଏ ବିଷୟରେ ସେ ତାଙ୍କର 'ଦ ଓ୍ୱିଲ୍ ଟୁ ପାଓ୍ୱାର' ଗ୍ରନ୍ଥରେ ସମ୍ୟକ ବିଶ୍ଳେଷଣ କରିଛନ୍ତି । ତେଣୁ ନାସ୍ତିକତାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ସକ୍ରିୟ, ଅନ୍ୟଟି ନିଷ୍କ୍ରିୟ । ପ୍ରଥମଟି ବର୍ଦ୍ଧିତ ଆଧ୍ୟାତ୍ମିକ ଶକ୍ତି, ମାତ୍ର ଦ୍ୱିତୀୟଟି ଆଧ୍ୟାତ୍ମିକ ଶକ୍ତିହୀନତାରୁ ସୃଷ୍ଟି । ନିତ୍‌ସେ ହେଉଛନ୍ତି ପ୍ରଥମ ଶ୍ରେଣୀର ଜଣେ ସକାରାତ୍ମକ ଶୁଦ୍ଧ ନେତିବାଦୀ ।

**ନୂତନ ମୂଲ୍ୟବୋଧ**

ନିତ୍‌ସେ କହନ୍ତି, ଜଣେ ପ୍ରକୃତ ନେତିବାଦୀ ଜୀବନର ଘୁଣଖିଆ, ରୁଗ୍ଣ ମୂଲ୍ୟବୋଧକୁ ଅସ୍ୱୀକାର କରେ ସତ; କିନ୍ତୁ ନୂତନ ମୂଲ୍ୟବୋଧର ଅନୁସନ୍ଧାନରୁ କେବେହେଲେ ନିବୃତ୍ତ ହୁଏନା । ସେଥିପାଇଁ ଏକଲା ମଣିଷଟିକୁ ସର୍ବଶକ୍ତିମାନ ଈଶ୍ୱରଙ୍କ ପରି ଗଢ଼ି ତୋଳିବାକୁ ଜଣେ ନିର୍ଭୀକ ନାୟକ ପରି ନିତ୍‌ସେ ବାରମ୍ବାର ଆହ୍ୱାନ ଦେଇଛନ୍ତି । ମରୁଭୂମିରେ ଏକଲା ଛିଡ଼ା ହୋଇଥିବା ଖଜୁରି ଗଛଟି ପରି ପ୍ରଚୁର ଆତ୍ମବିଶ୍ୱାସୀ ହେବାକୁ ସେ ଏକଲା ମଣିଷକୁ ସବୁବେଳେ ଚେତେଇଛନ୍ତି ।

ସାଂପ୍ରତିକ ସାହିତ୍ୟରେ ବ୍ୟକ୍ତି (ଏକଲା ମଣିଷ) ହିଁ ବଡ଼ । ଗଣ ମଧ୍ୟରେ ଜଣିକିଆ ମଣିଷଟିର ସ୍ଥିତି ବିପନ୍ନ । ଜନତା (ଗଣ) ସବୁକାଳରେ ଏକ ଶକ୍ତିଶାଳୀ ଶକ୍ତି ପରି କାର୍ଯ୍ୟ କରିଥାଏ । 'ଜଣ'ର ସ୍ୱର (ବିଚାର)କୁ ସେ ନିଜ ଭିତରେ ଚାପି ଦେବାକୁ ବାରମ୍ବାର ଉଦ୍ୟମ କରୁଥାଏ । ସୁତରାଂ ଗଣ ମଧ୍ୟରେ ରହି ଜଣେ ମଣିଷ ନିଜର ଅନ୍ତର୍ନିହିତ ଶକ୍ତିଗୁଡ଼ିକର ବିକାଶ କରିପାରେନାହିଁ । ଫଳରେ ତା'ର ଜୀବନ ବ୍ୟର୍ଥ ହୁଏ । ବିଂଶ ଶତାବ୍ଦୀର ବହୁ ମନୋବିଜ୍ଞାନୀ, ସମାଜବିଜ୍ଞାନୀ

ଓ ଚିନ୍ତକମାନେ ଏ ବିଷୟରେ ଚିନ୍ତା ପ୍ରକଟ କରିଛନ୍ତି ।

ବ୍ୟକ୍ତିକୁ ଗିଳିଦେବା ପରି କାଳ ସୃଷ୍ଟି ହେବାର କାରଣ ମଣିଷର ରୁଗ୍‌ଣ ମାନସିକତା ଓ ବିପଥଗାମୀ ଦର୍ଶନ । ହେଡ଼ଗାର ତାଙ୍କର 'ୱିଙ୍ଗ୍ ଏଣ୍ଡ୍ ଟାଇମ୍' ଗ୍ରନ୍ଥରେ ଏହି ରୁଗ୍‌ଣ ଚିନ୍ତା ଓ ବିପଥଗାମୀ ଦର୍ଶନକୁ ବିରୋଧ କରିଛନ୍ତି । ମାସେଲ୍ କହନ୍ତି, 'ମୁଁ (ଆଇ) ନିଜ ପାଇଁ ଏକ ରହସ୍ୟ ।' ବିଚାରର ଅତ୍ୟାଚାରରେ ମଣିଷ ପ୍ରକୃତ ଧର୍ମଧାରଣାରୁ କିପରି ବିଚ୍ୟୁତ ହୋଇପଡ଼େ, ସୋରେନ୍ କିର୍‌କେଗାର୍ଡ ତା'ର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି । ନିତ୍‌ସେ କହନ୍ତି, 'ବିଚାର ମଣିଷର ସହଜାତ ପ୍ରବୃତ୍ତି ଓ ଆବେଗ ଉପରେ ସବାର ହେବା କାରଣରୁ ମଣିଷର ତେଜବୀର୍ଯ୍ୟର ଅବନତି ଘଟୁଛି ।'

ଅତିମାନବ ସୃଷ୍ଟି କରିବା ଇତିହାସର ଲକ୍ଷ୍ୟ ବୋଲି ନିତ୍‌ସେ ବିଶ୍ୱାସ କରୁଥିଲେ । ତାଙ୍କର 'ଜୟଫୁଲ୍ ୱିଜ୍‌ଡମ୍' ପୁସ୍ତକରେ ସେ କହନ୍ତି – 'ଜୀବନ ଗୋଟିଏ ଯୁକ୍ତି ନୁହେଁ, ଜୀବନ ପାଇଁ 'ଠିକ୍' ଓ 'ଭୁଲ୍' ଉଭୟ ଆବଶ୍ୟକ ।' 'ବିୟୋଣ୍ଡ୍ ଗୁଡ୍ ଏଣ୍ଡ୍ ଏଭିଲ୍' ଗ୍ରନ୍ଥରେ ମଣିଷର ସମସ୍ତ ଦୋଷ ଦୁର୍ବଳତା ସତ୍ତ୍ୱେ ସେ ମଣିଷକୁ ଗୋଟାପଣେ ସ୍ୱୀକାର କରିଛନ୍ତି ଓ ଉଚ୍ଚତମ ସ୍ଥାନ ଦେଇଛନ୍ତି ।

**ସବୁ ନୈତିକ ମୂଲ୍ୟବୋଧ ଅନ୍ତରାଳରେ ଛପି ରହିଥାଏ ମଣିଷର ଯାବତୀୟ ଦୋଷ ଦୁର୍ବଳତା ।**

## ଭଲ ଓ ମନ୍ଦର ବିଭାଜନ

ପୃଥିବୀର ନୀତିବାଦୀମାନେ ଷୋଳଅଣା ଭଲ ଓ ଷୋଳଅଣା ମନ୍ଦ ମଧ୍ୟରେ ଏକ ସ୍ପଷ୍ଟ ବିଭାଜନ ରେଖା ଟାଣିଛନ୍ତି । ମାତ୍ର ନିତ୍‌ସେଙ୍କ ଭଳି ନେତିବାଦୀ ଏ ଦୁଇଟିରୁ କୌଣସି ଗୋଟିଏକୁ ଜୀବନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇନାହାନ୍ତି । ସେ କହନ୍ତି, 'ସବୁ ନୈତିକ ମୂଲ୍ୟବୋଧ ଅନ୍ତରାଳରେ ଛପି ରହିଥାଏ ମଣିଷର ଯାବତୀୟ ଦୋଷ ଦୁର୍ବଳତା । ମଣିଷର ତଥାକଥିତ ଉତ୍କୃଷ୍ଟତା ଏକ ଛଳନା ମାତ୍ର ।' ମଣିଷ ଜୀବନରୁ ଏହି ଛଳନାକୁ ଦୂର କରିବା ଲାଗି ନିତ୍‌ସେ ଜଣେ ଚରମ ନେତିବାଦୀ ରୂପେ ଉଭା ହୋଇଛନ୍ତି ।

ନିତ୍‌ସେ କହନ୍ତି, ମଣିଷର ଜୀବନ ସ୍ୱାୟତ୍ତ, ଜୀବନ ଉପରେ ଯେକୌଣସି ବାହ୍ୟ ଶକ୍ତିର ପ୍ରଭାବକୁ ବରଦାସ୍ତ କରିବା ଅନୁଚିତ । ନିତ୍‌ସେଙ୍କର ଏହି ମୂଳ ବିଶ୍ୱାସ ନିଶ୍ଚିତ ଭାବରେ ଅସ୍ତିତ୍ୱବାଦୀୟ । ଈଶ୍ୱରଙ୍କ ଇଚ୍ଛା ବୋଲି କହି କୌଣସି ନୈତିକ ବିଚାରକୁ ଅନ୍ୟ ଉପରେ ଲଦି ଦେବା ଠିକ୍ ନୁହେଁ । ସେ ପୁଣି ଜୀବନର ସ୍ୱାୟତ୍ତତାକୁ ବୁଝିପାରିଲେ ମନୁଷ୍ୟ ପରକାଳ (ସ୍ୱର୍ଗ)କୁ ଅସ୍ୱୀକାର କରି ଏହି ଧୂଳିମାଟିର ଧରଣୀକୁ ଅଧିକ ଭଲ ପାଇପାରିବ । ମାଟି ପ୍ରତି ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପିତ କରିପାରିବ ।

ନେତିବାଦୀ କହେ, ଜୀବନରେ ଯାହାକିଛି କୁତ୍ସିତ, ସେସବୁକୁ ପ୍ରଥମେ ସ୍ୱୀକାର କରିବାକୁ ହେବ ।

ସାଂପ୍ରତିକ ବିଶ୍ୱ ସାହିତ୍ୟରେ ଜୀବନର ସେହିସବୁ କୁତ୍ସିତ ଓ ଘୃଣ୍ୟ ବିଷୟବସ୍ତୁର ଶ୍ରଦ୍ଧାପୂର୍ଣ୍ଣ ରୂପାୟନ ବଂଚିବାର ବୃହତ୍ତର ଉପଲବ୍ଧି ପ୍ରତି ଲେଖକମାନଙ୍କୁ ଆକୃଷ୍ଟ କରୁଛି । ଆଦର୍ଶର ଦ୍ୱାହିଦେଇ ପୁରାତନ ଲେଖକଗଣ ମଣିଷର ଶକ୍ତିଶାଳୀ କ୍ଷୁଧା (ଯୌନାକାଙ୍କ୍ଷା) ଓ ତା'ର ଯଥାଯଥ ପରିଚର୍ଯ୍ୟାକୁ ପସନ୍ଦ କରୁନଥିଲେ । ମାତ୍ର ଆଜିର ଲେଖକ ଜୀବନର ଯେକୌଣସି ବାସ୍ତବ ଅନୁଭବକୁ ସମ୍ମାନର ସହ ସ୍ୱୀକାର କରୁଛି । ଫଳରେ ଏକବିଂଶ ଶତାବ୍ଦୀର ସାହିତ୍ୟ ଅଧିକ ବାସ୍ତବବାଦୀ ହୋଇପାରିଛି, ଯାହାକି ଏକବିଂଶ ଶତାବ୍ଦୀର ଲେଖକମାନଙ୍କ ପାଇଁ ଏକ ଶକ୍ତିଶାଳୀ ପ୍ରେରଣାର ଉତ୍ସ ରୂପେ ଉଭା ହୋଇଛି । 'ମନ୍ଦ' ଆପେକ୍ଷିକ ଭାବେ 'ଭଲ'ର ଦ୍ୟୋତକ ଦସ୍ତୋଭସ୍କିଙ୍କର 'ଏର ୟୁଥ୍' ଉପନ୍ୟାସ ନୂଆ ସମାଜକୁ ଏଭଳି ବାର୍ତ୍ତାଦିଏ । ତାଙ୍କର ଏହି ଅନୁଭବ ତାଙ୍କୁ ସମଗ୍ର ବିଶ୍ୱ ସାହିତ୍ୟରେ ଜଣେ ଉଚ୍ଚକୋଟୀର ଲେଖକର ପ୍ରତିଷ୍ଠା ଆଣିଦେଇଛି ।

ପାଠକେ ଜାଣନ୍ତି, ଜାଁ ପଲ୍ ସାର୍ତ୍ତ, କାମ୍ୟୁ, କାଫ୍‌କାଙ୍କ ସାହିତ୍ୟରେ ଭୟଙ୍କର ଶୂନ୍ୟତା, ନିରର୍ଥକତା ଓ ନିରୀଶ୍ୱରବାଦୀ ଦର୍ଶନ ଚମତ୍କାର ଭାବରେ ରୂପାୟିତ ହୋଇଛି । ନେତିବାଦୀମାନେ ଆଧୁନିକ ସାହିତ୍ୟର ନୂଆ ନୂଆ ଉପଲବ୍ଧି ଓ ଦର୍ଶନର ଆହ୍ୱାନକୁ ଖୋଲା ହୃଦୟରେ ଗ୍ରହଣ କରିଛନ୍ତି ।


## ଜଟିଳ ମାନସିକତା

ସାଂପ୍ରତିକ ଆଧୁନିକ ମଣିଷର ଜଟିଳ ମାନସିକତା ଓ ହୃଦୟର ସ୍ଥିତିକୁ ଠିକଣା କରିବା ଆଦୌ ସହଜସାଧ୍ୟ ନୁହେଁ । ମନୁଷ୍ୟର ଜୀବନ ଏତେ ଶସ୍ତା ନୁହେଁ ଯେ, ଖେଳନା ହୋଇ ନାଚିବ ଅନ୍ୟର ହାତରେ । ନେତିବାଦୀ ଚେତନା ବିଶ୍ୱ

ସାହିତ୍ୟରେ ସେହି ବାର୍ତ୍ତାଦିଏ, ଯାହା କେବଳ ଅନୁଭବ ଭିତରେ ସମ୍ଭବ । ମଣିଷ ହିଁ ବସ୍ତୁତଃ ବିଶ୍ୱକୁ ଅର୍ଥଦ୍ୟୋତକ କରିଛି ବୋଲି ମାର୍ସେଲ ମନେକରନ୍ତି । ସେହିପରି ୟାସ୍ ପରସ୍ କହନ୍ତି, ଯେଉଁଠି ଗତାନୁଗତିକ ଜୀବନଧାରା ମଣିଷକୁ ନିୟନ୍ତ୍ରଣକରେ, ସେଠି ଜୀବନ ସ୍ୱାଦହୀନ ।

ଆଧୁନିକ ମଣିଷ ଜାଣେ, ଆତ୍ମରକ୍ଷା କରିବାର କୌଣସି ଉପାୟ ତା'ର ନାହିଁ । ଅନ୍ତହୀନ ପରାଜୟ ହିଁ ତାର ଭାଗ୍ୟ । ତେବେ 'ଈଶ୍ୱର' ଭଳି ଏକ ଅସହାୟ ସମ୍ରାଟ ନିକଟରେ ସେ ବା କାହିଁକି ଆତ୍ମସମର୍ପଣ କରିବ ? ଯିଏ ପାଳଭୂତ ପରି ଫସଲ ନଷ୍ଟ ହେବାର ଦେଖେ, ଅଥଚ କୌଣସି ପ୍ରତିକାର କରିପାରେନା ।

ଆଧୁନିକ ମଣିଷଟିର ସବୁଥାଇ ମଧ୍ୟ ସେ ନିଃସ୍ୱ । ତା'ର ଆଖିରୁ ଛଡ଼ାଇ ନିଆଯାଇଛି ଦୃଷ୍ଟି, ପାଟିରୁ ଛଡ଼ାଇ ନିଆଯାଇଛି ଶବ୍ଦ / ହୃଦୟରୁ ଛଡ଼ାଇ ନିଆଯାଇଛି କମ୍ପନ । ସେ ମଧ୍ୟ ଅନ୍ୟ ଜଣେ ନିରୁପାୟ ଈଶ୍ୱର । ସେଥିପାଇଁ ଆଧୁନିକ ସାହିତ୍ୟରେ ମଣିଷଟିଏ ନିଜକୁ ବ୍ୟଙ୍ଗ କରିବାକୁ କୁଣ୍ଠିତ ନୁହେଁ । ନିଜ ଆଖିରେ ସେ ନିଜେ ସର୍କସର ଜୋକର ।




ତେଣୁ ଆଜି ସାହିତ୍ୟର ମୁଖ୍ୟ ସ୍ୱରଟି ବଞ୍ଚିବାର ରାହାର ସନ୍ଧାନୀ । ଏକପକ୍ଷରେ ବ୍ୟକ୍ତି ମନ ଭିତରର ଅନ୍ଧାର, ନିଆଁ ଓ ଶୀତଳତାକୁ ପ୍ରକାଶ କରିବା, ଅନ୍ୟପକ୍ଷରେ ନିତିଦିନିଆ ଜୀବନର ଜଞ୍ଜାଳ ଓ ସଂଘର୍ଷକୁ ରୂପଦେବା – ଏଇ ଦୁଇଟି ସତ୍ୟର ଉନ୍ମୋଚନ ଆଜିର ସାହିତ୍ୟକୁ କରିଛି ମହିମାବନ୍ତ ।

ଏକବିଂଶ ଶତାବ୍ଦୀର ସ୍ଥିତିରେ ଯଦି ଓଡ଼ିଆ କବିତା ଓ ଜୀବନଧାରାକୁ ବିଚାର କରାଯାଏ, ଏକଥା ସହଜରେ ଲକ୍ଷ୍ୟ କରିହେବ ଯେ, ଆଜି ପ୍ରାଚ୍ୟ ଓ ପାଶ୍ଚାତ୍ୟଜଗତ ପରସ୍ପର ନିକଟତର ହେବାରେ ଲାଗିଛନ୍ତି । ମଣିଷର ଉଦାରୀ ଓ ବଜାରୀ ଜୀବନଚର୍ଯ୍ୟା ସାମାଜିକ, ଅର୍ଥନୈତିକ ସ୍ୱରରେ ଯେତିକି ପରିବର୍ତ୍ତନ ଆଣିଛି, ସାଂସ୍କୃତିକ କ୍ଷେତ୍ରରେ ଆଣିଛି ମଧ୍ୟ ସେତିକି ଅବକ୍ଷୟ । ଆଜି ବିଶ୍ୱ ପ୍ରକୃତି ଓ ପୃଥିବୀର ପରିବେଶ ସଂକଟାପନ୍ନ, ଜନଜୀବନ ସଂଶୟାଚ୍ଛନ୍ନ । ସାହିତ୍ୟରେ ଏହାର ପ୍ରଭାବ ସୁସ୍ପଷ୍ଟ ।

## ପୁରୁଣା ପୃଥିବୀ

୧୯୧୫ ମସିହାରେ ଡି.ଏଚ୍. ଲରେନ୍ସ ତାଙ୍କର 'କଙ୍ଗାରୁ' ଉପନ୍ୟାସରେ ଘୋଷଣାକଲେ ଯେ, 'ପୁରୁଣା ପୃଥିବୀ'ର ଶେଷ ହୋଇଗଲା । କାରଣ ଆଧୁନିକତାର ପ୍ରଭାବ ସେହି ପୁରୁଣା ପୃଥିବୀକୁ ଭାଙ୍ଗି ଏକ ନୂଆ ପୃଥିବୀର ଭିତ୍ତି ସ୍ଥାପନ କରୁଥିଲା । ଯେଉଁ ନୂଆ ପୃଥିବୀ ବ୍ୟକ୍ତିକୁ ଅଣଦେଖା କରିବାକୁ ପସନ୍ଦ କରେନା । ସାହିତ୍ୟର ଭୂମି ସମାଜକୈନ୍ଦ୍ରିକ ହେଲେ ମଧ୍ୟ ବ୍ୟକ୍ତିକୁ ଗୌଣ ମଣିବାର ଦିନ ଅତିକ୍ରାନ୍ତ ହୋଇସାରିଥିଲା । ନୂଆ ପୃଥିବୀରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା ହେଲା । ଗୋଟିଏପକ୍ଷରେ ବ୍ୟକ୍ତି ଜୀବନ, ଅନ୍ୟପକ୍ଷରେ ସାମାଜିକ ବାସ୍ତବତା । ସାମାଜିକ ବାସ୍ତବତାର କ୍ରୂର ନିର୍ମମତା ମଧ୍ୟରେ ସଂଘର୍ଷ କରିବା ହିଁ କ୍ରାନ୍ତି । ତାହାହିଁ ସର୍ଜନଶୀଳତା । ଯେଉଁ ବାସ୍ତବତା ଭିତରେ ସ୍ୱାଧୀନତା ଥାଏ, ସ୍ୱପ୍ନଥାଏ, ସଂଗ୍ରାମ କରିବାର ପ୍ରାଣଶକ୍ତି ଥାଏ । ବ୍ୟକ୍ତି ମଣିଷଟି ତା'ର ପ୍ରାଣଶକ୍ତି ଭିତରୁ ବିଚ୍ଛିନ୍ନ ହୋଇ ନିଜର ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାର ପ୍ରୟାସ କରେ । ସମାଜର ପ୍ରଚଳିତ ଧାରଣା, ରୂଢ଼ିବାଦ ବିରୋଧରେ ସ୍ୱର ଉତ୍ତୋଳନ କରି ମାନବିକତାର ଜୟଗାନ କରେ । ଏହିଭଳି ଏକ ନବ୍ୟ ଜୀବନବୋଧ ଓ ଆଶାବାଦର ଉଚ୍ଚାରଣ ହେଉଛି ଏକବିଂଶ ଶତାବ୍ଦୀର କବିତା, ଯାହାକି ନେତିବାଦୀ କାବ୍ୟ ଚେତନାର ଏକ ଉତ୍ତରିତ ମାର୍ଜିତ ରୂପ ।

କବିତାରେ ଭାଷା ହେଉଛି, ପ୍ରକୃତରେ କବିତାର ଭାବ ସୌନ୍ଦର୍ଯ୍ୟର ବାହକ । ଭାଷା ହିଁ କବିତାର କଳାପକ୍ଷ । କବିତାର ସଂରଚନା ଓ ସଂପ୍ରେଷଣକୁ ଭାଷା ନିର୍ଦ୍ଧାରିତ କରିଥାଏ । ''ଦି ଟ୍ରୁ ଅଥର୍ ଅଫ୍ ଏ ପୋଏମ୍ ଇଜ୍ ନାଇଦର୍ ଦି ପୋଏଟ୍ ନର୍ ଦି ରିଡର୍, ବଟ୍ ଲାଙ୍ଗୁଏଜ୍'' । କବିତା ଯଦି ପରମ୍ପରାର ସାଂପ୍ରତିକତା ଓ ସାଂପ୍ରତିକତା ପରମ୍ପରା, କବିର ଭାଷା ହିଁ ତାର ପ୍ରମାଣ ବହନ କରେ ।

ପ୍ରତି ଜଳିବା ପୂର୍ବରୁ ସେ ଥିଲା
ଥିଲା ସବୁ ଜଳିବା ପରେ ବି

ଅଙ୍ଗାରରୁ ଅଗ୍ନି ହୋଇ
ପୁଣି ଅଗ୍ନିରୁ ଅଙ୍ଗାର
ଅଙ୍ଗାରରେ ଲେଖା ଏକ ସତୀ ଅଙ୍ଗାର ମଣିଷ
(ଅଙ୍ଗାର ମଣିଷ: ଆଶୁତୋଷ ପରିଡ଼ା)

ଜୀବନ କେବେ ସଂପୂର୍ଣ୍ଣ ନିଶ୍ଚିହ୍ନ ହେବନାହିଁ । "ଆଫର୍ମେସନ୍ ଇନ୍ ନେଗେସନ୍" । ଏହାହିଁ ନେତିବାଦୀ କାବ୍ୟ ଚେତନାର ମୂଳକଥା । ଅଗ୍ନିରୁ ଅଙ୍ଗାର ପୁଣି ଅଙ୍ଗାରରୁ ଅଗ୍ନିର ତେଜ ଧାରଣ କରିବା ହେଉଛି ଜୀବନର ଧର୍ମ । ଏହାକୁ କେହି ଧ୍ୱଂସ କରିବା ସମ୍ଭବ ନୁହେଁ ।

**ଉତ୍ତର-ଆଧୁନିକତା**

ଉତ୍ତର-ଆଧୁନିକ କବି ନାରୀର ଜୀବନ, ଯୌବନକୁ ନେଇ ସମାଜରେ ଚାଲିଥିବା ଘୃଣ୍ୟ ଖେଳକୁ ଲୋକଙ୍କ ନଜରକୁ ଆଣିବାକୁ ଚାହେ । ସେଥିପାଇଁ ତା'ର ଭାଷାରେ ଥାଏ ଶ୍ଳେଷ । ବିଦ୍ରୂପର ଅଗ୍ନିକଣା । ପୁରୁଷର ସ୍ୱେଚ୍ଛାଚାରିତାକୁ ଲୋକହସା କରିବାକୁ ସେ ପଶ୍ଚାତପଦ ହୁଏନା । କବି ଅପର୍ଣ୍ଣା ମହାନ୍ତିଙ୍କ କବିତାକୁ ଲକ୍ଷ୍ୟ କରନ୍ତୁ – "ପୁରୁଷର ଯେମିତି ମନ / ସେମିତି ସେ ଖେଳିପାରିବ / ସ୍ତ୍ରୀ ଲୋକର ଦେହ ସହିତ / କି ବିଡ଼ମ୍ବନା ଦେଖତ / ସ୍ତ୍ରୀ ଲୋକଟିକୁ ନିଜର ବୋଲି ଦାବି କରିବା ପାଇଁ / ପ୍ରେମରେ ବି ପୁରୁଷର ଲୋଡ଼ାହୁଏ ହିଂସା !' (ମାଡ଼ ଖାଉଥିବା ସ୍ତ୍ରୀ ଲୋକ) । ସେହିପରି କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ କୁଆଁରୀ ବଧୂଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କଥା ମନକୁ ବିଷାଦଗ୍ରସ୍ତ କରେ –

**କଂକ୍ରିଟ୍ ଜଙ୍ଗଲ ଭିତରେ ଧୀରେ ଧୀରେ କଂକ୍ରିଟ୍ ପାଲଟି ଯାଉଥିବା ମଣିଷ ପାଖରେ ଭାବପ୍ରବଣତା ସଂପୂର୍ଣ୍ଣ ଗୌଣ ।**

ଏବେ ନୂଆ ଆପାର୍ଟମେଣ୍ଟର ମୋଜାଇକ୍ ଘର ଭିତରେ
କଇଁଫୁଲ ପ୍ରାୟ ନିରୀହ ଓ ନମ୍ର କୁଆଁରୀ ବଧୂଙ୍କ
ବେକସବୁ ଚିପି ଦିଆଯାଏ
ମୋଜାଇକ୍ ଘର ଭିତରେ କ୍ରମଶଃ
ମୋଜାଇକ୍ ହୋଇଯାଏ ଆଖିର ରଙ୍ଗ, ଛାତିର ସ୍ପନ୍ଦନ... !
(କଇଁଫୁଲ : ଶତ୍ରୁଘ୍ନ ପାଣ୍ଡବ)

ନାରୀସତ୍ତାର ଚିରନ୍ତନ ସୌନ୍ଦର୍ଯ୍ୟ ଓ ନିଷ୍ପାପ ନାରୀତ୍ୱ ପୁରୁଷର ଉପଭୋକ୍ତା । ସଂସ୍କୃତି ଓ ଭୋଗବାଦୀ ମାନସିକତା ନିକଟରେ କିପରି ଅସହାୟ ଭାବରେ ବଳିପଡ଼େ ଏବଂ ଆଧୁନିକ ଜୀବନର ଚାକଚକ୍ୟପୂର୍ଣ୍ଣ ମୋଜାଇକ୍ ଘର ଭିତରେ କ୍ରମଶଃ ଗୋଟେ ନିରୀହ ଜୀବନ ନିଃଶେଷ ହୋଇଯାଏ – କବିଙ୍କର ବର୍ଣ୍ଣନାଚାତୁରୀ ତାହା ବ୍ୟଞ୍ଜିତ କରେ ।

ଏବର ମଣିଷ ସମୟହୀନ, ସଂପର୍କହୀନ, ଭାଇଚାରାହୀନ । କଂକ୍ରିଟ୍ ଜଙ୍ଗଲ ଭିତରେ ଧୀରେ ଧୀରେ କଂକ୍ରିଟ୍ ପାଲଟି ଯାଉଥିବା ମଣିଷ ପାଖରେ ଭାବପ୍ରବଣତା ସଂପୂର୍ଣ୍ଣ ଗୌଣ । ତଥାପି ଜୀବନର ବାସ୍ନା ସଂପୂର୍ଣ୍ଣ ଅନ୍ତର୍ହିତ ହୁଏନା । ଗୋଟେ ନୂଆ ସଂଭାବନାକୁ ଉଦ୍ବୋଳିତ କରେ ଉତ୍ତର ଆଧୁନିକତା । ଚିରାଚରିତ କିଟିମିଟି ଅନ୍ଧାର ଭିତରେ କବିଟିଏ କେମିତି ଏତେ ଜ୍ୟୋତ୍ସ୍ନାର ଉଜ୍ଜ୍ୱଳତା ଦେଖିପାରୁଛି, ତାହାହିଁ ତାତ୍ପର୍ଯ୍ୟପୂର୍ଣ୍ଣ –

'... କାଲି ରାତିର ଅନ୍ଧାର
ମୋତେ କାହିଁକି ଗୋରା ଗୋରା ଦିଶିଲା
ଆକାଶରେ ତ ପୂର୍ଣ୍ଣମୀର ଜହ୍ନ ନଥିଲା
ନଥିଲା ବି ଶୁକ୍ଳପକ୍ଷ
ହେଲେ କାଲି ରାତିର ଅନ୍ଧାର
ଥିଲା କିନ୍ତୁ ଖୁବ୍ ଉଜ୍ଜ୍ୱଳ ।
ସତରେ ମୁଁ କେବେ ଦେଖିନି
ଅନ୍ଧାରର ଏମିତିକା ଗୋରାରୂପ ।'

ସବୁବେଳେ ଅନ୍ଧାର ଓ ନିଃସଙ୍ଗତାକୁ ଭୟ କରୁଥିବା ମଣିଷ ନକାରାତ୍ମକ ଚିନ୍ତାଚେତନାର ଉର୍ଦ୍ଧ୍ୱକୁ ଯେତେବେଳେ ଉଠେ, ତା' ଭିତରେ ଆଶା ଓ ବିଶ୍ୱାସର ଇନ୍ଦ୍ରଧନୁ ଏଭଳି ବର୍ଣ୍ଣବିଭା ସୃଷ୍ଟିକରେ, ସବୁ ଭୟ ଓ ଆଶଙ୍କାର ନଖଦନ୍ତ ପାଲଟିଯାଏ ଫୁଲର ପାଖୁଡ଼ା । 'ନାସ୍ତି' ନୈରାଶ୍ୟକୁ ଚିରି 'ଅସ୍ତି'ର ଅରୁଣିମା ଉତ୍କୀର୍ଣ୍ଣ କରିବା କବିର ଧର୍ମ ।

**ଶତାବ୍ଦୀର ସମସ୍ୟା**

ଏକବିଂଶ ଶତାବ୍ଦୀରେ ଆଉ ଏକ ସମସ୍ୟା ଉତ୍କଟ ଆକାର ଧାରଣ କରିଛି । ଆଦିବାସୀଙ୍କର ଜମି, ଜଳ, ଜଙ୍ଗଲକୁ ଛଡ଼ାଇ ନେଇ ବଡ଼ ବଡ଼ କମ୍ପାନୀ ନିରୀହ ଜନଜାତିର ଲୋକମାନଙ୍କୁ ଆଧୁନିକ ଚଳଣିର ମିଛ ସ୍ୱପ୍ନ ଦେଖାଇବା ଏକ ଚରମ ପ୍ରତାରଣା । ଏକପକ୍ଷରେ ସରକାର ଆଦିବାସୀ ମେଳାର ଆୟୋଜନ କରି ଆଦିବାସୀଙ୍କୁ ମିଛ ପ୍ରେମର ଭେଳିକି ଦେଖାଉଛନ୍ତି, ଅନ୍ୟପକ୍ଷରେ ସେମାନଙ୍କର ଜୀବନର ଚିରସାଥୀ, ବଞ୍ଚିବାର ଅବଲମ୍ବନ ଜଙ୍ଗଲ, ପାହାଡ଼, ଝରଣା

ବନଜ ସମ୍ପଦକୁ କମ୍ପାନୀ ହାତକୁ ଟେକି ଦେବାର ମସୁଧା କରୁଛନ୍ତି, ଯାହାକି ବିଶ୍ୱତାପନ (ଗ୍ଲୋବାଲ୍ ୱାର୍ମିଙ୍ଗ୍)ର କାରଣ ପାଲଟି ଯାଉଛି । ପାହାଡ଼ ପର୍ବତାଦିରେ ଡିନାମାଇଟ୍ ଖଞ୍ଜି ମେଟାଲ, ଚିପ୍ସ, ବଜୁରି ପ୍ରଭୃତିର ବେପାର ଫଳରେ ବିଶ୍ୱର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ଦ୍ରୁତଗତିରେ ବୃଦ୍ଧି ପାଉଥିବା ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଜଙ୍ଗଲ ବୃଦ୍ଧି କରିବା ବଦଳରେ ବୃକ୍ଷବଂଶ ନାଶ କରିବା ଆଦିବାସୀଙ୍କ ପ୍ରତି କେବଳ ଘୋର ଅବିଚାର ନୁହେଁ, ଆଧୁନିକ ସମାଜ ପ୍ରତି ମଧ୍ୟ ଏକ ଚରମ ଆହ୍ୱାନ ସୃଷ୍ଟି କରିଛି । କଳାହାଣ୍ଡିର ନିୟମଗିରି ଆନ୍ଦୋଳନ ବିକାଶ ନାମରେ ଆଦିବାସୀଙ୍କୁ ନିଜର ଭିଟାମାଟି, ଜୀବିକା, ସଂସ୍କୃତିରୁ କିପରି ବିସ୍ଥାପିତ ଚଳାଇଛି, ତାହାର ଏକ ନଗ୍ନଚିତ୍ର ନିମ୍ନୋକ୍ତ କବିତାରେ ପ୍ରତିଫଳିତ –

ମୁଁ କହିଲି ଯେ' ମୋର ମାଟି<br>
ତୁମେ ତାକୁ ବିବର କଲ<br>
ମୁଁ କହିଲି ଯେ' ମୋର ପାହାଡ଼<br>
ତୁମେ ତା' କଲିଜା କାଢ଼ିନେଲ<br>
ମୁଁ କହିଲି, ଯେ' ମୋର ଝର୍ଣ୍ଣା<br>
ତମେ ତୁମର ଛେପ ଖଙ୍କାର ବିଷୟରେ ଭରିଦେଲ ।

(ଆଦିସ୍ୱର: ହେମନ୍ତ ଦଳପତି)

**ଏ ବିଶ୍ୱ ଆଉ ମଧୁମୟ ହୋଇ ରହିନାହିଁ କି ମନୁଷ୍ୟ ଆଉ ସେଦିନ ଭଳି ଅମୃତର ସନ୍ତାନ ହୋଇନାହିଁ ।**

ପରିଶେଷରେ ଏତିକି କୁହାଯାଇପାରେ, ଏ ବିଶ୍ୱ ଆଉ ମଧୁମୟ ହୋଇ ରହିନାହିଁ କି ମନୁଷ୍ୟ ଆଉ ସେଦିନ ଭଳି ଅମୃତର ସନ୍ତାନ ହୋଇନାହିଁ । ଉପଭୋକ୍ତାବାଦର ତୀବ୍ର ପ୍ରତିଯୋଗିତାରେ ସ୍ୱପ୍ନଭଙ୍ଗ ଓ ଜିଜୀବିଷାର ଘେରରେ ଆଜି ଅସ୍ତବ୍ୟସ୍ତ ସାଧାରଣ ମଣିଷର ଜୀବନ । ସେ ଜଳୁଛି ଅହରହ । ସମକାଳର ଏ ନିଛକ ବାସ୍ତବତାକୁ ଅବଲମ୍ବନ କରି ଗଢ଼ିଉଠିଛି ଉତ୍ତର ଆଧୁନିକତାବାଦୀ ଚିନ୍ତାଧାରା । ତଥାପି କ୍ଷୁଦ୍ର ଘାସର ଭାଗ୍ୟକୁ କେହି ଯେପରି ଆଜିଯାଏଁ ନିଶ୍ଚିହ୍ନ କରିପାରିନାହିଁ, ମଣିଷର ଜୀବନକୁ ମଧ୍ୟ କେହି କେବେ ନିଶ୍ଚିହ୍ନ କରିପାରିବ ନାହିଁ – ଏହି ବାର୍ତ୍ତା ଦିଏ ଉତ୍ତର ଆଧୁନିକ କାବ୍ୟଚେତନା, ଯାହା ପରୋକ୍ଷରେ ନେତିବାଦକୁ ବ୍ୟଞ୍ଜିତ କରେ ।

□□

ଲେଖକଙ୍କ ଇ-ମେଲ ଠିକଣା:
pradyumna.spk@gmail.com

PROZOSYS TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



କବିତା


# ଚିରନ୍ତନୀ

ଉମାକାନ୍ତ ମିଶ୍ର

କବିସବୁ ଦିବଂଗତ ହେଲାପରେ
ତାଙ୍କ କବିତାମାନେ
ଏଇଠି ଯେ ରହିଯାନ୍ତି,
ଆମ ନିତ୍ୟ-ସତ୍ୟ-ରାସ ଚକଡ଼ାରେ !
ଆମ ଚାରିପଟ ମାଟିରେ, ପାଣିରେ,
ବ୍ୟୋମରେ, ଆଲୁଅରେ, ଅନ୍ଧାରେ,
ପ୍ରୀତିରେ, ଶ୍ରୁତିରେ, ଚନ୍ଦ୍ରରେ, ତାରାରେ,
ହେମହରିଣୀ ବନରେ, ଖରାରେ, ବର୍ଷାରେ
ଆଉ କେତେ ଗୋପ୍ୟ ମାନ୍ତ୍ରିକ ବେଦୀରେ !
ମନୁଆଁ- ମନୋଇଁଙ୍କ ବଇଁଶୀ କଣ୍ଠରେ,
ଆଉ ପ୍ରେମିକାଙ୍କ ଅଶରୀରି
ବାସନ୍ତୀ ବୁକୁରେ !
କେବେକେବେ ଧରିତ୍ରୀରୁ
ଛାୟାପଥ-ନୀହାରିକା ଯାଏଁ !

ଆସ,ଏସବୁ ଅନିର୍ବାଣ ବିମ୍ବଙ୍କୁ
ଉଷୁମ ଛାତିରେ କୁଣ୍ଢାଅ,
ଅନଙ୍ଗ-ଲୁହରେ ଭିଜାଅ !
ତାଙ୍କରି ସେ କାଳଜୟୀ
କୁସୁମିତ ଉପବନେ,
ଆପଣାକୁ ଖୋଜିଯାଅ !
ହଜିଯାଅ ମଜିଯାଅ !
ସେମାନେ ସତ୍ୟ, ଶିବ ଓ ସୁନ୍ଦର !








କିଏ କହେ କବିମାନେ ଚାଲିଗଲେ
ଆଉ ଫେରନ୍ତିନି ଆମ ତୁମ ଭଳି !
ସେମାନଙ୍କ ରସବନ୍ତୀ ପଦସବୁ ପରା
ସଦାକାଳେ ବିଞ୍ଛିହୋଇ ରହିଥାନ୍ତି,
ଉଲ୍ଲସିତ ବୀଜଙ୍କ ସମାନ !
ଚିରକାଳ ଅଙ୍କୁରିତ ହେଉଥାନ୍ତି
ମନ୍ତ୍ରମୁଗ୍ଧ ହୋଇ,
ନୂଆ ନୂଆ ପତ୍ର ମେଲି,
ପ୍ରାଚୀନ ଫଲ୍‌ଗୁର
ପବିତ୍ର ସ୍ରୋତକୁ ଉଚ୍ଚାରିତ କରୁଥାନ୍ତି,
ଅନାହତ ବୃହସ୍ସାମ
ଅମୃତ ଛନ୍ଦରେ !
ନୂଆନୂଆ କଲମ ମୁନରେ,
ଉତ୍ତରପୁରୁଷଙ୍କ ଦରୋଟି କଣ୍ଠରେ,
ନବ କଳେବରେ,
ନିର୍ଗୁଣ ବ୍ରହ୍ମର ନିରାକାର ଅଳଙ୍କାରେ !
ନିରନ୍ତର ନିରବରେ ନିନାଦିତ ହେଉଥାନ୍ତି,
ପରିଚିତ ଶ୍ରୁତି-ସ୍ମୃତି ପ୍ରଣବ ଓଁକାରେ !

□□

କବିଙ୍କ ଇ-ମେଲ ଠିକଣା:
drukmishra@gmail.com



ଶିଶୁ ଗଳ୍ପ

# ମୃତ୍ୟୁର ମୂଲ୍ୟ

ଅଚ୍ୟୁତାନନ୍ଦ ପତି

**ଗୋ**ଟିଏ ପ୍ରମୁଖ ସହରରେ ଗୋଟିଏ ଦିନରେ ଗୋଟିଏ ବକତରେ ଦୁଇଜଣଙ୍କର ମୃତ୍ୟୁ ହେଲା । ଜଣେ ଥିଲେ, ସମୁନ୍ନତ ସାମନ୍ତରାୟ, ଆଉଜଣେ ଥିଲା ସଇତା ସେଠି ।

ସାମନ୍ତରାୟ ସହରର ଏକ ବିଶିଷ୍ଟ ଅଞ୍ଚଳରେ ରାଜପ୍ରାସାଦସମ ଭବ୍ୟ ଭବନରେ ଅବସ୍ଥାନ କରୁଥିଲେ ।

ସଇତା ସହରର ନର୍ଦ୍ଦମା ନଇ ହିଡ଼ରେ ଚିଡ଼ାମିଡ଼ା ପଲିଥିନ୍ ବେଢ଼ାଇ କୁଡ଼ିଆ ଗଢ଼ି, ମୁଣ୍ଡ ଗେଞ୍ଜୁଥିଲା । ବେଳେ ବେଳେ ପାଣି ପବନର ବହପ ବଢ଼ିଗଲେ ପଲିଥିନଗୁଡ଼ାକ ଉଡ଼ି କୁଆଡ଼େ ବୋଲି କୁଆଡ଼େ ପଡୁଥିଲା । ପାଗର ଟିକିଏ ସୁଧାର ଆସିଲେ ଆଙ୍ଗୁଳେ ବହଳ ଚିକିଟାରେ ଲଟପଟ ଗାମୁଛା ଖଣ୍ଡକ ଅଣ୍ଟାରେ ଆଣ୍ଟି ସଇତା କଙ୍କାଳ ସଲଖି ହାତକୁ ଟିକିଏ ଛାଟି, ଛିଡ଼ାହୁଏ । ତା'ପରେ ପଲା ଉଠାଇବାର ଚେଷ୍ଟା । ଆପଣା ତାକତକୁ ଖଟାଇ, ଏଣେ ତେଣେ ପଡ଼ିଥିବା ସରଞ୍ଜାମକୁ ଗୋଟାଇ ଏକାଠି କରେ । ନର୍ଦ୍ଦମା ପାଣିକୁ ସଢ଼େଇରେ ଫୋପାଡ଼ି, କୁଦଟାରେ କୁଦି କୁଦି, ଜାଗାଟାକୁ ସାବାଡ଼ କରେ । ତା'ପରେ କୁଡ଼ିଆ ସଜାଡ଼ି, ତା' ଭିତରକୁ ଗଳିକି ଯିବାର ବାଟଟା ରଖେ ।




ଏଣେ ସାମନ୍ତରାୟ ସାହେବଙ୍କ ଥାଟବାଟ ଥିବା ରୋଷଶାଳରେ ତାଙ୍କ ଫର୍ମାସି ଅନୁସାରେ ପ୍ରସ୍ତୁତ ହେଇଥିବା ମାଂସ ପଲାଉ ସାଙ୍ଗକୁ ଆଉ ଇମିତି ଇମିତି କେତେ ରକମ ଖିଆଖିଇ, ବୁହାବୋହି ପରେ ବି ବଳିପଡୁଥିବାଗୁଡ଼ାକୁ ଫୋପଡ଼ା ହେଉଥିଲା । ଧନୀ, ମାନୀ, ବୋଲାଉଥିବା ସାମନ୍ତରାୟ ସାହେବଙ୍କ ଅଭାବବୋଧର ଧାରଣା ହେବ କୁଆଡୁ ?

ସଇତାକୁ ଯେଉଁ ପଖାଳଗଣ୍ଡାକ ମିଳୁଥିଲା, ତାହା ତା' ପେଟକୁ ନଅଣ୍ଟ ହେଉଥିଲା । ତୋରାଣି ପେଟେ ପିଇ ପେଟପୂରାଇ ପେଟରେ ଥାପଡ଼ ମାରୁଥିଲା ।

ସାମନ୍ତରାୟ ସାଆନ୍ତେ ଆଣ୍ଠିଏ ଗଦିରେ ଦେହ ଲଦି, ନିଜ ପାଇଁ ହାଇଁପାଇଁ ହେଉଥିଲେ । ବିଛଣା ଧଇଲେ ବାରଚିନ୍ତାର ସନ୍ତାପରେ ସନ୍ତୁଳି ହେଉଥିଲେ । ସବୁ ରାତିରେ ନିଦ ତାଙ୍କର 'ନା' । ସଇତା ଦଦରା ଖଜୁରିପଟି ଖଣ୍ଡକ ପାରି ପଡ଼ିଗଲେ 'ନିଦମାଉସୀ' ତାକୁ ଆଉଁସି ଆଉଁସି ଶୋଇ ପକାଉଥିଲା । କେହି ଭଣିତାକାର ସାଆନ୍ତଙ୍କ ଗୁଣପଣର ହେଣତେଣକୁ ଫେଣି ଫେଣି, ଦମଦାରକରି ଗୀତ ଦି'ପଦ ଗାରେଇ ଦେଲେ ସା'ନ୍ତରାୟ ମନକୁ ମୋହିନେଲେ, ମନମାନା ଦାମ ଦଖଲକୁ ଆସିଯାଉଥିଲା । ଯେଉଁ ଗୀତ ବଛାଯାଇ ସାଆନ୍ତଙ୍କ ଇଚ୍ଛାକୁ ଆସୁଥିଲା, ତାକୁ ଇମିତି ଭଙ୍ଗୀରେ ଥୁଆଯିବ ଯେ, ଲୋକେ ଯେମତି ଉଠିବାକୁ ନାଆଁ ଧରିବେନି, ନାପିଟିକି ପଡ଼ିରହିବେ । ଦେହ ଦେଖିଲେ ଆଖି ଅଟକି ଯାଉଥିବ । ଗୀତ କାନକୁ ସାଉଁଳାଉଥିବ, ଯେମିତି ଯେତେ ପଇସା ପଡୁପଛକେ ।

ତଲାସ ତଲାସି ସେମିତି ଗାୟିକା ଅଣାଗଲା । ଗଳାର କୌଶଳରେ, ପଇସାପ୍ରାପ୍ତ ଖୁସାମତିଆ ସଭାସ୍ଥ ସମସ୍ତଙ୍କ ଗମାତିଆ ତାଳିପିଟାର ନିନାଦରେ ସାମନ୍ତରାୟଙ୍କ ଦରବାର ଦୁଲୁକୁଥିଲା, ଆଉ ସାମନ୍ତେ ଚଳାଚୌକିରେ ହଲି ହଲି, ଲାଲୁଆ ଓଠର ସଟକା ଟାଣି ମୁଚୁମୁଚୁ ହସ ବୁଣି ଚାଲୁଥିଲେ । ସଇତା ଜଣେ ପାଠୁଆଙ୍କ ଗୋଡ଼ହାତ ଧରି ତା' ମନର କଥା ତା' ଭାଷାରେ ଭଣି, ଗୀତଟା ଆଣିଥିଲା । ସେ ଗୀତକୁ ଶୁଣି ଶୁଣି, ମନରେ ଦୋହରାଇ ଦୋହରାଇ ସେ ଗୀତକୁ ଆପଣାଇ

ନେଇଥିଲା । ପ୍ରାୟ ସବୁବେଳେ ଜଂଘରେ ହାତ ପିଟି ପିଟି, ତାଳରେ ହେଉ କି ନ ହେଉ, ସେ ଗୀତଟା ଗାଉଥିଲା । ଗୀତଟା ହେଉଛି –

ଶୁଣ ଶୁଣରେ ଭାଇ
ଅଜଣା, ଅଦେଖା ହେଇ ଜିଇଁଯିବି ମୁହିଁ
ମରିଗଲେ କାନ୍ଦିବେନି କେହିହେଲେ କଇଁ କଇଁ
ଖଣ୍ଡିଏ ପଥର ବି କହିବନି ଅଛି ମୁହିଁ କାହିଁ ।

ହଠାତ୍ ସାମନ୍ତରାୟ ଅସୁସ୍ଥ ହୋଇପଡ଼ିଲେ । ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସରେ ବୁହାହୋଇ ଗୋଟାଏ ବଡ଼ ଡାକ୍ତରଖାନାରେ ଭର୍ତ୍ତିହେଲେ । ଗୋଟାଏ ଡାକ୍ତରୀ ଦଳ ଚିକିତ୍ସା ପାଇଁ ଭିଡ଼ିଗଲେ । ମୁଖ୍ୟମନ୍ତ୍ରୀ ଖୋଦ୍ ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ଅନୁରୋଧ କରିବା ହେଲେ ଯେ, ସାମନ୍ତରାୟ ବାବୁଙ୍କୁ ଯେମିତି ହେଉ ସୁସ୍ଥ ହେବାର ବ୍ୟବସ୍ଥା କରନ୍ତୁ । ପଇସାପତ୍ରର ପରବାୟ ରଖିବନି । ସହରର ନିଶ ଛଡ଼ା, ଦାଢ଼ି ବଢ଼ା ବଡ଼ବଡ଼ିଆମାନେ ଡାକ୍ତରଖାନା ଧାଡ଼ି ମାରିଲେ । ସବୁ ତାହୁଁବଡ଼ା, ତାହୁଁବଡ଼ା ଚେଷ୍ଟା ସତ୍ତ୍ୱେ ସାମନ୍ତରାୟ ବର୍ତ୍ତିଲେ ନାହିଁ । ଖବରକାଗଜମାନେ 'ସାମନ୍ତରାୟ ଆଉ ନାହାନ୍ତି', 'ସାମନ୍ତରାୟ ଚାଲିଗଲେ' ଇମିତି ଇମିତି ଶିରୋନାମା ଦେଇ ତାଙ୍କର ପହିଲି ପୂରା ପୃଷ୍ଠାରେ ସାମନ୍ତରାୟଙ୍କ ଭଳି ଭଳି ଠାଣିରେ ଫଟ ଛାପି ଖବରକୁ ଉଠେଇଲେ, ପକାଇଲେ । ତା'ପରେ ଶୋକବାର୍ତ୍ତାର ଗତାନୁଗତିକତା ଚାଲିଲା । ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ଇମିତି ଇମିତିରେ ସମ୍ମାନାସ୍ପଦମାନେ, ଉପରପାହିଆ ବ୍ୟକ୍ତିବିଶେଷମାନେ ଶୋକବାର୍ତ୍ତା କୁଢ଼ାଇଲେ ।

**ସହରର ନିଶ ଛଡ଼ା, ଦାଢ଼ି ବଢ଼ା ବଡ଼ବଡ଼ିଆମାନେ ଡାକ୍ତରଖାନା ଧାଡ଼ି ମାରିଲେ । ସବୁ ଚେଷ୍ଟା ସତ୍ତ୍ୱେ ସାମନ୍ତରାୟ କିନ୍ତୁ ବର୍ତ୍ତିଲେ ନାହିଁ ।**

ସାମନ୍ତରାୟଙ୍କ ମରଶରୀରକୁ ଶେଷ ଦର୍ଶନ ପାଇଁ ଏତେ ଘଣ୍ଟା ପାଇଁ ରଖାଗଲା । ସମସ୍ତେ ଆସି ତାଙ୍କ ମଲା ଶରୀରକୁ ଫୁଲମାଳରେ ପୋତି ପକାଇଲେ । ସ୍ୱର୍ଗଦ୍ୱାରରେ ରୋଶଣିକରି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶବ ସଂସ୍କାର କରାଗଲା । ତା'ପରେ ଶୋକସଭା ଆଉ ଭାଷଣର ପର୍ବ । ସେମାନେ କଲେ, ଆମେ କାହିଁକି ନ କରିବୁ ? ଏହି ନ୍ୟାୟରେ ଶୋକସଭା ଚାଲିଲା ଚାଲିଲା । ଦେଖନ୍ତୁ, ଜଣେ ଜଣାଶୁଣା ଚାଲିଗଲେ କ'ଣ କ'ଣ ଜାକଜମକରେ ହୁଏ, ଆପଣମାନଙ୍କୁ ଜଣା । ମୋର ଅତି ପରିଣତ ବୟସରେ, ହାତରେ ପୀଡ଼ା ଥିବା ହେତୁ ଲେଖିବାରେ ଅସୁବିଧା ବଢ଼ି ବଢ଼ି ଚାଲିଛି । ଯଦି ଗପଟି ପଢ଼ିବେ ମନରୁ ଯୋଡ଼ିଯାଡ଼ି ମୋ' ଗପକୁ ବଢ଼ାଇ ପଢ଼ିବେ ।

ଆଉ ସଇତା ? ସେ ବାଧିକି ପଡ଼ି, ଗୁହମୁତ ହୋଇ ମଲା । ଆଖପାଖରେ ରହୁଥିବା ଭିକମଗାମାନେ ମୃତ ସଇତାକୁ ନେଇ ପୋତି ପକାଇଲେ । ହଁ, ଆଉଗୋଟେ କଥା, ସଇତାକୁ ସିନା 'ମଲା' ବୋଲି କୁହାଗଲା; କିନ୍ତୁ 'ସାମନ୍ତରାୟ ମଲା' ବୋଲି ତାଙ୍କ ସଭାର ଭାଷଣରେ କେହି କହିନଥିଲେ । 'ସେ ଦେହତ୍ୟାଗ କଲେ', 'ତାଙ୍କର ବିୟୋଗ ହେଲା', 'ତାଙ୍କର ଦେହାନ୍ତ ହେଲା', ଏଇମିତି କହିଥିଲେ । ସାଆନ୍ତରା 'ମଲା' ବୋଲି କହିଦେଲେ ସାମନ୍ତରାୟଙ୍କ ମୃତଦେହର ଅସମ୍ମାନ ହେବନି କି ?

ଜଣେ ଜଣାଶୁଣା କାନତରାଟି (କଣ୍ଟ୍ରାକ୍ଟର) ସାମନ୍ତରାୟଙ୍କ ପିଛାଧରି, ତାଙ୍କ ଇଚ୍ଛା ମୁତାବକ କାମ କରୁଥିଲେ । କୋଠାବାଡ଼ି ଉଠାଇବା, ରାସ୍ତାଘାଟ ତିଆରି କରିବା, ପୋଖରୀ ଖୋଳା, କେନାଲ ଉଦ୍ଧାର କରିବା, କିଛି କାଗଜରେ, ଆଉ କିଛି ସତରେ କରି, କରାଇବାର ଭୂମିକା ନେଇ କୋଟିପତି ହେଇଥିଲେ । ଅଧିକନ୍ତୁ, ସାମନ୍ତରାୟଙ୍କ ପ୍ରାସାଦକୁ ବିନା ପଇସାରେ ସମାପନ କରି ତାକୁ ଶୋଭାବନ୍ତ କରିବାକୁ ଦାମୀ ଦାମୀ ସାମଗ୍ରୀମାନ ଯୋଗାଇଥିଲେ । ସାମନ୍ତରାୟଙ୍କ ମୃତ୍ୟୁ ପରେ ସେ ତାଙ୍କର ଏକ ପୂର୍ଣ୍ଣାଙ୍ଗ ମୂର୍ତ୍ତି ତାଙ୍କ ପ୍ରାସାଦ ଆଗରେ ସ୍ଥାପିତ କରିଥିଲେ ।

ବର୍ଷେ ଖଣ୍ଡେ ପରେ ସଇତା ପୋତା ହୋଇଥିବା ଜାଗାରେ ଦୁବଘାସ କଅଁଳି ସେଠି ମାଡ଼ି ଯାଇଥିଲା । ଗୋଟେ ଧଳା ବାଛୁରୀ ସେଠିକା ଘାସକୁ ପେଟପୂରା ଚରି ସେଠି ଶୋଇ ଶୋଇ ପାକୁଳି କରୁଥିଲା । ଠିକ୍ ସେତିକିବେଳେ ସାମନ୍ତରାୟଙ୍କ ପ୍ରାସାଦ ଆଗରେ ସ୍ଥାପିତ ପ୍ରତିମୂର୍ତ୍ତି ଷେଣ୍ଢ ଲଢ଼େଇର ମାଡ଼ଖାଇ ଦି'ଗଡ଼ ହେଇ ଧୂଳିରେ ଗଡୁଥିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com

ରମ୍ୟରଚନା

# ନମଇଁ ନକଲି ଚରଣ

ଡ. କୁଳାଙ୍ଗାର



ଅସଲି ମଣିଷ ତୁଳନାରେ ଏବେ ଯେମିତି ନକଲିମାନଙ୍କର ସଂଖ୍ୟା ବଢ଼ି ଚାଲିଛି, ସମତୁଲ ଭାବରେ ଅସଲି ତୁଳନାରେ ନକଲି ସାମଗ୍ରୀଗୁଡ଼ିକର ପ୍ରସ୍ତୁତି ଓ ବିତରଣ ମଧ୍ୟ ବଢ଼ିଚାଲିଛି ! ଉଭୟଙ୍କର ସମଗୁଣ ଦୃଷ୍ଟିରୁ ଉତ୍ତମ ସମ୍ପର୍କ ସୃଷ୍ଟିହୋଇ ଚାଲିଛି, ଅତଏବ ଏଇ ଅସଲି ଲେଖକ ଆଜି ଆପଣଙ୍କ ପାଖରେ ଆଜି ଏହି ନକଲି ରଚନା ଲେଖି ପରଷିବାକୁ ବାଧ୍ୟ ହେଉଛି !

ଦରବୃଦ୍ଧିର ଚାପ ଆମକୁ ଯେମିତି ଚାପିଦେଇଛି, ଅସଲି ଦ୍ରବ୍ୟର ଦର ଦେବାକୁ ଆମେ କୁଂଥୁ କୁଂଥୁ ହେଉଛେ ! ଶସ୍ତାରେ ଅସଲି ଦ୍ରବ୍ୟଟିଏ ପାଇବାକୁ ଆମେ ଚାହୁଁଛେ ! ହେଲେ ତାହା କି ସମ୍ଭବ ? ଅତଏବ ଆମର ଲୋଭ ଆଉ ତାଙ୍କର ଲାଭ, ଏଇ ନ୍ୟାୟରେ ଅସଲି ଜାଗାରେ ନକଲି ତାହାର କାୟା ବିସ୍ତାର କରି ଚାଲିଛି ! ଆମେ ସକାଳୁ ସନ୍ଧ୍ୟାଯାଏଁ ନକଲି ଖାଉଛେ, ନକଲି ପିଉଛେ, ନକଲି ପିନ୍ଧୁଛେ, ନକଲି ଧାରଣ କରୁଛେ, ନକଲି ହସ ହସୁଛେ, ନକଲି ସମ୍ପର୍କ ଗଢୁଛେ, ନକଲି ରୂପ ପ୍ରଦର୍ଶନ କରୁଛେ, ନକଲି ଦାନ ଓ ଭକ୍ତି କରୁଛେ ! ମୋଟାମୋଟି ଆମେ ନକଲିର ନିଶାସକ୍ତ ହୋଇ ସାରିଛେ !




**ନକଲି ପ୍ରେମ**

ଅତଏବ ଆମ ସମସ୍ତଙ୍କ ହୃଦୟରେ ଅସଲି ବଦଳରେ ନକଲି ପ୍ରତି ଅଧିକ ପ୍ରେମ ବଢ଼ି ଚାଲିଛି ! ହେବନି ବା କେମିତି, ନକଲି ପ୍ରେମରେ ଯେଉଁ ମଜାଥାଏ ତାହା କଣ ଅସଲିରେ ଥାଏ ! ନକଲି ପ୍ରେମିକ ବା ପ୍ରେମିକା କିଛିଦିନ ରହିଲେ, କିଛି ଖର୍ଚ୍ଚବାର୍ଚ୍ଚ ହେଲା, ମଜା ଖୁସିକଲେ, ବାସ... ତା' ପରେ ସିଏ ତା' ବାଟରେ, ତମେ ତମ ବାଟରେ ! ଆଉ ଯଦି ସିଏ ଅସଲି ପଡ଼ିଲା... କଥା ସରିଲା କି ନାଇଁ ? ଜୀବନସାରା ବେକରେ ପଘାହୋଇ ପଡ଼ିଥିବ ! ଆଉ କେବେ ଯଦି କିଛି ନକଲି ବ୍ୟବହାର ପ୍ରଦର୍ଶନ କଲ, ତେବେ ତାହାର ଅସଲ ସ୍ୱରୂପ ପ୍ରଦର୍ଶନ କରାଉଥିବ !

କାରଣ ନକଲି ଅସଲିଠାରୁ ଅଧିକ ରଙ୍ଗିନ୍, ଚକାଚକ୍ ଓ ଚଟପଟା ! ନକଲି ଶସ୍ତା, ଅସଲି ଦାମୀ । ସ୍ୱଳ୍ପ ଖର୍ଚ୍ଚ ଓ ଅଧିକ ସଞ୍ଚୟ ପାଇଁ ମଧ୍ୟ ବିଜ୍ଞଜନେ ଉପଦେଶ ଦେଇଥାଆନ୍ତି । ନକଲି ତେଲ, ଘିଅ, ସସ୍, ପନୀର, ମସଲା, ହଳଦି, ଲଙ୍କାଗୁଣ୍ଡ, ଔଷଧ ଏପରିକି ନକଲି ସିମେଣ୍ଟର ସାର୍ବଜନୀନ ପ୍ରସାରଣ ନକଲିର ପ୍ରାବଲ୍ୟକୁ ବର୍ଣ୍ଣନା କରୁଅଛି । ଆମ ଚାରିପାଖରେ ଅବିଶ୍ୱାସର ଏପରି ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇସାରିଛି ଯେ, ଏଠି ଅଧିକ ଅସଲି ନା ଅଧିକ ଦ୍ରବ୍ୟ ନକଲି ତାହା ଏକ କୋଟିଏ ଟଙ୍କାର ପ୍ରଶ୍ନ । ଆଗରୁ ଏହାକୁ ଲକ୍ଷେ ଟଙ୍କାର ପ୍ରଶ୍ନ ବୋଲି କୁହାଯାଉଥିଲା । କିନ୍ତୁ ନକଲି ଟଙ୍କା ମଧ୍ୟ ବହୁ ସ୍ଥାନରେ ଜବତ ହେଉଛି ଏବଂ ନକଲି କାରବାରରେ ବହୁତ ଭଲ ଆୟ ହେଉଛି । ତେଣୁ ଲକ୍ଷେକୁ କୋଟିଏ କରିବା ପାଇଁ ଶୋଚନା ନାହିଁ ।

**ପାଇବାର ଲୋଭ**

ନକଲି ହେଉ କି ଅସଲି, ସହଜରେ, ଶସ୍ତାରେ, ଶୀଘ୍ର ଯଥେଷ୍ଟ ପାଇବାର ଲୋଭ ଆମକୁ ନକଲିକୁ ନିଜର କରିବାରେ ସହାୟକ ହେଉଛି । ଏହାର ଏକ ବଢ଼ିଆ ଉଦାହରଣ ଦେଉଛି:

ମୋର ଗୋଟେ ମଦୁଆ ସାଙ୍ଗ ଗାଆଁରେ ରହେ, ଗାଆଁର ପାନ ଦୋକାନରେ ମିଳୁଥିବା ଶସ୍ତାମଦ ପିଏ ।

ମୁଁ ତାକୁ ବୁଝେଇଲି- ଦେଖ୍, ନକଲି ମଦଗୁଡ଼ା ପିଇନା । ଏ ସବୁ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ !

ସିଏ ପଚାରିଲା- ତା' ହେଲେ ତୁ ଯେଉଁ ଦାମୀ ଅସଲି

ମଦଗୁଡ଼ା ପିଉଛୁ, ସେଗୁଡ଼ା କ'ଣ ସ୍ୱାସ୍ଥ୍ୟପକ୍ଷେ ହିତକାରକ?

ନକଲି ବାବାଜୀ ଓ ନକଲି ପୂଜକମାନଙ୍କ କଥା ତ ଆମେ ବହୁବାର ଶୁଣିଆସିଛେ । ଏବେ ଭଗବାନଙ୍କର ଅସଲିୟତକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି । କାରଣ ନକଲି ଘିଅରେ ଦୀପଦାନ, ହୋମଯଜ୍ଞାଦି ହେବା ସହିତ ନକଲି ଭୋଗ ଲାଗି ହୋଇ ବିକ୍ରୀ ହେଉଛି । ଅସଲି ଈଶ୍ୱର ଏ ନକଲକାରୀମାନଙ୍କୁ ରୋକୁ ନାହାନ୍ତି କାହିଁକି?

ଭକ୍ତଜନେ କହିପାରନ୍ତି କି ଠାକୁରଙ୍କୁ ସେ ନକଲକାରୀଗଣ ମଧ୍ୟ ଡାକନ୍ତି । ତେଣୁ ସିଏ ସେମାନଙ୍କର କଥା ମଧ୍ୟ ଶୁଣୁଥିବେ । ଯଦି ଶୁଣୁଥିବେ ତେବେ ଏୟା ବୁଝିବାକୁ ହେବ କି ଏହି ନକଲିରେ ସ୍ୱୟଂ ଭଗବାନଙ୍କର ମଧ୍ୟ ହାତ ଅଛି ।

ନକଲି ଦ୍ରବ୍ୟ ନିର୍ମାଣ ଓ ଜବତ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସବୁଠାରୁ ବେଶି ଚର୍ଚ୍ଚା ଓ ଆଲୋଚନା ହୁଏ । ପ୍ରକୃତରେ ସେଇଠାରେ ହିଁ ଅଧିକ ନକଲି ଆକାଉଂଟ୍ ଓ ନକଲି ଡିପି ବା ପ୍ରଦର୍ଶିତ ଫଟୋଚିତ୍ର ରହିଛି।

ବହୁତ ଖାଦ୍ୟ ଜିନିଷରେ ଅଖାଦ୍ୟ ମିଳାମିଶାର ଖବର ମଝିରେ ମଝିରେ ଶୁଣିବାକୁ ମିଳିଥାଏ । ଏହାକୁ ନିରେଖି ଦେଖିଲେ ଲାଗେ ଏପରି କରୁଥିବା ମହାମାନବମାନେ ମଣିଷ ଜୀବନକୁ ଅଧିକ ଭଲରେ ପଢ଼ିପାରିଛନ୍ତି ନିଶ୍ଚୟ । ମଣିଷ ଏକ ମିଳାମିଶା ପ୍ରିୟ ଜୀବ ହୋଇଥିବାରୁ ମିଳାମିଶା ଜିନିଷ ତାହାର ପସନ୍ଦ ହୋଇଥିବ ଭାବି ସେମାନେ ଏପରି କରୁଥାଇପାରନ୍ତି!

## ପାଣିରେ କ୍ଷୀର

କ୍ଷୀରବାଲା କ୍ଷୀରରେ ପାଣି ମିଶେଇ ଦେଇଥିବ କି ବୋଲି ଅଧିକାଂଶ ସନ୍ଦେହ କରନ୍ତି । ମୋର ଗୋଟେ ସାଙ୍ଗ ଅଛି! ଗୋପାଳନ କରି କ୍ଷୀର ବିକ୍ରି କରିବା ତାଙ୍କର କୌଳିକ ବୃତ୍ତି ଓ ମୁଁ ତାକୁ ଦିନେ ପଚାରିଲି - ସତ କହିବୁ ସାଙ୍ଗ, ତମର ଖିରରେ ପାଣି ମିଶାଅ କି ନାଇଁ?

ସିଏ କହିଲା - ନା ନା ଜମା ନୁହେଁ, ତତେ ଏ ବାଜେ କଥା କିଏ କହିଲା?

ମୁଁ କହିଲି - କିରେ ଜଗତ କହୁଛି, ତମେମାନେ କ୍ଷୀରରେ ପାଣି ମିଶାଅ! କେବେ ହେଁ ଅସଲି କ୍ଷୀର ଦିଅନା!

ସିଏ କହିଲା - ଏ ଜଗତ ତ ନକଲିରେ ଭାଇ! ଅସଲ କଥା ହେଲା ଆମେ କ୍ଷୀରରେ ପାଣି ନୁହଁ ବରଂ ପାଣିରେ କ୍ଷୀର ମିଶେଇ ବିକ୍ରି କରୁ! ଆଉ ଜଗତ ଯାକର ଗ୍ରାହକମାନେ କ୍ଷୀରମିଶା ପାଣି ମାନେ ନକଲି କ୍ଷୀର ପିଇ ପିଇ ଏତେ ଅଭ୍ୟସ୍ତ ଯେ ଅସଲି କ୍ଷୀର ପିଇଲେ ତାଙ୍କ ଦେହ ବିଗିଡ଼ିଯିବ!

**ଅସଲ କଥା ହେଲା ଆମେ କ୍ଷୀରରେ ପାଣି ନୁହଁ ବରଂ ପାଣିରେ କ୍ଷୀର ମିଶେଇ ବିକ୍ରି କରୁ!**

ସାଙ୍ଗ ପୁଣି ମୋତେ ବୁଝେଇଲା - ଭାଇ, ଖାଲି କ'ଣ ଆମେ କ୍ଷୀରରେ ପାଣି ମିଶାଉଛୁ, ଏଠି ନେତାଏ ତ ଆରାମରେ ଭାଷଣରେ ପାଣି ମିଶାନ୍ତି, ଜନତା ତାକୁ ଖୁସିରେ ପିଇ ଗଦଗଦ ହୋଇ ତାଳିମାଡ଼ କରନ୍ତି । ମାଷ୍ଟ୍ରେ ପାଠରେ ପାଣି ମିଶାନ୍ତି, ଅଭିଭାବକେ ପୂରା ପଇସା ଦେଇ ତାହାକୁ କିଣନ୍ତି ।

ସମସ୍ତ ଦ୍ରବ୍ୟର ବିଜ୍ଞାପନରେ ପ୍ରଥମ ଶବ୍ଦ ଅସଲି ଥାଏ। ଅସଲି ଅମୁକ ଦ୍ରବ୍ୟ କିଣନ୍ତୁ, ସମୁକ ଦ୍ରବ୍ୟ ବ୍ୟବହାର କରନ୍ତୁ ବୋଲି ମୋଟା ଅଙ୍କରେ ଖର୍ଚ୍ଚକରି ବିଜ୍ଞାପନ ଜରିଆରେ ଗ୍ରାହକଙ୍କୁ ଜଣାନ୍ତି । ପ୍ରସିଦ୍ଧ କଳାକାର ଅବା ଖେଳାଳିମାନଙ୍କୁ ଟଙ୍କା ଦେଇ ମିଛ କହିବାକୁ ଛିଡ଼ା କରିଦିଅନ୍ତି । କିଏ କହେ, ଏଇ ତୈଳ ବ୍ୟବହାର କରି ମୋ' ଚନ୍ଦା ମୁଣ୍ଡରେ ଚୁଟି ଉଠିଗଲା, ନିଅନ୍ତୁ ଆପଣ କିଣିକରି ମାରନ୍ତୁ ଓ କେଶଲାଭ କରନ୍ତୁ!

ସେସବୁର ପ୍ରଭାବ କେତେ ସଭିଏଁ ଜାଣନ୍ତି; ତେବେ ବିଜ୍ଞାପନ ବାବଦରେ ଖର୍ଚ୍ଚ କରିବାକୁ ଏତେ ଅର୍ଥ କମ୍ପାନୀମାନେ ପାଆନ୍ତି କେଉଁଠାରୁ? ଅସଲି ଜିନିଷର କଞ୍ଚାମାଲ୍, ଉତ୍ପାଦନ ଖର୍ଚ୍ଚ, ମଜୁରି, ବିଜୁଳି ବିଲ୍, ଟିକସ, ପରିବହନ ଦେୟ ଆଦି ଦେଲାପରେ ପୁଣି କେତେବେଳେ ଯେ ସେମାନେ ଏଥିରେ ଖର୍ଚ୍ଚ କରନ୍ତି? ତା' ଛଡ଼ା ଯାହା ସତରେ ଅସଲି ତାହାର ଏତେ ପ୍ରଚାର କଣ ଦରକାର??


ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଲା, ସୁନା ଗହଣା ଦୋକାନ । ଅଧିକାଂଶ ଟିଭି ଚ୍ୟାନେଲରେ ପ୍ରତିଦିନ ଗହଣା ଦୋକାନର ବିଜ୍ଞାପନ ବାରମ୍ବାର ବାଜୁଥାଏ, ଖବରକାଗଜଗୁଡ଼ିକରେ ଛପୁଥାଏ। ଯଦି ଅସଲି ସୁନା ସମାନ ଦରରେ ସେମାନେ ବିକ୍ରୀ କରନ୍ତି, ତେବେ ଏମିତି କେତେ ଲାଭ ମିଳେ ଯେ ବିଜ୍ଞାପନରେ ଏତେ ଟଙ୍କା ଉଡ଼ାଉଛନ୍ତି ।

## ପୁରୁଣାରୁ ନୂଆ

ଅନେକଗୁଡ଼ିଏ ସମ୍ପୂର୍ଣ୍ଣ ନକଲି ବିଜ୍ଞାପନ ମଧ୍ୟ ଖବରକାଗଜ ଓ ସାମାଜିକ ଗଣମଧ୍ୟମରେ ଦେଖିବାକୁ ମିଳିଥାଏ। ଏଇ ଯେମିତି ଗୋଟେ ବିଜ୍ଞାପନ ଥିଲା: 'ପୁରୁଣା ମୋବାଇଲ୍ ଦେଇ ନୂଆ ନିଅନ୍ତୁ!' ତା' ତଳକୁ ଉଲ୍ଲେଖ ଥିବା ଦୋକାନ ଠିକଣାରେ ମୁଁ ଚଟାପଟ୍ ପହଞ୍ଚିଗଲି । ହେଲେ ସେଠି ଦୋକାନ ଫୋକାନ କିଛି ନଥିଲା । ଅନ୍ଧାରିଆ ଜାଗାଟାରେ ଚାରିଜଣ ଯୁବକ ଛିଡ଼ାହୋଇ ଗପୁଥିଲେ ।

ମୁଁ ପଚାରିଲି- ଭାଇ, ଏଠି ପୁରୁଣା ମୋବାଇଲ୍ ଦେଲେ କେଉଁଠି ନୂଆ ମୋବାଇଲ୍ ମିଳୁଛି ?

ମୋ' କଥା ଶୁଣି ଜଣେ ଯୁବକ ତା' ପକେଟରୁ ବନ୍ଧୁକ ବାହାର କରି ମୋ' କାନମୁଣ୍ଡାରେ ଲଗେଇ କହିଲା- ଚୁପ୍ ଚାପ ମୋବାଇଲ୍ ଦେଇଦେ!



ମୁଁ ଭୟାତୁର ହୋଇ ମୋବାଇଲଟାକୁ ବଢ଼େଇ ଦେଲାପରେ କହିଲା- ଯାଃ... ବଜାରରୁ ଗୋଟେ ନୂଆ ମୋବାଇଲ୍ କିଣି ଘରକୁ ନେଇଯିବୁ!

ମୁଁ କାନମୁଣ୍ଡ ଆଉଁସି ଘରକୁ ଫେରୁଫେରୁ ଭାବିଲି- ଯାହା ହେଉ, 'ମୋବାଇଲ' ଜାଗାରେ 'ଘରଣୀ'ର ବିଜ୍ଞାପନ ଦେଇନାହାନ୍ତି ।

ଘରଣୀଙ୍କ କଥା ପଡ଼ିଲା ତ କହୁଛି । ସିଏ ସର୍ବଦା ଅନ୍‌ଲାଇନ୍ କିଣାକିଣି କରିବା ପାଇଁ ମୋବାଇଲକୁ ଘାଣ୍ଟୁଥାଆନ୍ତି । ଥରେ ଗୋଟେ ଦାମୀ ମୋବାଇଲକୁ ଅତି ଶସ୍ତାରେ ପାଇବାର ଲୋଭରେ ଆଗୁଆ ଟଙ୍କା ଦେଇ ଅନ୍‌ଲାଇନରେ ବରାଦ କଲେ । ଖୁବ୍‌ଶୀଘ୍ର ତାଙ୍କ ପାଖରେ ଏକ ବଢ଼ିଆ ପ୍ୟାକେଟ୍ ପହଞ୍ଚିଲା। ଘରଣୀ ଆନନ୍ଦ ମନରେ ପ୍ୟାକେଟ ଖୋଲି ଦେଖିଲେ- ସେଥିରେ କରତଗୁଣ୍ଡ ଭିତରେ ଗୋଟେ ଚପଲ ପ୍ୟାକ୍ ହୋଇଛି।

ଘରଣୀ କାନ୍ଦୁଣୁମାନ୍ଦୁଣୁ ହୋଇ ପଚାରିଲେ- ମୁଁ ତ ମୋବାଇଲ୍ ମଗାଇଥିଲି, ଏଇଟା କାହିଁକି ପଠେଇଛି ।

ମୁଁ କହିଲି- ଏଇଟାକୁ ଗାଲରେ ମାରି ନିଜକୁ କହିବାକୁ; ଆଉ ଜମା ଶସ୍ତାରେ ବସ୍ତାଏ ପାଇବାର ଲୋଭରେ ପଡ଼ିବି ନାହିଁ!

ଅସଲି ଠାକୁରଙ୍କୁ ପାଇବାକୁ ହେଲେ ବହୁ ଅସଲି ଭକ୍ତି, ନିଷ୍ଠା ଓ ସାଧନା କରିବାକୁ ହୋଇଥାଏ! ହେଲେ ସେସବୁ ପାଇଁ ଆମ ପାଖରେ ବେଳ ଓ ଧୈର୍ଯ୍ୟ କାହିଁ? ଅତଏବ ଆମେ ନକଲି ଠାକୁରଙ୍କ ପଛରେ ପଡ଼ି ଅମୁକ ଦୀକ୍ଷା ଧାରଣକରି ସମୁକ ମାର୍ଗରେ ଧାବମାନ ହୋଇ ଶେଷରେ ହତାଶ ହେଉଛେ!

ଔଷଧ ଖାଇଲା ବେଳେ ତାହା ନକଲି କି ଅସଲି ତାହା ଜାଣିବା ସାଧାରଣ ଜନତାର ଶକ୍ତି ବାହାରେ । ସେଥିପାଇଁ ଡାକ୍ତରଙ୍କର ସହାୟତା ନେବାକୁ ହୋଇଥାଏ । କିନ୍ତୁ କେତେ ଜାଗାରେ ନକଲି ଡାକ୍ତର ମଧ୍ୟ ଦେଖିବାକୁ ମିଳୁଅଛି । ସେ କ୍ଷେତ୍ରରେ ଅସଲି ରୋଗର କରାୟତ୍ତ ହୋଇ ପ୍ରାଣତ୍ୟାଗ କରିବା ସାର ହେବ ।

ନୂଆନୂଆ ରୋଗବାଗ ପାଇଁ ବିଜ୍ଞଜନେ ନକଲିର ବ୍ୟବହାରକୁ ଦାୟୀ କରନ୍ତି । ଅସଲରେ କିନ୍ତୁ ଆମର ଜୀବନଶୈଳୀରେ ନକଲିର ବ୍ୟବହାର ଏତେ ପରିମାଣ ସ୍ଥାନ ବିସ୍ତାର କରିସାରିଛି ଯେ, ଆମେ ଆଜି ଯଦି ସବୁକିଛି ଅସଲି ବ୍ୟବହାର କରିବାର ସୁଯୋଗ ପାଇବା ତେବେ ହୁଏ ତ ସ୍ୱାସ୍ଥ୍ୟ ଭଲ ରହିପାରେ କିନ୍ତୁ ମନ ଅବଶ୍ୟ ଖରାପ ହୋଇଯିବ ।

ତେବେ ନକଲି ଯେ ସବୁବେଳେ ଆପଣଙ୍କ ପାଇଁ କ୍ଷତିକାରକ ତାହା ଭାବିବା ମଧ୍ୟ ଠିକ ନୁହେଁ ଓ ଧରାଯାଉ ଆପଣ କାମସାରି ଘରକୁ ଫେରିବାରେ ଡେରି ରାତି ହେଲା, ଆପଣ ବାଟରେ ଭୂତ ଦେଖିଲେ! ଭାବିଲେ ଦେଖି ଆପଣଙ୍କର କି ଅବସ୍ଥା ହେବ? କିନ୍ତୁ ସଂଜ୍ଞା ପାଇଁ ଆପଣ ଯେବେ ଜାଣିଲେ କି ଭୂତଟି ଅସଲି ନୁହେଁ ନକଲି, ତେବେ ତାହା ହିତକାରୀ ହେବ କି ନାହିଁ?

ସେମିତି ଆପଣ ଯଦି ଡକାୟତ ହାବୁଡ଼ରେ ପଡ଼ି

ଯୁକ୍ତିତର୍କ କଲେ ଆଉ ଆପଣଙ୍କ ଉପରେ ଖପ୍ପା ହୋଇ ଡକାୟତ ମହୋଦୟ ଆପଣଙ୍କ କାନମୁଣ୍ଡାରେ ବନ୍ଧୁକ ଲଗାଇ ଫୁଟେଇ ଦେଲା ବେଳକୁ ତାହା ଢ଼ିସୁମ ନ କରି ନକଲି ଥିବାରୁ ଫୁସ କରିଗଲା ତାହା ଲାଭଦାୟକ ହେବ କି ନାହିଁ?

**ନକଲି ବିଷ**

ଧରାଯାଉ, ଆପଣ ଘରେ ଉତ୍ପାତ କରୁଥିବା ମୂଷାଙ୍କୁ ନିପାତ କରିବାକୁ ଘରକୁ ମୂଷା ବିଷ କିଣି ଆଣିଛନ୍ତି! ଆଉ ସେଇ ସନ୍ଧ୍ୟାରେ ଆପଣଙ୍କର ପତ୍ନୀଙ୍କ ସହିତ ଭଲ ପ୍ରତିଦ୍ୱନ୍ଦିତାମୂଳକ ଅସଲି ଶବ୍ଦ ଲଢ଼େଇଟିଏ ହେଲା ଓ ଶେଷରେ ପତ୍ନୀ ଦେବୀ ତାଙ୍କର ଅସଲ ରୂପ ଧାରଣକରି ଆପଣଙ୍କର ଆଉ ଆପଣଙ୍କର ଚଉଦ ପୁରୁଷଙ୍କର ଅସଲ ପରିଚୟ ଏମିତି ପ୍ରଦାନ କଲେ ଯେ, ଆପଣଙ୍କୁ ଆପଣଙ୍କ ଦାମ୍ପତ୍ୟ ଜୀବନଟି ନକଲି ଲାଗିଲା ଓ ଆଉ ଆପଣ ଏହି ଗ୍ଲାନିରେ ଜର୍ଜରିତହୋଇ ଅସଲି ଜୀବନଟିକୁ ଖତମ କରିଦେବା ପାଇଁ ମୂଷା ପାଇଁ ଆଣିଥିବା ବିଷଟିକୁ ନିଜେ ଖାଇଦେଇ ଚୁପଚାପ୍ ଶୋଇପଡ଼ିଲେ, ଆଉ ସେ ବିଷଟି ନକଲି ଥିବାରୁ ଆପଣ ସକାଳୁ ପତ୍ନୀଙ୍କର ଅସଲି କଣ୍ଠସ୍ୱର ଶୁଣି ନିଦରୁ ଉଠିଲେ! ତାହାଲେ ଆପଣ କ'ଣ କହିବେ?

**ତୋତେ କ'ଣ ଭାରତରେ ଝିଅ ମିଳିଲେନି ଯେ ତୁ ଖୋଜି ଖୋଜି ଶେଷରେ ଏଇ ଚେପୀନାକି ଚାଇନା ଝିଅଟିକୁ ଭାଉଜ କଲୁ?**

ନକଲି ଜିନିଷଟେ ଥିଲେ, ହଜିଗଲେ କି ଭାଙ୍ଗିଗଲେ ପାଇବେ ନାହିଁ! ନକଲି ଗହଣାଟିଏ ପିନ୍ଧି ଯାଉଥିଲା ବେଳେ ଚୋର ଯଦି ତାହାକୁ ଝାମ୍ପିନେଲା, ତା'ହେଲେ ଆପେ ଆପେ ପାଟିରୁ ବାହାରି ପଡ଼ିବ ଓହୋ ମଣିଷ ବଂଚିଗଲା, ଯାହା ହେଉ ଅଳଙ୍କାରଟା ଅସଲି ନଥିଲା!

ଦେଖନ୍ତୁ ସାରା ବିଶ୍ୱରେ ନକଲି ସାମଗ୍ରୀ ପ୍ରସ୍ତୁତ କରିବାରେ ଚୀନ ଦେଶ ଭଲ ନାଆଁ କମାଇଛି ଓ ନକଲି ହେଉପଛେ, ଅଳ୍ପ ଦିନ ଯାଉ ପଛେ, ଚାଇନା ଜିନିଷ ଶସ୍ତାରେ ମିଳୁଛି ବୋଲି ସମସ୍ତେ କିଣୁଛନ୍ତି, ଫଳରେ ଚୀନର ଘରେ ଘରେ କୁଟୀର ଶିଳ୍ପ! ଆଉ ସାରା ବିଶ୍ୱରେ ଚୀନ ତାର ସାମଗ୍ରୀକୁ ବିକ୍ରିକରି ଧନୀ ହୋଇଛି!

ଏଥିରେ ଉତ୍ସାହିତ ହୋଇ ମୋର ଗୋଟେ ସାଙ୍ଗ ଗୋଟେ ଚାଇନା ଝିଅକୁ ବାହା ହେଇପଡ଼ିଲା ଓ ଆମେମାନେ ଚକିତହୋଇ ତା'ର ଚତୁର୍ଥୀ ଭୋଜିରେ ପଚାରିଲୁ - କିରେ ତୋତେ କ'ଣ ଭାରତରେ ଝିଅ ମିଳିଲେନି ଯେ ତୁ ଖୋଜି ଖୋଜି ଶେଷରେ ଏଇ ଚେପୀନାକିଟିକୁ ଭାଉଜ କଲୁ?

ସାଙ୍ଗ କହିଲା - ଭାଇ, ବହୁ ଭାବିଚିନ୍ତି ମୁଁ ଏହି ନିଷ୍ପତ୍ତିଟି ନେଇଛି! କଥା କ'ଣ କି, ମୁଁ ବାହାହେବି କି ନାହିଁ ବୋଲି ଦ୍ୱନ୍ଦ୍ୱରେ ଥିଲି!

ଏହା ଶୁଣି ଆମେ ପଚାରିଲୁ - ତା' ହେଲେ ତୁ ବାହାହେଲୁ କାହିଁକି?

**ଚାଇନା ଝିଅ**

ସାଙ୍ଗ କହିଲା - ମୁଁ ପୁଣି ସାରା ଜୀବନ ଅବିବାହିତ ରହିଥିବା ଲୋକଙ୍କର ମତାମତ ନେଲି! ସେମାନେ କହିଲେ, ଅବିବାହିତ ଜୀବନ ଜିଇଁବା ପ୍ରଥମେ କିଛି ବର୍ଷ କଷ୍ଟକର ଓ ତା' ପରେ ବୃଦ୍ଧକାଳକୁ ଦେହସୁହା! ଅତଏବ ମୁଁ ନିଷ୍ପତ୍ତି ନେଲି କି ବାହାହେବି, କିନ୍ତୁ ଚାଇନା ଝିଅକୁ!

ଏବେ ଆମେମାନେ କହିଲୁ - କ'ଣ ଏତେ ଚୋପା ଛଡ଼ାଉଛୁ ମ...! କାହିଁକି ନିଷ୍ପତ୍ତି ନେଲୁ କହୁନୁ?

ସାଙ୍ଗ କହିଲା - ସେୟା କହୁଛି ପରା! ଚାଇନା ଜିନିଷ ପରି ଏ ଚାଇନା ଭାଉଜ ବା କେତେଦିନ ତିଷ୍ଠିବ? ତା' ପରେ ମୋର ଆଉ ଦାମ୍ପତ୍ୟ କଷ୍ଟର କଣ୍ଟା ନଥିବ!

ସୁଧୀ ପାଠକେ ଇଏ ଥିଲା ନକଲି ଶରୀରର କଥା ଓ ନକଲି ପରିବେଶ, ନକଲି ଦ୍ରବ୍ୟର ବ୍ୟବହାରରେ ଆମେ ତ ଗୋଟାପଣେ ନକଲି ପାଲଟି ସାରିଛେ! ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା ହେଉଛି, ନକଲି ଆତ୍ମା ନିର୍ମାଣର! ଆମେ ଏଥି ସମ୍ବନ୍ଧୀୟ ଗବେଷଣାକୁ ସହଯୋଗ କରିବା ଉଚିତ, ଯାହାଫଳରେ ଆମମାନଙ୍କୁ ଗୋଟେ ଗୋଟେ ନକଲି ଆତ୍ମା ମିଳିଗଲେ, ମରଣ କାଳରେ ଯେବେ ଆମ ସାମ୍ନାରେ ଯମଦୂତମାନେ ଦଣ୍ଡାୟମାନ ହେବେ, ଆମେ ତାଙ୍କୁ ନକଲି ଆତ୍ମାଟିକୁ ଧରେଇ ଦେଇ ଆହୁରି ଅସଲି ଜୀବନ ଜିଇଁବା ପାଇଁ 'ନମଇଁ ନକଲି ଚରଣ' ମନ୍ତ୍ରକୁ ଘୋଷି ଚାଲିବା!!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

ଗଳ୍ପ

# ଦାୟାଦ



ଆରତୀ ସାହୁ

ବଡ଼ନାନୀ ଚିଠି ଦେଇଥିଲା। 'ବାପାଙ୍କର ଦେହ ବହୁତ ଖରାପରେ ସିପୁନୁ। କେତେବେଳେ ନିଶ୍ୱାସର ଡୋର ଛିଣ୍ଡିଯିବ, ତା'ପରେ କେବଳ ଦୀର୍ଘଶ୍ୱାସ ଛଡ଼ା କିଛି ଚାରା ନଥିବ। ଥରେ ତ ଦେଖି ଦେଇ ଯା। ବହୁତ ଖୋଜୁଛନ୍ତି ତୋତେ।'

ବାପାଙ୍କର ଦେହ ଖରାପ। ସମସ୍ତେ ଆସିଥିବେ। ମିଲୁ ନାନୀ, ଦିଲୁ ଭାଇ, ପୁଟୁ ନାନୀ, ବୁଲୁ ଭାଇ। ଆଉ ମାମୁଁ ଘରୁ ମଧ୍ୟ ଟିପି ନାନୀ, ପିପି ନାନୀ, ଲିପି ନାନୀ, ମିଟୁ ଓ ଟିଟୁ। ମାଉସୀ ମଧ୍ୟ ଆସିଥିବେ ବିଟୁ ଓ ଲିଟୁକୁ ନେଇ। ସମସ୍ତେ ବଡ଼ ହେଇ ଯାଇଥିବେ। ସମସ୍ତେ ନିଜର ଛୁଆପିଲାଙ୍କୁ ନେଇ ଆସିଥିବେ। କାରଣ ଅତି ଆଦର୍ଶବାଦୀ ବାପାଙ୍କୁ ସମସ୍ତେ ବହୁତ ଭଲ ପାଉଥିଲେ। କେବଳ ସିପୁନୁ ସିନା ଭଲପାଇ ପାରିଲା ନାହିଁ।



କୋଉ ଅତୀତକୁ ଫେରିଯାଉଥିଲା ସେ। କେତେ ମଜା ଲାଗୁଥିଲା। ସମସ୍ତେ ଯେତେବେଳେ ଖରାଛୁଟିରେ ଘରେ ଜମା ହେଉଥିଲେ। ଲମ୍ବା ଚଉଡ଼ା ମଝି ବାହାରରେ ସମସ୍ତଙ୍କର ଖଟ ପଡୁଥିଲା। ଯିଏ ଯାହାର ସମବୟସୀ ଯୋଡ଼ିଦାରକୁ ଧରି ଶୋଉଥିଲେ ଦୁଇଜଣିଆଁ ଲେଖା। କେତେ ଗପ କୁହାକୁହି, କେତେ ତାରା ଗଣାଗଣି, କେତେ କୁତୁକୁତୁ କରି ହସାହସି, ଆଉ ଭୂତ କଥା କହି ଭୟରେ କୁଣ୍ଢାକୁଣ୍ଢି। ପୁଣି ଅଧରାତିରେ ହାବାଧୁନ୍ଦି ଆସିଲେ ଧଡ଼ପଡ଼େଇ ଉଠି ବିଛଣାପତ୍ର ଉଠାଇ ଭିତରେ ଯାଇ ଶୋଇବା।

ଦିନବେଳେ ସେମିତି ତୋଟାରେ ଆମ୍ବ, ଜାମୁ, କେନ୍ଦୁର ଭୋଜି, ସଞ୍ଜବେଳେ ମୁଚିଦାଦା ଦୋକାନରୁ କିଣି ଗୁପଚୁପ, ବରା ବାଇଗଣି ଖିଆ। ଆଃ ସେ ଦିନଗୁଡ଼ା କୋଉ ଫରୁଆରେ ପଶିଗଲା ଯେ ବୁଢ଼ୀ ଅସୁରୁଣୀର ଜୀବନ ନାଟିକା ପଛେ ମିଳିଯିବ କିନ୍ତୁ ସେ ସମୟଟା ଆଉ ମିଳିବ ନାହିଁ।

ପ୍ରାୟ ଆସନ୍ତି ଚିତ୍ରକଳା ପିଇସୀ ସୁନାଗହଣାରେ ମୁଣ୍ଡଠୁ ଗୋଡ଼ଯାକେ ମଣ୍ଡିହେଇ। ତାଙ୍କର ବଡ଼ ଗାଡ଼ି। ଆସିଲେ ଘର ଗୋଟାକ ଯାକର ଖର୍ଚ୍ଚ ସେ ତୁଲାନ୍ତି। ଭୋଜିଭାତ ମଉଛବରେ ଘର ଦୁଲୁକେ। ସବୁ ପିଲାଙ୍କୁ ମନଖୋଲି ପଇସା ଦିଅନ୍ତି। ସିପୁନୁକୁ କିନ୍ତୁ ଭାରି ଭୟ ଲାଗେ ସେ ଆସିଲେ। ସବୁବେଳେ ତାକୁ ହିଁ କୋଳରେ ଜାକି ଧରନ୍ତି ସେ, ତାକୁ ଆକୁପାକୁ ଲାଗେ ତାଙ୍କର ପୃଥୁଳ କୋଳ ଭିତରେ। ବାପା କେମିତି ଅସହାୟ ଦିଶନ୍ତି ସେ ଆସିଲେ। ମାଆ ମଧ୍ୟ ଚିତ୍ରକଳା ପିଇସୀ ଓ ପିଇସାଙ୍କ ସେବାରେ ମନପ୍ରାଣ ଢାଳିଦିଏ। ଆଉ ସମସ୍ତେ ନାଲି ଚାହା ପିଇଲାବେଳେ ତାଙ୍କ ପାଇଁ କ୍ଷୀର ଚାହା ତିଆରି ହୁଏ। ତାଙ୍କ ପାଇଁ ପୁରି, ଲୁଚି ତିଆରି ହୁଏ। ସେ ପଖାଳ ଖାଆନ୍ତି ନାହିଁ।

ଦିନେ କ'ଣ ହେଲା କେଜାଣି ମାଆ ଲୁଚି ଲୁଚି କାନ୍ଦୁଥିଲା, ବାପା ତାକୁ ବୁଝାଉଥିଲେ ବଡ଼ନାନୀ ଝଗଡ଼ା କରୁଥିଲା ବାପାଙ୍କ ସହିତ। 'ନା, ସିପୁନୁ ଯିବନି ଜମା। ଆମେ ଯାହା ଖାଉଛୁ ସେଇଆ ଖାଇବ, ଆମେ ଯେମିତି ରହିଛୁ ସେ ବି ରହିବ। ତାକୁ ଯଦି ସୁଖରେ ରହିବା ଥିଲା ତେବେ ଭଗବାନ ତାକୁ ସେମିତି ବଡ଼ ଘରେ ଜନ୍ମ ଦେଇଥାନ୍ତେ ନା । ତା'ର ଯଦି ବଡ଼ଲୋକ ହେବାର ଥିବ ସେ ଏଇଠି ରହି ହେଇଯିବ। କଳା ପିଇସୀ ଅନାଥାଶ୍ରମରୁ ପିଲାଟିଏ ଆଣୁନାହାନ୍ତି ? ଆମ ସିପୁନୁ ହିଁ ତାଙ୍କୁ କାହିଁକି ଦରକାର ?'

କିନ୍ତୁ ନାନୀର ଝଗଡ଼ା କୋଉ କାମକୁ ଆସିଲା ନାହିଁ। କଳା ପିଇସୀ ତାକୁ ବଡ଼ ଗାଡ଼ିରେ ବସେଇ ନେଇଗଲେ। ସିପୁନୁ ନିଜର ଗୋରା ରଙ୍ଗ ଓ କୁଞ୍ଚୁକୁଞ୍ଚିଆ ଚୁଟିକୁ ଅଭିଶାପ ଦେଉଥିଲା ମନେ ମନେ। କୋଉ ବିରୋଧ କରିବାର ବୟସ

ତାର ହେଇନଥିଲା ନା ବିରୋଧ କରିବାର ଶବ୍ଦ, ବାକ୍ୟ ସବୁ ତାର ସାତବର୍ଷୀୟ ଅଭିଧାନରେ ଥିଲା । ସେ ରାତାରାତି ସିପୁନୁ ମହାନ୍ତିରୁ ହେଇଗଲା ରାଜକିଶୋର ପଟ୍ଟନାୟକ ଓରଫ୍ ରାଜା ।

ଛୁଟିରେ ତାକୁ ଧରିକି ଆସନ୍ତି ପିଇସୀ ପିଇସା ତାଙ୍କ ଘରକୁ । ଯାହାଙ୍କୁ ସେ ବର୍ତ୍ତମାନ ମାମ୍ମା, ପାପା ବୋଲି ଡାକୁଥିଲା । ତାକୁ ଏମିତି ଡାକିବା ଶିଖା ହେଇଥିଲା ।

ଏ ଛୁଟି ସବୁ କିନ୍ତୁ ସିପୁନୁକୁ ଖୁସି ଦେଇପାରୁନଥିଲେ । ତାକୁ ବାଛନ୍ଦ ହେଇ ରହିଲାପରି ଲାଗୁଥିଲା । ସେ ଚାହୁଁଥିଲା ନିଲୁ, ପିଲୁ ସହିତ ଗିନାଖାଞ୍ଚି, ବୋହୂବୋହୂକା, ଗୁଟିବାଟି ଖେଳିବାକୁ, କିନ୍ତୁ କଳା ପିଇସୀ ଅର୍ଥାତ୍ ତା' ମାମ୍ମାଙ୍କର ଗୋଲ୍ ଗୋଲ୍ ଏଣ୍ଡରିଆ ନାଲି ଆଖିକୁ ଦେଖିଦେଲେ ସେ ଜୋକପରି ଲୋଚାକୋଚା ହେଇଯାଉଥିଲା । ତାକୁ ମନ ହେଉଥିଲା ତାଙ୍କ ଟୁବି ଗଡ଼ିଆରେ ଏକୂଲୁ ସେକୂଳ ପହଁରିଯିବାକୁ ହେଲେ ତାକୁ କଳ ପାଣିରେ ଗାଧେଇବାକୁ ପଡୁଥିଲା । ତାକୁ ମନ ହେଉଥିଲା, ବଡ଼ନାନୀ, ଟିପି ନାନୀ ପ୍ରଭୃତି ମିଶିମାଶି ଖାଇଲାବେଳେ ତାଙ୍କ ପଖାଳ କଂସାରେ ହାତ ବୁଡ଼େଇ ଖଟା ତୋରାଣି ସୁଡୁକି ଯିବାକୁ, କିନ୍ତୁ ତା' ପାଇଁ ଆସୁଥିଲା ଟୋଷ୍ଟ ଓ କ୍ଷୀର ବୋର୍ନଭିଟା ।

> **ଯେତିକି ମାନସିକ ଅଶାନ୍ତି ସେ ଭୋଗୁଥିଲା, ବାପା ପ୍ରତି ସେତିକି ଘୃଣାଭାବ ସାଉଁଟୁଥିଲା ।**

କଏଦି ଜୀବନରୁ ସେ ନିରାଶ ହେଇ ପଡୁଥିଲା । ଯେତିକି ମାନସିକ ଅଶାନ୍ତି ସେ ଭୋଗୁଥିଲା ବାପା ପ୍ରତି ସେତିକି ଘୃଣାଭାବ ସାଉଁଟୁଥିଲା । ସବୁ ଡୋର ଛିଣ୍ଡି ଆସୁଥିଲା ବେଳକୁ ସମ୍ପର୍କର ଏକ କ୍ଷୀଣ ସୂତ୍ର ଥିଲା କେବଳ ବଡ଼ନାନୀ ।

ତା' ପାପାଙ୍କର ଓପନ୍ ହାର୍ଟ ସର୍ଜରୀ ବମ୍ବେରେ କରେଇବ ବୋଲି ତାଙ୍କୁ ନେବାକୁ ଆସିଥିଲା ସେ । ପିଲାଟିଏ ବି ଏଡପ୍ଟ କରିବାର ଥିଲା । 'ଘର ଗୁଣେ ବିଲେଇ ଦାଢ଼ି' ମାମଲା ପରି ସଂଯୋଗକୁ ତା' ସ୍ତ୍ରୀ ମିନୁ ବି ବାଞ୍ଛୁଥିଲା । ସେତିକିବେଳେ ଟାଣି ହେଇ ଚାଲିଯାଇଥିଲା ବଡ଼ନାନୀ ଘରକୁ । ନାନୀ ଗାଁକୁ ଯିବାକୁ ବାହାରୁଥିଲା । ଏତେଦିନ ପରେ ଭାଇଭଉଣୀ ଦେଖାସାକ୍ଷାତ ହେଇ ଲୁହରେ ଭିଜେଇ ଦେଲେ ପରସ୍ପରକୁ ।

- ଭାଇରେ, ବାପାଙ୍କୁ ଟିକେ ତ ଦେଖି ଆସ୍ । ଆଉ ବଞ୍ଚିବେନି ସେ । ମାଆ ତ ପକ୍ଷେ ଜିଇଲେ ପକ୍ଷେ ମରୁଛି । ଜନ୍ମଦାତା ସେମାନେ । ତୋର ଆଉ ଆମ ପରିବାରର ମଙ୍ଗଳ ପାଇଁ ତ ସେମାନେ ନିଜ କଲିଜାରେ ପଥର ରଖି ତୋତେ ବିଦା କରିଥିଲେ ।

- ତ, ଆଉ କ'ଣ ଅଛି । ମଙ୍ଗଳ ତ ହେଇଗଲା ନା । ଖାଲି ଜନ୍ମ ଦେଇଦେଲେ କର୍ତ୍ତବ୍ୟ ସରିଯାଏନି ନାନୀ ।

- ଆଃ, ଏତେ ଅଭିମାନ, ଏତେ ରୁକ୍ଷତା । ତୁ ତ କିଛି ଦେଖିନୁରେ । ସେମାନେ ତୋତେ ଦାନକରି କେମିତି ତିଳ ତିଳ, ପଳ ପଳ ଜଳିଛନ୍ତି, ସେସବୁ ମୁଁ ଦେଖିଛି । ତୁ ତ ରାଜକୁମାର ହେଇ ଚାଲିଗଲୁ । କିନ୍ତୁ ଝିଅ ବିଦେଇଠୁ ବଳି ଦୁଃଖ, ଶୋକ ପ୍ରସରିଥିଲା ଆମ ଘରେ । ଝିଅ ପରଘରି, ଏହି ବିଶ୍ୱାସ ହେତୁ ତାକୁ ବିଦା କରିବାର ଏକ ମାନସିକ ପ୍ରତିବଦ୍ଧତା ଥାଏ । କିନ୍ତୁ ପୁଅ ? ସେ ଯେତେବେଳେ ପରଗୋତ୍ରୀ ହେଇଯାଏ ? ଘରେ ରନ୍ଧାବଢ଼ା, ଖିଆପିଆ ବନ୍ଦ ହେଇଯାଇଥିଲା । ମାଆର ଆଖି ଖରାପ ହେଇଗଲା କାନ୍ଦି କାନ୍ଦି ।

ଚିତ୍ରକଳା ପିଇସୀ ଯେତେବେଳେ ଆମମାନଙ୍କ ମଧ୍ୟରୁ କାହାକୁ ଗୋଟେ ପୋଷ୍ୟ କରିବେ ବୋଲି କହିଲେ, ମାଆ ଆମ ସମସ୍ତଙ୍କୁ ଗମ୍ବିରୀ ଘରେ ପୁରାଇ ତାଲା ପକେଇ ଦେଇଥିଲା । 'ମୋ ଛୁଆ ମୋତେ ଗନ୍ଧୁ ନାହାନ୍ତି ଯେ ଆଉ କାହାକୁ ଦେଇଦେବି । ଖବରଦାର, ସେକଥା ତୁଣ୍ଡରେ ପଇଟେଇବ ନାହିଁ । 'ବାପାଙ୍କୁ ଚୁଁ କରୁନଥିବା ମାଆ ଉଗ୍ରଚଣ୍ଡୀ ହେଇ ଗର୍ଜି ଉଠିଥିଲା । ଶାଗ ପଖାଳ ଖାଇ, ଛିଡ଼ା ନେଙ୍କଡ଼ି ପିନ୍ଧି ମୋରି ପାଖରେ ବଢ଼ିବେ ସେମାନେ । ଭଉଣୀର ଘର ସଜାଡ଼ିତେ ମୁଁ ମୋ' ଘର ଉଜୁଡ଼େଇ ପାରିବି ନାହିଁ ।'

ପିଇସୀଙ୍କର ବହୁତ ଋଣ ଥିଲାରେ ସିପୁନୁ । ଜାଣିଛୁ ? ତାଙ୍କରି ଦୟାରୁ ଆମେ ଦୁଇଓଳି ଦୁଇମୁଠା ଖାଉଥିଲୁ । ଏଡ଼େ ବଡ଼ କୁଟୁମ୍ବକୁ ବାପାଙ୍କର କଲମପେଲା କିରାଣୀଗିରି ଜାଣ, ସମୁଦ୍ରକୁ ଶଙ୍ଖେ । ତା'ଛଡ଼ା ଜେଜେମା ତା' କୋଡ଼ପୋଛା ଝିଅର ଦୁଃଖ, କଦର୍ଥନ ଦେଖିନପାରି ସବୁବେଳେ ବାପାଙ୍କୁ କେଚେର୍ କେଚେର୍ କରୁଥିଲା ।

- ସେଥିପାଇଁ ହଳିକାଠରେ ଯୋଖା ହେଲି ମୁଁ । ପୋଷିବାର ତାକତ୍ ନଥାଇ ଛେଳିପଲ ପରି ଜନ୍ମ କାହିଁକି

କରୁଥିଲେ ?

ଏକ୍‌ବେଗ୍ ଏହି କୁ-କଥା କହିଦେଇ ଆଖିଲୁହ ଲୁଚାଉଥିଲା ସିପୁନ।

- ନାନୀ ଲୋ, ଜାଣିଛୁ ? ଦୁଧଭାତ ଖାଇ ପରାଧୀନ ହେଇ ରହିବାଠୁ ପେଜପାଣି ପିଇ ନିଜଘରେ ରହିବା ଭଲ। ଚାରାଗଛକୁ ବି ତ ଗୋଟିଏ ଜାଗାରୁ ଉପାଡ଼ି ଆଉ ଠାଏଁ ଲଗେଇଦେଲେ ଝାଉଁଳି ପଡ଼େ, ଯେବେକି ତାକୁ ଫେର୍ ବି ମାଟିମାଆର ଉଷୁମ କୋଳ ମିଳେ। ମୋତେ କ'ଣ ମିଳିଲା। ମୋତେ ତ ଏକୁଟିଆ ବାଆଁରା ପକ୍ଷୀକରି ଛାଡ଼ି ଦିଆଗଲା ? କେତେ ଝୁରିଛି, କେତେ କାନ୍ଦିଛି କେତେ ବିକଳ ହେଇଛି ଏକା ଏକା। ତୁମେମାନେ କାନ୍ଦିଲେ ତ ଲୁହ ପୋଛିବାକୁ ମାଆର କାନି ଥିଲା, ପିଠି ଥାପୁଡ଼େଇବାକୁ ବାପାଙ୍କ ହାତ ଥିଲା, କାନ୍ଦିବାକୁ ଭାଇଭଉଣୀଙ୍କ କାନ୍ଧ ଥିଲା। ମୋ' ପାଖରେ କିଏ ଥିଲା ସାଉଁଳି ଦେବାକୁ ? ସେଇ ବିଷ ମୋତେ ଆଚ୍ଛନ୍ନ କରି ରଖିଛି। ମୁଁ ସିଆଡ଼କୁ ଆଉ ଢଳି ପାରୁନାହିଁ।

ବଡ଼ନାନୀ ନିରୁତ୍ତର ହେଇଯାଇଥିଲା।

**ନାନୀ ଲୋ, ଦୁଧଭାତ ଖାଇ ପରାଧୀନ ହେଇ ରହିବାଠୁ ପେଜପାଣି ପିଇ ନିଜଘରେ ରହିବା ଭଲ।**

କେବଳ ଏତିକି କହିଲା

- ତୋ' ଇଚ୍ଛାରେ ଭାଇ, ଶୁଣୁଛି, ତୋ' ସ୍ତ୍ରୀର ବି ପିଲାପିଲି ହେଉନାହାନ୍ତି। ପୁଚୁର ସ୍ୱାମୀ ଅକାଳରେ ଚାଲିଗଲା, ମାଆ ବାପାଙ୍କ ମୁମୂର୍ଷୁ ଛାତିରେ ଆଉ ତିନି ତିନିଟା ବୋଝ ଥୋଇ। ପୁଚୁ ଓ ଦୁଇଟା ଝିଅ। ଯଦି ପାରିବୁ ତାର ସାନଝିଅଟାକୁ ନେଇଯିବୁ ପୋଷ୍ୟ କରି, ସେ ଏବେ ବର୍ଷକର ବି ହେଇନାହିଁ। ତୁ ସିନା ସାତବର୍ଷର ହେଇଯାଇଥିଲୁ, ତାର କିନ୍ତୁ ବିଷଲଟାକୁ ଖତପାଣି ଦେଇ ଲଟେଇବାର ବୟସ ହେଇନାହିଁ। ପୁଚୁ ବି କହୁଥିଲା।

ସିପୁନ ଲଥ୍ କିନା ବସି ପଡ଼ିଲା। ମନେ ମନେ ତଉଲୁଥିଲା ନିଜ ସ୍ତ୍ରୀ ଓ ତାର ପୁଚୁନାନୀ, ଉଭୟଙ୍କର ଦୁଃଖ , ମାନସିକ ଯନ୍ତ୍ରଣା ଓ ଡହଳବିକଳକୁ। ଜଣକର ନାହିଁ ନାହିଁର ସଂସାର ତ ଆର ଜଣକର ଥାଇ ବି ବିବଶତା ପୂର୍ଣ୍ଣ ଦୁନିଆଁ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com

Greetings from:

DAWS

Design Advertisement Web Solution
Print Media Consultation

**Design & Advertisement**

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com



ପ୍ରବନ୍ଧ

# ଓଡ଼ିଆ ଗପରେ ଭୋକବ୍ୟଥା: ଏଗାରଟି ଗପର ମର୍ମକଥା

**ଜଗନ୍ନାଥ ସାହୁ**

ଭୋକ ଏକ ଅନୁଭବ । ପ୍ରାଣୀ ମାତ୍ରକେ ଏହି ଅନୁଭବ ଭୋଗିଥାଏ । ଭୋକ ପାଇଁ ମଣିଷ ସବୁ କିଛି ନାଟ କରିଥାଏ । ଭୋକ ଦୁଇଟି ଅକ୍ଷର କି ଏକ ଶବ୍ଦ ନୁହେଁ । ଏହା ଭିତରେ ପୂରି ରହିଛି ଯେମିତି ସାରା ବିଶ୍ୱ ବ୍ରହ୍ମାଣ୍ଡ । ଭୋକ ନଥିଲେ ସବୁକିଛି ଠିକ୍‌ଠାକ ଥାଏ; ମାତ୍ର ଭୋକ ଯଦି କରାଳ ରୂପ ଧରିଲା ତେବେ ସବୁକିଛିକୁ ଖିନ୍‌ଭିନ୍ କରିପକାଏ । ଗୋଟା ପୃଥିବୀକୁ ଚୁରମାର୍ କରିଦେବାର ହିଂସ୍ର ଶକ୍ତି ତା' ଭିତରେ ଲୁଚିରହିଥାଏ । ଏ ଭୋକପାଇଁ ମଣିଷଠୁ ନେଇ ମାନବେତର ଯାଏଁ ସଭିଏଁ ଚିନ୍ତାଗ୍ରସ୍ତ । ସକାଳ ପାହିଲେ ସୂର୍ଯ୍ୟ ଯେମିତି ଆସନ୍ତି ଭୋକ ବି ସେମିତି ହାଜିର ହୋଇଯାଏ । ଏଠାରେ ଭୋକ ବଂଚିବା ପାଇଁ ସଉକ୍‌ର ଭୋକ ନୁହେଁ; ତେଣୁ ଭୋକରୂପକ ଅସୁରକୁ ଖାଦ୍ୟରୂପକ ବ୍ରହ୍ମଶକ୍ତି ହିଁ ଦମନ କରିପାରେ । ଭୋକିଲା ମଣିଷ ପାଖେ ଅଖାଦ୍ୟ ବି ଖାଦ୍ୟ ହୋଇଯାଏ । ୨୦୬ ଖଣ୍ଡ ହାଡ଼ ଥିବା, ନିଜ ହାତରେ ତିନି ହାତଥିବା ମଣିଷର ଭୋକ ପାଇଁ ଏ ଖାଦ୍ୟ କେତେ ଜରୁରୀ ତାହା ଆମେ ନିତିଦିନିଆ ଘଟଣାରୁ ଜାଣିଛୁ । ଏ ଖାଦ୍ୟ ମୁଠାଏ ପାଇଁ ପିଲା ବିକ୍ରି ହେବା, ଖାଦ୍ୟ ଯୋଗାଡ଼ରେ ଯାଇଥିବା ମଣିଷର ହାତଗୋଡ଼ କାଟିଦିଆଯିବା ବା ଶବ ହୋଇ ଗାଁକୁ ଫେରିବା, ଖାଦ୍ୟ ନପାଇ ଆମ୍ବଟାକୁଆ କି କୌଣସି ବିଷାକ୍ତ ଫଳଖାଇ ମୃତ୍ୟୁବରଣ କରିବା ପରି ଘଟଣାସବୁ କଥା ଆମକୁ କିଛି ସମୟ ଚିନ୍ତିତ କରିଦିଏ ।

**ସକାଳ ପାହିଲେ ସୂର୍ଯ୍ୟ ଯେମିତି ଆସନ୍ତି ଭୋକ ବି ସେମିତି ହାଜିର ହୋଇଯାଏ ।**

ଏହାସତ ଯେ, ଭୋକକୁ ମେଣ୍ଟେଇବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କଲେ ମଧ୍ୟ ପ୍ରତିବର୍ଷ ଏ ଭୋକର ରେଖାଠାରୁ ଜନସଂଖ୍ୟା କମିବା କଥା; ମାତ୍ର ଆଶ୍ଚର୍ଯ୍ୟର କଥା ତାହା ବଢ଼ିବାରେ ଲାଗିଛି । ଏହି ବୃଦ୍ଧିକୁ ସରକାର ଆନନ୍ଦ ସହକାରେ ଗ୍ରହଣ କରି ଏତିକି ଜନସଂଖ୍ୟାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ବୋଲି ଖୁସିରେ ଗଦ୍‌ଗଦ୍ ହେବା ଏକ ବିଡ଼ମ୍ବନା । 'ମନରେଗା', 'ପାଞ୍ଚ ଟଙ୍କାରେ ଭାତ ଡାଲମା', 'ଦୁଇ ଟଙ୍କାରେ କିଲେ ଚାଉଳ' ଏମିତି ଯୋଜନାର ପାହାଡ଼ । ତଥାପି କାମ ନପାଇ ମଣିଷ ଭୋକରେ ମରିବା କଥା ବିଭିନ୍ନ ଖବରରୁ ଜାଣୁଛୁ । ଏମିତି ଯୋଜନାର ପାହାଡ଼ ଥାଇ ତଥାପି ଏ ସମସ୍ୟା ନ ହଟିବାର କାରଣ ଶିକ୍ଷା ଓ ସଚେତନତାର ଅଭାବ ବୋଲି ବିଶିଷ୍ଟ ପ୍ରାବନ୍ଧିକଦ୍ୱୟ ପ୍ରଫେସର ଭୁବନେଶ୍ୱର ବେହେରା ଏବଂ ପ୍ରଫେସର ଗୋଲୋକ ବିହାରୀ ଧଳ ତାଙ୍କ 'ତିନି ତୁଣ୍ଡରେ', 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ କହିଯାଇଛନ୍ତି । ଏକଥା ସ୍ପଷ୍ଟ କରିଛନ୍ତି ଯେ, ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବା ଯାଏଁ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ । ଗଣତନ୍ତ୍ର ଠିକ୍ ନ ଚାଲିଲେ ଯାହା ହେବା କଥା ଆମେ ଅନୁମାନ କରିପାରୁଛୁ । ଗଣତନ୍ତ୍ରରେ ଖାଦ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଈଶ୍ୱର ପ୍ରାଣୀ ସୃଷ୍ଟି କଲାବେଳକୁ ନିଶ୍ଚିତ ଭାବରେ ସବୁ ପ୍ରକାର ଖାଦ୍ୟ ସୃଷ୍ଟି କରିଥିଲେ । ଲକ୍ଷଲକ୍ଷ ପ୍ରଜାତିର ଗଛଲତା ଭିତରେ ଅର୍ଦ୍ଧାଧିକ ଖାଦ୍ୟ ଉପଲବ୍ଧ ତଥାପି ମଣିଷ ଭୋକରେ ମରେ । ପରିବେଶ, ଖାଦ୍ୟ ସବୁକିଛି ବଦଳି ଚାଲିଛି । ମଣିଷର ଚିନ୍ତାଧାରା ମଧ୍ୟ ବଦଳିଛି । ଏ ଭୋକକୁ ନେଇ ଓଡ଼ିଆ ଗାଳ୍ପିକଗଣ ବିଭିନ୍ନ ଦୃଷ୍ଟିକୋଣରୁ ପରଖିଛନ୍ତି । ଭୋକର କରାଳରୂପ ତଥା ଭୋକିଲା ମଣିଷର ଅସହାୟ ଜୀବନକୁ ଦେଖେଇ ଖାଦ୍ୟ କେତେ ନିତାନ୍ତ ଆବଶ୍ୟକ ତାହାର ଚିତ୍ର ପ୍ରଦାନ କରିଛନ୍ତି ।

**ଅଖିଳ ମୋହନ ପଟ୍ଟନାୟକ**

ଅଖିଳ ମୋହନ ପଟ୍ଟନାୟକଙ୍କ 'ଗୋଟିଏ କୁକୁରର

କଥା'ରେ ମଣିଷ ଅପେକ୍ଷା କୁକୁର 'ଲାଇକା'ର ଭୋକକୁ ଦେଖିପାରିବା । ମାଲହୋତ୍ରା ପରିବାର ଲାଇକା କୁକୁରକୁ ତାଙ୍କ ଚାକର ଲଛମନ ସିଂଙ୍କ ହାତରେ ଟେକିଦେଇ ଖାଦ୍ୟମୁଠାଏ ପାଇଁ ଭିଟାମାଟି ଛାଡ଼ି ନାଇଜେରିଆ ଯାଇଛନ୍ତି । କେବଳ ଖାଇବା ପାଇଁ ସେ କୌଣସି ଠେଲା, ଭୋଜି କି ମଶାଣିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲା । ଶ୍ରୀରାମପୁର ସହରରେ ଖାଦ୍ୟ ବଦଳରେ ଢେଲା, ମାଡ଼ଖାଇଛି । ଜଣେ ଦୋକାନୀ ଦେହରେ ଗରମପାଣି ଢାଳିଦେଇଛି । ସହରବାସୀ କୁକୁରକୁ ହତ୍ୟା କରିବା ପାଇଁ ସମସ୍ତେ ଗୋଡ଼େଇଲା ବେଳକୁ ଜୀବନ ବଞ୍ଚାଇବା ପାଇଁ ପ୍ରାଣ ବିକଳରେ ଦୌଡ଼ି ଏକ ମାଲଗାଡ଼ି ଟ୍ରେନ ସହ ତା'ର ଧକ୍କା ହୋଇଛି । ଧକ୍କାଖାଇ ଲାଇକାର ମୃତ୍ୟୁକୁ ଲୋକେ ବିଶ୍ୱାସ କରିପାରିଲେ ନାହିଁ । ଲାଇକା ଅଦୃଶ୍ୟ ହୋଇଯାଇଛି । ସତରେ 'ଭୋକ' କେବେ ମରେ ? ଏଠି 'ଭୋକ' ହିଁ ଅଦୃଶ୍ୟ ହେବା କଥା ସୂଚିତକରେ । ଏଠି ଲାଇକା କୁକୁର ଭୋକରେ ପ୍ରାଣୀମାନଙ୍କ ପ୍ରତିନିଧିତ୍ୱ କରିଛି । ଭୋକ ପାଇଁ ଜଣେ କେତେ ବିକଳ, କାକୁସ୍ଥ, ଯନ୍ତ୍ରଣାଦଗ୍ଧ ହୋଇପାରେ ତା'ର ଚିତ୍ର ଦେଖିବାକୁ ମିଳେ । ଏ ଭୋକ ପାଇଁ କେତେ ଦହଗଞ୍ଜ, କେତେ ଯନ୍ତ୍ରଣା ସ୍ୱୀକାର କରିବାକୁପଡ଼େ । ଗାଳ୍ପିକ ପ୍ରଶ୍ନ କରିଛନ୍ତି କି, ଏମିତି ଲାଇକା କ'ଣ କଲା ଯେ ସମସ୍ତଙ୍କ ଶତ୍ରୁ ହେଲା ? ସେ କେବଳ ତା'ର ଖାଦ୍ୟ ପାଇଁ ବାରଦୁଆର ହେଉଥିଲା ।



### ଚନ୍ଦ୍ରଶେଖର ରଥ

ଚନ୍ଦ୍ରଶେଖର ରଥଙ୍କ 'ଶ୍ୱାପଦ'ରେ ଶିବୁ ଏକ ସାଧାରଣ ଚରିତ୍ର ନୁହେଁ । ଭୋକିଲା, ଶ୍ରମିକମାନଙ୍କର ପ୍ରତିନିଧିତ୍ୱ କରୁଥିବା ଏକ ଅସାଧାରଣ ତଥା ସଫଳ ଚରିତ୍ର । 'ବରଜୁ' ଓ 'ଘିନୁଆ' ପରି ଅମର ହୋଇପାରିଥିବା ଚରିତ୍ର ଶିବୁ । ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ନିଛକ ଚିତ୍ର ଦେଖିବାକୁ ପାଇବା ଗପରେ । ଚରିତ୍ରର କଥୋପକଥନରେ ଯେଉଁ ପଶ୍ଚିମାଞ୍ଚଳର ଶବ୍ଦ ଅଛି ତାହା ଆହୁରି ଜୀବନ୍ତ କରିଦେଉଛି । ପରିବାର ମୁହଁରେ ହସ ଏବଂ ପେଟରେ ଭାତ ମୁଠେ ଦେବା ପାଇଁ ପରିବାରର ମେରୁଦଣ୍ଡ ପୁରୁଷ ସଦାସର୍ବଦା ଚେଷ୍ଟା କରୁଥାଏ । ଏହିଠାରେ ସେ ଯଦି ଅସଫଳ ହୁଏ ତେବେ ତା'ପରିବାର ମେରୁଦଣ୍ଡହୀନ ସରୀସୃପ ହୋଇପଡ଼େ । ନୀତିଅନୀତି ବୋଲି ଆଉ କିଛି ରହେନାହିଁ । ଶିବୁ ପରିବାରର ପେଟ ପାଇଁ କାମ ଖୋଜି ଚାଲିଛି । ଏମିତିକି ପୃଥିବୀର ଯେଉଁ କାମଦେଲେ ମଧ୍ୟ ସେ କରିବାକୁ ଦୃଢ଼ ସଂକଳ୍ପ ନେଇଛି ଏବଂ ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ମଧ୍ୟ । ମାତ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବି.ଡ଼ି.ଓ ସାହେବ କୌଣସି କାମ ଯୋଗାଇ ପାରିନାହାନ୍ତି । ଜଣେ ସ୍ୱାଭିମାନୀ ମଣିଷ କାମକରି ଖାଇବାକୁ ପସନ୍ଦ କରେ । ସ୍ୱାଭିମାନୀ ଥିବାଯାଏଁ ଭିକ ମାଗେ ନାହିଁ । ଏଠି କିଛି ଧାଡ଼ିକୁ ଲକ୍ଷ୍ୟ କରାଯାଉ ସେ କେମିତି କାମ ପାଇଁ ଅନୁରୋଧ କରୁଛି "ଏଠି ନହେଲେ ଆଉ କେଉଁଠି ହେଲେ ଆଜି ଦିନକ ମୂଲ ଲଗେଇ ଦିଅ ସାହେବ ! ତମ ରୋଡ୍‌ରେ ମୁରମ୍ ବିଛେଇ ଦେବି– ତୁମ ଗାଡ଼ି ଟିକିଏ ବି ଦୋହଲିବ ନାହିଁ । କହିଲେ ପଥର ଭାଙ୍ଗିବି, କୂଅ ଖୋଳିଦେବି – ବାଡ଼ିରେ ପାଣି ତେଣ୍ଡି ପରିବା କରିବ । କୋବି କରିବ – ବଡ଼ ବଡ଼ ଧଳା ଧଳା କୋବି, ସାହେବ ଲାଗି... ମୋତେ ଯାହା କହିବ କରିବି – ଆଜି ଦିନକ ମୂଲ ଲଗେଇ ଦିଅ... ମୁଁ ବଞ୍ଚିଯାଏ ।" (ଭୋକ କଥା, ପୃ-୩୭)

ଏସବୁ ବିକଳ ଅନୁରୋଧକୁ ବି.ଡ଼ି.ଓ ସୁବିଚାର କରିବା ପରିବର୍ତ୍ତେ ଧକ୍କାମାରି ତଡ଼ିଦେବାର ନିର୍ଦ୍ଦେଶ ଦେବା ଗଣତନ୍ତ୍ରର ଯେଉଁ 'ଗଣ' ଶବ୍ଦଟି ଅଛି ତା' ପ୍ରତି ସାହେବ କେତେ ପ୍ରତିବଦ୍ଧଶୀଳ ଠିକ୍ ଅନୁମାନ କରିହୁଏ । ସାମ୍ନାରେ ଥିବା ତେନ୍ତୁଳି ଗଛର ପତ୍ରକୁ ଖାଇ ଭୋକ ମେଣ୍ଟେଇଛି । ପେଟରେ ଭୋକ ଯେତିକି ରଟ୍‌ରଟ୍ କରେ ସେତିକି ସେତିକି ପତ୍ର ଖାଇଛି । ଏ ପେଟ କାଟିବା ଭିତରେ ଗାଳ୍ପିକ ଯେଉଁ ବ୍ୟଙ୍ଗ କରିଛନ୍ତି ତାହା ଯଥାର୍ଥ ଏବଂ ସାମାଜିକ ପ୍ରତିବଦ୍ଧତା ରଖେ । "...ଓଃ ! ପେଟ ଭିତରେ ରଟ୍‌ରଟ୍ କାମୁଡ଼ି ଦେଇଗଲା । ଶିବୁ କହିଲା, ବେ ଖା ! ଏଇଆ ତ' ଖାଇବୁ ନ ହେଲେ ମରିବୁ ! ଆଉ ତୋତେ କଣ ମାଉଁସ ଭାତ କିଏ ପରଷି ଦେଇଥାନ୍ତା କି ! – ତୁ ଶଳା ମନ୍ତ୍ରୀ ହେଲୁନାହିଁ ?... ମନକୁ ମନ ଟିକିଏ ହସିଲା ଶିବୁ ।" (ଭୋକ କଥା, ପୃ-୩୮) ଶ୍ରମିକ ଭୋକରେ ମରୁ

ଏବଂ ମନ୍ତ୍ରୀ ମାଉଁସ ଖାଇ ପେଟ ବାହାର କରୁ ଏହା ହିଁ ଆଜିକାର ସାମାଜିକ ଚିତ୍ର ।

ତେନ୍ତୁଳି ପତ୍ର ଖାଇ ପାଣିର ସନ୍ଧାନରେ ଥିବା ଶିବୁ ବ୍ଲକ ଅଫିସ୍‌ରେ ମଲ୍ଲୀକଢ଼ ପରି ଭାତର ସୁଗନ୍ଧରେ ଅନିୟନ୍ତ୍ରିତ ହୋଇ ଝାପମାରି ପଡ଼ିଲା ଭାତ ଉପରେ । ଅନେକ ଦିନୁ ଭୋକିଲା ଥିବା ଶିବୁଙ୍କୁ ମିଳିଥିଲା ସମୁଦ୍ର ମନ୍ଥନର ଅମୃତ ମାତ୍ର ଏହାଥିଲା କ୍ଷଣସ୍ଥାୟୀ । ନେତା, ମନ୍ତ୍ରୀ, ତାଙ୍କ ଚେଲାଚାମୁଣ୍ଡାଙ୍କ ପାଇଁ ରନ୍ଧା ହୋଇଥିବା ଖାଦ୍ୟରେ କୁକୁରର ଦୃଷ୍ଟିରେ ଦେଖୁଥିବା ଶ୍ରମିକର ଛୁଆଁକୁ ସହ୍ୟ ନକରି ଶିବୁ ଉପରେ ପଡ଼ିଛି ଶକ୍ତ ଆଘାତ । ସେହିକ୍ଷଣି ଶିବୁ ମାତ୍ରାବିହୀନ, ଶକ୍ତି ବିହୀନ ଶବ ହୋଇଗଲା ।

**ବୀଣାପାଣି ମହାନ୍ତି**

'ଭୋକ' ମଣିଷକୁ କେତେ ବିକଳ, ଅସହାୟ କରିଦିଏ, ମୁଣ୍ଡ ହାତ ପାତିବାକୁ ଅସ୍ଥିର କରିଦିଏ; ତାହା ବୀଣାପାଣି ମହାନ୍ତିଙ୍କ 'ତୃତୀୟ ପାଦ' ଗପ କହିଦିଏ । ପାଂଚଟି ସନ୍ତାନ ଓ ସ୍ୱାମୀଙ୍କୁ ନେଇ ପରିବାର ଚଳାଉଥିବା ନଖି ଗର୍ଭବତୀ ଥାଇ ମୃତ୍ୟୁବରଣ କରିଛି । ମେଘ ଫଟା ବର୍ଷାରେ ସ୍ୱାମୀ ବାବାଜୀ ପତ୍ନୀକୁ ନଦୀରେ ଭସେଇ ଦେଇଛି । ହାତରେ ଯେଉଁ ଦି'ଚାରି ଟଙ୍କାଥିଲା ଜାତିଭାଇ ମାଗିନେଇଛନ୍ତି । ଫେରିବା ବେଳକୁ ଦେଖିଛି ପାଂଚଟି ଭୋକିଲା ମୁହଁ ତାକୁ ଅନେଇଛନ୍ତି । ତା' ପାଇଁ ମହାଜନୀ ସୁରିଆର କବାଟ ବନ୍ଦ ହୋଇଛି । ଏ ଭିତରେ ଗାଳ୍ପିକା ବଡ଼ଝିଅ କୁନ୍ଦ ମାଧ୍ୟମରେ ତା' ବାପାର ଅତୀତର କଥା କହି ବାପା ଭିତରେଥିବା ଆସୁରିକ ପ୍ରବୃତ୍ତିକୁ ଦେଖାଇଛନ୍ତି । ପେଟ ପାଇଁ ଖୁଦ ଯୋଗାଡ଼ କରିବାକୁ କୁନ୍ଦ ପାଦ ବଢ଼େଇଛି । ସୁଧ ଲଗାଉଥିବା ମଣିଷ କେମିତି ଅମଣିଷ ହୋଇଯାଏ ତା'ର ଚିତ୍ର ଦେଖିବାକୁ ମିଳେ ଗପରେ ।




**ପ୍ରତିଭା ରାୟ**

ସମୟର ଦାସ ମଣିଷ, ଏହାକୁ ପ୍ରମାଣିତ କରେ ପ୍ରତିଭା ରାୟଙ୍କ ଗପ 'ଭୋକ' । ପତି ପରମେଶ୍ୱରର ଆଦର୍ଶ ନେଇ ବଂଚୁଥିବା ଜଣେ ସ୍ନେହୀ, ମମତାପୂର୍ଣ୍ଣ, ଆଦର୍ଶ ନାରୀ ତଥା ମା' ହେଉଛି ମଇନା । ତା'ପରିବାରର ଖୁସିରେ ସେ ଖୁସି । ସ୍ୱାମୀ ମହନି ଖାଇସାରିବା ପରେ ସେ ଖାଏ । ବଳକା ଥିଲେ ଖାଏ ନହେଲେ ଗୋଟେ, ଦି'ଟି ଭାତକୁ ନିର୍ମାଲ୍ୟ ଭାବି ଖାଇଦିଏ । ସ୍ୱାମୀ କି ଛୁଆଙ୍କଠୁ ଆଗେ କେବେ ଖାଇନି । ହସଖୁସିର ସଂସାରରେ ଦିନେ ଅମାବାସ୍ୟା ପରି ଦୁଃଖ ମାଡ଼ିଆସିଛି । ମହନି ଚାକିରିରୁ ତଡ଼ାଖାଇଲା । ପେଟ ପାଇଁ ଗୋଟି ଖଟିଯାଇଛି । ପରେ ରୋଗଗ୍ରସ୍ତ ହୋଇ ଖଟରେ ପଡ଼ିଲା । ମଇନା ପେଟ ପାଇଁ ବାବୁ ଘରେ ବାସନ ସଫାକଲା । ମାସକୁ ୩୦ ଟଙ୍କାରେ ଔଷଧ ଓ ଖାଇବା ଖର୍ଚ୍ଚ ନିଅଣ୍ଟ ପଡ଼ିଲା । ଭାବିଲା ଆଉ କାହା ଘରେ ପୁଣି କାମ କରିବ । ମଇନା ମଧ୍ୟ ରୋଗରେ ପଡ଼ିଲା । ବାବୁଘରେ ନୂଆ ଚାକରାଣୀ ରଖିଲେ । ମଇନା ଭିକ୍ଷା ମାଗିଲା। ଭିକରେ ଜୀବନକୁ ଗଡ଼େଇ ହୁଏନାହିଁ । ଅନେକ ଦିନୁ ଭୋକରେ ଥିବା ମଇନା ଦିନେ ଫିମ୍ପିଖାଇଥିବା କିଛି ଚାଉଳ ପାଇଲା । ଏ ଭିତରେ ଭୋକର କରାଳ ରୂପକୁ ସ୍ପଷ୍ଟ ଭାବରେ ଚିତ୍ରିତ କରିଛନ୍ତି ଲେଖିକା ।

ପତି ପରମେଶ୍ୱର ଭାବୁଥିବା ନାରୀ ଜଣକ ତା' ଭୋକକୁ ଉପଶମ କରିନପାରି ସେ ଯେମିତି ବାୟାଣୀ ହୋଇ ସବୁ ଭାତକୁ ନିଜେ ଖାଇଛି । ଭୋକ ମଣିଷକୁ କେମିତି ଅସ୍ଥିର କରିଦିଏ ତା'ର ମାନସିକ ପରିବର୍ତ୍ତନ କରିଦିଏ ତା' ମଇନା ଚରିତ୍ର ମାଧ୍ୟମରେ ଦେଖିହୁଏ । ଏଇ ଧାଡ଼ିକୁ ଲକ୍ଷ୍ୟ କରାଯାଉ, ଭୋକରେ ମଣିଷ କେମିତି ଅମଣିଷ ହୋଇଯାଏ ଆମେ ଜାଣି ପାରିବା । "ମହନି କଅଁଳେଇ ଡାକି ଡାକି ଏଥର ଦାନ୍ତ ରଗଡ଼ି କହୁଛି 'ହାରାମଜାଦୀ କ'ଣ କରୁଛୁ ବସି – ଡାକି ଡାକି ଶୁଣୁନୁ – ଭାତ ଆଣିଲୁ– ଏବେ ଆଣ ସବୁ ମୋ' ପାଖକୁ – ସବୁ ମୁଁ ଖାଇବି । ଆଉ କାହାରିକୁ ଦେଇପାରିବୁନି – ବୁଝି ଖବରଦାର– ମରନ୍ତୁ ସମସ୍ତେ – ଆଉ କାହାକୁ ମୁଠାଏ ଦବୁ ତ' ତୋ ରକତ ପିଇଯିବି... ପିଲାଏ କହୁଛନ୍ତି – ବାପା ମରୁ, ସବୁ ଆମକୁ ଦେ, ଚଞ୍ଚଳ ଦେ...'" (ଭୋକକଥା, ପୃ-୫୮) । କେହି କାହାରିର ଶତ୍ରୁ ନୁହନ୍ତି । ସମସ୍ତେ ଗୋଟେ ପରିବାରର ମାତ୍ର ଦିନଦିନ ଧରି ଭୋକରେ କାଳାତିପାତ କରୁଥିବା ମଣିଷ କେମିତି ହିଂସ୍ର ହୋଇଯାଏ, ସମ୍ପର୍କକୁ ଭୁଲିଯାଏ ତା'ର ଚିତ୍ରରେ

ଭୋକକୁ ସ୍ପଷ୍ଟ ଲକ୍ଷ୍ୟ କରିପାରୁ ।

**ରାମଚନ୍ଦ୍ର ବେହେରା**

ଜୀବନବ୍ୟାପୀ ଶୁଦ୍ଧ ଶାକାହାରୀ ଭୋଜନ କରୁଥିବା, ଭଗବତ ଗୀତା ଚର୍ଚ୍ଚା କରୁଥିବା ମଣିଷର ମୃତ୍ୟୁ ପୂର୍ବରୁ କେମିତି ତା' ଦୃଷ୍ଟିଭଂଗୀ ବଦଳିଯାଏ ତାହା ଆଶ୍ଚର୍ଯ୍ୟ କରେ ରାମଚନ୍ଦ୍ର ବେହେରାଙ୍କ 'ଶେଷଦୃଷ୍ଟି' ଗଳ୍ପରେ । କେବେ ଆଇଁଷ ଛୁଇଁନଥିବା ଆସନ୍ନ ମୃତ୍ୟୁରେ ଥିବା କେଦାର ବାବୁ ମାଛ ତରକାରୀ ଖାଇବାକୁ ପୁଅକୁ ନିର୍ଦ୍ଦେଶ ଦେଇଛନ୍ତି । ଏଠି ଭୋକ ଜିହ୍ୱାର ଲାଳସାରେ ଅଛି ପେଟର ଭୋକରେ ନୁହେଁ । ଏ ପ୍ରକାର ଭୋକ ହେଉଛି ବିଚିତ୍ର ଭୋକ ତଥା ଆସୁରିକ ଭୋକ ।

**ପଦ୍ମଜ ପାଳ**

'ତୃତୀୟ ପାଦ' ଗପ ବର୍ଷା ଭିତରେ ଗତି କରିଛି । ପଦ୍ମଜ ପାଳଙ୍କ 'କ୍ଷୁଧାରେ କ୍ଷୁଧାରେ' ଗପରେ ମଧ୍ୟ ବର୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୋଟେ ପରିବାର ଭୋକରେ କେମିତି ମରେ ତାହା ଦେଖିପାରିବା ଏହି ଗପରେ । 'ଯା ପୁଅକୁ ସାପ କାମୁଡ଼େ ତା' ମା' ପାଳଦଉଡ଼ି ଦେଖିଲେ ଡରେ' ନ୍ୟାୟରେ ଅସହ୍ୟ ଭୋକରେ ଥିବା ମଣିଷକୁ ସବୁ ଯେମିତି ଖାଦ୍ୟ ଖାଦ୍ୟ ପରି ମନେହେଉଛି । ଏଠି ରବି ବର୍ଷାକୁ ଦେଖି ଭାବୁଛି "ଆଃ ! ଇଏ ଯଦି ବିନ୍ଦୁ ବିନ୍ଦୁ ପାଣି ନହୋଇ, ହୋଇଥାନ୍ତା ଭାତ । ପାଣିଭିଜା ପଖାଳ ଭାତ ! କେତେ ବା କ୍ଷୁଧା ଏ ମଣିଷର ?" (ଭୋକ କଥା, ପୃ- ୭୮)

ଏହି ବର୍ଷା ଶେଷରେ ଏହି ଚରିତ୍ରମାନଙ୍କଠୁ ମୁଠେ ଖାଇବାର ଆଶାକୁ ଛଡ଼େଇ ନେଇଛି । ପରିବାରର ଭୋକ ପାଇଁ ମା'ଟିଏ ଯେଉଁ ସ୍ତରକୁ ଚାଲିଯାଏ ତାହା ଆମ କଳ୍ପନା ବାହାରେ । ଜଣକ କୁକୁଡ଼ାଟିକୁ ମାରିଦେବା ପରେ ସେ କିଛି ଟଙ୍କା ବଦଳରେ ଭାତ ଗଣ୍ଡାଏ ମାଗିଛି । ଏଠି ସୋଦରୀର ସ୍ୱୀକାରୋକ୍ତିକୁ ଦେଖାଯାଉ-"ମା' ମୁଁ... ଭୋକିଲା ପିଲାଙ୍କୁ ଦାନା ଗଣ୍ଡାଏ ଦେବାକୁ କେଉଁ ଅପକର୍ମରୁ ବା ମୁଁ ପଛେଇ ଯିବି ! ସେଥିପାଇଁ ମୁଁ କାହାକୁ ମୋ ଦେହ ଦେଇପାରେ, କାହାର ବା ଜୀବନ ନେଇପାରେ । ପ୍ରଭୁ, ମୁଁ ଜାଣିନି ଏହା ମାତୃତ୍ୱର ଗୌରବ ବା କଳଙ୍କ । ମୋତେ କ୍ଷମାକର । କ୍ଷମାକର" (ଭୋକ କଥା, ପୃ-୮୨) ଟଙ୍କା ବଦଳରେ ଭାତଧରି ଯାଉଥିବା ସୋଦରୀର ଅସହାୟ, ଦୁର୍ବଳ ପାଦ ପାଣି କାଦୁଅରେ ଖସି ଯାଇଛି । ମଲ୍ଲିଫୁଲିଆ ଭାତ ସବୁ ଛିଟିକି ପଡ଼ିଛି । ଭାତର ଆକର୍ଷଣରେ ଦୁଇଛୁଆ ରବି ଏବଂ ସୀତା ଦୌଡ଼ିଯାଇ ଭାତକାଦୁଅକୁ ଉଠାଇବା ବେଳେ ଅଭିମାନ ଭରା କ୍ରୋଧରେ ମା' ବିଧାଗୋଇଠା ପକେଇ ଚିତ୍କାର କରି କହିଛି 'ଯୋଗନିଖିଆ ! ଖାଇବ ଖାଇବ ବୋଲି ମରିଯାଉଛି । ମର୍ ମର୍ ।'

କେଉଁଠି ଡ୍ରେନ ଭାତରେ ପୂରିଛି ତ' କେଉଁଠି ପାଣିକୁ ଦେଖିଲେ କେହି ଭାତକୁ ମନେ ପକାଇବା ଏକ ବିଡ଼ମ୍ବନା । କବି ବାସୁଦେବ ସୁନାନୀଙ୍କ ଏକ କବିତାରେ ଚରିତ୍ରଟି ଗାଁସଫା କଲାବେଳକୁ ନାଳୀରେ ପଡ଼ିଥିବା କିଛି ଅଙ୍ଗୁରକୁ ଆଣି ଖାଇଛି । ସେଠି ଦେଖିବାକୁ ମିଳେ ସମ୍ଭ୍ରାନ୍ତ ଲୋକେ ଅଙ୍ଗୁରକୁ ଖାଆନ୍ତି ନାହିଁ, ଚୁମ୍ବିକି ଫିଙ୍ଗିଦିଅନ୍ତି । ଗରିବ ସେସବୁକୁ ରେଗେଡ଼ି ରେଗେଡ଼ି ଖାଏ । କଥାରେ ଅଛି ଧନୀ ଚାଉଳ ଚୋବାଇଲେ ସଉକ ଏବଂ ଗରିବ ଚୋବାଇଲେ ତା'ଘରେ ଯେମିତି ଦୁର୍ଭିକ୍ଷ ପଡ଼ିଛି ବୋଲି କୁହାଯାଏ । ଗରିବ ଫଟା ପୋଷାକ ପିନ୍ଧିଲେ ଗରିବର ପ୍ରତୀକ ଧନୀ ପିନ୍ଧିଲେ ଫେସନ୍ ।

> **ଧନୀ ଚାଉଳ ଚୋବାଇଲେ ସଉକ ଏବଂ ଗରିବ ଚୋବାଇଲେ ତା'ଘରେ ଦୁର୍ଭିକ୍ଷ ପଡ଼ିଛି ବୋଲି କୁହାଯାଏ ।**


**ଉତ୍ତମ କୁମାର ପଧାନ**

ଉତ୍ତମ କୁମାର ପଧାନଙ୍କ 'ଅକ୍ଷୟ ପାତ୍ରର କାହାଣୀ' ଗପର ଶୀର୍ଷକକୁ ଦେଖି ମୁଁ ଭାବୁଥିଲି ଏହା ଜଣେ ପୁରୁଷ ଚରିତ୍ରର ନାମ । ପୁରୁଷ ଚରିତ୍ର ଭାବେ ନ ଆସି ଲକ୍ଷ୍ମୀ ଭାବରେ ଆସିଛି ଶୀର୍ଷକ । ଏକ କନ୍ଧ ବୁଢ଼ୀର ଅଲୌକିକ ଘଟଣା ଅଛି ଏ ଗଳ୍ପରେ । ଜଣେ ଶିକ୍ଷକ ଦମ୍ପତିଙ୍କ ଘରେ ରୋଷେଇ କାମ କରୁଥିବା ଯୁବକ ସମୟକ୍ରମେ ଶିକ୍ଷକ ଅବସର ନେବା ପରେ ପରସ୍ପର ପରସ୍ପରଙ୍କୁ ବିଦାୟ ଦେଇଛନ୍ତି । ଶିକ୍ଷକ ଦମ୍ପତି ସ୍ନେହ, ଶ୍ରଦ୍ଧା, କିଛି ଟଙ୍କା ଓ ପନିପରିବା ସହ ବିଦାୟ ଦେଇ ନିଜ ଗାଁକୁ ଫେରିଛନ୍ତି । ଯୁବକଟି କାମଧନ୍ଦା ନ ପାଇ ଏଣେତେଣେ ବୁଲୁଛି । ଏକଦା କେନ୍ଦୁଝରର ଗୋଟେ ମାଇନ୍ସ ପାଖାପାଖି ଅଂଚଳରେ ରାତିରେ ଭୋକରେ ଆଉଟୁପାଉଟୁ ହୋଇ ଈଶ୍ୱରଙ୍କୁ ଡାକୁଥିଲା । ବୁଢୀଟିଏ ଆସି ଯୁବକକୁ ଭୋକ ହେଉଥିବା କଥା ଜାଣି ତା' ଛୋଟ କୁଡ଼ିଆରେ ରାନ୍ଧି ଖୁଏଇଛି ଏବଂ ଏଠି ପ୍ରତିଦିନ ରାନ୍ଧିବାକୁ କହିଛି । ଯୁବକଟି ସକାଳୁ ଉଠିବାବେଳକୁ ବୁଢ଼ୀକୁ ଖୋଜିଖୋଜି ପାଇନାହିଁ । ଯେଉଁ ପାତ୍ରରେ ବୁଢୀ ମା' ଜଣକ

ରୋଷେଇ କରିଥିଲା ସେହି ପାତ୍ର ହେଉଛି ଅକ୍ଷୟ ପାତ୍ର । ସେହି କୁଡ଼ିଆରେ ପ୍ରଥମେ ଢାବା, ପରେ ହୋଟେଲ, ଅନ୍ତର୍ଜାତୀୟ ହୋଟେଲ କରି ଖ୍ୟାତି ପାଇଛି । ପୃଥିବୀର ଶ୍ରେଷ୍ଠ ଶୀଳ୍ପପତି ଭାବେ ନାମ କରିଛି । ସବୁଠାରୁ ବଡ଼ କଥା ଯୁବକଟି ତା' ମନ୍ଦିର ଭିତରେ ଦେବାଦେବୀ ଫଟୋ ସହ ଏହି ଖପରର ପାତ୍ରକୁ ରଖିଥିଲା ଯାହା ଅକ୍ଷୟ ପାତ୍ର । ଏ ଗପରେ ଭୋକିଲାଟିଏ ଧନୀ ହୋଇଛି ଅନ୍ୟାନ୍ୟ ଗପପରି ଭୋକରେ ମରିନାହିଁ ।

## ତରୁଣକାନ୍ତି ମିଶ୍ର

'ଆସନ୍ତାକାଲିର ଭୋକ'ରେ ଜଣେ ତରୁଣକୁ ନେଇ ଗାଳ୍ପିକ ତରୁଣକାନ୍ତି ମିଶ୍ର ଚିନ୍ତାଗ୍ରସ୍ତ ହୋଇଛନ୍ତି । ବସ୍‌ରେ ତାଙ୍କ ପକେଟ୍‌ମାର କରିଥିବା ଛୋଟ ପିଲାଟି ଅନ୍ୟମାନଙ୍କ ଦ୍ୱାରା ବହୁତ ମାଡ଼ ଖାଇଛି । ଗାଳ୍ପିକ ମାନବିକତା ଦୃଷ୍ଟିରୁ ସମବେଦନା ଜଣାଇ ପିଲାଟିକୁ ଉଦ୍ଧାର କରି ଘରକୁ ନେଇଛନ୍ତି । ଅନେକ ତଥ୍ୟ ହାସଲ କରିଛନ୍ତି । ପିଲାଟି ଅନ୍ୟ ଏକ ଲୋକ ଚୋରି କରିଥିବା କଥା କହିଛି ଏବଂ ସେ ଜାଣିଲେ ତା'ଜୀବନ ପ୍ରତି ବିପଦ ଥିବା ଜଣେଇଛି । ଗାଳ୍ପିକ ତାକୁ ସାହସ ଯୋଗାଇଛନ୍ତି । ଚୋରି ନ କରିବାର ଉପଦେଶ ଦେଇ ଛୁଆଟିକୁ ଖୁଆଇ ପିଆଇ, ଔଷଧ ଦେଇ ରାତିରେ ବିଦାୟ ଦେଇଛନ୍ତି । ସକାଳ ପାହିଲା ବେଳକୁ ତାଙ୍କ ସୁନାମୁଦି, କଦଳୀ ଆଉ ଘରେ ନଥିଲା । ଭୋକ ପାଇଁ ଚୋରି କରିଥିବା ଛୁଆଟିକୁ ମୃତ୍ୟୁ ମୁଖରୁ ସେଦିନ ଉଦ୍ଧାର କରିଥିଲେ । ମାତ୍ର ଆସନ୍ତାକାଲି ଆଉ କିଏ ବରାଭୟ ଦେବ ବୋଲି ଚିନ୍ତାଗ୍ରସ୍ତ ଗାଳ୍ପିକ ।




## ସଦାନନ୍ଦ ତ୍ରିପାଠୀ

ସଦାନନ୍ଦ ତ୍ରିପାଠୀଙ୍କ 'ଭୋକ' ଗପରେ ଦୁଇଭାଇ ଭିତରେ ଥିବା ଅନାବିଳ ସ୍ନେହକୁ ଦେଖିପାରିବା । ସ୍ୱାମୀ ପରିତ୍ୟକ୍ତା ମା' ମରିଗଲା ପରେ ଛୋଟ ବାଳକ ବିନୁ କିସ୍‌ମୁ ସ୍ୱାଭିମାନ ସହ ହୋଟେଲରେ କାମକରି ବଞ୍ଚିବାକୁ ଚାହିଁଛି । ବିନୁ ଏକାକୀ କାମ କରୁଥିବା ହେତୁ ତା'ଖାଦ୍ୟରେ ଭାଇ ସାମୁର ଭାଗନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦିଏ ହୋଟେଲ ମାଲିକ । ହୋଟେଲ ମାଲିକର ଅତ୍ୟାଚାର ତାହାକୁ ଅସହ୍ୟ ହୋଇଛି । ହୋଟେଲ କାମଛାଡ଼ି ଦିନେ ପୋଖରୀରୁ ଏକ ଭ୍ୟାନିଟି ବ୍ୟାଗ୍ ପାଇ ପୋଲିସକୁ ଜିମା ଦେବା ପାଇଁ ଦୌଡ଼ିଛି । ଜଣେ ଖାଇବାକୁ ପାଉନଥିବା ସ୍ୱାଭିମାନୀ ବିନୁକୁ ପୋଲିସ୍ ବୁଝିନପାରି ଚୋରି ଆଖ୍ୟାଦେଇ ତା'ଉପରେ ମାଡ଼ ମାରିବା ବେଶ୍ କଷ୍ଟଦିଏ । ଭ୍ୟାନିଟି ବ୍ୟାଗ୍‌ର ମାଲିକାଣୀ ବିନୁ ପ୍ରତି ସମବେଦନା ଜଣାଇଲେ ମଧ୍ୟ ଏ ପ୍ରକାର ସମଦେବନାକୁ ସେ ତିରସ୍କାର କରିଛି । ବିନୁ ଏକ ଅନନ୍ୟ ଚରିତ୍ର । ସ୍ୱାଭିମାନ ସହ କାମ କରିଛି ଅଥଚ ପୋଲିସ ଆଖିରେ ଦୋଷୀ ହୋଇଛି ।

## ଦେବବ୍ରତ ମଦନରାୟ

ଦେବବ୍ରତ ମଦନରାୟଙ୍କ 'କାଶୀପୁର' ଗପରେ ଗୋଟିଏ ଖବରକାଗଜର ସାମ୍ବାଦିକ ବନ୍ଧୁମାନେ ଖବର ଅନୁସନ୍ଧାନରେ ଏକ ବୁଡ଼ିଗାଁକୁ ପରିଦର୍ଶନ କଲେ । ବନ୍ୟାହେତୁ ଗାଁରୁ ସମସ୍ତ ଲୋକେ ଯିଏ ଯୁଆଡ଼େ ପଳେଇଥିଲେ ସୁଦ୍ଧା ରଜନୀ ମା' ତା' ଗେରସ୍ତ ପାଇଁ ଘର ଜଗିଥିଲା । ସେହି ଗାଁର ନାଉରିଆ ମାଧ୍ୟମରେ ଗାଁକୁ ଯାଇ ରଜନୀ ମା'ର ଛୋଟ ଝିଅକୁ ବିକ୍ରି କରିଦେବାର ଘଟଣା ଜାଣିଛନ୍ତି । ପେଟ ଭୋକ ପାଇଁ କେମିତି ଛୋଟ ଝିଅକୁ ବିକ୍ରି କରିଦିଆହୋଇଛି ତାକୁ ବୁଝି ଗାଳ୍ପିକ କହିଛନ୍ତି 'ପେଟର ଭୋକ ଆଗରେ ଦେହର ଭୋକ ତୁଚ୍ଛ ।' ଗପର ଅନ୍ୟ ଦିଗରେ ଜହ୍ନ କିରଣରେ ଝଲସି ଉଠୁଥିବା ସୁନ୍ଦରୀ ତରୁଣୀ ସାମ୍ବାଦିକା ସୁଚିତ୍ରାଙ୍କ ଦେହକୁ ନେଇ ଠେକୁଆ ଖେଳ ମାଧ୍ୟମରେ ଶାରୀରିକ ଭୋକ କଥା ଦେଖାଇବାକୁ ଚାହିଁଛନ୍ତି । ନଦୀର ପାଣିପରି ଗପର ଭାବ ଆଗକୁ ଗତି କରିଛି ।

## ଗୌରହରି ଦାସ

ଗୌରହରି ଦାସଙ୍କ 'କଙ୍କାଳର ଅଭିଯାନ' ଗପ ଭୋକ ପାଇଁ ଏକ ସ୍ୱତନ୍ତ୍ର ଗପ । ଯେଉଁ ଗାଁରେ ଶାଗଖିଆକୁ ପେଜଖିଆ ଦେଖିପାରୁନି, ସେଠି ଅନେକ ସାଧାରଣ କଥାକୁ ରଂଗିନକରି କହିବା କୌଣସି ବଡ଼କଥା ନୁହେଁ । କଲିକତାରେ ରହୁଥିବା ବିଜନ ଗାଁକୁ ଫେରି ଯେଉଁ ଅନୁଭୂତି ପାଇଛି ସେଥିରେ ସ୍ତବ୍ଧ ହୋଇଯାଇଛି । ଗପରେ ବିଜନ, ବୈକୁଣ୍ଠ ଓ ଶୋଭା ମଧ୍ୟରେ ତ୍ରିକୋଣୀୟ ପ୍ରେମ ସୃଷ୍ଟି ହୋଇଛି । ଶୋଭାର ସ୍ୱାମୀ ବୈକୁଣ୍ଠ ଗାଁ ଛାଡ଼ି ବାହାରକୁ ଯାଇଛି । ଏକଦା ଭୋକ ଦାଉରୁ ରକ୍ଷା ପାଇଁ ଶୋଭା ରାତିରେ ବିଜନ ଘରର ଶଜନା ଗଛକୁ ଶାଗ

ଆଣି ପାଣି ସହ ଖାଇ ଭୋକ ମେଣ୍ଟେଇଛି । ମାତ୍ର ପଡ଼ୋଶୀ 'କାଲି ରାତିରେ ଅନ୍ଧାରି ବିଜେ' ନାମରେ ଯେଉଁ କଳଙ୍କ ଲଗେଇଛନ୍ତି ତାହା ଶୋଭାକୁ ଅସହ୍ୟ ହୋଇପଡ଼ିଛି । 'କାଲି ରାତିରେ ଅନ୍ଧାରି ବିଜେ' ପ୍ରସଙ୍ଗରେ ବିଜନ, ଶୋଭା ଆଉ ତା' ଛୋଟ ଛୁଆ ମୁନାକୁ ସାହାଯ୍ୟ କଲେ ମଧ ଶୋଭା ମନା କରିଦେଇଛି । 'ଅନ୍ଧାରି ବିଜେ' କଥାଶୁଣି ନିଜକୁ ଧିକ୍କାର, ଅନୁଶୋଚନା କରି ବିଜନ କଲିକତା ଫେରି ଖବରକାଗଜରେ ଦେଖିବାକୁ ପାଇଛି "ମାଆର ନାରକୀୟ କାଣ୍ଡ । ଘଣ୍ଟେଶ୍ୱର ତା-୨.୧୨.- ନରେନ୍ଦ୍ରପୁର ଗାଁର ଜଣେ ମହିଳା ତା'ର ୫/୬ ବର୍ଷର ପୁଅକୁ ବିଷଦେଇ ମାରିଦେବା ପରେ ନିଜେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛି । ସ୍ଥାନୀୟ ଲୋକମାନେ ଏହାକୁ ଅନାହାର ମୃତ୍ୟୁ ବୋଲି ଦାବି କରୁଥିବା ବେଳେ ପୋଲିସ୍ ମୁଖପାତ୍ର ଏହି ଘଟଣାକୁ ପ୍ରେମଜନିତ ବ୍ୟାପାର ବୋଲି କହୁଛନ୍ତି ।" (ଭୋକକଥା, ପୃ-୧୪୩) ଅସଲ ଖବର କେମିତି ଖରାପ ନଜରରେ ସତଠୁ ଦୂରେଇ ଯାଏ ଏ ଗପରୁ ଆମେ ଦେଖିପାରିବା ।

ଉପରୋକ୍ତ ଗପଗୁଡ଼ିକରେ ଅନେକ ଚରିତ୍ର ସଂଘର୍ଷ ଭିତରେ ପ୍ରତିବାଦ କରିଛନ୍ତି । ସ୍ୱାଭିମାନ ଭିତରେ ବଂଚିବାକୁ ଚେଷ୍ଟାକରିଛନ୍ତି । ଏକ ଏକ ସଫଳ ଚରିତ୍ର । କାମ ମିଳୁନାହିଁ ବୋଲି ଲୋକେ ଦାଦନ ଯାଆନ୍ତି । 'ଶ୍ୱାପଦ'ର ଶିବୁ ଦାଦନ ଯାଇନାହିଁ; କିନ୍ତୁ କାମ ପାଇଁ ଯେଉଁ ଗୁହାରି କରିଛି ତାହା ହିଁ ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାକୁ ଆଣିଛି । ସମାଜର ନିଚ୍ଛକ ଚିତ୍ରକୁ ବହନ କରିଛି 'ତୃତୀୟ'ପାଦର ଘଟଣା । ଶୋଷଣ କରିବା ନୂଆ କଥା ନୁହେଁ । ମହାଜନଙ୍କ ଶୋଷଣରେ ଲୋକେ କେମିତି ପୋକମାଛି ପରି ବଂଚନ୍ତି, ମରନ୍ତି ତାହା ସାମାଜିକ ସ୍ତରରେ ଆମେ ଦେଖିବାକୁ ପାଉଛୁ । ଏପରି ଚିତ୍ରରୁ ଗାଳ୍ପିକା ବୀଣାପାଣି ମହାନ୍ତି ବାଦ୍ ପଡ଼ିନାହାନ୍ତି । ସେଥିପାଇଁ ଲେଖିଲେ ଏ ଗପ ।

**ଗପଗୁଡ଼ିକରେ ଅନେକ ଚରିତ୍ର ସଂଘର୍ଷ ଭିତରେ ପ୍ରତିବାଦ କରିଛନ୍ତି; ସ୍ୱାଭିମାନ ଭିତରେ ବଂଚିବାକୁ ଚେଷ୍ଟାକରିଛନ୍ତି ।**

ଭୋକ ପାଇଁ 'ଭିକ' ଏକ ପନ୍ଥା ବା ଅବଲମ୍ବନ ନୁହଁ । ଭୋକ ସହ ଅହରହ ସାମ୍ନାସାମ୍ନି ହେବା ବା ଜୀବନରେ ସଂଘର୍ଷ ଥିଲେ ମଧ ସ୍ୱାଭିମାନରେ ତାକୁ କେମିତି ଦୂରେଇ ହୁଏ ଗପ ମାଧମରେ ପ୍ରତିଭା ରାୟ ଏବଂ ସଦାନନ୍ଦ ତ୍ରିପାଠୀ ଗାଳ୍ପିକଦ୍ୱୟ ଦେଖେଇଛନ୍ତି । ଭୋକ ପାଇଁ ଚୋରି କରିବା ମଧ କେବେହେଲେ ଗ୍ରହଣୀୟ ନୁହଁ । ଚୋର ମିଛର ଆଶ୍ରୟ ନିଏ । ଏହାର ଚିତ୍ର ତରୁଣକାନ୍ତି ମିଶ୍ର ଏବଂ ଗୌରହରି ଦାସ ତାଙ୍କ ଗଳ୍ପରେ ପ୍ରଦାନ କରିଛନ୍ତି । ସର୍ବୋପରି ଭୋକ ପାଇଁ ପାରସ୍ପରିକ ସଂହତି, ମାନବିକ ମୂଲ୍ୟବୋଧର ଆବଶ୍ୟକତା ଏକାନ୍ତ ଜରୁରୀ ଅଟେ ।

ଏଯାଏଁ ଯାହା ଆଲୋଚନା କରାଗଲା, ଭୋକକୁ ସାମ୍ନା କରିଥିବା ଗୋଟିଏ ଗୋଟିଏ ପରିବାରର ପୁଅଝିଅ, ବାପା-ମା'ର ଚିତ୍ର ପ୍ରାୟତଃ ଗପରେ ଦେଖିବାକୁ ମିଳିଲା । କେତେକ ଗପରେ ଅନାଥ ଛୁଆ ବା ଛୁଆମାନେ ଭୋକରୁ ବର୍ତ୍ତିବା ପାଇଁ କେମିତି କାମ କରିଛନ୍ତି, ଚୋରି କରିଛନ୍ତି ବା ଭିକ ମାଗିଛନ୍ତି ତାହା ମଧ ଦେଖିବାକୁ ପାଇବା । ମୋ' ମନରେ ଭୋକକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି । ଗରିବଟିଏ ଭୋକରେ ମରିବା ତାହା ସାଧାରଣ କଥା; ମାତ୍ର ଖାଦ୍ୟଥାଇ ଭୋକରେ ମରିବା, ଷଡ଼ଯନ୍ତ୍ରରେ ଭୋକରେ ମାରିବା ବା ଆଜିକାଲି ବିଭିନ୍ନ ସାମାଜିକ ସଂଗଠନ ସମାଜସେବା ନାମରେ କେମିତି ବୃଦ୍ଧବୃଦ୍ଧାଙ୍କୁ ଭୋକରେ ମାରୁଛନ୍ତି ଏମିତି ଘଟଣାକୁ ନେଇ ଭୋକ ଗପ ଆହୁରି ଚମତ୍କାର ଭାବରେ ଲେଖାଯାଇପାରିବ । ହୁଏତ ଏ ସଂପର୍କିତ ଗପ ଥାଇପାରେ ଯାହା ମୋ' ଦୃଷ୍ଟିକୁ ଏଯାଏ ଆସିନାହିଁ ।

ଏହାବାଦ୍ ଭୋକକୁ ନେଇ ଅନେକ ଲେଖକ ବିଭିନ୍ନ ପ୍ରକାରର ଗପ ଲେଖିଛନ୍ତି । ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି', ମନୋଜ ଦାସଙ୍କ 'ଏକ ଚୋରିର ବୃତ୍ତାନ୍ତ', ନୃସିଂହ ତ୍ରିପାଠୀଙ୍କ 'ଦ୍ୱିତୀୟ କ୍ଷୁଧାର ତୀର୍ଥ', ଜଗଦୀଶ ମହାନ୍ତିଙ୍କ 'ବାଘ', ରଜନୀକାନ୍ତ ମହାନ୍ତିଙ୍କ 'ଓହଳ', ଜୟନ୍ତୀ ରଥଙ୍କ 'ଯନ୍ତା', ପ୍ରଦୀପ ଦାଶଙ୍କ 'ଭୋକ', ପାରମିତା ଶତପଥୀଙ୍କ 'ଭୋକ ଭୋକ', କ୍ଷୀରୋଦ ଦାସଙ୍କ 'ଭୋକ', ଦେବପ୍ରସାଦ ଦାଶଙ୍କ 'ଦେବୀ' ଆଦି ଏହି ଶ୍ରେଣୀର ଅନ୍ୟତମ ଗପ ।

□□

ଲେଖକଙ୍କ ଇ-ମେଲ ଠିକଣା:
jagannath.rgl@gmail.com

ଅନୁଭୂତି



# ଆଉ କେତେଦିନ

ସତ୍ୟ ମିଶ୍ର

ଏହି ଲେଖା ପଢୁଥିବା ପାଠକମାନଙ୍କୁ ଅନୁରୋଧ, ପ୍ରଥମେ ଏହାସହିତ ସଂଲଗ୍ନ ଫଟୋଟିକୁ ଦେଖନ୍ତୁ । ପୁରୁଣା କଳାଧଳା ଚିତ୍ରରେ ନ'ଜଣ ମଣିଷ । ସାହିତ୍ୟ ଅନୁରାଗୀ ପାଠକମାନେ ଅନେକ ମୁହଁ ଚିହ୍ନିପାରିଥିବେ । ଫଟୋରେ ଚିହ୍ନି ନ ପାରିଲେ ସୁଦ୍ଧା ବ୍ୟକ୍ତିଗତ ମାଧମରେ କିମ୍ବା ସେମାନଙ୍କ ଲେଖା ମାଧମରେ ପରିଚିତ ଥିବେ ବୋଲି ମୋର ବିଶ୍ୱାସ । ଏମାନଙ୍କର ପରିଚୟ ଦେବା ଆଗରୁ ପ୍ରଥମେ ଏ ଚିତ୍ରର ପୂର୍ବାପର ସଂଗତି ବିଷୟରେ କିଛି ସୂଚନା ଦେବା ଉଚିତ ହେବ ।

ଡିସେମ୍ବର ୧୯୭୨ରେ, ଅର୍ଥାତ୍ ପ୍ରାୟ ତେପନ ବର୍ଷ ତଳେ କୋରାପୁଟ ଜିଲ୍ଲାର ଜୟପୁର ସହରରେ ଓଡ଼ିଆ ଯୁବ ଲେଖକ ସମ୍ମେଳନର ବାର୍ଷିକ ଅଧିବେଶନ ଆୟୋଜିତ ହୋଇଥିଲା । ସେତେବେଳେ ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏମ.ଏ. (ଇଂରାଜୀ) ପଢୁଥିଲି । ମୋ' ଜନ୍ମ ଓ ପ୍ରତିପାଳନ ଜୟପୁର ସହରରେ, କିନ୍ତୁ ସେଠାରେ ସ୍ନାତକ ଶିକ୍ଷାପରେ ସ୍ନାତକୋତ୍ତର ଶିକ୍ଷା ପାଇଁ ସମ୍ବଲପୁର ଆସିଥିଲି । ଗୋଟିଏ ବର୍ଷ ପୂର୍ବରୁ ମୋର ଲେଖକବନ୍ଧୁ ଶୁଭେନ୍ଦୁ ମୁଣ୍ଡ ମଧ୍ୟ ଜୟପୁରରୁ ଆସି ସମ୍ବଲପୁରରେ ଇଂରାଜୀରେ ଏମ.ଏ. ପଢୁଥିଲେ । ମୁଁ ଆସିବା ବେଳେ ସମ୍ବଲପୁର ମୋ' ପାଇଁ ଏକ ଅପରିଚିତ ସହର ଥିଲା । କେବଳ ଶୁଭେନ୍ଦୁ ସହିତ ଆଗରୁ ପରିଚୟ ଓ ବନ୍ଧୁତା ଥିଲା । ସମ୍ବଲପୁରର ସମଲେଇ ମନ୍ଦିର ପାଖରେ ବଡ଼ବଜାରରେ ଥିବା ଏକ ଅସ୍ଥାୟୀ ଛାତ୍ରାବାସରେ ଆମମାନଙ୍କୁ ରଖାଯାଇଥିଲା । ସେତେବେଳେ ସେହି ଛାତ୍ରାବାସରେ ରହୁଥିବା କେତେଜଣ ସାହିତ୍ୟାନୁରାଗୀ ଛାତ୍ର ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ଗୌରବମୟ ସ୍ଥାନ ହାସଲ କରିଥିଲେ । ଶୁଭେନ୍ଦୁ ମୁଣ୍ଡ, ବିଭୂତି ପଣ୍ଡା, ରବି ଶଙ୍କର ମିଶ୍ର, କୁମୁଦ ରଞ୍ଜନ ପାଣିଗ୍ରାହୀ, ଦାଶରଥୀ ମୁଣ୍ଡ ଓ ବୀର କିଶୋର ପ୍ରଧାନଙ୍କୁ ନେଇ ଆମର ଛାତ୍ର-ଲେଖକ ଗୋଷ୍ଠୀ ଗଢ଼ିଉଠିଲା । ଆମ ହଷ୍ଟେଲରେ ସାମୟିକ ସାହିତ୍ୟ ଆଲୋଚନା ସହିତ ଅଣ-ସାହିତ୍ୟିକ ଗସିପ, ଖଟି, ରସାଳ, ଚୁଗୁଲିର ମୁକ୍ତ-ବିନିମୟ ସହିତ ମୁଢ଼ି, ଚିନାବାଦାମର ଆସର ଏବଂ ଅନ୍ୟ କେତେକ ଛାତ୍ର-ସୁଲଭ ଭଲମନ୍ଦ କାର୍ଯ୍ୟକଳାପ ନିୟମିତ ଚାଲିଥିଲା ।

**ଆମର ସାହିତ୍ୟ ଖଟି**

ସମ୍ବଲପୁର ସହରର ସାହିତ୍ୟ ପରିବେଷ୍ଟନୀ ଭିତରେ ଆମେ କନିଷ୍ଠ ସାହିତ୍ୟପ୍ରେମୀମାନେ ସ୍ୱଚ୍ଛନ୍ଦରେ ପ୍ରବେଶକରି କେତେକ ସଭାସମିତିରେ ମଧ୍ୟ ଯୋଗଦେଲୁ । ଏହି ଅନୁକ୍ରମରେ ସତ୍ୟନାରାୟଣ ବହିଦାର ଏବଂ ଶ୍ରଦ୍ଧାକର ସୂପକାରଙ୍କ ପରି ବୟୋଜ୍ୟେଷ୍ଠ ଲେଖକମାନଙ୍କର ସାନ୍ନିଧ୍ୟ ତ ମିଳିଲା; ତା'ଛଡ଼ା ଅନେକ ସମଭାବାପନ୍ନ ଯୁବଲେଖକଙ୍କ ସହିତ ପରିଚୟ ହେଲା ଓ ସମୟକ୍ରମେ ଘନିଷ୍ଠତା ଜମିଆସିଲା । ସେମାନଙ୍କ ଭିତରେ ଥିଲେ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପୂର୍ଣ୍ଣାନନ୍ଦ ଦାନୀ, ରବୀନ୍ଦ୍ରନାଥ ପୁହାଣ, ଅଭୟ କୁମାର ପାଢ଼ୀ, ଅଶୋକ ଚନ୍ଦନ, ହୁସେନ ରବି ଗାନ୍ଧୀ, ଅଶ୍ୱିନୀ କୁମାର ମିଶ୍ର, ଗିରି ଦଣ୍ଡସେନା, ମନୀନ୍ଦ୍ର ମହାନ୍ତି ଓ ଆହୁରି ଅନେକ । ସେମାନଙ୍କ ମଧ୍ୟରୁ କେତେଜଣ ଆମ ହଷ୍ଟେଲକୁ ବେଳେବେଳେ ଆସି ଗପସପ କରୁଥିଲେ । ୧୯୭୨-୭୩ରେ ଆମ ହଷ୍ଟେଲ୍ ସମ୍ବଲପୁରରୁ ଉଠିଯାଇ ବିଶ୍ୱବିଦ୍ୟାଳୟର ସଦ୍ୟ ନିର୍ମିତ କ୍ୟାମ୍ପସ (ବୁର୍ଲା ପାଖରେ)କୁ ଚାଲିଗଲା । ପରବର୍ତ୍ତୀ ସମୟରେ ସେହି କ୍ୟାମ୍ପସ ଜ୍ୟୋତିବିହାର ନାମରେ ନାମିତ ହେଲା । କ୍ୟାମ୍ପସ ଭିତରେ ଥିବା ଆମ ହଷ୍ଟେଲକୁ ସେହି ବନ୍ଧୁମାନଙ୍କ ଭିତରୁ କେତେଜଣ ବେଳେବେଳେ ଆସୁଥିଲେ ଓ ଆମର ସାହିତ୍ୟ-ଖଟି ବେଶ୍

**ଆମ ହଷ୍ଟେଲକୁ ସେହି ବନ୍ଧୁମାନଙ୍କ ଭିତରୁ କେତେଜଣ ବେଳେବେଳେ ଆସୁଥିଲେ ଓ ଆମର ସାହିତ୍ୟ-ଖଟି ବେଶ୍ ଜମୁଥିଲା ।**



*ଆଗଧାଡ଼ି, ବାମରୁ : ଶୁଭେନ୍ଦୁ ମୁଣ୍ଡ, ରବୀନ୍ଦ୍ରନାଥ ପୁହାଣ, ସତ୍ୟ ମିଶ୍ର, କନ୍‌ହେଇଲାଲ ଦାସ, ଅଶୋକ ଚନ୍ଦନ, ଦାଶରଥୀ ମୁଣ୍ଡ, ପୂର୍ଣ୍ଣାନନ୍ଦ ଦାନୀ, ବୀର କିଶୋର ପ୍ରଧାନ, (ପଛରେ) ପ୍ରଫୁଲ୍ଲ କୁମାର ତ୍ରିପାଠୀ ।*

ଜମୁଥିଲା । ବଲାଙ୍ଗୀରର ଅଧିବାସୀ ଅଶୋକ ଚନ୍ଦନ ଦିଲ୍ଲୀର ରାମଦାସ କଲେଜରେ ପଢୁଥିଲେ । ସେ ଦିଲ୍ଲୀରୁ ବଲାଙ୍ଗୀର କିମ୍ବା ବଲାଙ୍ଗୀରରୁ ଦିଲ୍ଲୀ ଯିବାବେଳେ ଆମକୁ ସମ୍ବଲପୁରରେ ତାଙ୍କ ଦର୍ଶନ ମିଳୁଥିଲା ଓ ଖୁବ୍ ଜମୁଥିଲା ।

ଯୁବଲେଖକ ସମ୍ମେଳନ ଜୟପୁରରେ ହେଉଥିବା ଖବର ମିଳିବାମାତ୍ରେ ପ୍ରଥମେ ମୁଁ, ଶୁଭେନ୍ଦୁ ମୁଣ୍ଡ ଓ ଦାଶରଥୀ ମୁଣ୍ଡ ଉଲ୍ଲସିତ ହୋଇ ଜୟପୁର ଯିବା ପାଇଁ ସ୍ଥିରକଲୁ । ମୁଁ ତ ଥିଲି ଖାଣ୍ଟି 'ଜୟପୁରିଆ' - ପ୍ରତ୍ୟେକ ଛୁଟିରେ ଜୟପୁର ଯାଏ । ଶୁଭେନ୍ଦୁ ଓ ଦାଶରଥୀ ଉଭୟେ ଜୟପୁର କଲେଜରୁ ଉପ୍ତାଦିତ ଗ୍ରାଜୁଏଟ୍ । ଆମ ତିନିଜଣଙ୍କ ଆଗ୍ରହ କ୍ରମଶଃ ସଂକ୍ରମିତ ହୋଇ ଅନ୍ୟମାନଙ୍କୁ ମଧ୍ୟ ଜୟପୁର ଯିବା ପାଇଁ ଅନୁପ୍ରେରିତ କଲା । ନିର୍ଦ୍ଧାରିତ ତାରିଖରେ ଆମେ ଆଠଜଣ ସମ୍ବଲପୁରରୁ ଟାଟା-ମାଡ୍ରାସ ଏକ୍ସପ୍ରେସ୍ (ବର୍ତ୍ତମାନ ଧାନବାଦ-ଏଲେପ୍ପି ଏକ୍ସପ୍ରେସ୍)ରେ ବାହାରିଲୁ । ଆଉଜଣେ ବନ୍ଧୁ ସମ୍ବଲପୁରରୁ ଆମ ସହିତ ଯୋଗ ଦେଇନଥିଲେ ସୁଦ୍ଧା ଜୟପୁରରେ ପହଞ୍ଚିବା ପରେ ଆମ ଗୋଷ୍ଠୀରେ ସାମିଲ ହୋଇଗଲେ । ସେ ଥିଲେ, ସେତେବେଳେ ଭୁବନେଶ୍ୱର ଏ.ଜି. ଅଫିସ୍‌ରେ ଚାକିରି କରୁଥିବା ଲେଖକବନ୍ଧୁ କହ୍ନେଇଲାଲ ଦାସ । ଆମସହିତ ମୁକ୍ତ ଭାବ-ବିନିମୟ ହେଉଥିବାରୁ ସମ୍ମିଳନୀ ଭିତରେ ଆମର ଗୋଟିଏ ନ' ଜଣିଆ ଦଳ ଅନୌପଚାରିକ ଭାବରେ ତିଆରି ହୋଇଗଲା । ଫଟୋରେ ସେହି ନଅଜଣ ହିଁ ପ୍ରକଟ ।

### ଭବ୍ୟ ଆୟୋଜନ

ଟ୍ରେନରେ ରାୟଗଡ଼ା ପର୍ଯ୍ୟନ୍ତ ଆସି ସେଠାରୁ ବସ୍ ଯୋଗେ ଜୟପୁର ଆସି ପହଞ୍ଚିବା ବେଳକୁ ରାତି ହୋଇଯାଇଥିଲା । ଯାତ୍ରା ପ୍ରାୟ ହସଖୁସିରେ କଟିଥିଲେ ସୁଦ୍ଧା ଶେଷ ଆଡ଼କୁ କଷ୍ଟପ୍ରଦ ଓ ବିରକ୍ତିକର ହୋଇଯାଇଥିଲା । କିନ୍ତୁ ଜୟପୁରରେ ପାଦ ଦେବା ପରେ ସବୁ କ୍ଳାନ୍ତି, ବିରକ୍ତି ଦୂର ହୋଇଗଲା । ଅଭ୍ୟର୍ଥନା କମିଟିର ସୁନ୍ଦର ଆୟୋଜନ ଓ ଜୟପୁର

ସହରର ପ୍ରାକୃତିକ ଆକର୍ଷଣ ଯୋଗୁଁ ତିନିଦିନର ସମ୍ମିଳନୀ ବେଶ୍ ହସଖୁସିରେ କଟିଲା । ରହଣି ଓ ସଭାର ଆୟୋଜନ ହୋଇଥିଲା ଶିକ୍ଷକ-ତାଲିମ ବିଦ୍ୟାଳୟର ପ୍ରଶସ୍ତ ପ୍ରାଙ୍ଗଣ ଏବଂ ଛାତ୍ରାବାସରେ । କେତେଜଣ ସମ୍ମାନିତ ଅତିଥି (ଯଥା: ବିନୋଦ ନାୟକ)ଙ୍କ ପାଇଁ ହୋଟେଲରେ ରହିବା ବ୍ୟବସ୍ଥା ହୋଇଥିଲା ।

ସମ୍ମିଳନୀ ତ ଚାଲିଥିଲା, କିନ୍ତୁ ଜୟପୁର ଆସି ଜୟପୁର ସହର ନ ବୁଲି କେହି କ'ଣ ଫେରିଯାଇପାରେ ? ଆମ ଦଳର ଛ'ଜଣ ପାଇଁ ତାହାଥିଲା ପ୍ରଥମ ଜୟପୁର ଭ୍ରମଣ । ତେଣୁ ବୁଲି ଦେଖିବାରେ ପ୍ରବଳ ଆଗ୍ରହ । ମୁଁ ମନକୁମନ ଟୁର୍ ଗାଇଡ୍ ବନିଯାଇ ବନ୍ଧୁମାନଙ୍କୁ କେତେକ ସୁନ୍ଦର, ଅସୁନ୍ଦର ସ୍ଥାନ ଦେଖାଇଲି । ମୋ' ପ୍ରରୋଚନାରେ ବୀର ପ୍ରଧାନ ଦକ୍ଷିଣ ଓଡ଼ିଶାର ସୁପୁଲୁ, ସେକଡ଼ାଲୁ ଓ ଦାନ୍ତିକିଲୁ (ସବୁ ତେଲୁଗୁ ଶବ୍ଦ, ଓଡ଼ିଆରେ କହିଲେ, ତିନିପ୍ରକାର ମୁଡ଼୍‌କି) ଖାଇ ଲଙ୍କାମରିଚର ପ୍ରାବଲ୍ୟ ଯୋଗୁଁ ମୃଦୁ ନିନ୍ଦାକଲେ, କିନ୍ତୁ ଫେରିବା ବେଳେ କିଣି ହଷ୍ଟେଲକୁ ନେବା ପାଇଁ ସ୍ଥିର କଲେ । ଅବଶ୍ୟ ନେଲେନାହିଁ । ହସଖୁସିରେ ସବୁଜ ସୁନ୍ଦର ଜୟପୁରରେ ତିନିଦିନ ବିତିଲା । ସେହି ତିନିଦିନ ଭିତରେ, ବୋଧହୁଏ ଶେଷ ଦିନରେ ଏହି ଫଟୋଟି ଉଠିଥିଲା । ଫଟୋଗ୍ରାଫର ବୀର ପ୍ରଧାନ ତାଙ୍କ ଦାମୀ ୟାଷିକା କ୍ୟାମେରାକୁ ଆତ୍ମ-ନିୟନ୍ତ୍ରଣ ପ୍ରଣାଳୀରେ ସଜାଡ଼ି ଦୌଡ଼ିଆସି ଆମସହିତ ଧାଡ଼ିରେ ଠିଆ ହୋଇଗଲେ । ଏବେ ଏହି ଫଟୋ ମୋ' ପାଇଁ କେବଳ ସ୍ମୃତି ନୁହେଁ - ଇତିହାସ । ମୋ' ପାଖରେ ସେ ଫଟୋ ଆଉନାହିଁ । ଯାହା ଏଠାରେ ପରିବେଷିତ, ତାହା କାଗଜ ଫଟୋର ମୋବାଇଲ ଫଟୋ ।

**କନ୍‌ହେଇଲାଲ ଦାସଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ହେଲେ ପୁସ୍ତକ ପ୍ରକାଶିତ ହୋଇନଥିଲା; କିନ୍ତୁ ମୃତ୍ୟୁ ପରେ ସଂକଳିତ ହୋଇ ପ୍ରକାଶ ପାଇଲା ।**

### ଜାଣନ୍ତୁ ସେମାନଙ୍କୁ

ଏଥର ପାତ୍ର ପରିଚୟ

କେତେବର୍ଷ ପରେ ଏହି ନ'ଜଣଙ୍କ ଭିତରୁ ଅନେକ ବ୍ୟକ୍ତି ସ୍ୱନାମଧନ୍ୟ ଲେଖକ ହୋଇ ଅନେକ ସ୍ୱୀକୃତି, ପ୍ରଶଂସା ଓ ପୁରସ୍କାର ପାଇଛନ୍ତି । ତେଣୁ ଯେଉଁମାନଙ୍କ କୃତି ବିଷୟରେ ପାଠକମାନେ ଜାଣିଥିବେ ବୋଲି ମୋର ଧାରଣା, ସେମାନଙ୍କ ଲେଖକୀୟ ଉପଲବ୍ଧି ବିଷୟରେ ଜଣାଇବା ଅନାବଶ୍ୟକ ।

ଏଥର ଚରିତ୍ରମାନଙ୍କୁ ଚିହ୍ନନ୍ତୁ ।

ଆଠଜଣ ଗୋଟିଏ ଧାଡ଼ିରେ ଠିଆହୋଇଥିବା ବେଳେ ଗୋଟିଏ ସ୍ତର ଉପରେ ଏକୁଟିଆ ଦଣ୍ଡାୟମାନ ଆମର ପ୍ରିୟବନ୍ଧୁ, ଗୁରୁଜନ, ମାର୍ଗଦର୍ଶକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ । ଉଭୟ ସାହିତ୍ୟ ଓ ଭାଷା କ୍ଷେତ୍ରରେ ଅତି ବଳିଷ୍ଠ, ଅପରାଜେୟ ଉପସ୍ଥିତି । ବର୍ତ୍ତମାନ ବୟସ ଅଶୀବର୍ଷ । ରହନ୍ତି କଟକରେ । ତାଙ୍କ ଦୀର୍ଘଜୀବନ ପାଇଁ ପ୍ରାର୍ଥନା ।

ଆଗଧାଡ଼ି, ବାମରୁ ପ୍ରଥମ: ଡ. ଶୁଭେନ୍ଦୁ ମୁଣ୍ଡ । ଓଡ଼ିଆ ସାହିତ୍ୟର ପ୍ରାୟ ସମସ୍ତ ବିଭାଗ, ଯଥା: ଗଳ୍ପ, କବିତା, ପ୍ରବନ୍ଧ, ଅନୁବାଦରେ ଉଜ୍ଜ୍ୱଳ ଅବଦାନ ସହିତ ଇଂରାଜୀରେ ମଧ୍ୟ ଉପାଦେୟ ସନ୍ଦର୍ଭର ସ୍ରଷ୍ଟା । ୧୯୫୧ରେ କଳାହାଣ୍ଡି ଜିଲ୍ଲାରେ ଜନ୍ମଲଭି ୨୦୨୧ରେ ଭୁବନେଶ୍ୱରରେ ଦେହତ୍ୟାଗ କରିଛନ୍ତି ।

ଆଗଧାଡ଼ି, ବାମରୁ ଦ୍ୱିତୀୟ: ରବୀନ୍ଦ୍ରନାଥ ପୁହାଣ । ସତୁରି ଦଶକରେ ଓଡ଼ିଆ ଗଳ୍ପ ଜଗତରେ ବେଶ୍ ଜଣାଶୁଣା ଥିଲେ । ଆମର ସମସାମୟିକ, କିନ୍ତୁ ନିର୍ଦ୍ଦିଷ୍ଟ ଜନ୍ମ ତାରିଖ କହିପାରୁନାହିଁ । ଅଶୀ ଦଶକର ଶେଷ ଭାଗରେ ତାଙ୍କର ରହସ୍ୟମୟ ମୃତ୍ୟୁ ହୋଇଥିଲା ଓ ଗୋଟିଏ ହୋଟେଲର କୋଠରୀ ଭିତରେ ତାଙ୍କ ଶବ ମିଳିଥିଲା।

ଆଗଧାଡ଼ି, ବାମରୁ ତୃତୀୟ: ମୁଁ ନିଜେ । ସତ୍ୟ ମିଶ୍ର ।

ଆଗଧାଡ଼ି, ବାମରୁ ଚତୁର୍ଥ: କନ୍‌ହେଇଲାଲ ଦାସ । ଜନ୍ମ ବାଲେଶ୍ୱରରେ ୧୯୪୫ରେ । ଗଳ୍ପ, କବିତା, ଉପନ୍ୟାସ ଲେଖିଛନ୍ତି କିନ୍ତୁ ସବୁଠାରୁ ବେଶୀ ପ୍ରସିଦ୍ଧି ପାଇଛନ୍ତି କ୍ଷୁଦ୍ରଗଳ୍ପ ପାଇଁ । ଜୁଲାଇ ୧୯୭୫ରେ ସଡ଼କ ଦୁର୍ଘଟଣା ପରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ହେଲେ ପୁସ୍ତକ ପ୍ରକାଶିତ ହୋଇନଥିଲା; କିନ୍ତୁ ମୃତ୍ୟୁ ପରେ ତାଙ୍କ ଲେଖା ସଂକଳିତ ହୋଇ ପ୍ରକାଶ ପାଇଲା ।

ଆଗଧାଡ଼ି, ବାମରୁ ପଞ୍ଚମ: ଅଶୋକ ଚନ୍ଦନ । ୧୯୫୨ରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ଜନ୍ମଲାଭ କରି ମାତ୍ର ବତିଶ ବର୍ଷ ବୟସରେ ୧୯୮୪ରେ ଚାଲିଗଲେ । ମୃତ୍ୟୁ ପର୍ଯ୍ୟନ୍ତ କୌଣସି ବହି ପ୍ରକାଶ ପାଇନଥିଲା । ନୂତନ ଧାରାର ଗଳ୍ପ ଲେଖି ଖୁବ୍ ପ୍ରସିଦ୍ଧିଲାଭ କରିଥିଲେ । ଏବେ ମଧ୍ୟ ଓଡ଼ିଆ ଗଳ୍ପ ବିଷୟରେ ଯେକୌଣସି ଆଲୋଚନାରେ ତାଙ୍କ

ନାମ ଶ୍ରଦ୍ଧାରେ ଉଚ୍ଚାରିତ ।

ବାମରୁ ଷଷ୍ଠ: ଦାଶରଥୀ ମୁଣ୍ଡ । କବିତା ଲେଖୁଥିଲେ । ମଞ୍ଚରେ ଅଭିନୟ କରୁଥିଲେ । ଉଭୟ କ୍ଷେତ୍ରରେ ସଫଳତା ମଧ୍ୟ ହାସଲ କରିଥିଲେ; କିନ୍ତୁ ତାଙ୍କୁ ଲୋକ ଜାଣିବା ପୂର୍ବରୁ ଅଳ୍ପ ବୟସରେ ଆରପାରିକୁ ଚାଲିଗଲେ ।

ବାମରୁ ସପ୍ତମ: ପୂର୍ଣ୍ଣାନନ୍ଦ ଦାନୀ । ଆମ ନ' ଜଣିଆ ଗୋଷ୍ଠୀର ସବୁଠାରୁ ବୟସ୍କ ସଦସ୍ୟ । ଜନ୍ମ ୧୯୪୩ରେ । ନିଜ ମୌଳିକ ଗଳ୍ପ ଓ ଗବେଷଣା ପାଇଁ ଜଣାଶୁଣା । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ଏବଂ ଏକାଡେମୀର ଉପସଭାପତି ମଧ୍ୟ ଥିଲେ । ୨୦୦୪ରେ ଏକଷଠି ବର୍ଷ ବୟସରେ ମହାପ୍ରୟାଣ ।

ବାମରୁ ଅଷ୍ଟମ: ବୀର କିଶୋର ପ୍ରଧାନ । ଗଳ୍ପ ଲେଖୁଥିଲେ । କବିତା ଲେଖୁଥିଲେ, ପତ୍ରିକାଗୁଡ଼ିକରେ ପ୍ରକାଶ ପାଇଥିଲା । ଫଟୋଗ୍ରାଫିରେ ପ୍ରବଳ ଆଗ୍ରହ ଓ ପେସାଦାର ଫଟୋଗ୍ରାଫରଙ୍କ ପରି କୁଶଳୀ ମଧ୍ୟ । ୨୦୨୨ରେ ଚାଲିଗଲେ ।

କହିରଖେ, ଏହି ନ'ଜଣଙ୍କ ମଧ୍ୟରୁ ସେତେବେଳେ ଚାରିଜଣ ଗୋଟିଏ ଛାତ୍ରାବାସରେ ରହୁଥିଲେ । ଦୁଇଜଣ ନିଜ ନିଜର ପରିବାରର ପରମ୍ପରା ଅନୁଯାୟୀ ଅଳ୍ପ ବୟସରେ ବିବାହ କରି ଏହି ଫଟୋ ଉଠିବା ବେଳକୁ ଛାତ୍ରଥିଲେ ସୁଦ୍ଧା ପିତୃତ୍ୱ ଲାଭ କରିସାରିଥିଲେ (ଦାଶରଥୀ ମୁଣ୍ଡ ଓ ବୀର ପ୍ରଧାନ) । ଚାରିଜଣ ଉପାର୍ଜନକ୍ଷମ ହୋଇସାରିଥିଲେ - ଡ. ପ୍ରଫୁଲ୍ଲ ତ୍ରିପାଠୀ (ଅଧ୍ୟାପକ), ପୂର୍ଣ୍ଣାନନ୍ଦ ଦାନୀ (ଅଧ୍ୟାପକ), ରବୀନ୍ଦ୍ରନାଥ ପୁହାଣ (ବ୍ୟବସାୟ) ଏବଂ କନ୍‌ହେଇଲାଲ ଦାସ (ଏଜି ଅଫିସ୍‌ର କର୍ମଚାରୀ) । ଏବେ ଏହି ଚିତ୍ର ଯେତିକି ଆନନ୍ଦ ଦିଏ, ତା'ଠାରୁ ବେଶି କଷ୍ଟଦିଏ । ମାର୍ମିକ ବେଦନାର କାରଣ ହେଉଛି ଏହି ନ ଜଣଙ୍କ ଭିତରୁ ସାତଜଣ ଆରପାରିକୁ ଚାଲିଗଲେଣି - ପ୍ରାୟ ସମସ୍ତେ ଅପରିପକ୍ୱ ବୟସରେ । ଯେଉଁ ଦୁଇଜଣ ବଞ୍ଚି ରହିଛୁ, ତା' ଭିତରୁ ମୁଁ ଜଣେ । ଭୁବନେଶ୍ୱରରେ ରହୁଛି । ବୟସ ୭୨ । ଆଉ କେତେଦିନ ?

□□

ଲେଖକଙ୍କ ଇ-ମେଲ ଠିକଣା:
sanamisra@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି । ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ ।
୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ । ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ ।
୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ । ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି ।
୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଚ୍ଛ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।
୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ । ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ ।
୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ ।
୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।
୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।
୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି । ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ ।
୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ ।
୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।
୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି ।



# ବୈଦିକ ପରମ୍ପରାରେ ଆଧୁନିକ ଧ୍ୱନିବିଜ୍ଞାନ ଓ ଓଡ଼ିଆ ବର୍ଣ୍ଣମାଳା

ପ୍ରବନ୍ଧ

ସିନିରୁଦ୍ଧ ଦାଶ

ଆଧୁନିକ ଭାଷା ଓ ସାହିତ୍ୟ ଗବେଷଣାରେ ବହୁ ବାଦ-ବିବାଦ ଦେଖିବାକୁ ମିଳିଥାଏ । ବିଶେଷକରି ଆମର ଆଧୁନିକ ଶିକ୍ଷାପଦ୍ଧତି ପ୍ରାୟତଃ ଇଂରାଜୀ ଭାଷାମୂଳକ ହୋଇ ଥିବାରୁ ଆମର ଭାଷାଭିତ୍ତିକ ଗବେଷଣା ଇଂରାଜୀ ଭାଷାକୁ ଆଧାର କରି କରାଯାଇଛି, ମାତ୍ର ଭାରତୀୟ ଜ୍ଞାନ ପରମ୍ପରାରେ ବିଶେଷ କରି ବୈଦିକ ପରମ୍ପରାରେ ଭାଷାର ବିଜ୍ଞାନଭିତ୍ତିକ ବିଶ୍ଳେଷଣ ଅଧିକ ରହିଛି, ଯାହା ଆଜି ଆଧୁନିକ ଭାଷାବିଜ୍ଞାନୀମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି । ତାହାର ପ୍ରମାଣ ସ୍ୱରୂପ ବେଦରୁ ଆରମ୍ଭକରି ଭର୍ତୃହରିଙ୍କ ପର୍ଯ୍ୟନ୍ତ ଆଲୋଚିତ ଧ୍ୱନିବିଜ୍ଞାନ (ଫୋନେଟିକ୍ସ), ପଦବିଜ୍ଞାନ (ମର୍ଫୋଲୋଜି), ବାକ୍ୟବିଜ୍ଞାନ (ସିଣ୍ଟାକ୍ସ) ଓ ଅର୍ଥବିଜ୍ଞାନ (ସିମାଣ୍ଟିକ୍ସ) ବିଶ୍ଳେଷିତ ଭାବଧାରା ଏଠାରେ ଅବତାରଣା କରାଯାଇଛି ।



ପ୍ରାଚୀନ ଭାରତୀୟ ଜ୍ଞାନପରମ୍ପରା କହିଲେ ବିଶେଷତଃ ବୈଦିକ ପରମ୍ପରାକୁ ବୁଝାଇଥାଏ, କାରଣ ଆଧୁନିକ ଭାଷାବିତ୍‌ମାନେ ସମସ୍ତ ଆଲୋଚନା ବେଦ, ବ୍ରାହ୍ମଣ, ନିରୁକ୍ତ, ପ୍ରାତିଶାଖ୍ୟ, ଶିକ୍ଷା, ବ୍ୟାକରଣ ଆଦି ଗ୍ରନ୍ଥମାନଙ୍କ ଅଧ୍ୟୟନପୂର୍ବକ ଆଲୋଚନା କରିଥାଆନ୍ତି । ଅର୍ଥାତ୍ ଏଥିରୁ ଜଣେ ବୁଝିପାରିବ ଯେ ଆଧୁନିକ ଭାଷାବିଜ୍ଞାନକୁ ବୈଦିକ ପରମ୍ପରା ବିଶେଷ କରି ପାଣିନୀୟ ବ୍ୟାକରଣ କେତେଦୂର ପ୍ରଭାବିତ କରି ପାରିଛି । ଏହାର ଉଦାହରଣ ସ୍ୱରୂପ ୨୦୨୪ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଜନ୍ ଜେ.ଲୋୱେଙ୍କ ପୁସ୍ତକରୁ ଜଣାପଡ଼େ । ସେ ତାଙ୍କର ପୁସ୍ତକରେ ପ୍ରଥମେ ଦୁଇ ଭାଷାବିତ୍‌ଙ୍କୁ ଉଦ୍ଧୃତ କରି ସ୍ପଷ୍ଟ କରିଛନ୍ତି । ପ୍ରଥମେ ସେ ବିଶିଷ୍ଟ ଭାଷାବିତ୍ କିପାରସ୍କି ପି.(୧୯୯୩)ଙ୍କ ଉକ୍ତିକୁ ନିମ୍ନପ୍ରକାରରେ ଉଦ୍ଧାର କରିଛନ୍ତି ।

"ପାଶ୍ଚାତ୍ୟ ବ୍ୟାକରଣ ତତ୍ତ୍ୱ ଗତ ଦୁଇ ଶତକ ଧରି ପାଣିନିଙ୍କ ବ୍ୟାକରଣ ତତ୍ତ୍ୱ ଦ୍ୱାରା ପ୍ରତ୍ୟେକ ସ୍ତରରେ ପ୍ରଭାବିତ ହୋଇଆସିଛି । ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ତୁଳନାତ୍ମକ ଅଧ୍ୟୟନ କର୍ତ୍ତାମାନେ ଏଥିରୁ 'ମର୍ଫୋଲୋଜିକାଲ୍' ବିଶ୍ଳେଷଣର ତତ୍ତ୍ୱ ଆହରଣ କରିପାରିନଥିଲେ । ବ୍ଲୁମ୍‌ଫିଲ୍ଡ ତାଙ୍କର ଆଲ୍‌ଗୋନ୍‌କ୍ୱିୟ ବ୍ୟାକରଣ ଓ ସକାରାବାଦୀ ତର୍କର ସିଦ୍ଧାନ୍ତ ଏହାରି ଆଧାରରେ ପ୍ରଣୟନ କରିଥିଲେ । ଆଧୁନିକ ଭାଷାତତ୍ତ୍ୱ ଏହାକୁ ଏଯାବତ୍ ଲେଖା ହୋଇଥିବା କୌଣସି ଭାଷାର ସମ୍ପୂର୍ଣ୍ଣ ବ୍ୟାକରଣ ଭାବରେ ସ୍ୱୀକାର କରେ ।"

ଆମେ ଆମର ଭାଷା ଓ ସାହିତ୍ୟ ଆଲୋଚନା କଲାବେଳେ ଆଧୁନିକ ଭାଷାବିତ୍‌ମାନଙ୍କର ତୁଳନାତ୍ମକ ଅଧ୍ୟୟନ ଅତ୍ୟନ୍ତ ଆବଶ୍ୟକ ବୋଲି ମନେହୁଏ । ଏହାଦ୍ୱାରା ଭାଷା ସମ୍ବନ୍ଧିତ ଆମର ସମସ୍ତ ସନ୍ଦେହ ଦୂର ହୋଇପାରିବ । ଏଠାରେ ମହାଭାଷ୍ୟକାର ଭଗବାନ ପତଞ୍ଜଳିଙ୍କ ମତ ଅନୁଧ୍ୟାନଯୋଗ୍ୟ । "ବ୍ୟାଖ୍ୟାନତୋ ବିଶେଷପ୍ରତିପତ୍ତିଃ, ନହି ସନ୍ଦେହାତ୍ ଅଲକ୍ଷଣମ୍", (ମହାଭାଷ୍ୟ ପସ୍ପଶାହ୍ନିକ,୧.୧)

ଅର୍ଥାତ୍ କୌଣସି ବିଷୟରେ ସନ୍ଦେହ ଜାତ ହେଲେ, ଅଧିକ ବ୍ୟାଖ୍ୟାନ ବା ଚର୍ଚ୍ଚା କରିବା ଆବଶ୍ୟକ, କିନ୍ତୁ ବୁଝି ନ ପାରି, ତାହାକୁ ଏଡ଼ାଇ ଦେବା ବା ଭୁଲ ବୁଝିବା ଉଚିତ ନୁହେଁ । ବିଶେଷକରି ଭର୍ତୃହରିଙ୍କ ବାକ୍ୟପଦୀୟରୁ ଉଦ୍ଧାରକରି ପ୍ରାରମ୍ଭିକ ସ୍ୱୀକାରୋକ୍ତିରେ ସୂଚାଇଛନ୍ତି– "ଅନୁପାସିତ ବୃଦ୍ଧାନାଂ ବିଦ୍ୟା ନାତିପ୍ରସୀଦତି"– ଅର୍ଥାତ୍ ବିଦ୍ୟା (ବାଗ୍‌ଦେବୀ) ତାଙ୍କ ଉପରେ

ଖୁସି ହୁଅନ୍ତି ନାହିଁ, ଯେଉଁମାନେ ଜ୍ଞାନବୃଦ୍ଧମାନଙ୍କୁ ଉପେକ୍ଷା କରିଥାଆନ୍ତି (ବାକ୍ୟପଦୀୟ, ୨.୪୮୫)।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଓ ସାହିତ୍ୟ ଚର୍ଚ୍ଚାରେ ପ୍ରାଚୀନ ବୈଦିକ ପରମ୍ପରାର ଅଧ୍ୟୟନ ଓ ବିଶ୍ଳେଷଣ କେତେଦୂର ଆବଶ୍ୟକ ତାହା ଆମେ ବୁଝିପାରିବା। ଏହି ପ୍ରବନ୍ଧରେ କେବଳ ବେଦରେ ଧ୍ୱନିବିଜ୍ଞାନ ଓ ଓଡ଼ିଆ ବର୍ଣ୍ଣମାଳାକୁ ନେଇ ତଥ୍ୟ ଉପସ୍ଥାପିତ ।

ଆଧୁନିକ ଭାଷାବିଜ୍ଞାନରେ ଏହାକୁ ଧ୍ୱନିବିଜ୍ଞାନ (ଫୋନେଟିକ୍ସ) ଭାବରେ ନାମିତ କରାଯାଇଛି। ଆଧୁନିକ ଧ୍ୱନିବିଜ୍ଞାନର ବିଷୟବସ୍ତୁ ବୈଦିକ ପ୍ରାତିଶାଖ୍ୟ ଓ ଶିକ୍ଷା ଗ୍ରନ୍ଥମାନଙ୍କରେ ବିଶେଷ ଭାବରେ ଆଲୋଚିତ । ଏଥିରେ ଧ୍ୱନିମାନଙ୍କର ସ୍ଥାନ, ଉଚ୍ଚାରଣ ଓ ବିଭାଜନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ୍ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ଶୁଦ୍ଧ ଉଚ୍ଚାରଣ ହିଁ ଏହାର ମୂଳଲକ୍ଷ୍ୟ । ବେଦଭାଷ୍ୟକାର ସାୟଣାଚାର୍ଯ୍ୟ ଋଗ୍‌ବେଦ ଭାଷ୍ୟଭୂମିକାରେ ଉଲ୍ଲେଖକରି ନିର୍ଦ୍ଦେଶ ଦେଇଛନ୍ତି ଯେ– "ବର୍ଣ୍ଣ-ସ୍ୱରାଦି-ଉଚ୍ଚାରଣ ପ୍ରକାରାଃ ଯତ୍ର ଉପଦିଶ୍ୟନ୍ତେ ସା ଶିକ୍ଷା"। ଏଥିରେ ସ୍ୱର କହିଲେ ଉଦାତ୍ତ, ଅନୁଦାତ୍ତ ଏବଂ ସ୍ୱରିତକୁ ବୁଝାଇଥାଏ। ତୈତ୍ତିରୀୟ ଉପନିଷଦରେ ଶିକ୍ଷାର ଛଅଟି ଅଙ୍ଗ ଥିବାର ପ୍ରମାଣ ମିଳେ।

**ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ସ୍ୱର ବର୍ଣ୍ଣ ଉପରେ ନିର୍ଭର କରେ, କାରଣ ସ୍ୱର ବିନା ବ୍ୟଞ୍ଜନ ଉଚ୍ଚାରିତ ହେବା ସମ୍ଭବପର ନୁହେଁ।**

ତୈତ୍ତିରୀୟ ଉପନିଷଦ୍ (୧.୨)ରୁ ଆମ୍ଭେ ଜାଣିବାକୁ ପାଉ ଯେ ସେହି ସମୟରେ ଶିକ୍ଷାଗ୍ରନ୍ଥମାନଙ୍କର ଅଧ୍ୟୟନ ପ୍ରଚଳିତ ଥିଲା। ସେଥିରେ ଯାହା ଆଲୋଚନା କରାଯାଉଥିଲା ତାହା ଆମର ବର୍ଣ୍ଣଜ୍ଞାନ ଓ ବିଚାର ଉପରେ ଆଧାରିତ। ସେଥିରେ ନିମ୍ନୋକ୍ତ ବିଷୟ ଉପରେ ପଠନପାଠନ ହେଉଥିଲା ।

୧. ବର୍ଣ୍ଣ (ସାଉଣ୍ଡ), ୨. ସ୍ୱର (ଏକ୍‌ସେଣ୍ଟ), ୩. ମାତ୍ରା (ୟୁନିଟ୍ ଅଫ୍ ଲେଙ୍ଗ୍‌ଥ୍) ୪. ବଳ (ଷ୍ଟ୍ରେସ୍) ୫. ସାମନ୍ (ଟେମ୍ପୋ) ଏବଂ ୬. ରୂପାନ୍ତର (ମରଫୋନମିକ୍‌ସ୍) ।

ଉଦ୍ଧୃତାଂଶ ଯଥା- (ଶିକ୍ଷାଂ ବ୍ୟାଖ୍ୟାସ୍ୟାମଃ– ବର୍ଣ୍ଣଃ, ସ୍ୱରଃ, ମାତ୍ରା, ବଳଂ, ସାମ, ସନ୍ତାନଃ : ତୈତ୍ତିରୀୟ ଉପନିଷଦ୍ ୧.୨)।

ଅକ୍ଷରକୁ ବର୍ଣ୍ଣକୁହାଯାଏ।

(ବାଜସନେୟପ୍ରାତିଶାଖ୍ୟ ୯୯-୧୦୦)

ସ୍ୱରୋଃକ୍ଷରମ୍ ସହାଦ୍ୟୈଃ ବ୍ୟଞ୍ଜନୈଃ।

ପୁନଃ ବ୍ୟଞ୍ଜନାନାଂ ସ୍ୱରାଙ୍ଗମ୍ (ତୈତ୍ତିରୀୟ ପ୍ରାତିଶାଖ୍ୟ)

ସ୍ୱର ଓ ବ୍ୟଞ୍ଜନ ମଧ୍ୟରେ ପାର୍ଥକ୍ୟ–

୧. ସ୍ୱରୋଃକ୍ଷରମ୍

୨. ସ ବ୍ୟଞ୍ଜନଃ ଶୁଦ୍ଧୋ ବାପି ସ୍ୱରୋଃକ୍ଷରମ୍

୩. ସ୍ୱରୋଃକ୍ଷରମ୍–ସହାଦ୍ୟୈଃ ବ୍ୟଞ୍ଜନୈଃ ଉତ୍ତରୈଃ ଚାବଶିତୈଃ (ଏ ସିଲାବଲ୍ ଇଜ୍ କମ୍ପୋଜଡ୍ ଅଫ୍ ଏ ଭାଓ୍ୱେଲ, ଟୁଗେଦର ୱିଥ୍ ଇନିସିଆଲ କନ୍‌ସୋନାଣ୍ଟସ୍ ଏଣ୍ଡ ଇନ୍ ପଜ୍, ଦି ଫଲୋଇଙ୍ଗ୍ କନ୍‌ସୋନାଣ୍ଟ)

୪. ବ୍ୟଞ୍ଜନଂ ସ୍ୱରାଧୀନମ୍- ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ସ୍ୱର ବର୍ଣ୍ଣ ଉପରେ ନିର୍ଭର କରେ, କାରଣ ସ୍ୱର ବିନା ବ୍ୟଞ୍ଜନ ଉଚ୍ଚାରିତ ହେବା ସମ୍ଭବପର ନୁହେଁ। (ଏ କନସୋନାଣ୍ଟ ଇଜ୍ ସବ୍-ଅର୍ଡିନେଟ୍ ଟୁ ଏ ଭାଓ୍ୱେଲ ।)

ତ୍ରିଭାଷ୍ୟରନ୍ (ତୈ. ପ୍ରା. ଟୀକା) ଅନୁସାରେ–

"ବ୍ୟଞ୍ଜନଂ କେବଳମ୍ ଅବସ୍ଥାତୁଂ ନ ଶକ୍ନୋତି। କିନ୍ତୁ ସାପେକ୍ଷମ୍, ସ୍ୱରସ୍ତୁ ନିରପେକ୍ଷଃ। ଅର୍ଥାତ୍ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ଉଚ୍ଚାରିତ ହେବା ପାଇଁ ସ୍ୱର ଉପରେ ନିର୍ଭର କରନ୍ତି (ସାପେକ୍ଷମ୍), ମାତ୍ର ସ୍ୱର ବର୍ଣ୍ଣଗୁଡ଼ିକ ଉଚ୍ଚାରଣ ପାଇଁ କାହା ଉପରେ ନିର୍ଭର କରନ୍ତି ନାହିଁ (ନିରପେକ୍ଷଃ)।

ପତଞ୍ଜଳିଙ୍କ ମତରେ–ଅକ୍ଷର ଓ ସ୍ୱର ପରସ୍ପର ଅଭିନ୍ନ।

**ଅକ୍ଷର ଶବ୍ଦର ବ୍ୟୁତ୍ପତ୍ତି**

ନ କ୍ଷରତି ଇତି ଅକ୍ଷରମ୍–ଯାହା ନାଶ ହୁଏନାହିଁ (ଇମ୍‌ପେରିସେବଲ୍) (ଅକ୍ଷରଂ ନ କ୍ଷରଂ ବିଦ୍ୟାତ୍–ନ କ୍ଷୀୟତେ ନ କ୍ଷରତି ଇତି ବା ଅକ୍ଷରମ୍ - ମହାଭାଷ୍ୟ୧.୧.୨)। ସେ ମଧ୍ୟ କହିଛନ୍ତି-ସ୍ୱୟମ୍ ରାଜତେ ଇତି ସ୍ୱରାଃ ।

ତୈତ୍ତିରୀୟପ୍ରାତିଶାଖ୍ୟ–ନ କ୍ଷରନ୍ତି ଇତି ଅକ୍ଷରାଣି : କ୍ଷରଣଂ ଅନ୍ୟାଙ୍ଗତୟା ଚଳନମ୍। ତଦ୍ ଅଭାବାତ୍ ସର୍ବେଷୁ ଅକ୍ଷରଶବ୍ଦଃ ବର୍ତ୍ତତେ।

**ତୈତ୍ତିରୀୟ ପ୍ରାତିଶାଖ୍ୟରେ ବର୍ଣ୍ଣବିଚାର**

୧।୧–ଅଥ ବର୍ଣ୍ଣସମାମ୍ନାୟଃ–ଏବେ ବର୍ଣ୍ଣମାନଙ୍କର

ଗଣନା କରାଯାଉଛି।

୧।୨–ଅଥ ନବାଦିତଃ ସମାନାକ୍ଷରାଣି - ପ୍ରଥମରୁ ନଅଗୋଟି ବର୍ଣ୍ଣ ସମାନ ଅକ୍ଷର ବା ସବର୍ଣ୍ଣ। ଏଠାରେ ନଅଗୋଟି ବର୍ଣ୍ଣ କହିଲେ ଅ, ଇ, ଉ, ଋ, ଌ, ଏ, ଐ, ଓ, ଔକୁ ବୁଝାଉଛି।

୧।୫–ଷୋଡଶାଦିତଃ ସ୍ୱରାଃ। ପ୍ରଥମରୁ ଷୋହଳଟି ବର୍ଣ୍ଣ ସ୍ୱରବର୍ଣ୍ଣ ଭାବରେ ପରିଚିତ।

୧।୬–ଶେଷୋ ବ୍ୟଞ୍ଜନାନି। ଅନ୍ୟ ସମସ୍ତ ବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣ ଭାବରେ ପରିଚିତ।

୧।୭– ଆଦ୍ୟାଃ ପଞ୍ଚବିଂଶତି ସ୍ପର୍ଶାଃ। ପ୍ରଥମ ପଚିଶଗୋଟି ବ୍ୟଞ୍ଜନବର୍ଣ୍ଣକୁ (କ ଠାରୁ ମ ପର୍ଯ୍ୟନ୍ତ) ସ୍ପର୍ଶବର୍ଣ୍ଣ କୁହାଯାଏ ।

**ପାଣିନୀୟ ଶିକ୍ଷା**

ସମସ୍ତ ଶିକ୍ଷାଗ୍ରନ୍ଥମାନଙ୍କ ମଧ୍ୟରେ ପାଣିନୀୟଶିକ୍ଷା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାକୁ ମଧ୍ୟ ବେଦାଙ୍ଗଶିକ୍ଷା ବୋଲି ଗ୍ରହଣ କରାଯାଇଛି; କାରଣ ଏହା ଲୌକିକ ତଥା ବୈଦିକ ଭାଷାର ଉଚ୍ଚାରଣ ବିଧି ସହ ସାଧୁ ଶବ୍ଦ ବା ଶୁଦ୍ଧ ଶବ୍ଦ ପ୍ରୟୋଗ ନିମିତ୍ତ ଅଭିପ୍ରେତ।

**ସାଧୁ ଉଚ୍ଚାରଣ ବିନା ଶବ୍ଦାର୍ଥବୋଧ ହେବା ସମ୍ଭବପର ନୁହେଁ। ତେଣୁ ଶୁଦ୍ଧ ଶବ୍ଦ ବ୍ୟବହାର, ଶୁଦ୍ଧ ଶବ୍ଦ ଉଚ୍ଚାରଣ ଏକାନ୍ତ ଆବଶ୍ୟକ।**

ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହିକି-ପାଣିନି ଅଷ୍ଟାଧ୍ୟାୟୀ ଗ୍ରନ୍ଥ ରଚନା କରିବା ପୂର୍ବରୁ / ପରେ ଏହି ଶିକ୍ଷାଗ୍ରନ୍ଥ ସବୁ ରଚିତ ହୋଇଥିବାର ସୂଚନା ମିଳେ। ନିମ୍ନଲିଖିତ ଶ୍ଲୋକରୁ ପ୍ରମାଣିତ ଯେ, ଲୌକିକ ତଥା ବୈଦିକ ଶବ୍ଦମାନଙ୍କର ଶୁଦ୍ଧ ଉଚ୍ଚାରଣ ତଥା ପ୍ରୟୋଗ ଅତ୍ୟନ୍ତ ଆବଶ୍ୟକ ଥିଲା। ସେଥିପାଇଁ ଶିକ୍ଷାଗ୍ରନ୍ଥର ରଚନା ତଥା ଅଧ୍ୟୟନ ହେଉଥିଲା।

ପ୍ରସିଦ୍ଧମ୍ ଅପି ଶବ୍ଦାର୍ଥମ୍ ଅବିଜ୍ଞାତମ୍ ଅବୁଦ୍ଧିଭିଃ।

ପୁନର୍ବ୍ୟକ୍ତଂ କରିଷ୍ୟାମି ବାଚଃ ଉଚ୍ଚାରଣେ ବିଧିମ୍।। (ପା. ଶି. ୩.୩)

ଅର୍ଥାତ୍ ଯଦ୍ୟପି ଶବ୍ଦାର୍ଥ ପ୍ରସିଦ୍ଧ ତଥାପି କେତେକ ସ୍ୱଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତିବିଶେଷ ଏହି ବିଷୟରେ ଅବଗତ ନ ହେବାରୁ ମୁଁ ବାଚଃ–ଶବ୍ଦ ଉଚ୍ଚାରଣ ନିୟମକୁ ଆଉଥରେ ଆଲୋଚନା କରିବାକୁ ଯାଉଛି।

କେତେକ ଅବାନ୍ତର ଯୁକ୍ତିରୁ ଶବ୍ଦଗୁଡ଼ିକର ଉଚ୍ଚାରଣ ଶୈଳୀକୁ ସୁରକ୍ଷିତ ରଖିବା ଥିଲା ତାଙ୍କର ଉଦ୍ଦେଶ୍ୟ। ଏହା ସମସ୍ତ ଶାସ୍ତ୍ର ପ୍ରମାଣପୂର୍ବକ ଉପସ୍ଥାପନା କରିଛନ୍ତି।

ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ପାଣିନି ଲୋକବ୍ୟବହାରକୁ ଆଧାରକରି ବ୍ୟାକରଣ ରଚନା କରିଛନ୍ତି। ଏଣୁ ଶବ୍ଦାର୍ଥ ଜ୍ଞାନ ଲୋକ ପ୍ରସିଦ୍ଧ ଭାବରେ ସ୍ୱୀକୃତ। ସାଧୁ ଉଚ୍ଚାରଣ ବିନା ଶବ୍ଦାର୍ଥବୋଧ ହେବା ସମ୍ଭବପର ନୁହେଁ। ତେଣୁ ଶୁଦ୍ଧ ଶବ୍ଦ ବ୍ୟବହାର, ଶୁଦ୍ଧ ଶବ୍ଦ ଉଚ୍ଚାରଣ ଏକାନ୍ତ ଆବଶ୍ୟକ। ଶିକ୍ଷାଶାସ୍ତ୍ର ଅଧ୍ୟୟନ କରି ଜଣେ ଶିକ୍ଷକ ଆଚାର୍ଯ୍ୟପଦ ପ୍ରାପ୍ତି ଲାଭ କରିପାରୁଥିଲେ ବୋଲି ଋକ୍‌ପ୍ରାତିଶାଖ୍ୟ (୧।୮)ରେ ଉଲ୍ଲିଖିତ ହୋଇଛି।

ପଦକ୍ରମବିଭାଗଜ୍ଞୋ ବର୍ଣ୍ଣକ୍ରମବିଚକ୍ଷଣଃ।

ସ୍ୱରମାତ୍ରା ବିଶେଷଜ୍ଞୋ ଗଚ୍ଛେତ୍ ଆଚାର୍ଯ୍ୟସମ୍ପଦମ୍।।

ଅର୍ଥାତ ଜଣେ ଶିକ୍ଷାବିତ୍ ବା ଶିକ୍ଷାଶାସ୍ତ୍ରବିତ୍ ହିଁ ଆଚାର୍ଯ୍ୟପଦ ଲାଭ କରିବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଥାଆନ୍ତି।

**ବର୍ଣ୍ଣମାନଙ୍କର ସଂଖ୍ୟା**

ଲୌକିକ ତଥା ବୈଦିକ ଦୃଷ୍ଟିକୋଣରୁ ବର୍ଣ୍ଣମାନଙ୍କର ସଂଖ୍ୟା ବିଷୟରେ ସୂଚନା ଦେବାକୁ ଯାଇ ପାଣିନି ଉଲ୍ଲେଖ କରିଛନ୍ତି–

ତ୍ରିଷଷ୍ଟିଃ ଚତୁଷଷ୍ଟିଃ ବର୍ଣ୍ଣାଃ ଶମ୍ଭୁମତେ ମତାଃ।

ପ୍ରାକୃତେ ସଂସ୍କୃତେ ଚାପି ସ୍ୱୟଂ ପ୍ରୋକ୍ତାଃ ସ୍ୱୟଂଭୁବାଃ।। (ପା. ଶି. ୩.୩)

ଏଠାରେ ଶବ୍ଦମାନଙ୍କ ସଂଖ୍ୟା ନିର୍ଦ୍ଧାରଣ ପୂର୍ବକ ଶବ୍ଦ ବା ବର୍ଣ୍ଣମାନଙ୍କର ପ୍ରବକ୍ତା ଯେ ସ୍ୱୟଂବ୍ରହ୍ମା ଏବଂ ତାହା ଶିବଙ୍କର ଅନୁମୋଦନ କ୍ରମେ ହିଁ ନିର୍ଦ୍ଧାରିତ ହୋଇଅଛି। ଏହି ସଂକ୍ରାନ୍ତରେ ଉଦାହରଣ ଦେବାକୁ ଯାଇ ସେ ପୁନଃ ଉଲ୍ଲେଖ କରିଛନ୍ତି–

ସ୍ୱରାଃ ବିଂଶତିଃ ଏକଶ୍ଚ, ସ୍ପର୍ଶାନାଂ ପଞ୍ଚବିଂଶତିଃ।

ଯାଦୟଶ୍ଚ ସ୍ମୃତାଃ ହ୍ୟଷ୍ଟୌ, ଚତ୍ୱାରଶ୍ଚ ଯମାଃ ସ୍ମୃତାଃ।। (ପା. ଶି. ୩.୩-୪)

ଅନୁସ୍ୱାର-ବିସର୍ଗଶ୍ଚ କପୌ ଚାପି ପରାଶ୍ରିତୌ।

ଦୁସ୍ପୃଷ୍ଟଶ୍ଚେତି ବିଜ୍ଞେୟୋ ଌକାରଃ ପ୍ଲୁତ ଏବ ଚ।। ପା. ଶି. ୮)

ସ୍ୱର ସଂଖ୍ୟା- ଏକ ବିଂଶତି -୨୧

(କ).ଅ,ଇ,ଉ,ଋ ଏମାନେ ହ୍ରସ୍ୱଦୀର୍ଘପ୍ଳୁତ ଭେଦରେ -୧୨.

(ଖ).ଌକାରଃ କେବଳ ହ୍ରସ୍ୱ -୧.

(ଗ).ଏ,ଐ,ଓ,ଔ ଚାରୋଟି ବର୍ଣ୍ଣ ଦୀର୍ଘ ତଥା ପ୍ଳୁତ ଭେଦରେ -୮.

**ସ୍ପର୍ଶ ବା ବ୍ୟଞ୍ଜନ ବର୍ଣ୍ଣ**

ସ୍ପର୍ଶବର୍ଣ୍ଣ ପଞ୍ଚବିଂଶତି - କ,ଚ,ଟ, ତ, ପ ଆଦି ବର୍ଗୀୟ ଅକ୍ଷର (୫X୫) ୨୫.


ଯାଦୟଃ ଅଷ୍ଟୌ – ଯକାରାଦି - ୟ, ର, ଲ, ବ, ଶ, ଷ, ସ, ହ – ୮ ଅବର୍ଗୀୟ

ଯମବର୍ଣ୍ଣଚତ୍ୱାରଃ - ପ୍ରଥମ ବର୍ଗର ପ୍ରଥମ ଚାରୋଟି ବର୍ଣ୍ଣ (କ, ଖ, ଗ, ଘ) ସହିତ ପଞ୍ଚମ ବର୍ଣ୍ଣ ମିଶିଲେ ଯମବର୍ଣ୍ଣ ଉଚ୍ଚାରିତ ହୋଇଥାଏ। ମାତ୍ର ଏହା କେବଳ ବୈଦିକ ପ୍ରୟୋଗରେ ଦେଖାଯାଏ।

ଅନୁସ୍ୱାର ତଥା ବିସର୍ଗ ପରାଶ୍ରିତ ଏବଂ କ,ପ ମଧ୍ୟ, ଯାହାକୁ ଉପପଧ୍ମାନୀୟ କୁହାଯାଏ, ମାତ୍ର ଏହା ମଧ୍ୟ ବୈଦିକ ପ୍ରୟୋଗରେ ଦେଖିବାକୁ ମିଳେ।

ଳ-ଅକ୍ଷରଟି ଦୁସ୍ପୃଷ୍ଟ।

ଏହି ନିୟମ ଋଗ୍‌ବେଦ ପ୍ରାତିଶାଖ୍ୟରେ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିପାଦନ କରାଯାଇଛି।




**ବର୍ଣ୍ଣୋଚ୍ଚାରଣ ପ୍ରକ୍ରିୟା**

ଆମର ବର୍ଣ୍ଣ ଉଚ୍ଚାରଣରେ ସାଧାରଣତଃ କ୍ରମଶଃ ଅନ୍ତଃସ୍ଥ ଉଚ୍ଚାରଣ ସ୍ଥାନରୁ ସମ୍ଭବ ହୋଇଥାଏ, ମାତ୍ର ତାହା ସ୍ୱତଃଭାବରେ ହୋଇଥାଏ। ବର୍ଣ୍ଣ ଉଚ୍ଚାରଣ ନିମିତ୍ତ ମନ ଓ ବୁଦ୍ଧିର ଉପଯୋଗ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଭାରତୀୟ ଜ୍ଞାନପରମ୍ପରାରେ ବର୍ଣ୍ଣୋଚ୍ଚାରଣ ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପାଣିନୀୟ ଶିକ୍ଷାରେ ପ୍ରଥମତଃ ପରିଲକ୍ଷିତ ହୋଇଛି–

ଆତ୍ମା ବୁଦ୍ଧ୍ୟା ସମେତ୍ୟାର୍ଥାନ୍ ମନୋ ଯୁଂକ୍ତେ ବିବକ୍ଷୟା।

ମନଃ କାୟାଗ୍ନିମାହନ୍ତି ସ ପ୍ରେରୟତି ମାରୁତମ୍।।

ମାରୁତସ୍ତୁ ଉରସି ଚରନ୍ ମନ୍ଦ୍ରଂ ଜନୟତି ସ୍ୱରମ୍।(ପା. ଶି.୧. ୩-୪)

ଏଠାରେ ଲକ୍ଷ୍ୟ କରିବାର ବିଷୟ–ବର୍ଣ୍ଣ ଉଚ୍ଚାରଣ ସହସା ବା ହଠାତ୍ ହୋଇନଥାଏ । ଏହା କ୍ରମଶଃ ଉଚ୍ଚାରିତ ହୋଇଥାଏ। ଏହା ସାମାଜିକ ବ୍ୟବସ୍ଥା ସହିତ ଆନ୍ତରିକ ଇଚ୍ଛା, ମନ, ବୁଦ୍ଧି ଓ ଆତ୍ମାର ସଂଯୋଗରେ ସମ୍ଭବ ହୋଇପାରେ। ଏହି ପ୍ରୟାସ ବା ପ୍ରକ୍ରିୟା ଦ୍ୱାରା ସମୁଚିତ ଶବ୍ଦ ଉଚ୍ଚାରଣ ମାଧ୍ୟମରେ ସମୁଚିତ ଅର୍ଥ ପରିପ୍ରକାଶ କରିବା ସମ୍ଭବପର ହୋଇପାରେ।

ଉକ୍ତ ଶ୍ଳୋକରେ ଆତ୍ମାକୁ କର୍ତ୍ତା ଭାବରେ ଗ୍ରହଣ କରାଯାଇଛି। ଆତ୍ମା ବା କର୍ତ୍ତା ପ୍ରଥମେ ବୁଦ୍ଧି ସାହାଯ୍ୟରେ ଅର୍ଥ ବିଚାରକରି ମନ ସହିତ ସଂଯୁକ୍ତ ହେଲେ କହିବାର ଇଚ୍ଛା ଉଦ୍ରେକ ହୁଏ। ଏହି ଇଚ୍ଛାଶକ୍ତି ବଳରେ ମନ ପ୍ରଥମେ ଶରୀରସ୍ଥ ଅଗ୍ନି (ତେଜ)କୁ ଉତ୍ତେଜିତକରେ, ଯାହାଦ୍ୱାରା ପ୍ରାଣବାୟୁ ଉପରକୁ ଉଠେ ଏବଂ କ୍ରମଶଃ ତାହା ଉର (ହୃଦୟ) ସ୍ଥଳରେ ମନ୍ଦ ମନ୍ଦ ସ୍ୱର ସୃଷ୍ଟି କରେ।

ଏହି ପ୍ରକ୍ରିୟା ଅର୍ଥାତ ବର୍ଣ୍ଣୋଚ୍ଚାରଣ ପ୍ରକ୍ରିୟା ଅଧିକ ସ୍ପଷ୍ଟ ଭାବରେ ଦାର୍ଶନିକ ବୈୟାକରଣ ଭର୍ତ୍ତୃହରିଙ୍କ ଦ୍ୱାରା ବାକ୍ୟପଦୀୟରେ ଉପସ୍ଥାପିତ ହୋଇଛି–

ନାଦସ୍ୟ କ୍ରମଜନ୍ମତ୍ୱାତ୍ ନ ପୂର୍ବୋ ନ ପରଶ୍ଚ ସଃ।

ଅକ୍ରମଃ କ୍ରମରୂପେଣ ଭେଦବାନ୍ ଇବ ଜାୟତେ।। (ବା.ପ. - ୧।୪୮)

ପୁନଶ୍ଚ

ଆଣ୍ଡଭାବମ୍ ଇବାପନ୍ନୋ ଯଃ କ୍ରତୁଃ ଶବ୍ଦସଂଜ୍ଞକଃ।

ବୃତ୍ତିସ୍ତସ୍ୟ କ୍ରିୟାରୂପା ଭାଗଶୋ ଭଜତେ କ୍ରମମ୍।। (ବା.ପ. - ୧।୫୧)

**ବର୍ଣ୍ଣମାନଙ୍କର ବିଭାଗକ୍ରମ**

ପାଣିନିଙ୍କ ଅନୁଯାୟୀ ବର୍ଣ୍ଣମାନଙ୍କ ବିଭାଗ ୫ ପ୍ରକାର। ଏହି ପାଞ୍ଚ ପ୍ରକାର ପାଞ୍ଚୋଟି କାରଣରୁ ସମ୍ଭବ। ଯଥା - ସ୍ୱର, କାଳ, ସ୍ଥାନ, ଆଭ୍ୟନ୍ତର ପ୍ରୟତ୍ନ ଏବଂ ବାହ୍ୟପ୍ରୟତ୍ନ। ଏହାକୁ

ବର୍ଣ୍ଣବିଦ୍‌ମାନେ ବା ପ୍ରାତିଶାଖ୍ୟକାରମାନେ ଅଧିକ ସ୍ପଷ୍ଟକରି ବୁଝାଇ ଦେଇଛନ୍ତି।

ସ୍ୱର କହିଲେ କେବଳ ବୈଦିକ ସ୍ୱର - ଉଦାତ୍ତ (ଯାହା ଉଚ୍ଚ ସ୍ୱରରେ ଉଚ୍ଚାରିତ), ଅନୁଦାତ୍ତ (ଯାହା ନୀଚ ବା କ୍ଷୀଣ ସ୍ୱରରେ ଉଚ୍ଚାରିତ), ସ୍ୱରିତ (ଯାହା ଉଚ୍ଚ ତଥା ନୀଚ ସ୍ୱର ମିଶ୍ରଣରେ ଉଚ୍ଚାରିତ)ମାନଙ୍କୁ ବୁଝାଏ ।

କାଳ ଅନୁସାରେ ସ୍ୱରମାନଙ୍କର ତିନିପ୍ରକାର ଭେଦ ପରିଲକ୍ଷିତ–ହ୍ରସ୍ୱ (ସର୍ଟ୍), ଦୀର୍ଘ (ଲଙ୍ଗ୍) ଓ ପ୍ଲୁତ (ପ୍ରୋଲେଟେଡ୍) । ସ୍ୱର ବର୍ଣ୍ଣମାନଙ୍କର ଉଚ୍ଚାରଣ ଅବଧି ବା ସମୟକୁ ନେଇ ଏହିପରି ତିନି ଭାଗରେ ବିଭକ୍ତ କରାଯାଇଛି। ପକ୍ଷୀମାନଙ୍କର ରାବର ସମୟକୁ ଦୃଷ୍ଟିରେ ରଖି ଏହି ବିଭାଗ କରାଯାଇଛି।

ଚାଷସ୍ତୁ ବଦତେ ମାତ୍ରାଂ, ଦ୍ୱିମାତ୍ରାଂ ବାୟସୋଽବ୍ରବୀତ୍ ।
ଶିଖୀ ତ୍ରିମାତ୍ରୋ ବିଜ୍ଞେୟଏଷ ମାତ୍ରା ପରିଗ୍ରହଃ ।। (ଋକ୍ ପ୍ରାତିଶାଖ୍ୟ,୧୩.୫୦.)

ଅର୍ଥାତ ମାତ୍ରାର ବ୍ୟବସ୍ଥା ତିନିପ୍ରକାରର ବୋଲି ପକ୍ଷୀମାନଙ୍କର ରାବକୁ ଅନୁକରଣକରି କରାଯାଇଛି। ପ୍ରଥମେ ନୀଳକଣ୍ଠ ପକ୍ଷୀ (ଚାଷ) ରାବ ଏକମାତ୍ରା ବିଶିଷ୍ଟ, କୁଆର ରାବ ଦୁଇ ମାତ୍ରା ବିଶିଷ୍ଟ, ଏବଂ ମୟୂର (ଶିଖୀ)ର ରାବ ତିନି ମାତ୍ରା ବିଶିଷ୍ଟ ।

**ସ୍ୱରବର୍ଣ୍ଣ ଉଚ୍ଚାରିତ ହେବା ନିମିତ୍ତ ମୁଖଗହ୍ୱର ମଧ୍ୟରେ କୌଣସି ଅଙ୍ଗ ସ୍ପର୍ଶ ନ ହୋଇ ନାଦଟି ବାହାରେ।**

ସ୍ୱରତଃ କାଳତଃ ସ୍ଥାନାତ୍ ପ୍ରଯତ୍ନାନୁପ୍ରଦାନତଃ।
ଇତି ବର୍ଣ୍ଣବିଦଃ ପ୍ରାହୁର୍ନିପୁଣଂ ତନ୍ନିବୋଧତ ।।
ଉଦାତ୍ତଶ୍ଚାନୁଦାତ୍ତଶ୍ଚ ସ୍ୱରିତଶ୍ଚସ୍ୱରାଦୟ: ।
ହ୍ରସ୍ୱୋ ଦୀର୍ଘଃ ପ୍ଲୁତ ଇତି କାଳତୋ ନିୟମା ଅଚି।। ପା.ଶି. ୨.୮-୯ ।।

**ବର୍ଣ୍ଣ ଉଚ୍ଚାରଣ ସ୍ଥାନ**

ଅଷ୍ଟୌ ସ୍ଥାନାନି ବର୍ଣ୍ଣାନାମ୍ ଉରଃ କଣ୍ଠଃ ଶିରସ୍ତଥା।
ଜିହ୍ୱାମୂଳଂ ଚ ଦନ୍ତାଃ ଚ ନାସିକୋଷ୍ଠୌ ଚ ତାଳୁ ଚ।। ପା.ଶି. ୨.୧୦।।

ବର୍ଣ୍ଣ ଉଚ୍ଚାରଣ କରିବାର ସ୍ଥାନ ଆଠ ପ୍ରକାର –୧. ଉରସ୍ (ହୃଦୟ), ୨. କଣ୍ଠ, ୩. ଶିର, ୪. ଜିହ୍ୱାମୂଳ, ୫.ଦନ୍ତ, ୬. ନାସିକା, ୭. ଓଠ (ଦୁଇଟି ଯାକ) ଓ ୮. ତାଳୁ (ମୁଖମଧ୍ୟସ୍ଥ)।

ଯେଉଁଠାରେ ବର୍ଣ୍ଣ ଉଚ୍ଚାରିତ ହୁଅନ୍ତି ତାହାକୁ ସ୍ଥାନ (ପାସିଭ୍ ଆର୍ଟିକୁଲେଟରର୍ସ୍), କୁହାଯାଏ, (ଯତ୍ର ସ୍ଥାନେ ବର୍ଣ୍ଣାଃ ଉଚ୍ଚାର୍ଯ୍ୟନ୍ତେ ତତ୍ ସ୍ଥାନମ୍), ମାତ୍ର ଯାହା ସହାୟତାରେ ଉଚ୍ଚାରିତ ହୁଅନ୍ତି ତାହାକୁ କରଣ (ଇନଷ୍ଟ୍ରୁମେଣ୍ଟ)ବୋଲି କୁହାଯାଏ (ଯେନ ନିବର୍ତ୍ତ୍ୟନ୍ତେ ତତ୍ କରଣମ୍), - ଯଥା ଜିହ୍ୱା ଓ ଓଷ୍ଠ (ଆକ୍ଟିଭ୍ ଆର୍ଟିକୁଲେଟର୍ସ୍) ଉଭୟକୁ ବୁଝାଇଥାଏ।

ଆଧୁନିକ ଧ୍ୱନିବିଜ୍ଞାନରେ ଯେପରି ଜିହ୍ୱାକୁ ଚାରି ଭାଗରେ ବିଭକ୍ତ କରାଯାଇଛି, ଠିକ୍ ସେହିପରି ପାଣିନିଙ୍କ ମତରେ (ପା.ଶି.୨. ୩-୮) ଜିହ୍ୱାର ଚାରି ଭାଗରୁ ଚାରିପ୍ରକାର ବ୍ୟଞ୍ଜନ ବା ସ୍ୱର ବର୍ଣ୍ଣ ଉଚ୍ଚାରିତ ହୋଇଥାଆନ୍ତି ।

ଜିହ୍ୱାମୂଳେନ କଣ୍ଠ୍ୟାନାମ୍ (ଗଟରାଲ / ଭେଲାର୍),
ଜିହ୍ୱାମଧ୍ୟେନ ତାଲବ୍ୟାନାମ୍ (ପାଲାଟାଲ୍),
ଜିହ୍ୱୋପାଗ୍ରେଣ ମୂର୍ଦ୍ଧନ୍ୟାନାମ୍ (ସେରେବ୍ରାଲ୍),
ଜିହ୍ୱାଗ୍ରାଧଃକରଣମ୍ ବା ଜିହ୍ୱାଗ୍ରେଣ ଦନ୍ତ୍ୟାନାମ୍ (ଡେଣ୍ଟାଲ୍)
ଶେଷାଃ ସ୍ୱସ୍ଥାନକରଣାଃ।

**ପ୍ରଯତ୍ନ**

ପ୍ରଯତ୍ନ (ମ୍ୟାନର ଅଫ୍ ଆର୍ଟିକୁଲେସନ୍) ଦୁଇ ପ୍ରକାର। ଆଭ୍ୟନ୍ତର ପ୍ରଯତ୍ନ ଓ ବାହ୍ୟ ପ୍ରଯତ୍ନ। ଉଚ୍ଚାରଣ ପୂର୍ବରୁ କରୁଥିବା ପ୍ରଯତ୍ନ ଅର୍ଥାତ ଜିହ୍ୱାକୁ ଯେଉଁ ସ୍ଥାନରେ ସ୍ପର୍ଶକରି ଯେଉଁ ଶବ୍ଦ ଉଚ୍ଚାରଣ କରିହେବ ତାହାକୁ ଆଭ୍ୟନ୍ତର ପ୍ରଯତ୍ନ କୁହାଯାଏ। ଏହି ଆଭ୍ୟନ୍ତର ପ୍ରଯତ୍ନ ଦ୍ୱାରା ମୁଖର ସେହି ସ୍ଥାନକୁ ବାୟୁକୁ ପଠାଯାଏ ଏବଂ ତାହାଦ୍ୱାରା ବର୍ଣ୍ଣ ଉଚ୍ଚାରିତ ହୋଇପାରେ। ମୁଖ ଉଚ୍ଚାରଣ ସହିତ କରୁଥିବା ପ୍ରଯତ୍ନକୁ ବାହ୍ୟ ପ୍ରଯତ୍ନ କୁହାଯାଏ। ଏଥିରେ ସଂବୃତ, ବିବୃତ ଏବଂ ଘୋଷ ବା ନାଦ ରହିଛି। ମୁଖ ଗହ୍ୱର ମଧ୍ୟରେ ଦୁଇଟି ଭାଗ ସଂଯୋଜିତ ହେଲେ ଶବ୍ଦରୁ ନାଦ ବା ଘୋଷ ଜାତହୁଏ ଯଥା- ବ୍ୟଞ୍ଜନ ବର୍ଣ୍ଣ (ସ୍ପର୍ଶ ବା ଷ୍ଟପ୍‌ସ୍)। ମାତ୍ର ସ୍ୱରବର୍ଣ୍ଣ ଉଚ୍ଚାରିତ ହେବା ନିମିତ୍ତ ମୁଖଗହ୍ୱର ମଧ୍ୟରେ କୌଣସି ଅଙ୍ଗ ସ୍ପର୍ଶ ନ ହୋଇ ନାଦଟି ବାହାରେ। ସେହି ନାଦ ବିବୃତ। ଯଥା-ସ୍ୱରବର୍ଣ୍ଣ।

ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥଳକୁ ଦୃଷ୍ଟିରେ ରଖି ମହର୍ଷି ପାଣିନି ମତ ଦେଇଛନ୍ତି–

ଅଚୋଽସ୍ପୃଷ୍ଟାଃ ଯଣସ୍ତ୍ୱ ଈଷନ୍ନେମସ୍ପୃଷ୍ଟାଃ ଶଲଃ ସ୍ମୃତାଃ । ଶେଷାଃ ସ୍ପୃଷ୍ଟାଃ ହଲଃ ପ୍ରୋକ୍ତାଃ ନିବୋଧାନୁପ୍ରଦାନତଃ।। (ପା. ଶି. – ୨.୨୦)

(କ).ଅଚଃ ଅସ୍ପୃଷ୍ଟାଃ - ଅଚ୍‌ବର୍ଣ୍ଣ ଅର୍ଥାତ ଅଚ୍ ପ୍ରତ୍ୟାହାର ଅନ୍ତର୍ଗତ ସମସ୍ତ ବର୍ଣ୍ଣ (ସ୍ୱରବର୍ଣ୍ଣ) ଅସ୍ପୃଷ୍ଟ । ମୁଖ ଗହ୍ୱରର କୌଣସି ଭାଗକୁ ସ୍ପର୍ଶ ନ କରି ଉଚ୍ଚାରିତ (ଭାୱେଲସ୍) ।

(ଖ). ଯଣଃ ତୁ ଈଷତ୍ (ସ୍ପୃଷ୍ଟାଃ) – ଯଣ୍ ପ୍ରତ୍ୟାହାରସ୍ଥ ବର୍ଣ୍ଣ (ଯ, ବ, ର, ଲ) ସ୍ୱଳ୍ପ ସ୍ପୃଷ୍ଟ (ସେମି-ଭାୱେଲସ୍) ।

(ଗ).ଶଲଃ ନେମ ସ୍ପୃଷ୍ଟ ଅର୍ଥାତ୍ ଶଲ୍ ପ୍ରତ୍ୟାହାରସ୍ଥ ବର୍ଣ୍ଣ (ଶ, ଷ,ସ,ହ) ଅର୍ଦ୍ଧ ସ୍ପୃଷ୍ଟ (ସ୍ପାଇରାଣ୍ଟସ୍) ।

(ଘ).ଶେଷାଃ ସ୍ପୃଷ୍ଟାଃ - ଅନ୍ୟାନ୍ୟ ସମସ୍ତ ବର୍ଣ୍ଣ ଅର୍ଥାତ୍ ହଲ ପ୍ରତ୍ୟାହାରସ୍ଥ ବର୍ଣ୍ଣ (ସମସ୍ତ ବର୍ଗୀୟ ବ୍ୟଞ୍ଜନ ବର୍ଣ୍ଣ) ସ୍ପୃଷ୍ଟ ବର୍ଣ୍ଣ (ଷ୍ଟପ୍‌ସ୍) ।

ଏଥିରୁ ଜଣାପଡ଼େ, କୌଣସି ବର୍ଣ୍ଣ ଉଚ୍ଚାରଣ କରିବା ନିମିତ୍ତ, ବିବୃତ (ଓପନ୍‌ଡ୍), ସଂବୃତ (କ୍ଲୋଜ୍‌ଡ୍) ଓ ଘୋଷ (ଭଏସ୍‌ଡ୍) ପ୍ରଯତ୍ନର ଆବଶ୍ୟକତା ରହିଛି ଏବଂ ମୁଖଗହ୍ୱର ମଧ୍ୟରେ ଜିହ୍ୱାର କାର୍ଯ୍ୟକଳାପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି, ଯାହା ଏହି ବର୍ଣ୍ଣ ସମୂହର ଉଚ୍ଚାରଣ ସ୍ଥାନ ତଥା ଶୈଳୀ ବିଷୟରେ ଋକ୍ ପ୍ରାତିଶାଖ୍ୟ, ପାଣିନୀୟ ଶିକ୍ଷା, ଆପିଶଳି ଶିକ୍ଷା, ଭରତ ମୁନି ପ୍ରଣୀତ ନାଟ୍ୟଶାସ୍ତ୍ର ଆଦି ଗ୍ରନ୍ଥମାନଙ୍କରେ ମଧ୍ୟ ବିସ୍ତୃତ ବିବରଣୀ ଦିଆଯାଇଛି ।

**ବର୍ଣ୍ଣ ସମୂହର ଉଚ୍ଚାରଣଗତ ବୈଶିଷ୍ଟ୍ୟକୁ ଦୃଷ୍ଟିରେ ରଖି ଏହାକୁ ଘୋଷ ତଥା ଅଘୋଷ ଭାବରେ ବିଭାଜିତ କରାଯାଇଛି ।**

ଏହି ବର୍ଣ୍ଣ ସମୂହର ଉଚ୍ଚାରଣଗତ ବୈଶିଷ୍ଟ୍ୟକୁ ଦୃଷ୍ଟିରେ ରଖି ଘୋଷ (ଭଏସ୍‌ଡ୍) ତଥା ଅଘୋଷ (ଅନ୍‌ଭଏସ୍‌ଡ୍) ଭାବରେ ବିଭାଜିତ ମଧ୍ୟ କରାଯାଇଛି । ଯାହା ଭାଷାବିତ୍‌ମାନଙ୍କ ଦ୍ୱାରା ସ୍ୱୀକୃତ –

ପ୍ରତ୍ୟେକ ବର୍ଗର ପ୍ରଥମ ତଥା ଦ୍ୱିତୀୟ ବର୍ଣ୍ଣ ଯଥା କ, ଖ, ଚ, ଛ, ଟ, ଠ, ତ, ଥ, ପ, ଫ ଏବଂ ଶ, ଷ, ସ ଅଘୋଷ ବର୍ଣ୍ଣ ହୋଇଥିବା ବେଳେ ବର୍ଗର ତୃତୀୟ ତଥା ଚତୁର୍ଥ ଗ, ଘ, ଜ, ଝ, ଡ, ଢ, ଦ, ଧ, ବ, ଭ ଆଦି ଘୋଷ ବର୍ଣ୍ଣ । ସମସ୍ତ ବର୍ଗର ପଞ୍ଚମ ବର୍ଣ୍ଣ ଅନୁନାସିକ ।

ଉପରୋକ୍ତ ବିବରଣୀରୁ ଜଣାପଡ଼େ ଯେ ପ୍ଲୁତ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ପ୍ରଭୃତି ସ୍ୱର ଓ ଯମାଦି ବୈଦିକ ବର୍ଣ୍ଣମାନଙ୍କୁ ଛାଡ଼ିଦେଲେ ଅନ୍ୟସବୁ ବର୍ଣ୍ଣଗୁଡ଼ିକ ଓଡ଼ିଆ ବର୍ଣ୍ଣମାଳା ପରି ସମାନ ଅନୁଭୂତ ହୁଏ, ଯାହା ବୈଦିକ ପରମ୍ପରା ସହ ଓତଃପ୍ରୋତ ଭାବରେ ଜଡ଼ିତ ।

**ସହାୟକ ଗ୍ରନ୍ଥସୂଚୀ**


୧. ଅଥର୍ବପ୍ରାତିଶାଖ୍ୟ, ସମ୍ପାଦନା ଓ ଅନୁବାଦ: ଡବ୍ଲ୍ୟୁଡି.ହ୍ୱେଟ୍‌ନି. ଜେ.ଏ.ଓ.ଏସ୍ ୭ - ୩୩୩.
୨. ଋକ୍‌ତନ୍ତ୍ରବ୍ୟାକରଣ, ସମ୍ପାଦନା: ଏ.ସି. ବର୍ଣ୍ଣେଲ୍, ମାଙ୍ଗାଲୋର, ୧୮୭୯; ସମ୍ପାଦନା: ଏସ୍.କେ. ଶାସ୍ତ୍ରୀ, ଲାହୋର୍, ୧୯୩୩ ।
୩. ଋକପ୍ରାତିଶାଖ୍ୟ, ଉବାତଙ୍କ ଟୀକା ସହିତ, ସମ୍ପାଦନା ଓ ଅନୁବାଦ: ଏମ୍.ଡି. ଶାସ୍ତ୍ରୀ, ଆହ୍ଲାବାଦ, ୧୯୩୧ ।
୪. ତୈତ୍ତିରୀୟପ୍ରାତିଶାଖ୍ୟ, ତ୍ରିଭାସ୍ୟରତ୍ନସହ, ସମ୍ପାଦନା ଓ ଅନୁବାଦ: ହ୍ୱିଟ୍‌ନି, ଜେ.ଏ.ଓ ସିକ୍ସ, ୧୮୭୧ ।
୫. ପତଞ୍ଜଳିମହାଭାଷ୍ୟ, ସମ୍ପାଦନା: କେ.ଭି. ଅଭ୍ୟଙ୍କର୍, ବି.ଓ.ଆର.ଆଇ, ପୁଣେ, ୧୯୭୫ ।
୬. ପାଣିନୀୟଶିକ୍ଷା, ଶିକ୍ଷା ପଞ୍ଜିକା ସହ । ସମ୍ପାଦନା ଓ ଅନୁବାଦ: ଏମ୍.ଘୋଷ, କଲିକତା, ୧୯୩୮ ।
୭. କିପାରସ୍କି, ପଲ୍, ୧୯୯୩, 'ପାଣିନୀୟ ଲିଙ୍ଗୁଇଷ୍ଟିକ୍‌ସ୍', ଆସର୍, ଆର.ଇ. (ସମ୍ପାଦିତ): ଏନ୍‌ସାଇକ୍ଲୋପେଡିଆ ଅଫ୍ ଲାଙ୍ଗୁଏଜେସ ଏଣ୍ଡ ଲିଙ୍ଗୁଇଷ୍ଟିକ୍, ଅକ୍ସଫୋର୍ଡ: ପର୍ଗାମନ୍ ପ୍ରେସ୍ ।
୮. ମର୍ଡ୍ଡର୍ଣ୍ଣ ଲିଙ୍ଗୁଇଷ୍ଟିକ୍ସ ଇନ୍ ଆନସିଏଣ୍ଟ ଇଣ୍ଡିଆ, ଜନ୍ ଜେ.ଲୋୱେ, କ୍ୟାମ୍ବ୍ରିଜ୍ ୟୁନିଭରସିଟି ପ୍ରେସ୍, ୨୦୨୪ ।
୯. ପାଣିନୀଆନ୍ ଲିଙ୍ଗୁଇଷ୍ଟିକ୍‌ସ୍, ଲେଖକ: ପି.ଏସ. ସୁବ୍ରମଣ୍ୟମ୍, ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ଲାଙ୍ଗୁଏଜେସ୍ ଏଣ୍ଡ କଲଚର ଅଫ୍ ଏସିଆ ଏଣ୍ଡ ଆଫ୍ରିକା, ଟୋକିଓ ୟୁନିଭରସିଟି ଅଫ୍ ଫରେନ୍ ଷ୍ଟଡିଜ୍, ୧୯୯୯ ।
୧୦.ଫୋନେଟିକ୍ସ ଇନ୍ ଆନସିଏଣ୍ଟ ଇଣ୍ଡିଆ, ଲେଖକ: ଆଲେନ୍ ଡବ୍ଲ୍ୟୁ.ଏସ୍., ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍, ୧୯୫୩ ।


□□□


ଲେଖକଙ୍କ ଇ-ମେଲ ଠିକଣା:
siniruddhad@gmail.com



ଧାରାବାହିକ ବ୍ୟଙ୍ଗ

# ପରମ ବାଣୁଆଁ

ଅଜୟ କୁମାର ମିଶ୍ର

ବାଣୁଆଁ, ମାଳେଇବାଣୁଆଁ, ଘନବାଣୁଆଁ, ମହାବାଣୁଆଁ - ଏମିତି ଅନେକ ପ୍ରକାରର ବାଣୁଆଁଙ୍କ ମଧ୍ୟରେ ଘଣ୍ଟୁଆ ସ୍ୱତନ୍ତ୍ର । ତା' ଶୈଳୀ ଆଉ କାରନାମା ଦେଖି ଲୋକେ ତାକୁ ପରମବାଣୁଆଁ କହନ୍ତି । ଅନ୍ୟ ବାଣୁଆଁମାନେ ବିଭିନ୍ନ କିସମର ବାଣ ଫୁଟାନ୍ତି; ମାତ୍ର ପରମବାଣୁଆଁ ଘଣ୍ଟୁ ବାଣ ନ ଥାଇ ବି ବାଣ ମାରିପାରନ୍ତି । ସେ ବାଣ ହେଲା ଫିସାଦିବାଣ, ବଚନବାଣ । ପୁରୁଣା ନାୟିକାମାନେ ଇଙ୍ଗିତପୂର୍ଣ୍ଣ ନୟନବାଣରେ ହାଲିଆ କରିଦେଉଥିଲେ, ଅତ୍ୟାଧୁନିକାମାନେ ଆଖିରେ ହାଣିଦିଅନ୍ତି; ମାତ୍ର ପରମବାଣୁଆ ଘଣ୍ଟୁଆ ବଚନରେ ଖାଦମିଶା ଫିସାଦି ପଣରେ ଟୋଟାଲ୍ ଘାଇଲା କରେ । ତା'ଛଞ୍ଚାଣିଆ ଆଖି, ସବୁଆଡ଼େ ସର୍କସର ଘୂରାଲାଇଟ୍ ଭଳିଆ ଘୂରୁଥାଏ । ଶାଗୁଣା ମଢ଼ ଦେଖି ନ ପାରେ; ମାତ୍ର ଘଣ୍ଟୁଆ ଆଖିରେ କେତେ ଲେନସ୍ ପାବାର ଯେ, ସେ ସବୁ ଖବର ରଖେ । ଘଟଣ, ଅଘଟଣ ଦେଖେ, ଶୁଣେ, ଶୁଙ୍ଘି ବି ପାରେ ।




ଘଣ୍ଟୁଆ ଦେଖିଲା, ଏବେ ବିଭିନ୍ନ ଇସ୍କୁଲରେ ଜୟନ୍ତୀମାନ ଚାଲିଛି । ସ୍ୱର୍ଣ୍ଣ, ରଜତ, ରୌପ୍ୟ - ନାନାବିଧ ଜୟନ୍ତୀ । ବିଦ୍ୟାଳୟର ପୁରୁଣା ଛାତ୍ରଛାତ୍ରୀମାନେ ସହଯୋଗର ଲମ୍ବା ହାତ ବଢ଼ାଉଛନ୍ତି, ଉଚ୍ଚଗଛକୁ ନଗୀ ବଢ଼େଇଲା ପରାୟ । ମନଖୋଲି, ପର୍ସଖୋଲି, ପକେଟ୍ ଓ ଗାଞ୍ଜିଆ ଖୋଲି ଜୟନ୍ତୀ ଯଜ୍ଞ ପାଇଁ ଯାବତ ଦାନ ଧ୍ୟାନ କରୁଛନ୍ତି । ଘଣ୍ଟୁ ବିଚାରିଲା- ସେ ବି ଏକଦା ଶିଷ୍ୟ ଥିଲା । ପୁରୁଣା ଛାତ୍ରଛାତ୍ରୀମାନେ ଆଜିର ସମାଜରେ ଉଁଚା ଉଁଚା ଥାନରେ ଥଇଥାନ ହେଇଛନ୍ତି । ଯେଉଁମାନେ ନିଜ ଘରେ ବା ବାପା-ମାଆଙ୍କୁ ରେଫେ ହେଲେ ନ ଅନାନ୍ତୁ ପଛେ, ନିଶ୍ଚେ ସ୍କୁଲ୍ କଥା କହିଲେ, ଷୋଳପଣେ ଆସିବେ ।

ଘଣ୍ଟୁ ଏଥିପାଇଁ ପାଞ୍ଜି ତିଆରିକଲା । ତହସିଲ୍ ବାଲାଏ ଖତିଆନ୍ ତିଆରିରେ ହୁଏତ କିଛି ଖଇଚା କରିପାରନ୍ତି, ହେଲେ ଘଣ୍ଟୁ ପାଞ୍ଜି ତିଆରିରେ ରୁମେ ପ୍ରମାଣେ ବି ଖଇଚା ନାହିଁ । ଚିତ୍ରଗୁପ୍ତର ମାଉସୀପୁଅ ସେ । ପାଞ୍ଜି ତିଆରି ସରିଲା, ଘଣ୍ଟୁ ଏଥର ଠା', ଠିକଣା, କାନଫୁଙ୍କା ନମ୍ବରମାନ ଟିପା କରେଇନେଲା । ପାକିଟ୍ କାନଫୁଙ୍କାରେ କେତେଜଣଙ୍କ ସହିତ ନିବିଡ଼ ଅଠାଯୋଡ଼ ସମ୍ବନ୍ଧ ଥାପିଲା । ବଡ଼ ବଅସିଆ ଉପର ଶ୍ରେଣୀଆଁଙ୍କୁ ବଡ଼ଭାଇ, ନନା, ଭଉଣୀ, ନାନୀ, ଅପା,ଦେଇ ଇତ୍ୟାଦି ସଂପର୍କର ହୁକ ପକେଇ ମଜଭୁତ ଯୋଡ଼ ତିଆରିକଲା । ପରେ ପ୍ରେସ୍‌କୁ ଯାଇ ଏକ ଚିଠିଲେଖା ପ୍ୟାଡ୍ ଛପେଇ, ୟାର ଫଟୋମାନ କାନଫୁଙ୍କାରେ ଛାଡ଼ିଲା । ଏଥିରେ ବିଦ୍ୟାଳୟର ନାମ, ଜୟନ୍ତୀ ତାରିଖ, ବାର ଇତ୍ୟାଦି ଲେଖା କରେଇଥିଲା ।

ପରେ ପରେ ପାଖନାଳର ପାଣି ମୂଳ ନାଳକୁ ପଶି ଆସିବା ଭଳିଆ ଛୋଟ ଛୋଟ ସୁଅ ଭାବରେ ଆଇଲା ଟଙ୍କା । ଘଣ୍ଟୁଙ୍କ ପ୍ରତି ମହାଲକ୍ଷ୍ମୀ ଯେମିତି ପ୍ରସନ୍ନ ହେଇଗଲେ । ବିଦ୍ୟାଳୟର ସରସ୍ୱତୀ ପୂଜାରେ ଚାନ୍ଦା ନ ଦେଇ ଭୋଜିଖାଇ ଉଭାନ ହେଇଯାଉଥିବା ଘଣ୍ଟୁଙ୍କ ପ୍ରତି ମାଆ ମହାଲକ୍ଷ୍ମୀଙ୍କ ଏମନ୍ତ କରୁଣାରେ ପର୍ସ ଫୁଲିଉଠିଲା ।

ଗୋଦର ଗୋଡ଼ରେ ମାଉଁସ ଲାଗିବା ଭଳିଆ, ଚାନ୍ଦାଟଙ୍କା ପାଞ୍ଚ ଅଙ୍କକୁ ଟପିଗଲା ବେଳକୁ ଘଣ୍ଟୁ ଏକ୍ସଟ୍ରା ଉତ୍ସାହରେ ମାତି ଉଠିଲା । ପାଞ୍ଚଅଙ୍କ ଦ୍ୱିଗୁଣିତ ହେଲା, ଘଣ୍ଟୁ ଆଉ ଆନନ୍ଦରେ ଫୁଲିଲା । ତିନିଗୁଣିତ ହେଲା; ଜରୁଆ ଦେହରେ ମପା ଥର୍ମୋମିଟରର ପାରଦ ଉପରକୁ ଉଠି ଉଠି ଚାଲିଲା ଭଳି ଘଣ୍ଟୁର ଉତ୍ସାହ ପାରଦ ଉଠିଲା । ଏଣିକି ତା' ପାଖକୁ ବାରବାର ଡକରା ଆଇଲା, ଜୟନ୍ତୀ ଉତ୍ସବ କେବେ

ହେଉଛି ? ବିଭିନ୍ନ ଆଳ ଦେଖେଇ ସେସବୁକୁ ଟାଳିଲା ଘଣ୍ଟୁ । ପରମବାଣୁଆଁ ସେ, ସରସ୍ୱତୀ ତା' ତୁଣ୍ଡରେ ଭଡ଼ାଘର ନେଇ ଅଛନ୍ତି, ଲକ୍ଷ୍ମୀ ତା' ପକେଟ୍‌ରେ କେବିନ୍ ପକେଇ ରହିଛନ୍ତି ।

ଏଥିଅନ୍ତେ କିଛିଦିନ ଗଡ଼ିଗଲା । ପୁଣି ଘଣ୍ଟୁ ସମସ୍ତଙ୍କୁ ଜଣାଇଦେଲା, ଏ ଅଲକ୍ଷଣା ଚୀନାଗଡ଼ କରୋନା ପାଇଁ ସରକାର ତ ସଭା-ସମିତି, ମେଳା ମଉଛବ - ସବୁ କିଛି ବନ୍ଦ କରିଦେଇଛନ୍ତି । ଜୟନ୍ତୀ ହେବ କେମନ୍ତେ ? ଜୟନ୍ତୀ ଆଗ ନା ମଣିଷ ସେବା ବା ନର-ନାରାୟଣ ହେବା ଆଗ ! ତେଣୁ ଜୟନ୍ତୀ କମିଟିର ବଛା ବଛା ଛାମୁଆଁମାନଙ୍କ ଉଚିତ ସମୟର ଉଚିତ ପରାମର୍ଶ ହେତୁ ସେ ଏଥିରୁ କିଛି କରୋନା ଅଇଁଠାଙ୍କ ଥଇଥାନ ପାଇଁ ଖର୍ଚ୍ଚ କରିଦେଇଛି । ସ୍କୁଲରୁ ବି କରୋନା ଯୋଦ୍ଧା ସମ୍ମାନ ପାଇଚି । ଚାନ୍ଦା ଦେଇଥିବା କେତେଜଣ ମୋଟାବୁଦ୍ଧିଆ ଉତ୍ତର ଦେଲେ ଯେ, ଯା ହେଉ, ଜୟନ୍ତୀ ତ ପରେ ହେବ, ତାଙ୍କ ଦାନ ଅନ୍ତତଃ ଭଲ କାମରେ ଲାଗିଗଲା । ମାତ୍ର ଆଉ କେତେଜଣ ଭେଦୁଆ, ଘଣ୍ଟୁ କିଏ, କ'ଣ କରେ - ମାଛ ପୋଖରୀରେ ପୋଲୁହ ପକେଇ ଦରଣ୍ଡା ଦରଣ୍ଡି କଲେ । ଗର୍ଜନ ଚଉଦଭାଗ ଦି'ପାଆ, ବର୍ଷା ବିନ୍ଦୁନାସ୍ତି ଭଳିଆ ଘାଣ୍ଟଚକଟା ଚାଲିଲା, ଭେଦୁଆ ଯା ଟେର୍ ବି ପାଇଲେ ନାହିଁ । ନିରାଶ ହେଇ ଅନେକ ଅତୁଣ୍ଡ ଭାଷା ଛାଟିଲେ । ଘଣ୍ଟୁ ଜାଣେ, ଏଇମାନେ ପାଣିବାଡ଼େଇବା ଲୋକ, ତୁଣ୍ଡେ ତୁଣ୍ଡେ ତୋଫାନ କରିଦେବେ, ଛେଃ-ଛେଃ - ଏସବୁ ଶୂନଫୋଟକାରେ କ'ଣ ଅଛି ?



କରୋନା ବେଳେ ଅନେକ ଯୋଦ୍ଧା ଆବିର୍ଭୂତ ହେଲେ । ନର୍ସିଂହୋମ୍‌ରେ ଡେରା ପକାଇଥିବା, ଡ୍ୟୁଟିଛଡ଼ା ଓ ଡ୍ୟୁଟି ଛାଡ଼େରୀ ଡାକ୍ତରମାନେ, ଡ୍ୟୁଟିକି ଆସିଲେ, ତେଣୁ ଏମାନେ କରୋନା ଯୋଦ୍ଧା ବୋଲାଇଲେ । ମାସକେ ଗୋଟେ ଅମାବାସ୍ୟା, ଗୋଟେ ପୁନେଇଁ ପଡ଼ିବା ଭଳି, ଯେଉଁ ଝାଡୁଦାରମାନେ ଥରେ ଦି'ଥର ଦେଖାଦିଅନ୍ତି - ସେମାନେ ଗାୟକ ହାତର ଚାମର ହଲାଇବା ଭଳିଆ - ସେମାନେ ଝାଡୁ ହଲାଉ ହଲାଉ ଯୋଦ୍ଧା ଖାତାରେ ତାଙ୍କ ନାଁ ଦରଜ ହେଇଗଲା । ବିନା ଯୁଦ୍ଧରେ ରକ୍ତବୀର୍ଯ୍ୟ ଭଳିଆ ଯୋଦ୍ଧାଏ ପଇଁତରା ମାଇଲେ । ଢୁଳନ୍ତ ପୁଲିସିଆ କେଇଜଣ ଥାନା ଛାଡ଼ି ବାନା ହେଲେ - ଯେ ବି ଯୋଦ୍ଧାରେ ଗଲେ । ଫଅଟ୍ ଛାପାହେଲା, ତାଟି କବାଟ ପଡ଼ିଲା; ରାସ୍ତାଘାଟ ଫାଙ୍କାଲିଆ । ଯାରି ଭିତରେ ଘଣ୍ଟୁ ପୁରୀ ମନ୍ଦିରର ସୁଆର ସେବକଙ୍କ ଭଳିଆ ମୁହଁରେ ବାଘୁଆ ବାନ୍ଧି, ଫଅଟ ଛପେଇ ଥାନାଗୁଡ଼ିକରେ ରହି ଫଅଟ ଛପେଇ ଆତ୍ମଘୋଷିତ ସାଧୁ, ବାଆଜି ଭଳିଆ - କରୋନା ଯୋଦ୍ଧା ଶିରିପା ବନ୍ଧେଇଲା । ପକେଟ୍ କାନଫୁଙ୍କାରେ ଏମନ୍ତ ଫଅଟମାନ ପଠାଇ ସବୁଆଡ଼େ ନିଜର ସେବକପଣ ପାଇଁ ପ୍ରଶଂସା ଫୁଲମାନ ସାଉଁଟି ମାଳକରି ରଖିଲେ । ନୁଛୁଣିଆଁମାନଙ୍କର ସନ୍ଦେହ ବଉଦକୁ ଏମନ୍ତ ଫଅଟ ପବନରେ କୁଆଡ଼େ କୁଆଡ଼େ ଉଡ଼େଇନେଲେ । ସେମାନଙ୍କର ବିଶ୍ୱାସକୁ ଜୋରକରି ନିଜ ଆଡ଼କୁ ଟଣେଇ ଆଣିଲେ ପରମବାଣୁଆଁ ଘଣ୍ଟୁ ।

ସରକାର । - ବେସରକାରୀ ଲୋକେ ଟିକା ଫିକା ଦେଇ, ଅଳିଆ ଚଳଣି ଛାଡ଼ି, ଆବର୍ଜନା ଢ଼ାଞ୍ଚା ଛାଡ଼ି କରୋନାକୁ ଘଉଡ଼େଇ ଦେଲେ । ଏଣିକି ଘଣ୍ଟୁଙ୍କୁ ଚାନ୍ଦା ସଅଁପି ଦେଇଥିବା କିଛି ଲୋକେ ଜୟନ୍ତୀ ଖବରକଥା ପୁଛାକଲେ । ସେତେବେଳକୁ ଘଣ୍ଟୁଙ୍କ କାନଫୁଙ୍କାରୁ ଶୁଣାଯାଏ- "ଏଇ ନମ୍ବର କାହାକୁ ଦିଆଯାଇନାହିଁ" । ବଇଁଶୀ ବାଜନ୍ତା କେମନ୍ତେ, ବାଉଁଶବୁଦାକୁ ତାଡ଼ିଦେଲା ଭଳିଆ ଘଣ୍ଟୁ ସେ ଫୋନ୍ ବଦଳେଇ ସାରିଥିଲା । ଟୋକାଏ ଘନ ଘନ ଫୋନ୍ କରି ନିରାଶ ।

ବେଉଷଣ କିଆରିରେ ବୁଆଖିଆ ବଳଦପାଟିରେ ଛନଛନିଆ ସାଗୁଆ ବୁଆଗଛର ସୁଆଦ ଲାଗିଲା ଭଳିଆ, ଜୟନ୍ତୀ ପାଇଁ ଟଙ୍କା ଆଦାୟକାରୀ ଘଣ୍ଟୁ ଆଉ ଥୟ ଧରନ୍ତେ କେମନ୍ତେ ? ତେଣୁ ନୂଆ ଭିଆଣକଲା । ଜୀବନରେ ତିନି ତିନିଟା ଇସ୍କୁଲରେ ପଢ଼ି, ସେ ସ୍କୁଲକୁ ଧନ୍ୟ କରିଛନ୍ତି ଘଣ୍ଟେ । କେବଳ କପିଆ ଓ ମହାକପିଆମାନଙ୍କ ଆଶ୍ରାଥଳ ଶେଷ ଇସ୍କୁଲ୍ କଥା ମନରେ ଆଣିଲେ । ଏଥର ପୂର୍ବ ତରିକାରେ କାର୍ଯ୍ୟକ୍ରମ ନ କରି ଟିକିଏ ଅଲଗା ପ୍ରକାର କଲେ । କପି

ଉଦ୍ଧାରଣ କେନ୍ଦ୍ର ସେଇ ସ୍କୁଲର କପିବାଜ ପ୍ରଧାନଶିକ୍ଷକଙ୍କୁ ମୁଣ୍ଡିଆ ମାରି ବୋଧକଲେ । ଏ ଇସ୍କୁଲ୍ ପିନ୍ଧିଥିବା ଦୁର୍ନାମ ମୁକୁଟକୁ ପୂରା ଉତାରିବା ପାଇଁ ଜୟନ୍ତୀ କଥା ତାଙ୍କୁ ଜଣାଇଲେ । କୃତ୍ୟ କୃତ୍ୟ ହେଲେ ପ୍ରଧାନଶିକ୍ଷକେ । ସେ ଜାଣିଚନ୍ତି, ଏଇଠୁ ମାଟ୍ରିକ୍ ବୈତରଣୀ ପାରିହୋଇଥିବା ଅନେକ ଅପାଠେଇ ଓ ଅଠପାଠୁଆ, ଆଜିକା ଦିନରେ ଓ୍ବାର୍ଡମେମ୍ବର, ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ, ଏମଏଲଏ, ମନ୍ତ୍ରୀ ପର୍ଯ୍ୟନ୍ତ ହେଇପାରିଚନ୍ତି । ସେଇମାନଙ୍କୁ ଧଇଲେ, ଜୟନ୍ତୀ ହେବ, ଜୟନ୍ତୀ ସର୍ଫ ପାଣିରେ କପିଦାଗ, ମଇଳା ପର୍ଯ୍ୟନ୍ତ ସବୁ ଧୋବଲା ହେଇଯିବ ।

ଜୟନ୍ତୀ କମିଟି ତତ୍କ୍ଷଣାତ ଗଢ଼ାହେଲା, ପ୍ରଧାନେ ସଭାପତି ହେଲେ, ଘଣ୍ଟେ ସଂପାଦକ ଓ ଅସ୍ଥାୟୀ କୋଷରକ୍ଷକ ପାଲଟିଗଲେ । ସାହାଣମେଲା କପିରୁ ଫାଇଦା ନପାଇ ଫେଲ୍‌ଫାଲ ହେଇ କଣ୍ଠିଧରା, ମୋଟବୁହାମାନଙ୍କ ନାମକୁ ସେମାନଙ୍କ ଅଜଣାରେ କମିଟିର ମେମ୍ବର କରାଗଲା, ଲେଖାପ୍ୟାଡ୍ ଛାପାହେଲା, ଉଦ୍ଦେଶ୍ୟ ଲେଖାହେଲା, ଏହାର ଫଅଟ ଛପେଇ ସେଇ କାନଫୁଙ୍କାରେ ଠିକଣା ଥାନଗୁଡ଼ିକୁ ଚାଲାଣ କରାଗଲା । ନଗଦ ରୋକଡ଼ା, ଚେକ୍ ଇତ୍ୟାଦି ପ୍ରଧାନଶିକ୍ଷକଙ୍କ ନାମରେ ଆଇଲା । କୋଷରକ୍ଷକ ଘଣ୍ଟେ ବଢ଼ନ୍ତାକୋଷ ହାତେଇଲେ । ବାରବାର ଭକ୍ତ ଭଗବାନଙ୍କ ଭଳି ପ୍ରଧାନେ ଓ ଘଣ୍ଟେ ମୁଲାକାତ ହେଲେ, ରୋକଡ଼ା ବାଣ୍ଟଣ ବି ହେଲା ।

**ଜୟନ୍ତୀ କମିଟି ତତ୍କ୍ଷଣାତ ଗଢ଼ାହେଲା, ପ୍ରଧାନେ ସଭାପତି ହେଲେ, ଘଣ୍ଟେ ସଂପାଦକ ଓ ଅସ୍ଥାୟୀ କୋଷରକ୍ଷକ ପାଲଟିଗଲେ ।**

ଏମନ୍ତ ପ୍ରକାରେ ଯଥାଦିନରେ ଜୟନ୍ତୀ ହେଲା । ଚବିଶପହରିଆ ନାମକୀର୍ତ୍ତନ ସମ୍ବଳ ଓ କୀର୍ତ୍ତନିଆଁ ଅଭାବରୁ ଚାରିପହରିଆ ହେବା ଭଳିଆ, ତିନିଦିବସିଆ ଜୟନ୍ତୀ କାମକୁ ଗୋଟାଏ ଦିନରେ ସାରିବାକୁ ହେଲା । ଦି'ପହର ଭୋଜିଟା ଗଡ଼ି ଗଡ଼ି ଚାରିଟା ପାଞ୍ଚଟାରେ ପହଞ୍ଚିଲା । ଅତିଥିଏ ଏକାମାଡ଼କେ ସାବାଡ୍ । ସମସ୍ତଙ୍କୁ କାକୁସ୍ଥ ହେଇ ଘଣ୍ଟେ ଜଣାଇଲେ ଯେ, ଠିକଣା ସମୟରେ ଚାନ୍ଦା ମିଳିଲାନି, ଆଜି ବି ଲୋକେ ରାଜନୀତିଆ କର୍ମୀଙ୍କ ଭଳି ମାଗେଣା ଖାଇବା ଭଳିଆ ଖାଇପିଇ ଉଭାନ୍ । ବିଦ୍ୟାଳୟରୁ ଉତୁରିଥିବା ଦି'ଜଣ ସରପଞ୍ଚ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ହେଇ କାମ ଚଳେଇଲେ । ଅତିଥି ଭାବେ ଆସିବାକୁ ଥିବା ମନ୍ତ୍ରୀ ଓ ବିଧାୟକଙ୍କୁ ଏଠି ଭାରି ଗଣ୍ଡୋଗଳ ହେବ, ତେଣୁ ଆପଣଙ୍କ ଭଳି ମହାନୁଭବ ନ ଆସିବା ଉଚିତ୍ ବୋଲି କାନଫୁଙ୍କାରେ ଜଣାଇ ଦିଆଯାଇଥିଲା ।

ସଂଜ ନଇଁଲା, ସଭା ଆରମ୍ଭ ହେଲା । ଅଳପ ସମୟ ଭିତରେ ସଭାମଞ୍ଚ ଅନ୍ଧାର । ଅଘୋଷିତ ବିଜୁଳିକାଟ୍, ଯାହାର ମନ୍ତ୍ରଦାତା ଆପେ ଘଣ୍ଟେ । କୌଣସି ପ୍ରକାରେ ବିକଳ ଭାବେ ଆଲୁଅ ବ୍ୟବସ୍ଥା ହେଉ ହେଉ ଶ୍ରୋତାଏ ଜଣ ଜଣ କରି ପଘା ହୁଗୁଳା ଗୋରୁ ଭଳିଆ ସଭାଛାଡ଼ି ବାହାରୁଥିଲେ । ଦଳେ ତ ପରସ୍ପର କୋଳାକୋଳି, ସଭା ନ ହେଲା ନାହିଁ, ଏତେଦିନେ ଭେଟ ତ ହେଲା ନା । ଦି'ଜଣ ଘଣ୍ଟୁଙ୍କୁ ମାଡ଼ି ବସିଲେ, କହିଲେ, ଖଟି ଖଟି ଲୋକଟାର ଛାତି ଯନ୍ତ୍ରଣା ଆରମ୍ଭ ହେଇଗଲା, ତୁରନ୍ତ ମେଡିକାଲ ନ ନେଲେ ଜୀବନ ରହିବନି, ନଗଦ ନଗଦ 'ରାମନାମ ସତ୍ୟ ହେ' ହେଇଯିବ । ଛଟାଗଲା ଅବସ୍ଥାରେ ଘଣ୍ଟୁ ପାର୍ଶ୍ୱଚର ଶୁମ୍ଭ-ନିଶୁମ୍ଭଙ୍କ ଦ୍ୱାରା କାଖିଆପିଠିଆ ହେଇ ଗାଡ଼ି ପର୍ଯ୍ୟନ୍ତ ବୁହାହେଇଗଲା । ଯାବତ ଆବର୍ଜନା ଏଣିକି ପ୍ରଧାନଶିକ୍ଷକଙ୍କ ଉପରେ ଅଜାଡ଼ି ଦେଇ ଘଣ୍ଟୁ ପାତାଳି ହେଇଗଲେ । ଏଣିକି କାଉ ପଣସ ଖାଇ ବଗ ମୁଣ୍ଡରେ ଅଠାବୋଳି ଦେଇଗଲା । ବଗକୁ ଥାନର ଥାନପତିଏ, ଅଥାନରୁ ଗାଆଁକୁ ଆମଦାନି ହେଇଥିବା ଇସ୍କୁଲ ପ୍ରେମୀଏଁ ଖୁମ୍ପା ମାଇଲେ, କେହି କେହି ମଧ୍ୟ ଅଷାଢୁଆ ବର୍ଷା ଅସରା ଭଳିଆ ଦୋଅଅକ୍ଷରୀ ଗାଳିମାନ ଅକାତର ଭାବେ ବର୍ଷି ଦେଇଗଲେ ।

ଦି'ଦିଇଟା ଇସ୍କୁଲ୍ ଜୟନ୍ତୀ ପାଳୁ ପାଳୁ ଘଣ୍ଟୁ ପର୍ସଟା ବେଙ୍ଗଫୁଲା ଭଳିଆ ଫୁଲି ଫୁଲି କଇଁଚ ପିଠିଭଳିଆ କୁଦ ହେଇଯାଇଥିଲା । ଏଣିକି ଘଣ୍ଟୁଙ୍କ ବ୍ୟବସ୍ଥା କଷି ଅବସ୍ଥାରୁ କ୍ରମଶଃ ପାକଳିଆ ହେଇଆସିଲା । ନାଁ ଆଉ ଗାଁ ଭୂଇଁ ନୁହେଁ, ଏଣିକି ସହରଆଡ଼େ ମୁହାଁଇଲେ ଘଣ୍ଟୁ । ସେଠି ଜଣେ ଦି'ଜଣ ଚିହ୍ନାମୁହଁ ଭେଟହେଇ ଘଣ୍ଟୁଙ୍କୁ ପ୍ରଶ୍ନକଲେ – 'ହଇହେ, ତମେ କ'ଣ ତିନିଚାରିଟା ଇସ୍କୁଲରେ ଜୟନ୍ତୀ ପାଳିଲ ଆଉ ପାଳେଇଲ ହେ? ଘଣ୍ଟୁଙ୍କ ପରମବାଣୁଆଁ ତୁଣ୍ଡ ବଖାଣିଲା,

ଜୟନ୍ତୀ ଭିଆଇଥିବା ସବୁ ଇସ୍କୁଲର ଛାତ୍ର ସେ । ଜୀବନରେ ସେ ବର୍ଷକରେ ଏମନ୍ତ କାଣ୍ଡମାନ ଭେଇଚି ଯେ, ତା' ଦୟାରୁ ଶିକ୍ଷକମାନେ ତ୍ରାହି ତ୍ରାହି ଡାକ ପକାଇ, ଖଲିଆ ବଳଦକୁ ଚାଷୀ ବିକିଲା ଭଳିଆ ତାକୁ ବିଦା କରିଦିଅନ୍ତି । ତେଣୁ ଆଖପାଖ ସବୁ ଇସ୍କୁଲରେ ସେ ଛାମୁଆଁ ଛାତ୍ରଥିଲା । ସବୁ ଇସ୍କୁଲର ଖଇଚା ମାଷ୍ଟ୍ରଙ୍କ ଭିତିରି ଗୁମର ତା' ନଖଦର୍ପଣରେ ।


**ଘଣ୍ଟୁ ଏବେ ଏମନ୍ତ ଜୟନ୍ତୀ କରୁ କରୁ ଜିଅନ୍ତା ଲୋକଙ୍କ ଜୟନ୍ତୀ ବି ଅନାୟାସରେ ଭିଆଣ କରିପାରେ ।**

ସହର ଆସି ସେ ଉତ୍ସବମାନ ଭେଇଲା, ଏବେ ସେ ହେଇଚି 'ଇଭେଣ୍ଟ ମ୍ୟାନେଜର, ରାଜଧାନୀରେ ତା' ନାଁ ସମସ୍ତେ ଜାଣନ୍ତି । ନିମନ୍ତ୍ରଣ ଛପାଠାରୁ ବାଣ୍ଟିବା, ମାଇକ୍ ଲାଇଟ୍, ମଞ୍ଚ, ଶ୍ରୋତା, ତାଳିମାରୁଆ ସବୁ ତା' ଦାୟିତ୍ୱରେ ।

ଘଣ୍ଟୁ ଏବେ ଏମନ୍ତ ଜୟନ୍ତୀ କରୁ କରୁ ଜିଅନ୍ତା ଲୋକଙ୍କ ଜୟନ୍ତୀ ବି ଅନାୟାସରେ ଭିଆଣ କରିପାରେ । ନୂଆ ସଂସ୍କରଣ ନେଇ ଏବେ ସେ ପରା ଇଭେଣ୍ଟ୍ ମ୍ୟାନେଜର । ଶହେ ଶହେରେ ପରମବାଣୁଆଁ । ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com




**ପୃଷ୍ଠା: ୫୪୪ ମୂଲ୍ୟ: ୪୦୦ଟଙ୍କା**
**ସମ୍ପାଦକ: ପୀତବାସ ରାଉତରାୟ**
**ପ୍ରଚ୍ଛଦ ଓ ଅଲଙ୍କରଣ: ବଳଦେବ ମହାରଥା**
**ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଭୁବନେଶ୍ୱର**
**ଫୋନ୍: ୯୪୩୭୫୭୪୬୪୯**

*ପଢ଼ନ୍ତୁ !*

# ଅମୃତପୁରୁଷ ଶ୍ରୀଜଗନ୍ନାଥ

ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଶ୍ରୀ ପୀତବାସ ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ'ରେ ଏଥର ସ୍ଥାନ ପାଇଛି ୧୦୦ ରୁ ଊର୍ଦ୍ଧ୍ୱ ରଚନା। ଏହି ସଂଖ୍ୟାର ବିଶେଷ ଆକର୍ଷଣ ହେଲା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ୨୭ ଜଣ ସେବାୟତଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ଅନ୍ତରଙ୍ଗ ଅନୁଭୂତି, ୩୦ ଜଣ ଅନନ୍ୟ ଭକ୍ତଙ୍କ ଅନୁଭବ ଓ ଅନୁଭୂତି, ୩ ଜଣ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଓଡ଼ିଆ ପ୍ରତିଭାଙ୍କ ସହ ସାକ୍ଷାତକାର, ୭ ଜଣ ଜାତୀୟ ଓ ପ୍ରାଦେଶିକ ସ୍ତରରେ ପୁରସ୍କୃତ ପ୍ରତିଭାଙ୍କ ଜୀବନ କଥା, ପଦ୍ମଶ୍ରୀ ରଜତ କରଙ୍କ ଏକ ଅପ୍ରକାଶିତ ରଚନା, ଜନ୍ମ ଶତବାର୍ଷିକୀ ସାହିତ୍ୟିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ରଚନା, ଦୁଇ ଜଣ ଶ୍ରୀମନ୍ଦିର ପ୍ରାକ୍ତନ ପ୍ରଶାସକଙ୍କ ଅନୁଭୂତି, ଦୁଇଟି ମଠର ଚମକପ୍ରଦ କାହାଣୀ, ୪ଜଣ ଖବରକାଗଜ ଓ ପତ୍ରିକା ସମ୍ପାଦକଙ୍କ ମନୋଜ୍ଞ ରଚନା, ଶ୍ରୀଜଗନ୍ନାଥ କେନ୍ଦ୍ରିକ ୫ଟି ମନୋଜ୍ଞ ଗଳ୍ପ, ୫ଟି ଚିନ୍ତାଶୀଳ ପ୍ରବନ୍ଧ ଓ ୧୨ଟି କବିତା, ଦୁଇଟି ବିରଳ ପୁସ୍ତକ ପ୍ରକାଶନରେ ଶ୍ରୀଜଗନ୍ନାଥଙ୍କ ଅମୃତ ସ୍ପର୍ଶର କାହାଣୀ ଓ ପ୍ରଥମ ଥର ପାଇଁ ଭୁବନେଶ୍ୱରରୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ପାଇଁ ବଉଳ ଗଛ ନିର୍ବାଚନର ପ୍ରଚ୍ଛଦ କାହାଣୀ। ଏହା ସହିତ ରହିଛି ଶ୍ରୀ ଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ମାରଦାରେ ଚିତ୍ରଶିଳ୍ପୀ ଶିବିରରେ ଅଙ୍କିଥିବା ୨୦ଟି ଚିତ୍ରର ରଙ୍ଗୀନ୍ କ୍ରୋଡପତ୍ର।

ଗଳ୍ପ



# ଶରାହତ ସ୍ୱପ୍ନପକ୍ଷୀ

ଚୌଧୁରୀ ବରଦା ପ୍ରସନ୍ନ ଦାସ

ଅହମ୍ମଦାବାଦ ବିମାନ ବନ୍ଦରର ଗେଟ୍ ଏରିଆରେ ବୁଲୁବୁଲୁ ଅଟକିଗଲା ମନୀଷା । ଡିସପ୍ଲେ ବୋର୍ଡରେ ଦେଖାଉଥିଲା ଫ୍ରାନ୍ସ ଯିବା ପାଇଁ ବିମାନ ବିଳମ୍ବ ହେବ । ଅନେକ ସମୟ ବାକି ଅଛି । ଏଇଠି ତାକୁ ଆହୁରି ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ହେବ । ଏଇପରି ଅପେକ୍ଷା କରିବାଟା ବିରକ୍ତିକର । ଅଲକ୍ଷ୍ୟରେ ବୁଲୁବୁଲୁ ଦେଖିଲା ପାଖ ଗେଟ ପାଖରେ ଯାତ୍ରୀଙ୍କର ଭିଡ଼ । ଅଳ୍ପ ସମୟ ପରେ ଲଣ୍ଡନଗାମୀ ବୋଇଂ ଡ୍ରିମଲାଇନରରେ ବୋର୍ଡ଼ିଂ ପାଇଁ ଗେଟ୍ ଖୋଲିବ । ସମସ୍ତେ ଏଇଠି ଥିଲେ ବି ମୋବାଇଲ ଫୋନ୍ ଗୋଟିଗୋଟି କରି ସମସ୍ତଙ୍କୁ ନେଇଯାଇଛି ଭିନ୍ନ ଏକ ଦୁନିଆକୁ । ବେତାର ଭିତରେ ପ୍ରାୟ ସମସ୍ତେ ଯୋଡ଼ି ହୋଇ ଯାଇଛନ୍ତି ନିଜର ମଣିଷମାନଙ୍କ ସାଙ୍ଗରେ କାହାକୁ ଛାଡ଼ି ଆସିଛନ୍ତି ତ କାହାକୁ ଭେଟିବାକୁ ଯାଉଛନ୍ତି ।

> **ଗେଟ ପାଖରେ ଯାତ୍ରୀଙ୍କର ଭିଡ଼ । ଅଳ୍ପ ସମୟ ପରେ ଲଣ୍ଡନଗାମୀ ବୋଇଂ ଡ୍ରିମଲାଇନରରେ ବୋର୍ଡ଼ିଂ ପାଇଁ ଗେଟ୍ ଖୋଲିବ ।**

"କଲ୍ୟାଣୀ, ମୁଁ ପିଲାମାନଙ୍କ ସହ କଥା ହେଉଛି । ସେମାନେ ଲଣ୍ଡନରେ ବଡ଼ ବ୍ୟସ୍ତ ହେଉଛନ୍ତି । ଅଳ୍ପ କେଇଘଣ୍ଟାର ବ୍ୟବଧାନକୁ ସମ୍ଭାଳିବାକୁ ସହିପାରୁନାହାନ୍ତି । ଫୋନ୍‌ର ସ୍କ୍ରୀନରେ ଦେଖୁଛି ଭଉଣୀ ସୁତପା ଡାକୁଛି । ଟିକିଏ ତା'ସାଙ୍ଗରେ କଥା ହୁଅ । ଭାରି ଅଭିମାନୀ ଝିଅ ସେ" । ଅଟକିଗଲା ମନୀଷା । କଥା ଭିତରେ ଥିଲା ବାତ୍ସଲ୍ୟ ମମତାର ସ୍ୱର । ପୁଣି ଭଉଣୀ ପ୍ରତି ଆବେଗ । ଘଡ଼ିଏ ଧୀର ପାଦରେ ବୁଲିବୁଲି ଶୁଣିଲା ସେଇ ଯାତ୍ରୀଙ୍କର କଥା । ଲଣ୍ଡନରେ ଛୋଟ ପିଲାମାନଙ୍କୁ ଛାଡ଼ି ସ୍ତ୍ରୀ କଲ୍ୟାଣୀଙ୍କ ସହ ଅହମ୍ମଦାବାଦ ଆସିଥିଲେ ସାନଭଉଣୀର ବାହାଘର ପାଇଁ । ପାଠ ଯୋଗୁ ପିଲାମାନେ ରହିଥିଲେ ଲଣ୍ଡନରେ । ପତ୍ନୀ କଲ୍ୟାଣୀ ଥିଲେ କଲ୍ୟାଣମୟୀ । ବାହାରେ ରହିଲେ ବି ଛିଡ଼ି ନଥିଲା ପରିବାରର ଡୋର । ମନୀଷା କାନରେ କଥାଟା ଗଭୀରତମ ଅଞ୍ଚଳକୁ ଯାଇ ମିଳେଇ ଗଲା । ଦୁହିତା, ଦୁଇକୁଳକୁ ହିତା । କଥାର ବିଷୟବସ୍ତୁ ଥିଲା, ଶାଶୁଶ୍ୱଶୁର ତୁମର ନୂଆ ବାପ ମା' । ଏପଟେ ବାପାଙ୍କୁ ଭୁଲିବନି । ଫୋନ୍‌ରେ ସେପଟୁ ଆଉ ଗୋଟାଏ ପୁରୁଷ ସ୍ୱର ଆସିଲା, ମୁଁ ବି ନୂଆ ବାପା ଆଉ ତମମାନଙ୍କ ପରି ଭାଇଭାଉଜ ପାଇଲି । ନଣନ୍ଦ ଭାଉଜଙ୍କ କଥାକୁ ଶୁଣୁଥିବା ନୂଆ ନଣନ୍ଦେଇ ପ୍ରାୟ ଫୋନ୍ ଟାଣିନେଇ ଏକଥା କହିଲେ । ଏତେ ଖୁସିର ହାବୁକା ଭିତରେ କଲ୍ୟାଣୀଙ୍କ ଆଖିରୁ ମମତାର ବିନ୍ଦୁ ପରି ଆନନ୍ଦର ଲୁହ ଟିକେ ଗଡ଼ିପଡ଼ିଲା । ଆଉ ଫୋନରେ ସ୍ୱାମୀ ଗୌରବ ପିଲାମାନଙ୍କୁ କହୁଥିଲେ, ତମ ପାଇଁ ଭାରତରୁ ଲଡୁ ନେଇଛି... । ମନୀଷାକୁ ପ୍ରାୟ ଦେଖିପାରିଲେ ଏଇ ଦମ୍ପତି । ପରକଥା, ଲୁଚିଲୁଚି ଶୁଣିବା ପାପ । ଚେରିଷ୍ଟା ହୋଇ ଆଗକୁ ଗଲା ମନୀଷା । ବିଦାୟ ବେଳର ଏଇ ଆବେଗମୟ କଥାର କଲ୍ଲୋଳ ତା ମନକୁ ଛୁଇଁଗଲା ।

"ବୋଉଲୋ, ଆଉ ଗୋଟିଏ ମାସର କଥା । ତୋ ପାଖକୁ ଆମେ ସମସ୍ତେ ଫେରି ଆସିବୁ । ନୂଆ ଘରେ ରହିବ । ଏତେ ଦୂରରେ ଗାଆଁ । ଆଉ ତୁମକୁ ସବୁ ଛାଡ଼ି କଟାଗୁଡ଼ି ପରି ରହିଲା ପରି ଲାଗୁଛି"। ଅନ୍ୟ ଦିଗକୁ ଚାହିଁ କଥାଟା କାନଡେରି ଶୁଣୁଥିଲା ମନୀଷା । ରଞ୍ଜିତା ନାମକ କେରଳର ଏଇ ନର୍ସ ସରକାରୀ ଚାକିରି ଛାଡ଼ି ଅଧିକ ଅର୍ଥ ରୋଜଗାର ପାଇଁ ଚାଲି ଯାଇଥିଲେ ବ୍ରିଟେନ୍ । ସ୍ୱପ୍ନ ସଫଳ ହୋଇଛନ୍ତି, ଅଧିକ ଅର୍ଥ ସଞ୍ଚିଛନ୍ତି । ହେଲେ ମା'ମାଟି ମନକୁ ପାଗେଳୀ କରିଛି । ନଡ଼ିଆ ବାହୁଙ୍ଗାର ଶିରିଶିରି ସୁର ମନେ ପଡ଼ିଛି । ପରିବାରର ମୋହରେ ସେ ପୁଣି ପୁରୁଣା ସରକାରୀ ଚାକିରିକି ଫେରିବାକୁ ଆବେଦନ କରି ସଫଳ ହୋଇଛନ୍ତି । ପୈତୃକ ସହରରେ ନୂଆ ଘର ଖଣ୍ଡେ କରିଛନ୍ତି । ଏଇଥର ଯାଉଛନ୍ତି ପୂରାପୂରି ସବୁ ଜିନିଷ

ଧରି କେରଳ ଫେରିବାକୁ । ମନୀଷା କଥାରୁ ବୁଝୁଥିଲା, ନୂଆ ଘରଟା ଖୁବ୍ ମନଲାଖି ହୋଇଛି । ପରିବାର ସାଥୀରେ ପୁଣି ଏକାଠି ରହିବାର ମୋହ ତାଙ୍କ ଆଖିରେ ବାରି ହୋଇ ପଡୁଥିଲା । ନିଜର ଫ୍ଲାଇଟ ବିଳମ୍ବିତ ହେଉଥିଲେ ବି ଉଦ୍‌ବିଗ୍ନ ହେଉନଥିଲା ମନୀଷା । ସଂପର୍କର ଗୋଟାଏ ମଧୁର ତାନ ଆମୋଦିତ କରୁଥିଲା ତାକୁ । ସବୁଠି ଶୁଭୁଥିଲା ମା'ମାଟି ପାଇଁ ଆକର୍ଷଣର ସ୍ୱର । ଅଜଣା ହେଲେ ବି ସମସ୍ତେ ନିଜର ନିଜର ଲାଗୁଥିଲେ ତା'କୁ ।

ମନୀଷାର ମନେ ହେଉଥିଲା ପଶ୍ଚିମା ପବନର ଝଡ ବଦଳେଇପାରିନି ଏଇ ମଣିଷମାନଙ୍କୁ । ଛାଡିଯାଇଥିବା ପାଣିପବନ ଏମାନଙ୍କର ଅନ୍ତଃସ୍ୱର । ପଶ୍ଚିମ ଦେଶର ଘରଭଙ୍ଗା ପବନ ଦୋହଲେଇ ପାରିନି ଏମାନଙ୍କର ମୂଳଦୁଆକୁ । ହସିହସି ପ୍ରାୟ ପୁଅଝିଅଙ୍କ ସହ କଥା ହେଉଥିଲେ ଅଭିନବ । "ଆରେ ତୋ ଜେଜେବାପା ଆଇନ ତିଆରି କରୁଛନ୍ତି"। ତା'ପରେ ଜୋରରେ ହସିଲା, "ଆରେ ବୁଦ୍ଧୁ ତୋ ଜେଜେବାପା କୋଉ ଫ୍ୟାକ୍ଟ୍ରିରେ ଆଇନ ତିଆରି କରନ୍ତି ନାଇଁ । ବିଧାନସଭାରେ ନିୟମ ତିଆରି କରନ୍ତି" । ସେ ବିଧାୟକ ଅଛନ୍ତି । ତିଆରି ଶବ୍ଦଟା ଶୁଣି ପିଲାଟା ଭାବିଥିଲା ସବୁ ଜିନିଷ ତ ଫ୍ୟାକ୍ଟ୍ରିରେ ତିଆରି ହୁଏ, ଆଉ ଆଇନ ସେଇଠି ତିଆରି ହେଉଥିବ। କଥାରୁ ବୁଝିଲା ମନୀଷା, ଅଭିନବ ଲଣ୍ଡନରେ ରହି ବ୍ୟବସାୟ କରୁଥିଲେ । ପିଲାପିଲି ବି ପଢୁଛନ୍ତି ସେଇଠି । ଏବେ ବାଙ୍ଗାଲୋରରେ ଅଫିସ ଖୋଲିବାକୁ ଆସିଥିଲେ । ଯାଉଛନ୍ତି ପିଲାମାନଙ୍କୁ ଦେଶକୁ ଫେରେଇ ଆଣିବାକୁ । ମଝିରେ ପ୍ରାୟ ଗାଆଁରୁ ମା' ପାଖରୁ ଫୋନ୍ ଆସିଲା । ମନୀଷାକୁ ଶୁଭିଲା, ଅଭିନବ କହୁଚି, "ମା' ଆଉ ମାତ୍ର ପନ୍ଦର ଦିନ, ଆମେ ଫେରିଆସିଲେ ତୋ ଘରେ ଗହଳି ଲାଗିବ ।"



ପ୍ୟାରିସଗାମୀ ବିମାନ ଆହୁରି ଘଣ୍ଟାଏ ବିଳମ୍ବ ହୋଇଯାଇଛି ବୋଲି ଘୋଷଣା ଶୁଭୁଛି । ଡେରିହେଉ, କିଛି ବ୍ୟସ୍ତ ହେବାର ନାହିଁ ବୋଲି ଭାବୁ ଭାବୁ ମନୀଷା ଦେଖିଲା ଖୁସିରେ ଦୁଇଜଣ ପ୍ରୌଢ଼ା ନାରୀ ପରସ୍ପରକୁ ଆଲିଙ୍ଗନ କରୁଥିଲେ । ପୁଣି ନିଜ ନିଜ ଭାଗ୍ୟକୁ ବଧେଇ ଜଣଉଥିଲେ । ଗୁଜୁରାଟର ଆନନ୍ଦ ଜିଲ୍ଲାର ଦୁଇ ଭଉଣୀ ଭାବନା ଆଉ ଆନନ୍ଦା । ତୁ ଜାଣିଛୁ ନା ବାପାଙ୍କର ଇଚ୍ଛାଥିଲା ଆମେ ଦୁଇ ଭଉଣୀ କେମିତି ବିଦେଶ ଯାଆନ୍ତେ । ଆଜି ଆମ ପିଲାମାନେ ବିଦେଶରେ । ପଇସାରେ ବାଟ ଚାଲୁଛନ୍ତି ହେଲେ.... । କଇଁ କଇଁ ହୋଇ କାନ୍ଦି ଦୁଇ ଭଉଣୀ ଦୁଃଖରେ ବୁଡିଯାଇ ପରସ୍ପରକୁ କୁଣ୍ଢେଇ ଧରିଛନ୍ତି । ଛୋଟ ଭଉଣୀ ଆନନ୍ଦା ଆଖିରୁ ଲୁହ ପୋଛି କହୁଛି ସତରେ ବାପା ଥିଲେ କେତେ ଖୁସି ହୋଇଥାଆନ୍ତେ । ତାଙ୍କ ଝିଅମାନେ ଆଜି ଉଡ଼ାଜାହାଜ ଚଢ଼ି ଲଣ୍ଡନ ଯାଉଛନ୍ତି । ବାପା ଆଜି ନାହାଁନ୍ତି । ତାଙ୍କର କଥା ମନେ ପକେଇ ଉଦାସ ହୋଇ ଉଠୁଥିଲେ ଦୁଇ ଆନନ୍ଦ ନନ୍ଦିନୀ । ସତରେ ସବୁ ଲୁହକୁ ଓଠରେ ପିଇ ଯାଇ ଯେ ହସେ ସେ ବାପା ।

"ବୋଉ ତୁ ଏତେବେଳ ଯାଏ ଏୟାରପୋର୍ଟ ପାଖରେ ଅଛୁ?" ପୁଅ କଣ୍ଠରେ ଆଶ୍ଚର୍ଯ୍ୟ ଭାବ । ଯୁବକର ମୁହଁକୁ ଚାହିଁଲା ମନୀଷା । ଚିହ୍ନା ଚିହ୍ନା ଲାଗିଲା । ନା, ଆଗରୁ ନୁହେଁ ପ୍ରବେଶ ଦ୍ୱାର ପାଖରେ ଦେଖିଥିଲା ତାକୁ । ଭିତରକୁ ପଶିଲାବେଳେ ମା' ଛାତିରେ ମୁଣ୍ଡ ରଖି କହୁଥିଲା, ତୁ କାନ୍ଦନା ତୁ କାନ୍ଦିଲେ, ମୁଁ କାନ୍ଦିବି । ପୁଅ ପାଟିରେ ହାତ ଦେଇଥିଲା ମା' । ମା' ସବୁ ସହିପାରେ ହେଲେ ପିଲାଙ୍କ ଆଖିର ଲୁହ ସହିପାରେ ନାହିଁ । ଦାନିଏଲର ଚାକିରି ଲଣ୍ଡନରେ । ବାପା ଚାଲିଯାଇଛନ୍ତି ଅକାଳରେ । ତାଙ୍କର ଅନ୍ତିମ ସଂସ୍କାର ପାଇଁ ଆସିଥିଲା, ଫେରୁଛି ଲଣ୍ଡନ । କିନ୍ତୁ ହୃଦୟଟା ରହିଯାଇଛି ପତିହରା ମା' ପାଖରେ । ବହୁ ମାର୍ମିକ ଏଇ ବିଦାୟ । ବିଧବା ମା' ଅପେକ୍ଷା କରିଛି ପୁଅର ବିମାନ ଉଡ଼ିଗଲା ପରେ ଏୟାରପୋର୍ଟ ଛାଡ଼ିବ ।

ଅଟକିଗଲା ମନୀଷା ଯୁବଦମ୍ପତିଙ୍କ ମୁହଁରେ ଗୋଟାଏ ପରିତୃପ୍ତିର ବର୍ଣ୍ଣବିଭା । ଅହମ୍ମଦାବାଦର କେଲିୟା ବାସନା ଗାଆଁର ବୈଭବ ଆଉ କାନନ । ଲଣ୍ଡନରୁ ବୈଭବ ଗାଆଁକୁ ଆସିଥିଲେ ବିଭା ହେବା ପାଇଁ । ଆସିଥିଲେ ଏକା । ବାହାଘର ପରେ କିଛି ମାସ ଘରେ କଟେଇ ଫେରୁଛନ୍ତି ଏଇ ଦିଇଜଣ । ମନୀଷାକୁ ଚକିତ କରି ଆଉ ଜଣେ କିଏ କହିଲା, "ମୁଁ ବି ଯାଉଛି" । ବୁଲି ଚାହିଁଲା ମନୀଷା, କାନନ ଗର୍ଭବତୀ । ମିଳନ ଆଉ ଆନନ୍ଦର ସ୍ୱାକ୍ଷର ଏଇ ଅନାଗତ ଶିଶୁ ବି ଯାଉଛି

ସାଙ୍ଗରେ । ଭାବ ଭିତରେ ବୁଡ଼ିଗଲା ମନୀଷା ।

ଆମୋଦିତ ହେଲା ମନୀଷା । ଚକୋଲେଟଟିଏ ପ୍ୟାକରୁ ଖୋଲି ଝିଅଟିର ପାଟିଲେ ଦେବାକୁ ଗଲାବେଳେ ଝିଅଟି ଖାଇବା ପାଇଁ ଆଁ କରିଛି । ପୁଅଟି କିନ୍ତୁ ଝିଅଟିର ପାଟିରେ ଚକୋଲେଟ୍ ଟି ନ ଦେଇ ନିଜ ପାଟିରେ ପକେଇ ଦେଇଛି । ଝିଅଟି ରାଗିଯାଇ କିଶୋରଟିର ଗାଲରେ ଚପୁଡ଼ାଟିଏ ଦେବାକୁ ଉଞ୍ଚେଇଲା ବେଳେ ଦୌଡ଼ି ପଳାଇଛି ପୁଅଟି । ହସିଦେଲେ ପାଖରୁ ଦେଖୁଥିବା ଅନ୍ୟ ଯାତ୍ରୀମାନେ । ଏଇ ଭିତରେ ଝିଅଟିର ମୋବାଇଲ ଫୋନରେ ଭିଡିଓ କଲଟିଏ ଆସିଥିଲା । କରିଥିଲେ ବାପା ସଂଜୀବ । ରାଜସ୍ଥାନର ମାର୍ବଲ ବ୍ୟବସାୟୀ । ଏମାନେ ଭାଇଭଉଣୀ ନାମ ଶୁଭ ଆଉ ଶାଗୁନ । ଭାଇ ପଛରେ ଦୌଡ଼ିବା ବନ୍ଦ କରି ଝିଅଟି ସାଙ୍ଗେ ସାଙ୍ଗେ ବାପ ପାଖରେ ଭାଇର କାରନାମା ବିଷୟରେ ନାଲିସ କରିଦେଲା । ହେଲେ ହସର ଫୁଆରା ଖେଳିଗଲା ଯେତେବେଳେ ପୁଅଟି ଆଉ ଗୋଟିଏ ଚକୋଲେଟ ବାହାର କରି ଉଭଣୀ ପାଟିରେ ଦେଲା । ହସ ଆହୁରି ବର୍ଦ୍ଧି ଗଲା ଯେତେବେଳେ ପୁଅଟା କହିଲା, "ବାପା ଅପା ମିଛ କହୁଛି" ।

ମନୀଷା ଦେଖିଲା ଏତେ ଖୁସିର କଲ୍ଲୋଳ ଭିତରେ ଗୋଟିଏ କଣ-ଚଉକିରେ ଏକଲା ବସିଛି ଜଣେ ଯୁବକ । ଆଖିରେ କାହାକୁ ଛାଡ଼ି ଆସିଥିବାର ଚିହ୍ନ । ଫୋନରେ ପ୍ରାୟ କେଉଁ ବନ୍ଧୁଙ୍କ ସହ କଥା ହେଉଛନ୍ତି ସେ । କଥାରୁ କାନ୍ଦର ସ୍ୱର ନ ଶୁଭୁଥିଲେ ବି ମନେହେବ ସେ କାନ୍ଦୁଛନ୍ତି ନିଶ୍ଚୟ । ବାଲିର ଶେଯ ତଳେ ଯେମିତି ଗୋଟାଏ ଲୁହର ସରସ୍ୱତୀ ନଦୀ ବହୁଛି । ନିର୍ମଳ, ଶୀତଳ, ସ୍ୱଚ୍ଛ ଏଇ ପ୍ରେମର ଜଳଧାର । ଶୁଣିଥିଲା ପଶ୍ଚିମା ମାଟିରେ ଦାମ୍ପତ୍ୟର ରଜ୍ଜୁ ଦୃଢ଼ ନୁହେଁ । ଆବେଗଠାରୁ ଏମାନେ ବହୁ ଦୂରରେ । ହେଲେ ଏ ଯୁବକର ଆଖି ଲୁହ ଟଳମଳ କାହିଁକି ? କଠିନ ରୋଗଗ୍ରସ୍ତା ସ୍ତ୍ରୀ ଭାରତୀର ଇଚ୍ଛା ଥିଲା ମୃତ୍ୟୁ ପରେ ତା'ର ଅସ୍ଥି ନିଜ ଗାଆଁ ପାଖ ନଦୀରେ ବିସର୍ଜନ କରିବାକୁ । ଅବେଳରେ ଛାଡ଼ି ଚାଲିଗଲା ସେ । ସବୁଚେଷ୍ଟା ପରେ ବି ସୁସ୍ଥ କରିପାରିଲାନି ତାକୁ ।

ଏ ଥିଲା ଆମେରିକାର ମୂଳ ବାସିନ୍ଦା ଯୁବକ ଅର୍ଜୁନଙ୍କର ଭାଷା । ପତ୍ନୀ, ପୁଅଝିଅଙ୍କ ସହ ରହୁଥିଲେ ଲଣ୍ଡନରେ । ଜୀବନରେ ସ୍ୱପ୍ନ ଥିଲା ଅନେକ । ହେଲେ ସବୁ ସ୍ୱପ୍ନ ଧୂସର ହୋଇଗଲା ଯେତେବେଳେ ପତ୍ନୀ ଭାରତୀ ବେନ ଚାଲିଗଲେ । ଅର୍ଜୁନ ଆଉ କୁନିକୁନି ଦିଇଝିଅ ଏକଲା ହୋଇଗଲେ । ପରିବାର ଲୋକେ ନିୟତିକୁ ନିର୍ଦ୍ଦୟ ବୋଲି କହି ଅଭିଶାପ ଦେଲେ । ହେଲେ ନିୟତି ବଡ ଅବିଶ୍ୱାସୀ । କାହାର ହସ କି କୋହକୁ ସେ ବୁଝେନା । ପୁଣି ବେଡ଼ି ଉପରେ କୋରଡ଼ା ବି ମାରେ । ପତ୍ନୀ ଭାରତୀବେନଙ୍କର ଶେଷ ଇଚ୍ଛା ପୂରଣ କଲାବେଳେ ତାଙ୍କୁ ଯେ କେବେ ସେ ପାଖକୁ ଡାକିନେବେ ତା' ଅବିଶ୍ୱାସନୀୟ ।

ଲାଉଞ୍ଜରେ ବୁଲୁବୁଲୁ ଅଟକି ଗଲା ମନୀଷା "ଜୀବନରେ ଆଠହଜାର ଘଣ୍ଟାରୁ ଅଧିକ କାଳ ଉଡ଼ାଜାହଜ ଉଡ଼ାଇ ସାରିଲେଣି । ବୟସ ବାଉନ ଧରିଲାଣି । ଏ ଉଡାଜାହାଜ ପଡିଆ, ଏ ବୋଇଂ ଡ୍ରିମ ଲାଇନର ନିତି ବଦଳୁଥିବା କ୍ରିଉ ମେମ୍ବର ଆଉ ଯାତ୍ରୀ ମୋର ନିତି ଦିନର ସାଥୀ । ହେଲେ ଘରେ ମୋର ପଞ୍ଚାନବେ ବର୍ଷର ବାପା, ମା' ଅନେକ ଦିନୁ ଚାଲିଯାଇଛନ୍ତି । ମୁଁ ତ ଅବିବାହିତ । ଅସୁସ୍ଥ ବାପାଙ୍କୁ ସେବା କରିବ କିଏ ? ସେଇଥିପାଇଁ ଭଲ୍ୟୁଣ୍ଟାରି ରିଟାଏରମେଂଟ୍ ରେମେ ଲେଖି ଦେଇଛି । ବାପାଙ୍କ ପାଖରେ ରହିବି" । କହୁଥିଲେ ବଗପକ୍ଷୀ ପରି ଧଳା ପ୍ୟାଣ୍ଟସାର୍ଟ ପିନ୍ଧା ଜଣେ ସୌମ୍ୟ ଦର୍ଶନ ଯୁବକ ପରି ପ୍ରତୀୟମାନ ପୁରୁଷ । ପାଖେଇ ଯାଇ ଛାତିରେ ମରାଯାଇଥିବା ନେମପ୍ଲେଟକୁ ଚାହିଁଲା । ରେଖା ଅଛି କ୍ୟାପଟେନ ସୁମିତ ସବରୱାଲା । ପ୍ରାୟ କେଉଁ ବନ୍ଧୁଙ୍କୁ ମନର କଥା ଫୋନରେ କହୁଥିଲେ । ଆଶ୍ଚର୍ଯ୍ୟ ହେଲା ମନୀଷା । ପାଇଲଟ ଚାକିରି । ସବୁବେଳେ ଏମାନେ ସ୍ୱପ୍ନର ଦୁନିଆରେ ବିଚରଣ କରନ୍ତି । ଶୁଣିଛି, ଏମାନଙ୍କର ଜୀବନ ରଙ୍ଗିନ । ନୂଆ ନୂଆ ଲାଗୁଥିଲା ତାକୁ । ମା', ମାଟି, ମଣିଷଙ୍କୁ ଭଲ ପାଉଥିବା ମଣିଷମାନଙ୍କୁ କ'ଣ କିଏ ଏକାଠି କରିଦେଇଛି ଏଇ ବୋଇଂ ଡ୍ରିମଲାଇନର ଫ୍ଲାଇଟ୍ ନମ୍ବର ଏକଶହ ଏକସ୍ତରୀରେ । ଦୁନିଆଟା ନୂଆ ନୂଆ ଲାଗୁଥିଲା ତାକୁ ।

ଧୀରେ ଧୀରେ ଗେଟଦେଇ ଗୋଟିକ ପରେ ଗୋଟିଏ ଲୋକ ଭିତରକୁ ଚାଲିଗଲେ । ବୋଇଂ ଡ୍ରିମଲାଇନର ଶହେ

**ପାଇଲଟ ଚାକିରି । ସବୁବେଳେ ଏମାନେ ସ୍ୱପ୍ନର ଦୁନିଆରେ ବିଚରଣ କରନ୍ତି । ଶୁଣିଛି, ଏମାନଙ୍କର ଜୀବନ ରଙ୍ଗିନ ।**

ଏକସ୍ତରୀର ଶେଷ କଲ ବି ଦିଆସରିଛି । କ୍ୟାପଟେନ୍ ସୁମିତ ସାବରଓ୍ୱାଲ ବି କକ୍‌ପିଟ୍‌ରେ ବସି ସାରିବେଣି । ଫାଙ୍କା ଲାଗୁଥିଲା ଓ୍ୱେଟିଂ ଏରିଆଟା । ଲାଉଞ୍ଜର କାନ୍‌ଭାସ୍ ଉପରେ ମନୀଷା ଦେଖୁଥିଲା ମା',ମାଟି ମଣିଷମାନଙ୍କୁ ଭଲ ପାଉଥିବା କଥାକୁହା କଣ୍ଢେଇମାନଙ୍କର ଅଲିଭା ଛବି । ସେପଟେ ବିଦାୟ ଦେବାକୁ ଆସିଥିବା ନିଜର ମଣିଷମାନଙ୍କ ଭିତରୁ ଗୋଟିଏ ପରେ ଗୋଟିଏ ଚାଲିଯିବେଣି । ହେଲେ ପିତୃହରା ପୁଅର ପ୍ଲେନ୍ ଟେକ୍‌ଅଫ୍ କରିବା ଦେଖିଲେ ଯିବ ବୋଲି କହିଥିବା ମା'ଏବେ ବି ଅପେକ୍ଷା କରିଥିବ । ମା'ର ମନ ବଡ଼ ବିଚିତ୍ର । ସୋହାଗ, ଦିବ୍ୟ ବାତ୍ସଲ୍ୟ ପ୍ରେମରେ ରଞ୍ଜିତ ତାର ମନ । ମନୀଷାର ମନ ବିଳପି ଉଠିଲା । ସତରେ ପାଶ୍ଚାତ୍ୟ ଦୁନିଆର ଘରଭଙ୍ଗା ପବନ ଭିତରେ ଭାରତର ପ୍ରେମ ପ୍ରତିଦାନଭରା ଦିବ୍ୟ ସଂପର୍କ ସେମିତି ଉଜ୍ଜ୍ୱଳ ରହିଛି । କେରଳର ରଞ୍ଜିତାଠାରୁ ଆରମ୍ଭ କରି ଗୁଜୁରାଟର କଲ୍ୟାଣୀ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଗୋଟାଏ ମମତାରେ ଢଳଢଳ ମନ ରହିଛି ।

ତଥାପି ପ୍ୟାରିସଗାମୀ ବିମାନଆସିବାରେ ବିଳମ୍ବ ହେଉଛି । ଅନେକ ସ୍ୱପ୍ନର ସମାହାର ବୋଇଂ ଡ୍ରିମଲାଇନରେ ଆକାଶରେ ସିଆରା କାଟି ଉଡିବା ଆରମ୍ଭ କରିବଣି । ଯାତ୍ରୀମାନେ ନିଜ ନିଜର ମୋବାଇଲ ଫୋନ୍ ସୁଇଚ ଅଫ କରି କି ଫ୍ଲାଇଟ ମୋଡରେ ରଖି ହୁଏତ କିଛି ସମୟତଳେ ଅନୁଭବ କରିଥିବା ମଧୁର ସ୍ମୃତିକି ରୋମନ୍ଥନ କରୁଥିବେ । ଅବା କିଏ କିଏ ଛାଡ଼ି ଆସିଥିବା ମନର ମଣିଷଙ୍କ କଥା ଭାବୁଥିବେ । ନବବିବାହିତା ଦମ୍ପତିଙ୍କର ଗର୍ଭସ୍ଥ ଶିଶୁଟି ହୁଏତ ଟେକଅଫ୍ ବେଳର ଘର୍ଘର ଶବ୍ଦରେ ଡରି ଶୋଇଯାଇଥିବ । ଏହି କେତେ କ୍ଷଣର ମଧୁର ଆଉ ଦରଦଭରା ଅନୁଭବର ମଳୟ ପବନରେ ମନୀଷା ମନର ସ୍ୱପ୍ନପକ୍ଷୀ ଉଡ଼ିଗଲା ଗୋଟାଏ ଅଭୁଲା ସଂପର୍କର ନନ୍ଦନକାନନ ଆଡ଼କୁ । ମନ ଆକାଶରେ ଫୁଟିଗଲା ଗୁଡ଼ାଏ ସ୍ୱପ୍ନର କୁସୁମ । ସେ ବି ଉଡ଼ିବାକୁ ଲାଗିଲା ସେଇ ବୋଇଂ ଡ୍ରିମ୍‌ଲାଇନର୍ ଏକଶହ ଏକସ୍ତରୀରେ ।

ଚିତ୍କାର କରି ମୁହଁରେ ଦୁଇ ପାପୁଲିକି ଚାପିଦେଲା ମନୀଷା । "ନାଇଁ,ନାଇଁ" ବୋଲି ଚିତ୍କାର କରିଉଠିଲା । ଡିସପ୍ଲେ ବୋର୍ଡ ଛାଡ଼ି ସମସ୍ତଙ୍କର ଆଖି ଟିଭି ପରଦାରେ । ଭାଷା ରହିତ ସମସ୍ତେ । ଛୋଟ ପିଲାଗୁଡ଼ାକଙ୍କର ବି ଭାଷା ନାହିଁ । ସାଇରନ୍ ଶୁଭୁଛି । ଛାଡ଼ିବାର କେତେ ମିନିଟ୍ ପରେ ଲଣ୍ଡନଗାମୀ ବୋଇଂ ଡ୍ରିମଲାଇନର୍ ମୁହଁ ତଳକୁ କରି ଶରାହତ ପକ୍ଷୀ ପରି ପିଟି ହୋଇ ଯାଇଛି ବିମାନବନ୍ଦର ପାଖ ମେଡିକାଲ କଲେଜ ହଷ୍ଟେଲ ଛାତରେ । ଟି.ଭି ପରଦାରେ ଦେଖାଯାଉଥାଏ ଗୋଟାଏ ଅଗ୍ନିର ପିଣ୍ଡୁଳା ପରି । ପୁଅକୁ ବିଦାୟ ଦେଇ ଘରକୁ ଫେରୁଥିବା ମା' ଦେଖୁଥିବ ଗୁଡ଼ାଏ ସ୍ୱପ୍ନକୁ ନେଇ ଉଡ଼ିଯାଉଥିବା ଗୋଟାଏ ଉଡାଜାହାଜ ନୁହେଁ ଗୋଟାଏ ଅଗ୍ନିର ପିଣ୍ଡୁଳା । ଜଳିଯାଉଥିବ ଗୋଟାଏ ସ୍ୱପ୍ନ ଦେଖୁଥିବା ପକ୍ଷୀମାନଙ୍କର ଗହନ । ହତବାକ୍ ହୋଇ ଦେଖୁଥିଲା ଯେମିତି ପକ୍ଷୀଟିଏ ଉଡ଼ିଯାଉଛି ଆଉ ଅର୍ଦ୍ଧଦଗ୍ଧ ଡ଼େଣାକୁ ହଲେଇ ବସିବା ପାଇଁ ଡ଼ାଳଟିଏ ଖୋଜୁଛି ।

ଆଶ୍ଚର୍ଯ୍ୟ ହେଲା ମନୀଷା ଅଳ୍ପ କେତେକ୍ଷଣର ଅସ୍ଥିରତା, ଶୋଚନା ପରେ ପୁଣି ଘୋଷଣା ହେଲାଣି ପ୍ୟାରିସଗାମୀ ବିମାନ ଛାଡ଼ିବ । ଯାତ୍ରୀମାନେ ନିଜ ନିଜର ହ୍ୟାଣ୍ଡ ଲଗେଜକୁ ସଜାଡ଼ି ଧରିଲେଣି । ଆରପଟରେ ଟିଭି ସ୍କ୍ରିନରେ ଧ୍ୱଂସ ସ୍ତୂପ ଭିତରୁ ମିଳିଥିବା ଅକ୍ଷତ ଭଗବଦ୍ ଗୀତା ବହିଟିଏ ଧରି କିଏ ଦେଖାଉଛନ୍ତି । କିଏ କହୁଛି ଅଲୌକିକ, କିଏ ଯୋଡୁଛି ଆସ୍ଥା ସହ । ହେଲେ ମନୀଷାକୁ ଶୁଭିଲା, ସବୁକୁ ଭୁଲି ଆଗକୁ ଚାଲ । ଯାହା ଥିଲା ତାହା ନାହିଁ, ଯାହା ଅଛି ତାହା ରହିବ ନାହିଁ । ଯେଉଁମାନେ ଥିଲେ ସେମାନେ ନାହାନ୍ତି, ଯେଉଁମାନେ ଅଛନ୍ତି ସେମାନେ ରହିବେ ନାହିଁ । ତଥାପି ଦିନ ଯାଇ ରାତି ହେବ, ପୁଣି ରାତି ଯାଇ ସକାଳ ହେବ । ପୁଣି ସ୍ମୃତି, ଶୋଚନା, ସ୍ୱପ୍ନ ଆଉ ସମ୍ଭାବନା ଭିତରେ ମଣିଷ ବଞ୍ଚିବ । ଏଇ ସଞ୍ଜ ସକାଳର କାବ୍ୟ ଭିତରେ ମନୀଷାକୁ କିଏ କହିଲା ପରି ଲାଗିଲା ଆତ୍ମା ଅଜର, ଅମର, ଅକ୍ଷୟ, ଅବିନଶ୍ୱର । ସମସ୍ତଙ୍କ ସାଙ୍ଗରେ ମନୀଷା ବି ନିଜର ହ୍ୟାଣ୍ଡ ଲଗେଜକୁ ଧରିଲା ଆଉ ଶରାହତ ସ୍ୱପ୍ନପକ୍ଷୀମାନଙ୍କୁ ଭୁଲିବାକୁ ଲାଗିଲା । ପ୍ୟାରିସଗାମୀ ବିମାନର ଯାତ୍ରୀମାନଙ୍କ ପାଇଁ ଶେଷ ଘୋଷଣା ଶୁଭୁଥିଲା । ସତେ ଯେମିତି କିଛି ହୋଇନି ।

**ଚିତ୍କାର କରି ମୁହଁରେ ଦୁଇ ପାପୁଲିକି ଚାପିଦେଲା ମନୀଷା । "ନାଇଁ,ନାଇଁ" ବୋଲି ଚିତ୍କାର କରିଉଠିଲା । ସମସ୍ତଙ୍କର ଆଖି ଟିଭି ପରଦାରେ ।**

□□

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com



# କଳାହାଣ୍ଡିର ଲୋକଗୀତରେ ବାଦୀ ପରମ୍ପରା

ପ୍ରବନ୍ଧ

**ପ୍ରଦୀପ୍ତ ଶ୍ରୀଚନ୍ଦନ**

ବିବିଧ କଳାର ଭୂମି ଓଡ଼ିଶାର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ କଳାହାଣ୍ଡି ପ୍ରାଗ୍-ଐତିହାସିକ କାଳରୁ ନିଜର କଳାତ୍ମକ ସ୍ୱତନ୍ତ୍ର୍ୟ ବହନ କରି ଆସିଥିବାର ବହୁ ପ୍ରମାଣ ମିଳେ। ଗୁଡ଼ହାଣ୍ଡିର ପ୍ରସ୍ତର ଚିତ୍ର, ଯୋଗୀମଠର ଗୁମ୍ଫାଚିତ୍ର, ଅସୁରଗଡ଼ ଓ ମାରାଗୁଡ଼ା ସଭ୍ୟତା ସବୁ ଏହାର ସମର୍ଥ ଉଦାହରଣ। ଇତିହାସ ପୃଷ୍ଠାରେ ମହାକାନ୍ତାର,ଦକ୍ଷିଣ କୋଶଳ, ଅଟବିକ ରାଜ୍ୟ, ତ୍ରିକଳିଙ୍ଗ, କମଳ ମଣ୍ଡଳ, କାରୁଣ୍ଡ ମଣ୍ଡଳ ନାମରେ ପରିଚିତ ଏହି ଅଞ୍ଚଳଟି ବିଭିନ୍ନ ସମୟରେ ଚେଦି, ସାତବାହନ, ଗୁପ୍ତ, ନଳ, ପର୍ବତ ଦ୍ୱାରକ, ଶରଭପୁରୀୟ, ସୋମ, କଳଚୁରୀ, ନାଗ, ଚୌହାନ ରାଜବଂଶ ଦ୍ୱାରା ଶାସିତ ହୋଇଥିବାର ପ୍ରମାଣ ମିଳେ। ପ୍ରକୃତି ଓ ସଂସ୍କୃତିର ଏକ ସମନ୍ୱିତ ଗନ୍ତାଘର କଳାହାଣ୍ଡି। ଛୋଟ ବଡ଼ ସୁଉଚ୍ଚ ପର୍ବତମାଳା, ପର୍ବତମାନଙ୍କରୁ ଝରି ଯାଉଥିବା ଅଗଣିତ ଝରଣା ଓ ନଦୀ, ବିସ୍ତାରିତ ଜଙ୍ଗଲ ଯେମିତି ପ୍ରତି ମୁହୂର୍ତ୍ତରେ ଆନନ୍ଦର ଗୀତ ଗାଇ ବିମୋହିତ କରି ଚାଲିଥାନ୍ତି ଜଗତର ସମସ୍ତ ଜୀବକୁ। ସକାଳୁ ଉଠି ନିତ୍ୟକର୍ମ ସାରି ଜୀବନ ଜଞ୍ଜାଳରେ ମାତିବାଠାରୁ କର୍ମକ୍ଳାନ୍ତିର ଅପନୋଦନ ପାଇଁ, ବିଛଣା ପାରି ଶୋଇବାଠାରୁ ନିଦ ଯିବା ଯାଏଁ ସବୁବେଳେ ଶୁଣିବାକୁ ମିଳେ ଏଠିକାର ପଲ୍ଲୀ ଜନତାର ସ୍ୱାଭାବିକ କଣ୍ଠରୁ ସ୍ୱତଃସ୍ଫୂର୍ତ୍ତ ଗୀତ। ତେଣୁ ସଂଗୀତର ଏଇ ସମୃଦ୍ଧ ପରମ୍ପରାର ଆଧାରରେ ଏଠି ଦେଖିବାକୁ ମିଳନ୍ତି ଅନେକ ଗୀତ୍‌କୁଡ଼ିଆ, ଯେଉଁମାନେ ଗୀତକୁ ଆଧାର କରି ସମାଜରେ ପରିଚିତ ହୋଇଥାନ୍ତି।

**ଗୀତ ଗାଇବାରେ ପାରଦର୍ଶିତା ଲାଭ କରିଥିବା ଗୀତ୍‌କୁଡ଼ିଆମାନଙ୍କୁ ସମାଜ ମଧ୍ୟ ଯଥେଷ୍ଟ ସମ୍ମାନ ଜଣାଇଥାଏ।**

ଗୀତ ଗାଇବାରେ ପାରଦର୍ଶିତା ଲାଭ କରିଥିବା ଏହି ଗୀତ୍‌କୁଡ଼ିଆମାନଙ୍କୁ ସମାଜ ମଧ୍ୟ ଯଥେଷ୍ଟ ସମ୍ମାନ ଜଣାଇଥାଏ। ପର୍ବପର୍ବାଣି, ପ୍ରଥା, ପରମ୍ପରା, ଯାନିଯାତ୍ରା, ନୃତ୍ୟ, ଅବସର ସବୁ ସ୍ଥାନରେ ଏମାନଙ୍କ ଉପସ୍ଥିତି ଲୋକସମାଜ ଭିତରେ ଆନନ୍ଦର ଲହରୀ ଖେଳେଇ ଦିଏ।

**ଫୋକ୍ ନେରେଟର୍**

ଇଂରାଜୀ ଫୋକ୍ ନେରେଟର୍ ଶବ୍ଦର ଅବିକଳ ଓଡ଼ିଆ ଶବ୍ଦ ହେଉଛି ଗୀତ୍‌କୁଡ଼ିଆ। କୁଡ଼ିଆ କହିଲେ, କୁଟୀର ବା ଘରକୁ ବୁଝାଯାଉଥିଲେ ହେଁ, ଗୀତ୍‌କୁଡ଼ିଆ ଶବ୍ଦଟା କଳାହାଣ୍ଡି ଅଞ୍ଚଳରେ ନିର୍ଦ୍ଦିଷ୍ଟ ଧରଣର ବ୍ୟକ୍ତି ବିଶେଷକୁ ବୁଝାଯାଇଥାଏ। ସମ୍ପ୍ରଦାୟ, ଜାତି ବା ଗୋଷ୍ଠୀର ମାପକାଠିରେ ଏମାନଙ୍କୁ ମପାଯାଇ ନ ଥାଏ। ସଂଗୀତ ଭଳି ଏକ ଉନ୍ନତ ସାଂସ୍କୃତିକ ପରମ୍ପରାକୁ ନିଜ ଆତ୍ମାର ଅଂଶ କରି ଜନସାଧାରଣଙ୍କ ନିକଟରେ ପରିବେଷଣ କରୁଥିବାରୁ ଏମାନଙ୍କୁ ଗୀତ୍‌କୁଡ଼ିଆ କୁହାଯାଏ। ସେମିତି ଗୀତ୍‌କୁଡ଼ିଆମାନଙ୍କର ଧର୍ମପତ୍ନୀକୁ ଗୀତ୍‌କୁଡ଼ିଆଣୀ ନ କହି ଗୀତ୍‌କୁଡ଼ିଆମାନଙ୍କ ଭଳି ସାଂଗୀତିକ ସଂସ୍କୃତିର ଉତ୍ତରଦାୟୀ ସ୍ତ୍ରୀଲୋକକୁ ଗୀତ୍‌କୁଡ଼ିଆଣୀ କୁହାଯାଏ। ଏହି ଗୀତ୍‌କୁଡ଼ିଆ ବା ଗୀତ୍‌କୁଡ଼ିଆଣୀମାନଙ୍କର ପରିପାଟି ଯାହାକି, ସେମାନଙ୍କୁ ଅନ୍ୟ ନିକଟରେ ପରିଚିତ କରାଇଥାଏ ସେ ସମ୍ପର୍କରେ ସେମାନେ ଗାଇଥାନ୍ତି।

ମୁଇଁ ଗୀତ୍‌କୁଡ଼ିଆ
ଚିନିଚତ ମୁଇଁ କଳାହାଁଡ଼ିଆ
ଗୁଂଜର ଅଁଟି ଧୋତି ମାରିଚେଁ ଖୁଚା, ଖନ୍ଦେ ଲାଲ ଗମଚା
ଯୋଡ଼େ ହାତେ ମୋର ଚୂପାରବଲା, ଗୀତ୍‌କୁଡ଼ିଆ ପିଲା।
ଗୀତ୍‌କୁଡ଼ିଆନିର୍ ବେକେ ଖୋଗଲା
ରାଲ୍ ପହଁଲା ମାଳି
ଶାଢ଼ି ପିନ୍ଧିଥିବା ଲାଲ୍ ବଂଗାଲି
ଖୋସା ତଲେ ଖଙ୍ଗରା
ଝୁଲୁଛେ ଚାଏଁରୀ ମୁଡ଼ିର ଝରା...

ଗୀତ୍‌କୁଡ଼ିଆମାନଙ୍କୁ ଭିତିରି ଦୃଷ୍ଟିରୁ ନିରେଖିଲେ ମନେହୁଏ, ଏମାନେ ଉଚ୍ଚଶିକ୍ଷିତ ନ ହେଲେ ମଧ୍ୟ ସାଂସ୍କୃତିକ ଶିକ୍ଷା ଦୃଷ୍ଟିରୁ ଯଥେଷ୍ଟ ଉଚ୍ଚରେ। ନିର୍ଦ୍ଦିଷ୍ଟ ଅଞ୍ଚଳର ଭୂଗୋଳ, ଇତିହାସ, ପର୍ବପର୍ବାଣି, ପ୍ରଥା, ପରମ୍ପରା, ଚାଲିଚଳଣି, ଉତ୍ସବ, ବିଶ୍ୱାସ, ସଂସ୍କାର ସହିତ ଲୋକ ଚିକିତ୍ସା, ଖାଦ୍ୟ ବ୍ୟବସ୍ଥା, କୃଷି ପ୍ରଣାଳୀ ଭଳି ଜୀବନଚର୍ଯ୍ୟାର ସମସ୍ତ ବିଷୟରେ ଗୀତ୍‌କୁଡ଼ିଆ, ଗୀତ୍‌କୁଡ଼ିଆଣୀମାନଙ୍କର ଥାଏ ଯଥେଷ୍ଟ ଧାରଣା। ଏହି ସମସ୍ତ ଜ୍ଞାନକୁ ଜନସାଧାରଣଙ୍କ ନିକଟରେ ଗୀତ ମାଧ୍ୟମରେ ପରିବେଷଣ କରିବା ହିଁ ଏମାନଙ୍କ ଜୀବନର ଆଦର୍ଶ ଓ ଆନନ୍ଦ। ଗୀତ୍‌ଗୁଡ଼ିଆମାନେ ବେଳେ ବେଳେ ଏକ୍‌ତାରା, କେନ୍ଦେରା, ଘୁଡୁକା ଭଳି ବାଦ୍ୟକୁ ସହବାଦ୍ୟର ବିନା ସହଯୋଗରେ ନିଜେ ବଜାଇ ମଧ୍ୟ ଗୀତ ଗାଇଥାନ୍ତି। ଏମାନେ ଗୀତ ପରିବେଷଣ କରିବା ସମୟର ପରିବେଶ ସମ୍ପର୍କରେ ଆଲୋଚନା ନ କଲେ ଗୀତ୍‌କୁଡ଼ିଆମାନଙ୍କ ସମ୍ବନ୍ଧରେ ସବିଶେଷ ଜାଣିବା ଅସମ୍ଭବ।



**ସାଙ୍ଗୀତିକ ଅବସର**

ଗୀତ୍‌କୁଡ଼ିଆମାନେ ଯେକୌଣସି ସ୍ଥାନରେ ମଧ୍ୟ ଗୀତ ପରିବେଷଣ କରିପାରିବାର ଦକ୍ଷତା ଅର୍ଜନ କରିଥିଲେ ହେଁ ଏମାନେ ଚଇତପରବ, ପୁଷପରବ, ବିବାହ, ତଥା ସଂଧ୍ୟାକାଳୀନ ଅବସର ବିନୋଦନ ନିମିତ୍ତ ଗାଁ ଦାଣ୍ଡର ଯୁବ ଅନୁଷ୍ଠାନମାନଙ୍କରେ ନିଜର ସାଂଗୀତିକ ଦକ୍ଷତା ପ୍ରକାଶ କରିଥାନ୍ତି। ଏହିସବୁ ଅନୁଷ୍ଠାନମାନଙ୍କରେ ବିଭିନ୍ନ ଗ୍ରାମରୁ ଦଳ ଦଳ ଲୋକ ଆସି ଠୁଳ ହୋଇଥାନ୍ତି ଏବଂ ନୃତ୍ୟରେ ମାତିଯିବାର ପୂର୍ବଯୋଜନା କରିସାରିଥାନ୍ତି। ଏପରିକି ଢୋଲ, ନିଶାଣ, ତାସା, ଡାପ୍, ମହୁରୀ ଭଳି ବାଦ୍ୟର ବଜନିଆମାନେ ମଧ୍ୟ ଉପସ୍ଥିତଥାନ୍ତି। ଏହି ବଜନିଆମାନେ ବଜାଇବା ପାଇଁ ଏବଂ ନଚନିଆମାନେ ନାଚିବା ପାଇଁ ଗୀତ୍‌କୁଡ଼ିଆର ଆବଶ୍ୟକତା ନିହାତି ଅପରିହାର୍ଯ୍ୟ। ବଜନିଆମାନେ ନିର୍ଦ୍ଦିଷ୍ଟ ଥିବାବେଳେ ନଚନିଆମାନଙ୍କ ସଂଖ୍ୟା ଅନିର୍ଦ୍ଦିଷ୍ଟ। ନାଚ ଚାଲୁଥିବା ସମୟରେ ମଧ୍ୟ କେହି କେହି ଅନୁପ୍ରବେଶ କରିପାରନ୍ତି ବା ପ୍ରସ୍ଥାନ କରିପାରନ୍ତି। କିନ୍ତୁ ଏହି ନଚନିଆମାନେ ଦୁଇ ଦଳରେ ବିଭକ୍ତ ଥାନ୍ତି। କୌଣସି କୌଣସି ସ୍ଥାନରେ ଗୋଟିଏ ଦଳରେ ପୁଅ ଓ ଅନ୍ୟ ଦଳରେ ଝିଅ ଥିବାବେଳେ ଅନ୍ୟ କୌଣସି ସ୍ଥାନରେ ଦୁଇ ଗ୍ରାମର ଲୋକ ଦୁଇଦଳ ହୋଇ ନାଚିଥାନ୍ତି। ଏହି ସମୟରେ ନୃତ୍ୟ ସହିତ ଗୀତ ପ୍ରତିଯୋଗିତା ମଧ୍ୟ ହୋଇଥାଏ। ଏହି ଗୀତ ପ୍ରତିଯୋଗିତା ନିମିତ୍ତ ଆବଶ୍ୟକ ପଡ଼ିଥାଏ ଗୀତ୍‌କୁଡ଼ିଆର। ଗୀତ୍‌କୁଡ଼ିଆମାନେ ଏହି ପରିବେଶରେ ଗୀତ ଗାଇବା ବେଳେ ତାଙ୍କ ଭିତରେ ସୃଷ୍ଟି ହୁଏ ଏକ ପ୍ରତିଯୋଗୀ ମନୋଭାବ। ଅପରପକ୍ଷର ଗୀତ୍‌କୁଡ଼ିଆକୁ ହରାଇବା ପାଇଁ ଏମାନଙ୍କୁ ଗାଇବାକୁ ପଡ଼ିଥାଏ ରାତି ରାତି ଧରି ଅଜସ୍ର ଗୀତ। କେତେକ ଗୀତ୍‌କୁଡ଼ିଆ କହନ୍ତି, ସେମାନେ କୁଆଡ଼େ ସାତରାତି ଯାଏଁ ଗୀତ ଗାଇଥିବାର ଅନୁଭୂତି ରଖିଛନ୍ତି। ଏମାନଙ୍କର ଏହି ଗୀତଗୁଡ଼ିକରେ ପ୍ରତିପକ୍ଷର ଦଳକୁ ଉତ୍ସାହ, ବ୍ୟଂଜନା, ଟାହିଟାପରା ସହିତ ନିଜର ଆବେଗ, ସ୍ୱପ୍ନ ରୋମାଞ୍ଚ ଆଦିକୁ ପ୍ରକାଶ କରିଥାନ୍ତି। ଏଥିସହିତ ବେଳେବେଳେ ନିଜର ସାମାଜିକ ଓ ସାଂସ୍କୃତିକ ପରମ୍ପରାରୁ ପ୍ରଶ୍ନ ପଚାରି ଉତ୍ତର ଆଶା କରିଥାନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ଦେବଦେବୀଙ୍କୁ ବନ୍ଦନା କରି ମଂଗଳାଚରଣ ସଦୃଶ ଗାଇବା ପାଇଁ ଆଦେଶ ମାଗିଥାନ୍ତି। ଯଥା–

ଜଏ ମା ସାରଳା ଜଏ ମା ବିମଳା
ଜଏ ଜଏ ମା ମଂଗଳା
ତୋର୍ ନାଆଁ ଧରି ଗୀତ ମୁଁ ଗାଇବି
କଣ୍ଠେ ପଦ କର ଖେଳା
ମା ଗୋ ଜିତାଇଦେବୁ,
ମୋର କଣ୍ଠେ ପଦ ଭରିଦେବୁ,
ମାଁ ଗୋ ଜିତାଇଦେବୁ।

ଏହାପରେ ଅନ୍ୟ ଦଳର ଗୀତ୍‌କୁଡ଼ିଆ ମଧ୍ୟ ଗୀତ ଗାଇଥାଏ। ଏମିତି ଦୀର୍ଘ ସମୟ ଧରି ଏମାନେ ଗୀତ ଗାଇଥାନ୍ତି। ସଜନୀ, ଜାଇଫୁଲ, ବାଙ୍ଗ୍‌ରୀ, କଳାକୋକିଲ, ନିଆଳିମଳୀ, ମଳିରେ, ଲେଲେ ଲହରି, ଚପ୍‌କରାଟି ଚମ୍ପାଖାଡ଼ି, ଡାଲ୍‌ଖାଇ,

ରସରକେଲୀ ପ୍ରଭୃତି ଶୈଳୀର ଗୀତଗୁଡ଼ିକ ଏମାନେ ଗାଇଥାନ୍ତି। ଏହି ଗୀତଗୁଡ଼ିକ ଆଙ୍ଗିକ ଦୃଷ୍ଟିରୁ ପ୍ରାୟତଃ ତ୍ରିପାଦିକ ହୋଇଥିବାବେଳେ ଶୈଳୀଗୁଡ଼ିକ ସମ୍ବୋଧନ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। ତେବେ ଗୀତ ପୂର୍ବରୁ ତା' ପରେ ଛଟ୍‌କନ୍ ଲଗାଇଥାନ୍ତି। ପୂର୍ବରୁ ଛଟ୍‌କନ୍ ଲାଗିଥିଲେ ତାହା ଛୋଟ ହୋଇଥିବାବେଳେ, ଗୀତର ପରେ ପରେ ଛଟ୍‌କନ୍ ଲାଗିଥିଲେ ତାହା ଶିକୁଳି ସଦୃଶ ପଛକୁ ପଛ ଲାଗି ଚାଲିଥାଏ। ଯଥା–

ପନସ ପାଚିଲା ବନେରେ ପନସ ପାଚିଲା ବନେ
ବନ ପୋଡ଼ିଗଲେ ଦୁନିଆ ଜାନେ
ମନର୍ କଥା କିଏ ଜାନେ... (ପଦ)
ଓଉଚ ପନ ଯଉଚ ପନ
ପିଲା ପନ, ଧଙ୍ଗରା ପନ, ବୁଢ଼ାପନ ଛୋ ଛୋ କୋ
ଆମର୍ ବୋଉଁଶ ଧାନ୍ ଠିକ୍ ହେଲା
ତମର୍ ଅଁଟାକୁ ଲୁଙ୍ଗି ଠିକ୍ ହେଲା
ତମର୍ ହାତ୍‌କେ ଘଡ଼ି ଠିକ୍ ହେଲା
ତମର୍ ହାତ୍‌କେ ମୁଦି ଚୋପୋ କଲା
ତମର୍ ହାତ୍‌ରେ ବାଡ଼ି ଚୋପୋ କଲା...
କିମ୍ବା
ବାବୁ ଇହାନ୍ଦେ ହାନ୍ଦେ
ତୋକେ ଲଗେଇ ଦେବି ଟେଣ୍‌କା ଫାନ୍ଦେ
ଯା ଯା ଝାଜେଙ୍ଗ୍ ବୁଟା
ତୁଇ ଛୁଟା କଲିଆ ଗଂଜା ଫୁଟା, ଇତ୍ୟାଦି।

**ସାମାଜିକ ସ୍ଥିତି**

ଗୀତ୍‌କୁଡ଼ିଆମାନଙ୍କର ଏହି ପ୍ରକ୍ରିୟା ବେଳେବେଳେ ଭିନ୍ନ ରୂପ ଧାରଣ କରିଥାଏ, ସେମାନଙ୍କର ସାମାଜିକ ଜୀବନରେ ଗୀତ୍‌କୁଡ଼ିଆମାନଙ୍କ ଗୀତରେ ବିଭୋର ହୋଇ ଯେମିତି ଅନେକ ଯୁବତୀ ବିବାହ କରିବା ପାଇଁ ସ୍ୱପ୍ନ ଦେଖି ପଇସାମୁଡ଼ି (ଝିଅ ପୁଅଘରକୁ ଯାଇ ଜବରଦସ୍ତି ସ୍ତ୍ରୀ ଭାବେ ରହିଯିବା ବିବାହ ପ୍ରଥା) ଯାଆନ୍ତି, ସେମିତି ଗୀତ୍‌କୁଡ଼ିଆଣୀମାନଙ୍କ ଗୀତର ପ୍ରେମରେ ପଡ଼ି ଅନେକ ଯୁବକ ଘିଚା (ଝିଅକୁ ଜବରଦସ୍ତି ଟାଣି ଆଣି ବିବାହ କରିବା ପ୍ରଥା) ବିବାହ କରିଥାନ୍ତି। ଏହାକୁ ନେଇ ବେଳେବେଳେ ସାମାଜିକ ସମସ୍ୟା ମଧ୍ୟ ହୋଇଥାଏ। ଗୀତ୍‌କୁଡ଼ିଆମାନଙ୍କର ଆର୍ଥିକ ସ୍ଥିତି ସେତିକି ଉନ୍ନତ ନ ଥିଲେ ହେଁ ଲୋକସମାଜରେ ଏମାନଙ୍କର ସାମାଜିକ ସମ୍ମାନ ଯଥେଷ୍ଟ ଉଚ୍ଚରେ ଥିଲାଭଳି ମନେହୁଏ। ଏପରିକି ଯଥେଷ୍ଟ ଦୂରତା ଥିବା ସତ୍ତ୍ୱେ ବି ସେମାନଙ୍କର ନାମ ଉଚ୍ଚାରଣ ମାତ୍ରେ ଗ୍ରାମ ତଥା ଠିକଣା କହି ଦେଇପାରନ୍ତି ଓ କୌଣସି ଗ୍ରାମରେ ଗୀତ୍‌ଗୁଡ଼ିଆମାନଙ୍କ ସମ୍ପର୍କରେ ପଚାରିଲେ ସେହି ଇଲାକାର ସମସ୍ତ ଗୀତ୍‌କୁଡ଼ିଆଙ୍କ ସମ୍ପର୍କରେ ଜନସାଧାରଣ ସୂଚନା ଦେଇପାରନ୍ତି।

କଳାହାଣ୍ଡି ଅଞ୍ଚଳରେ ଦେଖିବାକୁ ମିଳୁଥିବା ପରଘନିଆ, ଘୋଗିଆ, ଦେବଗୁନିଆ, ବିରତିଆମାନଙ୍କ ପରି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଚେତନାର ସାଂଗୀତିକ ଉତ୍ତରଦାୟୀ ଭଳି ଗୀତ୍‌କୁଡ଼ିଆମାନେ କୌଣସି ବାଦ୍ୟଯନ୍ତ୍ରକୁ ନିଜର ସାଧନ ଭାବେ ବ୍ୟବହାର କରି ନ ଥାନ୍ତି। ପରଘନିଆ, ଘୋଗିଆ, ଦେବ୍‌ଗୁନିଆ, ବିର୍‌ତିଆମାନେ ନିର୍ଦ୍ଦିଷ୍ଟ ବିଷୟର ଗୀତକୁ ପୁରୁଷାନୁକ୍ରମେ ଗାଉଥିବା ବେଳେ ଗୀତ୍‌କୁଡ଼ିଆମାନଙ୍କ ଗୀତ ନିର୍ଦ୍ଦିଷ୍ଟ ନୁହେଁ ବା ଏମାନେ ପୁରୁଷାନୁକ୍ରମିକ ନୁହନ୍ତି। ଯେଉଁମାନଙ୍କ ଭିତରେ ଆଶୁ ସର୍ଜନଶୀଳତା ଓ ଗାୟକପଣ ଥାଏ ଏବଂ ସେମାନେ ଯଦି ସାମାଜିକ ଅନୁଷ୍ଠାନମାନଙ୍କରେ ତାଙ୍କର ଏହି ଯୋଗ୍ୟତାକୁ ବାରମ୍ବାର ପରିବେଷଣ କରି ସଫଳତା ଲାଭ କରନ୍ତି, ତେବେ ସମାଜ ସେମାନଙ୍କୁ ଗୀତ୍‌କୁଡ଼ିଆର ସମ୍ମାନ ଦେଇଥାଏ। ପ୍ରତ୍ୟେକ ଗୀତ୍‌କୁଡ଼ିଆ ପାଖରେ ଥାଏ ନନ୍ଦନତାତ୍ତ୍ୱିକ କବିପ୍ରାଣ ଏବଂ ରୋମାଂଟିକ୍ ଦୃଷ୍ଟିଭଂଗୀ।

**ପ୍ରତ୍ୟେକ ଗୀତ୍‌କୁଡ଼ିଆ ପାଖରେ ଥାଏ ନନ୍ଦନତାତ୍ତ୍ୱିକ କବିପ୍ରାଣ ଏବଂ ରୋମାଣ୍ଟିକ୍ ଦୃଷ୍ଟିଭଂଗୀ।**

ଗୀତ୍‌କୁଡ଼ିଆମାନେ ଗାଉଥିବା ଗୀତମାନଙ୍କ ମଧ୍ୟରୁ ଶୃଂଗାରଧର୍ମୀ ଗୀତଗୁଡ଼ିକ ପଲ୍ଲୀ ଜନତାଙ୍କୁ ବିଶେଷ ଆକର୍ଷିତ କରିଥାଏ। ଗୀତକୁଡ଼ିଆମାନଙ୍କର ଏହି ଧରଣର ଗୀତ ଶୁଣିବା ପାଇଁ ଯୁବକ ଯୁବତୀମାନେ ବେଶି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳେ। ଏପରିକି ଗୀତ୍‌କୁଡ଼ିଆମାନଙ୍କର ଗୀତକୁ ଗାଇ ପ୍ରେମ ନିବେଦନ କରିବା ଏହି ଅଞ୍ଚଳର ଯୁବକ ଯୁବତୀମାନଙ୍କର ଏକ ମାନସିକତା। ତେଣୁ ସୁଯୋଗ ମିଳିଲେ ଏମାନେ ପ୍ରଶ୍ନ ଉତ୍ତର, ବାଦୀ ପ୍ରତିବାଦୀ, ଶ୍ଳେଷ ଛଟା, ସଂକେତ, ଆହ୍ୱାନର ଗୀତ ଗାଇବା ଏକ ନିତ୍ୟ ନୈମିତ୍ତିକ ଘଟଣା।

ଗୀତ୍‌କୁଡ଼ିଆମାନଙ୍କ ଗୀତଗୁଡ଼ିକ ସାଧାରଣତଃ ଦ୍ୱିଅର୍ଥବୋଧକ। ପ୍ରକୃତିର ଉପାଦାନମାନଙ୍କୁ ନେଇ ଉପମା,

ରୂପକ ସଂଯୋଗ କରି ନିଜ ମନର ଆବେଗମୟ ଭାବନାକୁ ଏମାନେ ଅତି ସରଳ ଓ ତରଳ ଭାବେ ପ୍ରକାଶ କରିଥାନ୍ତି। କାବ୍ୟିକ ଉପାଦାନମାନଙ୍କର ସଂଯୋଗ ହୋଇଥିଲେ ମଧ୍ୟ ଗୀତଗୁଡ଼ିକ କ୍ଲିଷ୍ଟ ବା ନିରସ ମନେହୁଏ ନାହିଁ। ଏମାନଂକର ଗୀତଗୁଡ଼ିକ ଶବ୍ଦ ସଂଯୋଜନା ଦୃଷ୍ଟିରୁ କେବଳ ହୃଦୟଗ୍ରାହୀ ନୁହେଁ ବରଂ ସ୍ୱର, ତାଳ ଓ ଲୟ ଦୃଷ୍ଟିରୁ ମଧ୍ୟ ଖୁବ୍ ଆକର୍ଷଣୀୟ। ଏ ଅଞ୍ଚଳରେ ସାଧାରଣତଃ ବ୍ୟବହାର କରାଯାଉଥିବା ଢୋଲ, ମହୁରୀ, ତାସା, ନିଶାଣ ଭଳି ସହଜଲଭ୍ୟ ବାଦ୍ୟମାନଙ୍କର ସମତାଳରେ ଗୀତ ଗାଇ ଉପସ୍ଥିତ ଲୋକ ସମାଜକୁ ନଚାଇବାରେ ଏମାନେ ସିଦ୍ଧହସ୍ତ।

**ଏହି ଅଂଚଳର ଅତି ପୁରାତନ ତଥା ସମୃଦ୍ଧ ପରମ୍ପରା ଗୀତ୍‌କୁଡ଼ିଆ ବର୍ତ୍ତମାନ ସମୟରେ ହଜିଯାଉଥିବା ମନେହୁଏ।**

ଏହି ଅଂଚଳର ଅତି ପୁରାତନ ତଥା ସମୃଦ୍ଧ ପରମ୍ପରା ଗୀତ୍‌କୁଡ଼ିଆ ବର୍ତ୍ତମାନ ସମୟରେ ହଜିଯାଉଥିବା ମନେ ହେଉଛି। ନବ ପ୍ରଜନ୍ମର ଯୁବକ ଯୁବତୀମାନେ ଏହି ପରମ୍ପରା ପ୍ରତି ଉଦାସୀନ ରହୁଥିବାରୁ ଏବଂ ଏହି ପରମ୍ପରାକୁ ଧରି ରଖିଥିବା ଗୀତ୍‌କୁଡ଼ିଆମାନଙ୍କ ବୟସାଧିକ୍ୟ ଯୋଗୁଁ ଧୀରେ ଧୀରେ କଳାହାଣ୍ଡି ଅଞ୍ଚଳର ଏହି ମହାନ୍ ସମୃଦ୍ଧ ସାଂସ୍କୃତିକ ପରମ୍ପରା ଶିଥିଳ ମନେ ହେଉଛି। ପୁନଶ୍ଚ ବର୍ତ୍ତମାନ ସମୟରେ ଉପଲବ୍ଧ ଅନ୍ୟାନ୍ୟ ମନୋରଂଜନର ସହଜ ମାଧ୍ୟମ ମଧ୍ୟ ଆମମାନଙ୍କର ଦୃଷ୍ଟିକୁ ଗୀତ୍‌କୁଡ଼ିଆ ପରମ୍ପରାଠାରୁ ଦୂରେଇ ନେଉଛି। ତେଣୁ ନିର୍ଦ୍ଦିଷ୍ଟ ଭାବରେ ସରକାର, ସାଂସ୍କୃତିକ ଅନୁଷ୍ଠାନ କିମ୍ବା ଅନ୍ୟ କାହାକୁ ଏହି ପରମ୍ପରା ପ୍ରତି ଧ୍ୟାନ ଦେବାକୁ ମୁଁ କହିବାକୁ ଚାହୁଁନାହିଁ। କାରଣ, ଏହା ଏକ ଗତାନୁଗତିକ ଧାରା, ଧ୍ୟାନ ଆକର୍ଷଣ କରିବାର ଉଦ୍ୟମ ବା ପ୍ରଚେଷ୍ଟା। ବରଂ ମୁଁ ସମଗ୍ର ଭାବରେ ଲୋକ ପରମ୍ପରାପ୍ରେମୀ ସାଧାରଣଙ୍କୁ ଅନୁରୋଧ କରିବି, ଆଉ ବିଳମ୍ବ ନ କରି ଏହି ଗୀତ୍‌କୁଡ଼ିଆ ପରମ୍ପରା ପ୍ରତି ସଶ୍ରଦ୍ଧ ପ୍ରେମ ପ୍ରକାଶ କରିବା ପାଇଁ, ତାହେଲେ ଯାଇ ଲୋକଗୀତଧାରାର ଏହି ସମୃଦ୍ଧ ପରମ୍ପରା ପ୍ରତି ଆମେ ନ୍ୟାୟ ବିଚାର କରୁଛୁ ବୋଲି କହିପାରିବା।

□□

ଲେଖକଙ୍କ ଇ-ମେଲ ଠିକଣା:
pradiptasrichandan001956@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**


ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ସାକ୍ଷାତକାର

# ବର୍ଷୀୟାନ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ ସହ ବାର୍ତ୍ତାଲାପ

**ଲବ୍ଧପ୍ରତିଷ୍ଠ ଶିଶୁସାହିତ୍ୟିକ ତଥା ଜୀବନୀକାର ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ ବୟସ ବର୍ତ୍ତମାନ ୮୪ ବର୍ଷ। ଉଭୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ନିଜ ଉଚ୍ଚକୋଟୀର ଶିଶୁସାହିତ୍ୟ ପାଇଁ ପୁରସ୍କୃତ ହୋଇଥିବା ଏହି ପ୍ରତିଭାଧର ଜଣେ ବିଶିଷ୍ଟ ଜୀବନୀକାର ମଧ୍ୟ। ୨୭ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ସେ ଓଡ଼ିଶାର ପ୍ରାୟ ୨୨ହଜାର ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସଂକ୍ଷିପ୍ତ ଜୀବନୀ ସମ୍ବଳିତ ଆଠ ହଜାର ପୃଷ୍ଠାର ଗ୍ରନ୍ଥ ପ୍ରଣୟନ କରିଛନ୍ତି। 'ଟୁଉକୁ ମୂଷି' ନାମକ ଜନପ୍ରିୟ ଶିଶୁ ପତ୍ରିକାର ମଧ୍ୟ ସେ ବହୁ ବର୍ଷ ଧରି ସମ୍ପାଦନା କରିଛନ୍ତି। ଏହି ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ତାଙ୍କର ନିଜ ଗ୍ରାମ, ଖୋର୍ଦ୍ଧା ଜିଲ୍ଲାର ପାଳସାହିଠାରେ ଭେଟିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆପଣ ଶିଶୁ ସାହିତ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀର ପୁରସ୍କାରରେ ସମ୍ମାନିତ ହେବାପରେ ଆପଣଙ୍କ ପ୍ରଥମ ପରିଚୟ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ଭାବରେ; କିନ୍ତୁ ଆପଣଙ୍କ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ପରିଚୟ ହେଲା ଯେ ଆପଣ ଜଣେ ଅଗ୍ରଣୀ ଜୀବନୀକାର। ନିଜ ଦୀର୍ଘ ବର୍ଷର ସାଧନା ବଳରେ ଆପଣ ଲେଖିପାରିଛନ୍ତି ବାଇଶି ହଜାର ବ୍ୟକ୍ତିଙ୍କର ଜୀବନୀକୁ ଆଧାର କରି ଆଠ ହଜାର ପୃଷ୍ଠାର ବିରାଟ ଗ୍ରନ୍ଥ, 'ଉତ୍କଳ ପ୍ରଦୀପ'। ଏଥିପ୍ରତି ଆପଣ ଢଳିଲେ କେମିତି ?

**ବୀରେନ୍ଦ୍ର ସାମନ୍ତରାୟ:** ମୂଳତଃ ମୁଁ ପିଲାଙ୍କ ପାଇଁ ଲେଖୁଥିଲି। ସେହି ବର୍ଷଟି ଠିକ୍ ମନେ ପଡୁନାହିଁ, ବୋଧହୁଏ ୧୯୯୭ ମସିହାର କଥା। କଟକର ଶ୍ରୀରାମଚନ୍ଦ୍ର ଭବନରେ ରଜ ଉପଲକ୍ଷେ ଗୋଟିଏ ସାରସ୍ୱତ ମିଳନ ହେଉଥାଏ। ସେହି ସଭାଗାରର ଫଟୋ ଗ୍ୟାଲେରୀରେ ବହୁ ପ୍ରତିଭାବାନ ବ୍ୟକ୍ତିଙ୍କର ତୈଳଚିତ୍ର ଲାଗିଥିବାର ଦେଖିଲି। ମୁଁ ଭାବିଲି, ଆଚ୍ଛା! ଏମାନଙ୍କୁ ନେଇକରି ତ ଲେଖିଲେ ହୁଅନ୍ତା! ଏହି ବିଚାର ମୋର ମନକୁ ଆସିଲା। ସେଇଠାରେ ହିଁ ସେହି ମହାପୁରୁଷମାନଙ୍କର ଗୋଟିଏ ନାମ ତାଲିକା କରି ଘରକୁ ନେଇଆସିଲି। ସେ ସମସ୍ତଙ୍କ ବିଷୟରେ ସୂଚନା କେଉଁଠୁ ପାଇବି ? ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ଖୋଜାଖୋଜି କଲି। 'ପ୍ରସାରଣର ଇତିହାସ' ନାମକ ବହିଟି ଏଥିରେ ମୋର ବିଶେଷ ସହାୟତା କଲା।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ ଯଦି ଶ୍ରୀରାମଚନ୍ଦ୍ର ଭବନରେ ଯେଉଁ ବିଶିଷ୍ଟ ଲେଖକମାନଙ୍କର ଚିତ୍ର ଲାଗିଥିଲା, କେବଳ ସେମାନଙ୍କ ବିଷୟରେ ଲେଖିଥାଆନ୍ତେ, ତେବେ ତ

ବାଇଶି ହଜାର ବ୍ୟକ୍ତିଙ୍କର ଏହି ବିରାଟ ଜୀବନୀ ଗ୍ରନ୍ଥ ଲେଖିପାରି ନ ଥାଆନ୍ତେ।

**ବୀରେନ୍ଦ୍ର ସାମନ୍ତରାୟ:** ନିଶ୍ଚିତ ଭାବରେ। ମୁଁ ଭାବିଲି ଯେ ମୋ ବହିରେ ଯଦି କେବଳ ପ୍ରତିଷ୍ଠିତମାନେ ରହିବେ, ତେବେ ଅନ୍ୟ ଯେଉଁମାନେ ହଜିଗଲେଣି, ତା'ଙ୍କୁ ତ ଏ ଜାତି ଭୁଲିଯିବ! ଏଣୁ ଅଧିକାଧିକ ସଂଖ୍ୟକ ବ୍ୟକ୍ତିଙ୍କର ଜୀବନୀକୁ ଏଥିରେ ସାମିଲ୍ କରିବାକୁ ଚେଷ୍ଟା କଲି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ ତ ଇଣ୍ଟରନେଟ୍ ଓ ଗୁଗୁଲ୍ ସର୍ଚ୍ଚଇଂଜିନ୍ ସହିତ ଏତେ ପରିଚିତ ବା ଅଭ୍ୟସ୍ତ ନ ଥିବେ। ଏଣୁ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ଆପଣଙ୍କୁ ବହୁତ କଷ୍ଟ ହୋଇଥିବ।

**ବୀରେନ୍ଦ୍ର ସାମନ୍ତରାୟ:** ଇଣ୍ଟରନେଟ୍ ଉପରେ ନିର୍ଭର କରିନାହିଁ। ବିଭିନ୍ନ ପତ୍ରପତ୍ରିକା ଓ ଲେଖକମାନଙ୍କ ବହିରେ ପ୍ରକାଶିତ ଲେଖକଙ୍କ ପରିଚୟକୁ ଆଧାର କଲି। ସଂପୃକ୍ତ ବ୍ୟକ୍ତିମାନଙ୍କର ବନ୍ଧୁ ଓ ପରିଜନଙ୍କୁ ଫୋନ୍‌କରି ସୂଚନା ସଂଗ୍ରହ କଲି।

**ସାହିତ୍ୟ ଚର୍ଚ୍ଚା:** ଏହା ଜଣେ ମନୁଷ୍ୟ ପକ୍ଷରେ ଏକ ଅସମ୍ଭବ କାର୍ଯ୍ୟ। ଏଥିପାଇଁ ସାହସ କେଉଁଠୁ ଜୁଟାଇଲେ?

**ମୁଁ ଭାବିଲି ଯେ ମୋ' ବହିରେ ଯଦି କେବଳ ପ୍ରତିଷ୍ଠିତମାନେ ରହିବେ, ତେବେ ଅନ୍ୟ ଯେଉଁମାନେ ହଜିଗଲେଣି, ତା'ଙ୍କୁ ତ ଏ ଜାତି ଭୁଲିଯିବ!**

**ବୀରେନ୍ଦ୍ର ସାମନ୍ତରାୟ:** ମୁଁ ୨୫ ବର୍ଷ କାଳ 'ଟୁଉକୁ ମୂଷି' ପତ୍ରିକାର ସମ୍ପାଦନା କରୁଥିଲି,ଏଇ ଗାଆଁରୁ, ଯେତେବେଳେ ଏହି ବର୍ଗର ଓଡ଼ିଶାରେ ଆଉ ମାତ୍ର ଯୋଡ଼ିଏ ପତ୍ରିକା ଥିଲା, 'ମନପବନ' ଓ 'ମୀନାବଜାର'। ଏହି କାର୍ଯ୍ୟର ଚାପ ସହିତ ବହୁ ବର୍ଷ ଧରି ଅଭ୍ୟସ୍ତ ଥିବାରୁ 'ଉତ୍କଳ ପ୍ରଦୀପ'ର ସଙ୍କଳନ କରିବା ମୋ ପାଇଁ କଷ୍ଟଦାୟକ ହେଲାନାହିଁ।

**ସାହିତ୍ୟ ଚର୍ଚ୍ଚା:** ପ୍ରଥମେ ୨୨ ହଜାର ବ୍ୟକ୍ତିଙ୍କର ନାମ ଚୂଡ଼ାନ୍ତ କରି ସେମାନଙ୍କୁ ସୂଚୀବଦ୍ଧ କରିବା ହିଁ ତ ଗୋଟିଏ ବଡ଼ କାର୍ଯ୍ୟ। ଆପଣ ପୁଣି ସେମାନଙ୍କ ଭିତରୁ ପ୍ରତ୍ୟେକଙ୍କ ବିଷୟରେ ପୃଷ୍ଠାଏ କି ଦେଢ଼ ପୃଷ୍ଠା କରି ଲେଖିଛନ୍ତି। ଏଥିପାଇଁ ଆପଣଙ୍କୁ କେତେ ବର୍ଷ ଲାଗିଗଲା?

**ବୀରେନ୍ଦ୍ର ସାମନ୍ତରାୟ:** ୧୯୯୭ରୁ ୨୦୨୪, ଏମିତି ପ୍ରାୟ ୨୭ ବର୍ଷ ଲାଗିଗଲା।

**ସାହିତ୍ୟ ଚର୍ଚ୍ଚା:** ଏହାରି ଭିତରେ କ'ଣ ସମାନ୍ତରାଳ ଭାବରେ ଆପଣଙ୍କର ଶିଶୁ ସାହିତ୍ୟ ଲେଖିବା ମଧ୍ୟ ଚାଲିଥିଲା?

**ବୀରେନ୍ଦ୍ର ସାମନ୍ତରାୟ:** ହଁ, ଲେଖୁଥିଲି। ବିଶେଷତଃ 'ପୌରୁଷ' ପତ୍ରିକାରେ ପିଲାଙ୍କ ପାଇଁ ଲେଖୁଥିଲି 'ଜୀବନ ଫୁଲର ମହକ' ଶିରୋନାମାରେ। ଏହା ଏବେ ମଧ୍ୟ ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଏହି ବିରାଟ ଜୀବନୀଗ୍ରନ୍ଥ, 'ଉତ୍କଳ ପ୍ରଦୀପ'ର ରଚନା ତ ସରିଗଲା, ଏବଂ ଏହାର ସାତଟିଯାକ ଭାଗ ପ୍ରକାଶିତ ମଧ୍ୟ ହୋଇସାରିଲାଣି। ଏବେ ଆଗକୁ କ'ଣ କରିବେ?

**ବୀରେନ୍ଦ୍ର ସାମନ୍ତରାୟ:** ଏହାର ଦ୍ୱିତୀୟ ସଂସ୍କରଣ ପାଇଁ ଏବେ ପ୍ରସ୍ତୁତି ଚାଲିଛି। ଏଥିରେ ଆହୁରି ନୂଆ ବ୍ୟକ୍ତିତ୍ୱଙ୍କୁ ଯୋଡ଼ିବାର ଅଛି।

**ସାହିତ୍ୟ ଚର୍ଚ୍ଚା:** ସାତଟି ଭାଗରେ ପ୍ରକାଶିତ ଏହି ବିରାଟ ଗ୍ରନ୍ଥ କ'ଣ ବଜାରରେ ସହଜରେ ବିକ୍ରୀ ହୋଇଯାଉଛି?

**ବୀରେନ୍ଦ୍ର ସାମନ୍ତରାୟ:** ଅବଶ୍ୟ ଏହାର ଆଶାନୁରୂପ ପ୍ରସାରଣ ନାହିଁ। ଏଥିପାଇଁ ଛଅ ଲକ୍ଷ ଟଙ୍କାର କ୍ଷତି ସହିଲିଣି। କିନ୍ତୁ ଏଥିପାଇଁ ମୁଁ ବିବ୍ରତ ନୁହେଁ; କାରଣ ଆମର ଜାତି ପାଇଁ ଏହି କାର୍ଯ୍ୟଟି କରିଛି।

**ସାହିତ୍ୟ ଚର୍ଚ୍ଚା:** କେବଳ ଏହି ଗୋଟିକ ବିରାଟକାୟ ଗ୍ରନ୍ଥ ହିଁ ନୁହେଁ, ଏହା ବ୍ୟତୀତ ଜୀବନୀ ସାହିତ୍ୟ ପ୍ରତି ଆପଣଙ୍କର ଆହୁରି ମଧ୍ୟ ଅବଦାନ ଅଛି। ଆପଣ ପିଲାଙ୍କ ପାଇଁ ଏଗାରଟି ଜୀବନୀମୂଳକ ବହି ଲେଖିଛନ୍ତି, ଯେଉଁଥିରେ ଉପେନ୍ଦ୍ର ଭଞ୍ଜଙ୍କଠାରୁ ନେଇ ଉତ୍କଳମଣି ଗୋପବନ୍ଧୁଙ୍କ ପର୍ଯ୍ୟନ୍ତ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଅଛି।

**ବୀରେନ୍ଦ୍ର ସାମନ୍ତରାୟ:** ହଁ, ସେସବୁ ଲେଖିଛି ପିଲାଙ୍କ ପାଇଁ। ପିଲାଙ୍କ ପାଇଁ ସବୁ ମିଶାଇ ମୁଁ ୫୧ ଖଣ୍ଡ ବହି ଲେଖିଛି, ଏଥି ଭିତରେ ଶିଶୁ ଉପନ୍ୟାସ, ବିଜ୍ଞାନ କାହାଣୀ, ନାଟକ, ଭ୍ରମଣ କାହାଣୀ ଆଦି ମଧ୍ୟ ଅନ୍ତର୍ଭୁକ୍ତ।

**ସାହିତ୍ୟ ଚର୍ଚ୍ଚା:** ଆପଣ ପିଲାଙ୍କ ପାଇଁ ଆଉ ଗୋଟିଏ ଏନସାଇକ୍ଲୋପିଡିଆ ଲେଖିଥିବାର ମଧ୍ୟ ଆମେ ଜାଣିବାକୁ ପାଇଲୁ। ଲାଗୁଛି, ଆପଣଙ୍କର ସାରା ଜୀବନ ଏହି ଗବେଷଣା ଓ ଲେଖିବାକୁ ନେଇ ବିତିଗଲା। ଆପଣ ଯେତିକି ଲେଖିଛନ୍ତି,

ତା'ପାଇଁ ତ ଗୋଟିଏ ଜୀବନକାଳ ନିଅଣ୍ଟ।

**ବୀରେନ୍ଦ୍ର ସାମନ୍ତରାୟ:** ମୋ'ର କାମ ଆଉ କ'ଣ? ମୁଁ ଜାଣିଛି ଯେ ମୁଁ ଦିନେ ଚାଲିଯିବି। ଯାହା କରୁଛି, ମୋ ଜାତି ପାଇଁ। ଶିକ୍ଷକତା ବୃତ୍ତିରେ ଥିଲି। ସେଥିପାଇଁ ଗଣ୍ଡାଏ ପେନସନ ପାଉଛି। ତାହାକୁ ବିନିଯୋଗ କରି ଏହି କାର୍ଯ୍ୟ ସବୁ ଚଳାଇଛି।

**ସାହିତ୍ୟ ଚର୍ଚ୍ଚା:** ଏ ବୟସରେ ମଧ୍ୟ ଆପଣ ପୂର୍ବ ଭଳି ରଚନାପ୍ରବଣ ଅଛନ୍ତି। ବୟସ କ'ଣ ଏ କ୍ଷେତ୍ରରେ ଆପଣଙ୍କର ଅନ୍ତରାୟ ହୋଇନାହିଁ ?




**ବୀରେନ୍ଦ୍ର ସାମନ୍ତରାୟ:** ହୋଇଛି, ତେବେ ୮୪ ବର୍ଷ ବୟସରେ ବି ମୁଁ କେବେ ଡାକ୍ତରଖାନା ଯାଇନାହିଁ। ଔଷଧ ଖାଇନାହିଁ। ଅବଶ୍ୟ କେବଳ ଥରୁଟିଏ ମୁଁ ଦୀର୍ଘ ସମୟ ଧରି ବସି ଲେଖିବାରୁ ଅଣ୍ଟାରେ ଯନ୍ତ୍ରଣା ହୋଇଥିଲା। ପ୍ରତିଦିନ ଭୋର ସାଢ଼େ ଚାରିଟାରୁ ସକାଳ ସାଢ଼େ ସାତଟା ପର୍ଯ୍ୟନ୍ତ ଲେଖେ। କିନ୍ତୁ ସେଦିନ ଟିକିଏ ଅଧିକ ବସିଗଲି। ଅଣ୍ଟାଟା ଧରିଦେଲା। ସେଇ ଗୋଟିକ ଥର ଯାହା ଚିକିତ୍ସା କରିବାକୁ ପଡ଼ିଥିଲା।

**ସାହିତ୍ୟ ଚର୍ଚ୍ଚା:** ବୋଧହୁଏ ଆପଣ ଏଠି ପ୍ରକୃତି ଓ ବୃକ୍ଷଲତା ଘେରା ଯେଉଁ ଗ୍ରାମ୍ୟ ପରିବେଶରେ ଅଛନ୍ତି, ତାହା ସ୍ୱାସ୍ଥ୍ୟରକ୍ଷାରେ ଆପଣଙ୍କୁ ସହାୟତା କରୁଛି।

**ବୀରେନ୍ଦ୍ର ସାମନ୍ତରାୟ:** ମୁଁ କୌଣସି ଔଷଧ ଖାଏ ନାହିଁ। ଗଛଲତା ଉପରେ ମୋର ବିଶ୍ୱାସ। ଆଉ, ବାଡ଼ିର ଖାଦ୍ୟ। ମୋ' ବାଡ଼ିରେ ସବୁ ଅଛି; ଘରର ଖାଦ୍ୟ ମୁଁ ଖାଉଛି। ନିଜର ଜମିରେ ଧାନ ହେଉଛି, ସବୁ ପ୍ରକାର ପନିପରିବା ହେଉଛି, ଏପରିକି ଦଶରୁ ବାର ପ୍ରକାରର ଶାଗ ମଧ୍ୟ ହେଉଛି।

**ସାହିତ୍ୟ ଚର୍ଚ୍ଚା:** ଆମେ ମଧ୍ୟ ଦେଖିଲୁ ଯେ ଆପଣଙ୍କ ବାଡ଼ିରେ ବହୁତ ପ୍ରକାରର ଔଷଧୀୟ ବୃକ୍ଷ ଅଛି। ଏହିଭଳି ଧରଣର ଏକ ଜୀବନଚର୍ଯ୍ୟା ପାଇଁ ଆଜିର ୮୪ ବର୍ଷ ବୟସରେ ମଧ୍ୟ ଆପଣ ସୁସ୍ଥ ସବଳ ଅଛନ୍ତି। ଆପଣଙ୍କ ସାରସ୍ୱତ ସାଧନା ଆଗକୁ ଆହୁରି ଅନେକ ବର୍ଷ ଧରି ଜାରିରହିବ ବୋଲି ଆମର ଧାରଣା ହେଉଛି।

**ବୀରେନ୍ଦ୍ର ସାମନ୍ତରାୟ:** ସେଇଟା ପ୍ରଭୁଙ୍କ ଉପରେ। ମୁଁ ଅବଶ୍ୟ କୌଣସି ଧର୍ମକୁ ବିଶ୍ୱାସ କରେନାହିଁ। ମୋ'ପାଇଁ ଏକମାତ୍ର ଧର୍ମ ହେଲା, କର୍ମ। ମୁଁ ମୋର କର୍ମକୁ ହିଁ ଧର୍ମ ରୂପେ ବାଛିନେଇଛି। ମୁଁ ମନ୍ଦିର କେବେ ଯାଇନାହିଁ, ପୂଜା କେବେ କରେନାହିଁ। କିନ୍ତୁ ଠାକୁରଙ୍କୁ ଅବମାନନା ମଧ୍ୟ କେବେ କରେନାହିଁ। ଅନ୍ୟର ଧର୍ମବିଶ୍ୱାସରେ ଆଘାତ ଦିଏନାହିଁ। ମୋ ବୋଉ ଠାକୁର ପୂଜାପୂଜି କରେ; ପିଲାମାନେ ବି କରନ୍ତି। ସେଥିରେ ମୁଁ ବ୍ୟାଘାତ ସୃଷ୍ଟି କରେନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଶିଶୁ ଓ କିଶୋର, ଉଭୟ ବର୍ଗର ପିଲାଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିଛନ୍ତି। ନିଜ ବୟସର ତାରତମ୍ୟ ଅନୁସାରେ ପିଲାଟିର ଗୋଟିଏ ଲେଖାକୁ ଗ୍ରହଣ କରିବାର ସାମର୍ଥ୍ୟ ଥାଏ। ଆପଣଙ୍କର କ'ଣ ମନେହୁଏ ନାହିଁ ଯେ, ସାଧାରଣତଃ ଆମ ଶିଶୁସାହିତ୍ୟରେ ଲେଖାଟିଏ ଲେଖିବା ବେଳେ ପିଲାଙ୍କର ବୟସର ସ୍ତର ପ୍ରତି ଦୃଷ୍ଟି ଦିଆଯାଏନାହିଁ ?

**ବୀରେନ୍ଦ୍ର ସାମନ୍ତରାୟ:** ଏହାର ଆବଶ୍ୟକତା ନିଶ୍ଚିତ ଭାବରେ ଅଛି। କେଉଁ ବର୍ଗର ପିଲାଙ୍କ ପାଇଁ ଆମେ ଲେଖୁଛୁ, ସେଥିପ୍ରତି ଲେଖକମାନେ ସଚେତନ ହେବାକୁ ପଡ଼ିବ। ଏପରିକି ଶିଶୁ ଓ କିଶୋର ସାହିତ୍ୟ ମଧ୍ୟରେ ଥିବା ଫରକକୁ ମଧ୍ୟ ଅନେକେ ଗୁରୁତ୍ୱ ଦେଉନାହାନ୍ତି। ଉଭୟ ବର୍ଗର ପାଇଁ ଭାଷା ଓ ବିଷୟବସ୍ତୁ ଭିନ୍ନ ଭିନ୍ନ ପ୍ରକାରର ହେବା ଉଚିତ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଯେତେବେଳେ 'ଟୁଉକୁ ମୂଷି' ପତ୍ରିକାର ସମ୍ପାଦନା କରୁଥିଲେ, ଶୁଣିଛୁ ଯେ ସେତେବେଳେ ତାହାର ଛଅ ହଜାର କପି ଛପା ହେଉଥିଲା। ଏ କଥା ଭାବିଲେ ଲାଗେ ଯେ ତାହା ଓଡ଼ିଆ

ପତ୍ରପତ୍ରିକାମାନଙ୍କ ପାଇଁ ସ୍ୱର୍ଣ୍ଣିମ ଯୁଗ ଥିଲା। ଏବେ ତ ସେଥିରେ ଅବନତି ଘଟିଛି। ପଢ଼ିବାର ପ୍ରବୃତ୍ତି କମି ଆସିଲାଣି। ଏହାର କାରଣ କ'ଣ ହୋଇପାରେ ?

**ବୀରେନ୍ଦ୍ର ସାମନ୍ତରାୟ:** ଆଜିର ମୋବାଇଲ୍ ସଂସ୍କୃତି ତାହାର ଗୋଟିଏ କାରଣ। ତା'ଛଡ଼ା ଇଂରାଜୀ ମାଧ୍ୟମ ଶିକ୍ଷାର ପ୍ରସାର ମଧ୍ୟ ଓଡ଼ିଆ ବହି ଓ ପତ୍ରପତ୍ରିକାର ଆଦୃତିରେ ଆଞ୍ଚ ଆଣିଛି।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆମେ କ'ଣ ଆଶା ହରାଇଦେବା ?

**ବୀରେନ୍ଦ୍ର ସାମନ୍ତରାୟ:** ସମୟକୁ ବୋଧହୁଏ ଆମେ ଆଉ ବଦଳାଇ ପାରିବୁନି। ସେତେବେଳର ଧାରା ଅଲଗା ଥିଲା, ବର୍ତ୍ତମାନ ଆଉ କିଛି ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ପିଲାମାନଙ୍କ ପାଇଁ ଲିଖିତ ଆପଣଙ୍କର ବହୁଚର୍ଚ୍ଚିତ ବହିଗୁଡ଼ିକ ମଧ୍ୟରେ ଗୋଟିଏ ହେଲା, 'ରାଜାର ସ୍ୱପ୍ନ', ଯେଉଁଟି ପାଇଁ ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏଥିରେ ଶିଶୁ ଉପଯୋଗୀ ଆଖ୍ୟାୟିକା ସହିତ ଆପଣ ବିଜ୍ଞାନକୁ ଯୋଡ଼ିଛନ୍ତି। ଆପଣ ମଣିଷର ଚନ୍ଦ୍ରଯାତ୍ରାର କଥା କହିଛନ୍ତି। ଏ ବହି ଲେଖିବା ପଛରେ ଆପଣଙ୍କର ମୁଖ୍ୟ ଆଭିମୁଖ୍ୟ କ'ଣ ଥିଲା ?

**ସମସ୍ତ ଲେଖା ମୁଁ ନିଜ ହାତରେ ଲେଖେ; ଲେଖିସାରିବା ପରେ ମୋ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ପଢ଼ିକରି ଶୁଣାଏ।**

**ବୀରେନ୍ଦ୍ର ସାମନ୍ତରାୟ:** ମୁଁ ଚାହେ ଯେ କେବଳ ଗଳ୍ପ ଓ କବିତାକୁ ନେଇ ଶିଶୁସାହିତ୍ୟ ସୃଷ୍ଟି ନ ହେଉ; ଏଥିରେ ବିଜ୍ଞାନର କଥା ମଧ୍ୟ ରହୁ। ଅବଶ୍ୟ ମୁଁ କଳାର ଛାତ୍ର, ବିଜ୍ଞାନର ନୁହେଁ। ତଥାପି ବିଜ୍ଞାନ ସହିତ ଛାତ୍ରଙ୍କୁ ଅଭ୍ୟସ୍ତ କରିବାକୁ ଚେଷ୍ଟା କରିଥାଏ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ବୃତ୍ତିଗତ ଜୀବନରେ ଜଣେ ଶିକ୍ଷକ ଥିଲେ। ଏହି ବୃତ୍ତି ଶିଶୁମାନଙ୍କର ପାଠକୀୟ ମାନସିକତାକୁ ବୁଝିବା ପାଇଁ ଆପଣଙ୍କୁ କିପରି ସାହାଯ୍ୟ କରିଛି ?

**ବୀରେନ୍ଦ୍ର ସାମନ୍ତରାୟ:** ସମସ୍ତ ଲେଖା ମୁଁ ନିଜ ହାତରେ ଲେଖେ; ଲେଖିସାରିବା ପରେ ମୋ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ପଢ଼ିକରି ଶୁଣାଏ, ସେମାନଙ୍କୁ ପଢ଼ାଏ ମଧ୍ୟ। ଏହା ସେମାନଙ୍କର ମନକୁ ପାଇଲା କି ହିଁ ତାହା ବୁଝି ଲେଖାରେ କିଛି ପରିବର୍ତ୍ତନ ଆବଶ୍ୟକ ଥିଲେ ତାହା କରେ।

**ସାହିତ୍ୟ ଚର୍ଚ୍ଚା:** ଏହି ପାଳସାହି ଗାଆଁରେ ଥିବା ଆପଣଙ୍କର ବାସଭବନରେ ଆପଣ ବଡ଼ ଶିଶୁସାହିତ୍ୟ ସଂଗ୍ରହାଳୟଟିଏ ଗଢ଼ିଛନ୍ତି। ଏଠାରେ ପୁରାତନଠାରୁ ନେଇ ନୂତନ ପର୍ଯ୍ୟନ୍ତ, ବିଭିନ୍ନ ପ୍ରକାର ବହି ଓ ପତ୍ରପତ୍ରିକା ସଂରକ୍ଷିତ ହୋଇ ରହିଛି। ଏହାର ଅନୁଭବ କହିବେ କି ?

**ବୀରେନ୍ଦ୍ର ସାମନ୍ତରାୟ:** ଏଠାକୁ ବିଭିନ୍ନ ଆଡୁ ଗବେଷକମାନେ ଆସୁଛନ୍ତି ଶିଶୁ ସାହିତ୍ୟ ବିଷୟରେ ଗବେଷଣା ପାଇଁ। ମୁଁ ଖୁସି ଯେ ଏହା ସମାଜର କାର୍ଯ୍ୟରେ ଲାଗୁଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଦୀର୍ଘ ୬୫ ବର୍ଷର ସାରସ୍ୱତ ସାଧନା ପ୍ରତି ନିଜକୁ ସମର୍ପିତ କରିବାପରେ ଜୀବନଯାତ୍ରାର ଏହି କ୍ଷଣରେ ଛିଡ଼ାହୋଇ ଯେତେବେଳେ ପଛକୁ ଚାହାଁନ୍ତି, ମନ ଭିତରେ କେବେ ଅବସୋସ ଆସେ କି, ଯେ ଆଉ କିଛି ମଧ୍ୟ କରିପାରିଥାନ୍ତି, କିନ୍ତୁ ପାରିଲିନି ?

**ବୀରେନ୍ଦ୍ର ସାମନ୍ତରାୟ:** ଏ ବିଷୟରେ ମୁଁ 'ଉତ୍କଳ ପ୍ରଦୀପ'ର ଶେଷ ଖଣ୍ଡରେ ଲେଖିଛି। ସେମିତି କିଛି ଅବସୋସ ନାହିଁ। ସାଧାରଣ ଭାବରେ ଜୀଉଁଛି, ଗଣ୍ଡେ ଖାଉଛି, ଧୋତି, ଚଦର ଓ ଗାମୁଛାରେ ମୋର ଚଳିଯାଉଛି। ବାହାରକୁ ଗଲେ ଓତାଟିଏ ଦେହରେ ପକାଉଛି; ମୁଁ କେବେ ସାର୍ଟ ପିନ୍ଧିନାହିଁ। ଖାଇବା ମଧ୍ୟ ସାଧାରଣ। ସକାଳେ ଟିକିଏ ମାଣ୍ଡିଆ ଜାଉ, ସନ୍ତୁଳା ଟିକିଏ, ଶାଗ ଟିକିଏ। ଏମିତି ଚାଲିଛି ଜୀବନ।

**ସାହିତ୍ୟ ଚର୍ଚ୍ଚା:** ଆମ ଏବର ଉଦୀୟମାନ ଶିଶୁସାହିତ୍ୟିକମାନଙ୍କ ପାଇଁ ଆପଣ କିଛି ପରାମର୍ଶ ଦେବାକୁ ଚାହିବେ କି ?

**ବୀରେନ୍ଦ୍ର ସାମନ୍ତରାୟ:** କେହି ଗ୍ରହଣ କରିବେ ନାହିଁ। ନୂଆ ପିଢ଼ିର ଶିଶୁସାହିତ୍ୟିକମାନେ ନିଜର ଦୃଷ୍ଟିଭଙ୍ଗୀ ନେଇ ଲେଖୁଛନ୍ତି; ସେମାନେ ଆମ କଥା କାହିଁକି ଗ୍ରହଣ କରିବେ ? କେବଳ ଏତିକି କହିବି ଯେ ପିଲାମାନଙ୍କର ମନକୁ ବୁଝି, ଲେଖନ୍ତୁ। କେବଳ ନିଜର ପ୍ରତିଷ୍ଠା ପାଇଁ ଲେଖନ୍ତୁ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।



# ସୁନିତା, ସାତହଜାର ଓ ବୁଲାବିକାଳି


ଗଳ୍ପ

ଶରତ କୁମାର ଦାସ

**ହାଃ**... ହାଃ... ହାଃ...

ସୁନିତା! କଣ କୁହାଯାଇପାରେ ?

ସେଇ ତନୁପାତଳୀ, ଚମ୍ପାଗୋରୀ, ମୁହଁ ଫୁଟାଣିଆଣୀ, ଆତ୍ମଗର୍ବିଣୀ, ଡାହା ମିଛେଇ, ଉତ୍ତୁଙ୍ଗ ଯୌବନା ନାରୀଟିକୁ ? ଶହେରେ ଅନେଶତ ମିଛ । ହେଲେ ଭଗବାନ ତାକୁ ସବୁ ଦେଇଛନ୍ତି । ସୌମ୍ୟକାନ୍ତ ସ୍ୱାମୀ, ଦୁଇପୁଅ । ସ୍ୱାମୀର ପୁଣି ସରକାରୀ ଚାକିରି । ଖାନଦାନୀ ପରିବାର । ଟଙ୍କା ପଇସାରେ ଆଦୌ ଅଭାବ ନାହିଁ । ସବୁ ଯେମିତି ସୁନିତା ପାଇଁ ଈଶ୍ୱରଙ୍କ ବରଦାନ ସଦୃଶ । କଥାରେ ବାତୁଳି ବାଜେନି । ନିଜକୁ ଟେକିବାରେ ଖୁବ୍ ପାରକା । ଯା' କଥା ତା' କଥା ଗପିବାରେ ପ୍ରବଳ ଆଗ୍ରହୀ । କାହାର ଭଲ ଦେଖିପାରେନା । କିଏ ଟିକିଏ ଉପରକୁ ଉଠିଲେ ଜମା ସହିପାରେନା । ତା'ସ୍ୱାମୀ ଓ ପିଲାମାନେ ଭଲ ତ ସେ ଭଲ । ଭୁବନେଶ୍ୱରରେ ଘର ଖଣ୍ଡେ କରିଛି ବୋଲି ଭାରି ବହପ । ସ୍ୱାମୀକୁ ଶିଖେଇ ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦଙ୍କୁ ଅଲଗାକରି ରଖିଛି । କାହା ସହ ପଡ଼େନି, କେବଳ ତା' ବଡ଼ଭଉଣୀ ନମିତାକୁ ଛାଡ଼ିଦେଲେ । କାହିଁକିନା ବଡ଼ ଭଉଣୀଟା ଖୁବ୍ ସୁଧାର, ଶାନ୍ତ, ସରଳ ମଧ୍ୟ । ଧନ ସମ୍ପତ୍ତିରେ ବି ତା'ଠାରୁ ଟିକିଏ କମ । ତେଣୁ ସବୁବେଳେ ନିଜର ବଡ଼ିମା ବଡ଼ଭଉଣୀ ଆଗରେ ବଖାଣେ । ଦିନ ରାତି ଫୋନରେ ଫୁଟୁରୁ ଫାଟର ହୁଏ । ପାଞ୍ଚକୁ ପଚିଶ କରି କୁହେ । ନମିତା ମଧ୍ୟ ଶୁଣିବାକୁ ରାହୁ । ତା' ବାହାପିଆ କଥାକୁ ସତେ ଯେମିତି ସେ ପିଇ ଯାଉଥାଏ । ନମିତା ସିନା ତା' କଥା ଶୁଣେ, ହେଲେ ତା' ସ୍ୱାମୀକୁ ସବୁବେଳେ କହୁଥାଏ, ଭଉଣୀ ହେଲେ ବି ଭାରି ଗର୍ବୀ, ଅହଙ୍କାରୀ । ତେବେ କଣ କରିବା ? ତା' କଥା ନ ଶୁଣିଲେ ରାଗିବ, ରୁଷିବ । ମୋ' ଛଡ଼ା ତା'ର କେହି ଗପିବା ପାଇଁ ଲୋକ ନାହାନ୍ତି । ସମସ୍ତଙ୍କ ସହ ଅପଡ଼ । ଛାଡ଼ ! ଭଉଣୀଟା ତ' !



ଦିନେ ଫୋନ୍‌ରେ ଗପୁଗପୁ ନମିତାକୁ କହି ପକେଇଲା, ବୁଝିଲୁ ନାନୀ! ଆଜି ବୁଲାବିକାଳିଠାରୁ ସାତ ହଜାର ଟଙ୍କା ଦେଇ ଶାଢ଼ି ଖଣ୍ଡେ କିଣିଦେଲି । ଶାଢ଼ିଟି ଦେଖିବାକୁ ଖୁବ୍ ସୁନ୍ଦର ହୋଇଛି । କପର୍ ସଲଫେଟ୍ କଲର୍ । ବ୍ଲାଉଜ ପିସ ମଧ୍ୟ ଅଛି । ଦେଖିଲେ ଯାହାର ହେଲେ ବି ଆଖି ଲାଖିଯିବ । ସାତ ହଜାର କ'ଣ କମ ହୋଇଛି ? କହିଲୁ ଦେଖି, କରୋନା ସମୟରେ କୋଉ ଦୋକାନକୁ ଯାଇ ଶାଢ଼ି କିଣିଥାଆନ୍ତି ? ତେଣୁ ବୁଲାବିକାଳିଠାରୁ ସୁବିଧାରେ କିଣିନେଲି । ପ୍ରଥମେ ପନ୍ଦର ହଜାର କହିଲା । ଶେଷରେ ସାତ ହଜାରରେ ଦେବାକୁ ରାଜିହେଲା ।

ତା' କଥା ଶୁଣି ନମିତା ପ୍ରଥମେ ହଡ଼ବଡେଇ ଗଲା । ସୁନିତା ପୁଣି ସାତ ହଜାର ଟଙ୍କା ଦେଇ ଶାଢ଼ି କିଣିଥିବ ? ଏହା ତ' କଳ୍ପନାର ବାହାରେ । ଭଲ ସମୟରେ କୌଣସି ପର୍ବପର୍ବାଣିରେ ହଜାରେ ଟଙ୍କାରେ ଶାଢ଼ି ଖଣ୍ଡେ କିଣିଲେ ଅଖି କାଢ଼ି ପକାଏ । ସେ ଶାଢ଼ିକୁ ନେଇ ମାସ ସାରା ଗପେ । ବାରମ୍ବାର ଶାଢ଼ି ପିନ୍ଧି ଦର୍ପଣ ସାମ୍ନାରେ ନିଜକୁ ପରଖେ । ଭିନ୍ନ ଭିନ୍ନ ଭଙ୍ଗୀର ଫଟୋ ଉଠାଇ ତା'ପାଖକୁ ଛାଡ଼େ । ଇଏ ତ' ସାତ ହଜାର ତାଙ୍କର ମୁଣ୍ଡ ନୁହେଁ । ପକ୍‌କା କଞ୍ଜୁସ । କେମିତି ବୁଲାବିକାଳିଠୁ ଏତେ ଟଙ୍କା ଦେଇ କିଣିଲା ? ପର ମୁହୂର୍ତ୍ତରେ ଭାବେ, ହଁ! ହୋଇଥାଇପାରେ । ଦୁଇବର୍ଷ ହେବ କରୋନା ପାଇଁ କିଛି ଶାଢ଼ି କିଣି ନ ଥିଲା । ଏବେ ତ' କରୋନାର ପ୍ରକୋପ ଟିକିଏ ଥମିଛି, ତେଣୁ ଏକାଥରକେ ଅଧିକ ପଇସା

ଦେଇ ତା' ପସନ୍ଦର ଦାମୀ ଶାଢ଼ି ଖଣ୍ଡେ କିଣିଥାଇପାରେ? ଏହା ଭାବି ଶାଢ଼ିର ଫଟୋ ମୋବାଇଲରେ ପଠେଇବାକୁ ସୁନିତାକୁ କହିଲା ।

ନମିତାର କଥା ଶୁଣି ସୁନିତାର ଛାତି କୁଣ୍ଢେମୋଟ ହୋଇଗଲା । ନାନୀ ଶାଢ଼ିର ଫଟୋ ମାଗିଛି । ଶାଢ଼ିକୁ ଦେଖି ତାକୁ ନିଶ୍ଚୟ ତାରିଫ କରିବ । ଏହା ଭାବି କାଳବିଳମ୍ବ ନ କରି ଶାଢ଼ିଟିକୁ ଖୁବ୍ ଚମତ୍କାର ଭାବେ ପରିଧାନ କରି ଭିନ୍ନ ଭିନ୍ନ ଭଙ୍ଗୀର ସେଲଫି ନେଇ ହ୍ୱାଟ୍ସଆପରେ ପଠେଇଦେଲା ।

ଶାଢ଼ିଟିକୁ ଦେଖି ନମିତା ପ୍ରଥମେ ଯେତିକି ବିସ୍ମିତ ହେଲା, ମନେ ମନେ ସେତିକି ହସିଲା ମଧ୍ୟ । ଏଇଥିପାଇଁ ଯେ ଅବିକଳ ସେଇ ଶାଢ଼ିଟି ଫେରିବାଲାଠୁ ସେ ଏଇ ମାସେ ତଳେ କିଣିଥାଏ । ମାତ୍ର ସାତଶହ ଟଙ୍କାରେ । କିନ୍ତୁ ସେଇ ଶାଢ଼ିଟିକୁ ସୁନିତା କହୁଛି ସାତ ହଜାର । ପକକା ମିଛେଇ । ଜୀବନସାରା ଖାଲି ନିଜର ବଡ଼ିମା ବଖାଣିଲା । ଛାଡ଼! ଭଉଣୀ ଟା ତ', ସତ କହିଲେ ସମ୍ପର୍କ ତୁଟିଯିବ । ତେଣୁ ସେ ସମୟରେ ସେ କିଛି ନ କହି ନିରବ ରହିଲା । ଏଣେ ସୁନିତାର ମନ କନକନ ହଉଥାଏ । ନାନୀ କାହିଁକି ଫୋନ୍ କରୁନି? ଶାଢ଼ିର ପ୍ରକୃତ ଦାମ ଠଉରେଇ ନେଲା କି? ତେଣୁ ସେ ମଧ୍ୟ ଫୋନ ନ କରି ନିରବ ରହିଥାଏ । ଆଗ ପଛକୁ ବିଚାରି ଦୁଇଦିନ ଉତ୍ତାରୁ ନମିତା ପ୍ରଥମେ ଫୋନ୍‌କଲା । କଥାବାର୍ତ୍ତା ଆଳରେ ଜଣେଇଦେଲା ଯେ ସେ ମଧ୍ୟ ମାସେ ତଳେ ଅବିକଳ ତା' ଭଳି ଶାଢ଼ିଟିଏ କିଣିଛି ବୋଲି, ମାତ୍ର ସାତଶହ ଟଙ୍କାରେ। ଏତକ କହି ସେ କିଣିଥିବା ଶାଢ଼ିଟିର ଫଟୋ ମୋବାଇଲରେ ପଠେଇଦେଲା । ଏଣେ 'ଚୋରର କଥା ଟାଣ' ନ୍ୟାୟରେ ସୁନିତା ଶାଢ଼ିଟି ଦେଖି ନିଜ ବାହାଦୁରୀ ଜାରିରଖିବା ପାଇଁ ଚଟାପଟ ଫୋନରେ ଜଣେଇଲା, ଶାଢ଼ିଟି ସିନା ଏକାପରି ହୋଇଛି, ହେଲେ କ୍ୱାଲିଟିରେ ଆକାଶ ପାତାଳ ଫରକ ଅଛି । ସେଥିପାଇଁ ଶାଢ଼ିର ଦାମ ସାତହଜାର ନେଇଛି । ନମିତା ମନେମନେ ହସିଲା । କ'ଣ କହିବ କିଛି ଜାଣିପାରିଲା ନାହିଁ । ସେ ତ' ତା ଭଉଣୀକୁ ତିପେତିପେ ଚିହ୍ନେ । ଯୁକ୍ତିକଲେ ଅସୁବିଧା । ତେଣୁ ନିରବ ରହିବା ଭଲ ଭାବି ନିରବିଗଲା ।

**ନମିତା ମନେମନେ ହସିଲା । କ'ଣ କହିବ କିଛି ଜାଣିପାରିଲା ନାହିଁ । ସେ ତ' ତା ଭଉଣୀକୁ ତିପେତିପେ ଚିହ୍ନେ ।**

ଏ ଘଟଣାର ପ୍ରାୟ ଏକବର୍ଷ ପରେ ନମିତା ଝିଅର ବିଭାଘର ଅନୁଷ୍ଠିତ ହେଲା । ଝିଆରୀ ବିଭାଘରକୁ ସୁନିତା ସପରିବାର ଆସି ଯୋଗ ଦେଇଥିଲା । ବିଭାଘରରେ ସେଇ ସାତହଜାର ଟଙ୍କିଆ ଶାଢ଼ିଟି ଯେମିତି ହେଲେ ପିନ୍ଧିବ ବୋଲି ନମିତା ପ୍ରଥମରୁ ହିଁ ସୁନିତାକୁ ଜଣେଇଥିଲା ।

ବିଭାଘରରେ ସୁନିତା ଭଳି କି ଭଳି ଶାଢ଼ି ପରିଧାନ କରିଥିଲା । ହେଲେ ସେ ଶାଢ଼ିଟା ଜମା ପିନ୍ଧି ନ ଥିଲା । ନ ପିନ୍ଧିବାର କାରଣ ପଚାରିବାରୁ ସେ ଭୁଲବଶତଃ ଛାଡ଼ିଦେଇ ଆସିଛି ବୋଲି ନମିତାକୁ ବୟାନ ଦେଇଥିଲା । କିନ୍ତୁ ଖୋଦ୍ ଆଖିରେ ନମିତାର ସାତଶହ ଟଙ୍କିଆ ଶାଢ଼ିଟି ଦେଖି ସମ୍ପୂର୍ଣ୍ଣ ଝାଉଁଳି ପଡିଥିଲା । ପୂରା ବିଭାଘରରେ ସେ ଆଦୌ ଖୁସି ନଥିଲା ପରି ଜଣାପଡୁଥିଲା । ତା'ର ଡହ ଡହ କଥା ପାଟିରୁ ସ୍ଫୁରୁ ନଥିଲା । ବନ୍ଧୁବାନ୍ଧବମାନେ ତାକୁ ନେଇ ଫୁଟୁରୁଫାଟର ହେଉଥିଲେ । ତା' ମନ କାହିଁକି ଭଲ ନାହିଁ ବୋଲି ନମିତାକୁ ପ୍ରଶ୍ନ କରୁଥିଲେ? ଭଲରେ ଭଲରେ ବିଭାଘର ସରିଲା । ବନ୍ଧୁବାନ୍ଧବମାନେ ଖୁସିରେ ବିଦାହେଲେ । ବେଭାର ହିସାବରେ କାଳେ ଶାଢ଼ି ଓ ପ୍ୟାଣ୍ଟସାର୍ଟ ମନ ନ ପାଇପାରେ ବୋଲି ନମିତା ସମସ୍ତଙ୍କୁ ନଗଦ ଟଙ୍କା ଧରେଇ ଦେଉଥିଲା । ନମିତାର କଥା ଏଡ଼େଇ ନ ପାରି ସୁନିତା ଅଧିକ ସପ୍ତାହେ ରହିଥିଲା । ସେଇ କିଛିଦିନ ଦୁଇଭଉଣୀ ଅନେକ କିଛି ମନଖୋଲା ଗପ ଗପିଥିଲେ । ବିଦାୟ ଦିନ ନମିତା ଭଉଣୀ ଜ୍ୱାଇଁ ଓ ପିଲାମାନଙ୍କୁ ବେଭାର ଦେଇସାରିବା ପରେ ସୁନିତାକୁ ଏକାକିନୀ ଏକ ରୁମକୁ ଡାକିନେଇ କହିଲା, ମୁଁ ଭାବିପାରୁନାହିଁ ତୁ'ଏତେ ଚାଲାକ ହୋଇ ସାମାନ୍ୟ ବୁଲାବିକାଳିଠାରୁ ଠକିଗଲୁ କେମିତି? ହଉ! ଯାହା ହେଇଗଲା ହେଇଗଲା । ଜମା ମନଦୁଃଖ କରନା । ଏଇ ନେ ସାତହଜାର ଟଙ୍କା ରଖ । ଭୁବନେଶ୍ୱରର କୌଣସି ବଡ଼ ଦୋକାନରୁ ତୋ' ମନପସନ୍ଦର ଦାମୀ ଶାଢ଼ିଟିଏ କିଣିନବୁ । ଏତକ କହି ସେ ତା' ଶାଢ଼ି କାନିରେ ସୁନିତା ଆଖିର ଢଳ ଢଳ ଲୁହ ପୋଛିଦେଲା । ସୁନିତା କୋହ ସମ୍ଭାଳି ନପାରି ନାନୀ କୋଳକୁ ଆଉଜି ପଡ଼ିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
saratdas700@gmail.com

ପ୍ରବନ୍ଧ



# ଓଡ଼ିଆ ଓଷାବ୍ରତର ଭାଷା - ଏକ ଅନୁଧ୍ୟାନ

ମିତାଲି ମଧୁସ୍ମିତା ମହାନ୍ତି

ଅତୀତରେ ଓଷାବ୍ରତର ପରିଚୟ କେବଳ ମୌଖିକ ଥିଲା । ସମାଜରେ ପ୍ରତିଷ୍ଠିତ ହେବା ଓ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଲୋକପ୍ରିୟତା କରିବା ଉଦ୍ଦେଶ୍ୟରେ ଓଷାବ୍ରତ ଲିଖିତରୂପ ଗ୍ରହଣ କଲା। ବର୍ତ୍ତମାନ ପରିଦୃଷ୍ଟ ହେଉଥିବା ଓଷାବ୍ରତଗୁଡ଼ିକର ଦୁଇଟି ରୂପ ଦେଖିବାକୁ ମିଳିଥାଏ, ଯଥା-ଗଦ୍ୟରୂପ ଓ ପଦ୍ୟରୂପ । ଅନେକ ଓଷାବ୍ରତରେ କାବ୍ୟଧର୍ମୀ ଗଦ୍ୟ ଦେଖିବାକୁ ମିଳିଥାଏ ଆଉ କେତେକ ଗଦ୍ୟଧର୍ମୀ ଓଷାବ୍ରତର ମଝିରେ ମଝିରେ ପଦ୍ୟ ସଂଯୋଜନା କରାଯାଇ ଏହାକୁ କରାଯାଏ। କେତେକ ଓଷାବ୍ରତ ବିଭିନ୍ନ ପୁରାଣରୁ ଗୃହୀତ ହୋଇଥିବାବେଳେ ଆଉକେତେକ ସମ୍ପୂର୍ଣ୍ଣ ଲୌକିକ ପରମ୍ପରାରୁ ହିଁ ଆସିଛି। ଅଧିକାଂଶ ଓଷାବ୍ରତ କଥା ଆର୍ଯ୍ୟେତର ଜାତିରୁ ଆସିଛି । କାରଣ ଏଥିରେ ବ୍ରାହ୍ମଣମାନଙ୍କୁ ପୂଜକର ଆସନରେ ଆଦୌ ଦେଖିବାକୁ ମିଳେନାହିଁ । ଲୋକଗୀତ ବା ଲୋକକଥା ପରି ବହୁ ଓଷାବ୍ରତରେ ରଚୟିତାମାନଙ୍କର ନାମ ଦେଖିବାକୁ ମିଳିନଥାଏ । ଅନୁମାନ କରାଯାଏ ଯେ, ପରମ୍ପରାକ୍ରମେ ଏହା ଚାଲିଆସୁଥିବା ବେଳେ କେହି ଜଣେ ଧାର୍ମିକବ୍ୟକ୍ତି ଏହାର ବିକାଶକୁ ଅଧିକ ତ୍ୱରାନ୍ୱିତ ଓ ପରିପୁଷ୍ଟ କରିବା ଉଦ୍ଦେଶ୍ୟରେ ତାକୁ ଲିଖିତ ରୂପ ପ୍ରଦାନ କରିଛନ୍ତି। ବହୁ ବ୍ରତକଥାରେ ଐନ୍ଦ୍ରଜାଲିକତା ଓ ଅଲୌକିକତା ପରିଲକ୍ଷିତ ହେଉଥିବାରୁ ଏବଂ ଏହା ବିଶେଷ ଭାବରେ ଆର୍ଯ୍ୟେତର ଜାତିର ମୌଳିକ ଲକ୍ଷଣ ହୋଇଥିବାରୁ ଉକ୍ତ ବ୍ରତକଥାଗୁଡ଼ିକ ସେହି ଜାତିର ବୋଲି ପ୍ରମାଣିତ ହୋଇଥାଏ। ପୁଣି ଶୁଣ୍ଢିଆଣୀ, ଧୋବଣୀ, ସାଧବାଣୀ, କୁମ୍ଭାରୁଣୀ, ଚଣ୍ଡାଳୁଣୀ ଆଦି ଚରିତ୍ରମାନଙ୍କର ଓଷାବ୍ରତରେ ପୂଜକର ଭୂମିକା ତୁଲାଇଥିବା ଏହାକୁ ଅଧିକ ସ୍ପଷ୍ଟ କରିଦେଇଥାଏ। ଯଦି ଏହି ଓଷାବ୍ରତଗୁଡ଼ିକ ଆର୍ଯ୍ୟସମାଜରେ ସୃଷ୍ଟି ହୋଇଥାଆନ୍ତା ବ୍ରାହ୍ମଣଜାତିର ତେବେ ପ୍ରାଧାନ୍ୟ ସେଥିରେ ମୁଖ୍ୟ ସ୍ଥାନଲାଭ କରିଥାନ୍ତା। ସମାଜର ବିଭିନ୍ନ ବର୍ଗର ପରିଚୟ ଏଥିରେ ଥିବାରୁ ଏବଂ ବିଶେଷ ଭାବରେ ଆର୍ଯ୍ୟେତର ଜାତିର ଭୂମିକା ଏଥିରେ ମୁଖ୍ୟ ହୋଇଥିବାରୁ ଏହା ନିଶ୍ଚିତ ଭାବରେ ସେହି ସମାଜରୁ ହିଁ ଆନୀତ ବୋଲି ବିଶ୍ୱାସ କରାଯାଏ।

**କେତେକ ଓଷାବ୍ରତ ବିଭିନ୍ନ ପୁରାଣରୁ ଗୃହୀତ ହୋଇଥିବାବେଳେ ଆଉକେତେକ ସମ୍ପୂର୍ଣ୍ଣ ଲୌକିକ ପରମ୍ପରାରୁ ହିଁ ଆସିଛି।**

**ଭାଷାର ପ୍ରକୃତି**

ଓଷା ଓ ବ୍ରତରେ ଭାଷାର ସ୍ୱରୂପ କଥା କହିଲା ବେଳେ କେତୋଟି ନିର୍ଦ୍ଦିଷ୍ଟ ଭାଷାଗତ ବୈଶିଷ୍ଟ୍ୟ ଦୃଷ୍ଟିକୁ ଆସେ। ଯେମିତିକି ଅନେକ ଦେଶଜ ପ୍ରାଚୀନ ଓଡ଼ିଆ ଶବ୍ଦ ସହ ତତ୍କାଳୀନ ପାର୍ସୀ, ଉର୍ଦ୍ଦୁ ଶବ୍ଦର ସମ୍ମିଶ୍ରଣ, ଅଞ୍ଚଳ ଅନୁସାରେ ବହୁ ଆଞ୍ଚଳିକ କଥିତ ଶବ୍ଦର ପ୍ରୟୋଗ ଏବଂ ବାକ୍ୟ ଗଠନରୀତିରେ ଖଣ୍ଡକାବ୍ୟ, ଗଦ୍ୟପଦ୍ୟ ମିଶ୍ରିତବାକ୍ୟ, କଥିତମାନଙ୍କ ଶବ୍ଦ ମିଶ୍ରିତ ବାକ୍ୟର ପ୍ରୟୋଗ ଇତ୍ୟାଦି ଏସବୁ ଓଷାବ୍ରତର ଭାଷା ବୈଚିତ୍ର୍ୟ।

ପ୍ରାଚୀନ ବ୍ରତକଥାରେ ଦୁଇପ୍ରକାର ଭାଷା ଦେଖାଯାଏ। ନାଗଲଚଉଠି, ସୋମନାଥ ବ୍ରତ ପ୍ରଭୃତି କଥାର ଭାଷା ଗଦ୍ୟ ଏବଂ ଖୁଦୁରୁକୁଣୀ ଓଷା, ନିଶା ମଙ୍ଗଳବାର ଓଷା ପ୍ରଭୃତିର ଭାଷା ପଦ୍ୟ।

କିନା, ନିକି, ତ, ଯେ, ଟି ପ୍ରଭୃତି ବାକ୍ୟାଳଙ୍କାର ଅବ୍ୟୟର ବହୁଳ ବ୍ୟବହାର ଦେଖାଯାଏ । ତୁମ୍ଭେ, ଆମ୍ଭେ ପ୍ରଭୃତି ସର୍ବନାମ ବଦଳରେ ତୁମେ, ଆମେ ଆଦିର ବ୍ୟବହାର ଥାଏ । ସର୍ବନାମପଦ - 'ତୁମେ', 'ଆମେ'ର ବହୁବଚନ ତୁମ୍ଭେମାନେ, ତୁମେମାନେ, ଆମ୍ଭେମାନେ, ଆମେମାନେ ସ୍ଥଳରେ 'ତୁମେ', 'ଆମେ'ର ବ୍ୟବହାର ଦେଖାଯାଏ । 'ଯେଉଁ' ବଦଳରେ 'ଯେ'ର ବ୍ୟବହାର ହିଁ ବେଶି । 'ହୁଏ'ର

ବ୍ୟବହାର ଆଦୌ ଦେଖାଯାଏ ନାହିଁ । 'ହୁଏ' ସ୍ଥାନରେ 'ହୋଅଇ'ର ବ୍ୟବହାର ଦେଖାଯାଉଥିଲେ ମଧ୍ୟ ବ୍ୟବହାର ସ୍ଥାନର ସଂଖ୍ୟା ବେଶି ନୁହେଁ । ଯିବାରୁ ପରିବର୍ତ୍ତେ ଗଲାରୁ; ଗଲୁ, ଗଲାକୁ; ଦେଖିବାରୁ ପରିବର୍ତ୍ତେ ଦେଖିଲୁ, ଦେଖିଲାକୁ – ଏହିପରି ବ୍ୟବହାର ହୋଇଥାଏ ।

**ସଂରଚନାର ବୈଶିଷ୍ଟ୍ୟ**

ଗଦ୍ୟରେ କାବ୍ୟଗୁଡ଼ିକ ଛୋଟ ଛୋଟ । ଜଟିଳ କାବ୍ୟରେ ସେପରି, ଯେଉଁ, ସେ, ଯାହା, ତାହା ପ୍ରଭୃତି ସର୍ବନାମ; 'କି' ଅବ୍ୟୟ ଏହି ଗଦ୍ୟରେ କ୍ୱଚିତ୍ ଦେଖାଯାଏ। ଯୌଗିକ ବାକ୍ୟର ଓ, ଏବଂ, କିନ୍ତୁ ପ୍ରଭୃତି କେତେକ ସଂଯୋଜକ ଅବ୍ୟୟର ବ୍ୟବହାର ପ୍ରାୟ ଦେଖାଯାଏ ନାହିଁ ।




କେତୋଟି ବ୍ରତକଥା ଭାଷା ଗଦ୍ୟ-ପଦ୍ୟମୟ। ଭାଷାରେ ଆଳଙ୍କାରିକ ଛଟା ବେଶି ପରିମାଣରେ ଥାଏ। ବିଶେଷଣର ବ୍ୟବହାର ବହୁତ ଥାଏ । ଅନୁପ୍ରାସ ଉପରେ ଲକ୍ଷ୍ୟ ବହୁତ ଥାଏ । ସଂସ୍କୃତ ଶବ୍ଦର ବ୍ୟବହାର ବହୁତ ଦେଖାଯାଏ । ଏହି ବ୍ରତକଥାମାନଙ୍କ ମଧ୍ୟରୁ କେତୋଟି ଯେ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ରଚିତ, ଏଥିରେ କୌଣସି ସନ୍ଦେହ ନାହିଁ।

ଭାଷା ଦିଗରୁ ଓ ଭାବ ଦିଗରୁ ଆଲୋଚନା କଲେ ସୋମନାଥ ବ୍ରତକଥା, ନାଗଲଚଉଠି ବ୍ରତକଥା, ଦାମୋଦର ଓଷା, ଖୁଦୁରୁକୁଣୀ ଓଷା ପ୍ରଭୃତି ତ୍ରୟୋଦଶ ବା ଚତୁର୍ଦ୍ଦଶ ଶତାବ୍ଦୀର ବୋଲି ଅନୁମିତ ହୁଏ । ଏକଥାଗୁଡ଼ିକର ଭାଷା ବହୁତ ସରଳ ଓ ସହଜ; ଲିଖନ ଭଙ୍ଗୀ ମଧ୍ୟ ସୁନ୍ଦର ଏବଂ ଶ୍ରୁତି ମଧୁର । ଯେପରି,

"ଶୁଣ ହେ ନରମାନେ, ଶ୍ରୀ ନାଗଲ ଚଉଠି କଥା । ଏକ ଯେ ସାଧବ ପରା ତା'ର ସାତ ବୋହୂ । ସାନ ବୋହୂଟିକି ଦେଖି ନ ପାରନ୍ତି । ଏ ରୂପେ କେତେ ହେବ ଦିନେ ଅଶିଣ ଗଲା କାର୍ତ୍ତିକ ହେଲା"....

ନାଗଲଚଉଠି ବ୍ରତକଥାର ଆରମ୍ଭଟି ଖୁବ୍ ସୁନ୍ଦର । ବାକ୍ୟଗୁଡ଼ିକ ଛୋଟ । ଭାବ, ବ୍ୟକ୍ତ କରିବାରେ କୌଣସି ଅସୁବିଧା ନାହିଁ । ବର୍ଣ୍ଣନା ମଧ୍ୟ ମନୋମୁଗ୍ଧକର ।

ସେହିପରି ସୋମନାଥ ବ୍ରତକଥାର ଆରମ୍ଭ ମଧ୍ୟ ଚମତ୍କାର । ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି ଶୁଣ ଦେବୀ ପାର୍ବତୀ । ମାଳବ ବୋଲି ଦେଶ । ତହିଁ ପାଟଳି ବୋଲି ନଗ୍ର । ତହିଁ ବୀର ବିକ୍ରମାଦିତ୍ୟ ବୋଲି ରାଜା । ସେ ରାଜା ମହାପ୍ରତାପୀ ।

ଶେଷରେ "ଖୁଦୁରୁକୁଣୀ ଓଷା" ଓଡ଼ିଶାରେ ଖୁବ୍ ପ୍ରସିଦ୍ଧି ଲାଭ କରିଛି । କେଉଁ କାଳରୁ ଏହାର ପ୍ରଚାର ହୋଇଛି ଏବଂ କେବେ ଯେ ଏହାର ଉତ୍ପତ୍ତି, ତାହା ନିରୂପଣ କରିବା ସହଜ ନୁହେଁ । ତେବେ ଏତିକି କୁହାଯାଇପାରେ ଯେ, ଯେଉଁ ସମୟରେ ସହସ୍ର ସହସ୍ର ବାଣିଜ୍ୟ ତରୀ ସମୁଦ୍ର ବକ୍ଷରେ ଭାସମାନ ହେଉଥିଲା, ସେହି ସମୟରେ ଏଥିରେ ବର୍ଣ୍ଣିତ କଥାବସ୍ତୁର ଆରମ୍ଭ ।

"ଖୁଦୁରୁକୁଣୀ ଓଷା"ର କଥାବସ୍ତୁରେ ଆମ ମାଟିର ବାସ୍ନା ବାରି ହୁଏ । ଲୋକେ କିପରି ବୋଇତରେ ବଣିଜକୁ ଯାଉଥିଲେ, ଗଲାବେଳେ ଓ ଫେରିଲାବେଳେ କିପରି ବୋଇତ ବନ୍ଦାଣ ହେଉଥିଲା, ଏଠାରେ ମିଳେ । କିପରି ପୂଜିବାକୁ ହୁଏ, ତା'ର ଚିତ୍ର ମଧ୍ୟ ଏଥିରେ ଅଛି । ନଣନ୍ଦ-ଭାଉଜଙ୍କର ସବୁଦିନେ ସମାନ ଭାବରେ ମନର ମେଳ ନଥାଏ, ଏହା ମଧ୍ୟ ଏଥିରେ ଦିଆଯାଇଛି । ବ୍ରାହ୍ମଣୀ ଛଳନା କରି ସାଧବ ବୋହୂମାନଙ୍କୁ କହିଲା – "ବସାଇ ଦୋଳିର ଉପର, କିମ୍ବା ଏହାକୁ ସେବା କର ।

ଏ କାଳେ ମଣୁଅଛି ଭଲ, ପଛେ ଗୋ ମଣିବଟି ଶଲ ।

ଭାଇମାନଙ୍କୁ ଖଚ କହି, ଅନେକ ଶାସ୍ତି ଦେବ ଏହି ।'' ଇତ୍ୟାଦି

**ଓଡ଼ିଆ ଜାତିର ପ୍ରତିଫଳନ**

ଏହି ଓଷା ବ୍ରତକଥାମାନଙ୍କର ଓଡ଼ିଆ ଜାତିର ଅନେକ ଚିତ୍ର ଲିଖିତ ହୋଇଛି । ଓଡ଼ିଆ ଜାତିର ଆଚାର ବ୍ୟବହାର, ଦୁଃଖ, ସୁଖ ସବୁକଥା ଏଥିରେ ପରିସ୍ଫୁଟ ହୋଇଅଛି ।

ଅନେକଗୁଡ଼ିଏ ବ୍ରତକଥାରେ ସାଧବଘର ପ୍ରସଙ୍ଗ,

ବାଣିଜ୍ୟ, ସମୁଦ୍ରକୂଳରେ, ପୂଜା ପ୍ରଭୃତି ବିଷୟ ଲିଖିତ ହୋଇଛି । ଏଥିରୁ ପ୍ରମାଣିତ ହେଉଛି, ଖ୍ରୀଷ୍ଟପୂର୍ବ ଏକହଜାର ବର୍ଷ ପୂର୍ବରୁ କଳିଙ୍ଗର ନୌବାଣିଜ୍ୟ ସମ୍ବନ୍ଧରେ ଯେଉଁ ଗୌରବ ଥିଲା, ତାହା ସେକାଳ ପର୍ଯ୍ୟନ୍ତ ମଧ୍ୟ ଲୋକମୁଖରେ ରହିଥିଲା । ନୌବାଣିଜ୍ୟ ଯୋଗୁଁ ଏ ଦେଶରେ ଧନ ସମ୍ପତ୍ତି ଭରା ହୋଇ ରହିଥିଲା । ଲୋକେ କାହିଁ ସୁଦୂର ଜାଭା, ସୁମାତ୍ରା ଯାଇ ବାଣିଜ୍ୟ କରୁଥିଲେ । ଏହାର ନିଦର୍ଶନ ଆଜିପର୍ଯ୍ୟନ୍ତ ସେ ଦେଶମାନଙ୍କରେ ମିଳିଛି ।

ଯେଉଁ କେତୋଟି ପ୍ରାଚୀନ ରଚନା ଆମର ଦୃଷ୍ଟି ଆଗକୁ ଆସିଥାଏ, ତାହାକୁ ଆଧାରକରି ଏହାର ଭାଷାତାତ୍ତ୍ୱିକ ମୂଲ୍ୟ ନିରୂପଣ କରାଯାଇପାରେ ।

ପ୍ରାଚୀନ ପ୍ରୟୋଗ :

ପୋୟେ – ପୁତ୍ରମାନେ
ଉପୁରାଣ – ଓଢ଼ଣା
ପାହାଡ଼ା ପାରିବା – ଲୁଗା ବିଛାଇବା
ବୋଲଣା – ଖରାପ କାର୍ଯ୍ୟ
ଅସୁକ – ଅସୁଖ
ପୁଛନ୍ତି – ପଚାରନ୍ତି
ଶତୁଂ – ଅତୀତ ବା ଗତ ଅର୍ଥରେ
ସରିଲୋକ – ସମସ୍କନ୍ଧ ବ୍ୟକ୍ତି




ଶବ୍ଦମାନଙ୍କର ଦ୍ୱିରୁକ୍ତି : ଟହଟହ, ଝଟଝଟ, ଝପଝପ, ଗଦଗଦ, ଥନଥନ ।

ସମୟେ ସମୟେ 'ତୁମ୍ଭେ' ଓ 'ଆପଣ' ମଧ୍ୟରେ କୌଣସି ପାର୍ଥକ୍ୟ ଲକ୍ଷିତ ହୋଇନଥାଏ । ଗୋଟିଏ ବ୍ୟକ୍ତି ପାଇଁ ଏକ ସମୟରେ 'ତୁମେ' ଓ 'ଆପଣ' ଶବ୍ଦ ବ୍ୟବହୃତ ହୋଇଥାଏ । 'ସଙ୍କଟ ଚଉଠି ବ୍ରତ'ରେ ପାର୍ବତୀ ମହାଦେବଙ୍କୁ 'ତୁମ୍ଭେ' ଓ 'ଆପଣ' ସମ୍ବୋଧନ କରିଛନ୍ତି –

"ଆପଣଙ୍କୁ ସେବନ୍ତି ସବୁ ପ୍ରାଣୀ
ବରଦାତା ନାମ ବହିଛି ପୁଣି
ଏଣୁ ତୁମ ଦେବାଟା ଅକାରଣ
ଜଗତରେ ମିଳୁଅଛି ଦୂଷଣ ।"

ସମ୍ବୋଧନ ଅର୍ଥରେ 'ୟେ'ର ପ୍ରୟୋଗ: ଶ୍ୱଶୁର ସମ୍ମାନାର୍ଥକ ସମ୍ବୋଧନରେ – ଶାଶୁୟେ ।

'ଡ' ଓ 'ର' ମଧ୍ୟରେ ପାର୍ଥକ୍ୟ ନାହିଁ ପାଡ଼ିବା – ପାରିବା ।

ବେଳେବେଳେ କ୍ରିୟାପଦ ଉହ୍ୟ ରହିଥାଏ । ବାକ୍ୟରୁ ତାହାକୁ ସନ୍ଧାନ କରିବାକୁ ହୋଇଥାଏ । ଯେପରି – "ନଗରୀ ନାଆଁ ଚମ୍ପାବତୀ । ରାଜା ନାଆଁ ବିକ୍ରମସେନ । ପାଟମହାଦେଈଙ୍କ ନାଁ ମଦନାବତୀ । ଝିଅ ନାଁ ଅରୁଣା । ମନ୍ତ୍ରୀଙ୍କ ନାଆଁ ବୀରସେନ ।" ବାକ୍ୟଗୁଡ଼ିକ ଛୋଟ ଓ ସରଳ – "ଶାଶୁ ନାଁ ଶ୍ରିୟା, ବୋହୂ ନାଁ ପ୍ରିୟା, ସାହୁ ନାଁ ଶ୍ରୀଧର, ପୁର ନାଁ ଶ୍ରୀକର ।"

ଏକବଚନରେ 'ଏ'ର ସଂଯୋଗ – ଗରିବ ବ୍ରାହ୍ମଣଟିଏ, ପିଲାଟିଏ ଇତ୍ୟାଦି ।

ଅଧିକାଂଶ ବାକ୍ୟ ଅତୀତ କାଳର ପ୍ରକାଶ ହୋଇଛି : ମା ଲୋ ଏଡ଼େ କର୍ମ କଲୁ ।

ଯେତେ ବୋଲି ଶାଶୁ ବୋହୂକୁ ପେଲିଦେଲା ।

ଆପେ ରାନ୍ଧି ବସିଲା ।

ଝଡ଼ରସ ଅମୃତ ପାଗ ମଣୋହି କଲା ।

ଘର ବଖରାଏ ଲିପି ପୋଛି ଆଣିଲା ।

ଇନ୍ଦ୍ର ଗୋବିନ୍ଦ ଚାନ୍ଦୁଆ ଟାଣିଲା ।

କାବ୍ୟିକ ଭାଷା – "ଏ ଯେ ତା'ର ନାଗରା ବାଜିଲା । ଏ ଯେ ତା'ର ଧାମସା ବାଜିଲା । ଏ ଯେ ତାର ମୁଖ ବଂଶୀମାନ । ଏ ଯେ ତା'ର ନାକ ବଂଶୀମାନ । ଏ ଯେ ତା'ର ଡିବି ଡିବି ବାଇଦ । ଏ ତା'ର ତେରେଙ୍ଗା ବାଇଦ" ଇତ୍ୟାଦି ।

ପ୍ରାଚୀନ ଭାଷାର ଉଦାହରଣ – " ଅଥ ବୈବସ୍ୱତ ମନୁ ପୁଛାକଲେ ଲୋ ଅଗସ୍ତି ମୋତେ ପଦ୍ମପୁରାଣ କହିବା ହେଉ । ଅଗସ୍ତି କହିଲେ, ମହାଲକ୍ଷ୍ମୀ କଥା ଶୁଣିଲେ ବଡ଼ପଣ ହୋଇବ । ଧନଜନ ଆୟୁ ବଳେ ସ୍ତ୍ରୀ ସୁଲକ୍ଷଣୀ ହୋଇବ । ସୂତମୁନି କହିଲେ, ସେ କଥା ମୋତେ କହ । ଅଗସ୍ତି କହିଲେ, ସତ୍ୟଯୁଗେ ବିରବିକ୍ରମ ନାମେ ରାଜା । ମନ୍ତ୍ରୀ ନାମ ତ୍ରିକୂଟେଶ୍ୱର । ରାଣୀ ନାମ ରତ୍ନାବତୀ । ମନ୍ତ୍ରୀ ପତ୍ନୀ ନାମ ପଦ୍ମାବତୀ ।" ଇତ୍ୟାଦି (ସୁଦଶାବ୍ରତ କଥା)

## ଓଷାବ୍ରତର ଆଭିମୁଖ୍ୟ

ଚିତ୍ତଶୁଦ୍ଧି ଆଣିବା ଏବଂ ନିର୍ଦ୍ଦିଷ୍ଟ ମନୋକାମନା ପୂରଣ କରିବା ଓଷାବ୍ରତର ମୁଖ୍ୟ ଉଦ୍ଦେଶ୍ୟ । ଏ ସମ୍ପର୍କରେ ଡକ୍ଟର କୁଞ୍ଜବିହାରୀ ଦାଶ ମତପ୍ରକାଶ କରି କୁହନ୍ତି – "ଓଷାବ୍ରତ କୌଣସି ନିର୍ଦ୍ଦିଷ୍ଟ ଲୋକଗୋଷ୍ଠୀର ଏକଚାଟିଆ ଅଧିକାର ନୁହେଁ; ଏହା ସମଗ୍ର ଲୋକସମାଜର । ଏହା ଲୋକ ଜୀବନର ସାରଲ୍ୟ, ସୌକୁମାର୍ଯ୍ୟ, ସହଜ ବିଶ୍ୱାସ ଓ ସର୍ଜନଶୀଳତାର ସ୍ୱାକ୍ଷର ବହନ କରେ । ଏହା ଗ୍ରାମ ବା ଗୃହର କଲ୍ୟାଣ ଲାଗି ପୁରନ୍ଧ୍ରୀମାନଙ୍କର ଏକ ତପସ୍ୟା, ଯାହାକିଛି ଧୈର୍ଯ୍ୟ, ନିଷ୍ଠା, ସହିଷ୍ଣୁତା, ତିତିକ୍ଷା ଓ ମନର ସଂକଳ୍ପ ସେ ଏଥିରୁ ଲାଭ କରିଥାଏ । ସଂଯତ ଚରିତ୍ର ଗଠନରେ ଏହା ସହାୟକ ହୋଇଥାଏ । ଅନ୍ତଃପୁରଚାରିଣୀମାନଙ୍କର ସହଯୋଗ ମନୋବୃତ୍ତି ଓ ନିବିଡ଼ ଐକ୍ୟର ଏହା ସୂକ୍ଷ୍ମ ଯୋଗସୂତ୍ର । ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିରେ ଏହା ସାହାଯ୍ୟ କରିଥାଏ । ଏହି ଓଷାବ୍ରତରେ କେବଳ ଲୋକମାନଙ୍କର ଆଧ୍ୟାତ୍ମିକ ଚେତନାପ୍ରକାଶ ପାଏ ନାହିଁ କିମ୍ବା ଚିତ୍ତର ଶୁଦ୍ଧତା ପାଇଁ ଏହା ପାଳନ କରାଯାଇ ନ ଥାଏ । ଏହା ସହିତ ସମାଜର ସାମୂହିକ ମଙ୍ଗଳ କାମନା, ପରସ୍ପର ପ୍ରତି ଭ୍ରାତୃଭାବ ପ୍ରଦର୍ଶନ, ଏକ ଈଶ୍ୱରଙ୍କ ସନ୍ତାନ ଭାବରେ ସମସ୍ତଙ୍କ ପ୍ରତି ସମାନ ଭାବ ପ୍ରଦର୍ଶନ ଏହାର ଲକ୍ଷ୍ୟ । ବିଶେଷଭାବରେ ସମାଜରେ ବସବାସ କରୁଥିବା ଅବହେଳିତ ଗୋଷ୍ଠୀଙ୍କର ସାମାଜିକ ମର୍ଯ୍ୟାଦା ବୃଦ୍ଧି କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ ସେହି ଦୃଷ୍ଟିରୁ ଓଷାବ୍ରତ ପଠନ ଓ ପାଳନର ଆବଶ୍ୟକତା ବର୍ତ୍ତମାନ ସମାଜରେ ରହିଛି ।

**ଶାସ୍ତ୍ରୀୟ ଓଡ଼ିଆ ଭାଷାର ସମ୍ପଦ ସଦୃଶ ଓଷାବ୍ରତଗୁଡ଼ିକ ଉତ୍କଳୀୟ ସଂସ୍କୃତିକୁ ପ୍ରଭାବିତ କରିଛି ।**


## ଭାଷାତାତ୍ତ୍ୱିକ ଦୃଷ୍ଟି

ତେବେ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାରକଲେ ଓଷାବ୍ରତଗୁଡ଼ିକ ପ୍ରାଚୀନକାଳରୁ ଆଧୁନିକ ସମୟ ଅନୁସାରେ ବର୍ଣ୍ଣାଢ୍ୟ ଓ ବୈଚିତ୍ର୍ୟମୟ ହୋଇ ଆସିଛି । ଶାସ୍ତ୍ରୀୟ ଓଡ଼ିଆ ଭାଷାର ସମ୍ପଦ ସଦୃଶ ଓଷାବ୍ରତଗୁଡ଼ିକ କେବଳ ଉତ୍କଳୀୟ ସଂସ୍କୃତିକୁ ପ୍ରଭାବିତ କରିଛି ତାହା ନୁହେଁ, ଲିଖିତ ଓ କଥିତ ଭାଷା ମଧ୍ୟରେ ଏକ ସେତୁ ସଦୃଶ ଭୂମିକା ନିର୍ବାହ କରିଛି । ଓଷାବ୍ରତଗୁଡ଼ିକର କଥାବସ୍ତୁ, ବାକ୍ୟଗଠନ ଓ ଶବ୍ଦାବଳୀରୁ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଅଧ୍ୟୟନ କଲେ, ଅନୁଭବ କରିହୁଏ ଯେ, ଅନେକ ବୈଶିଷ୍ଟ୍ୟ ଏ ସବୁର ସ୍ୱାତନ୍ତ୍ର୍ୟ । ବିଶେଷ କରି କ୍ରିୟାହୀନ ବାକ୍ୟ, ସମାପିକା ଓ ଅସମାପିକା କ୍ରିୟାଗୁଡ଼ିକର କାବ୍ୟିକ – କଥିତ ଉପସ୍ଥାପନା, ପ୍ରାଚୀନ ସମ୍ବୋଧନ ପଦ ଓ ଅନେକ ଅବ୍ୟୟ ଏହାର ବିଶେଷତ୍ୱକୁ ପ୍ରତିପାଦିତ କରେ । ଆଞ୍ଚଳିକ ସ୍ତରରେ ଓଷାବ୍ରତଗୁଡ଼ିକରେ କଥାବସ୍ତୁ, ଚରିତ୍ର ଚିତ୍ରଣ ହୁଏତ ଭିନ୍ନ ଭିନ୍ନ ଭାବେ ଆମର ସମ୍ମୁଖରେ ଉଭାହୋଇଛନ୍ତି । ତଥାପି ପ୍ରାଚୀନ ଓ ମଧ୍ୟଯୁଗର କଥିତ ଓଡ଼ିଆ ଶବ୍ଦାବଳୀ ଯେଉଁଭଳି ଲିଖିତ ଭାବେ ଓଷାବ୍ରତଗୁଡ଼ିକରେ ସ୍ଥାନପାଇଛି । ତାହା ଅନେକ ସମୟରେ ଭାଷା ଦୃଷ୍ଟିରୁ ବିସ୍ମୟ ସୃଷ୍ଟିକରେ । ଏହି ଗବେଷଣା ସନ୍ଦର୍ଭଟି ଓଷାବ୍ରତଗୁଡ଼ିକରେ ଭାଷାତାତ୍ତ୍ୱିକ ଅଧ୍ୟୟନ ଦୃଷ୍ଟିରୁ ଏକ ପ୍ରାଥମିକ ପ୍ରୟାସ ବୋଲି କୁହାଯାଇପାରେ ।

ଏ ଦିଗରେ ଅନେକ ସୂକ୍ଷ୍ମାତିସୂକ୍ଷ୍ମ ଗବେଷଣାର ଆବଶ୍ୟକତା ରହିଛି । ବିଶେଷକରି ଶାସ୍ତ୍ରୀୟ ଓଡ଼ିଆ ଭାଷାର ମୂଳ ଉତ୍ସଗୁଡ଼ିକ ମଧ୍ୟରେ ତାଳପତ୍ର ପୋଥିର ଏକ ପ୍ରମୁଖ ଭୂମିକା ରହିଛି । ଏବଂ ଅନେକ ଓଷାବ୍ରତ ତାଳପତ୍ର ପୋଥିରୁ ଉଦ୍ଧାର ହୋଇ ପରବର୍ତ୍ତୀ କାଳରେ ମୁଦ୍ରିତ ଆକାରରେ ପ୍ରକାଶ ପାଇଛି । ତେଣୁ ଶିଳାଲେଖ, ତାମ୍ରପତ୍ର ଓ ତାଳପତ୍ର ଭଳି ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅଧ୍ୟୟନ ଓ ଅନୁଶୀଳନ ପାଇଁ ଓଷାବ୍ରତଗୁଡ଼ିକର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି । ଭାଷାତାତ୍ତ୍ୱିକ ଦିଗରୁ ଓଷାବ୍ରତଗୁଡ଼ିକ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରିବା ସହ ଶବ୍ଦତାତ୍ତ୍ୱିକ ବା ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶେଷ ଭାବରେ ସହାୟତା ହୋଇଛି । ଏହାର ପ୍ରାଚୀନତା ହୁଏତ ଇତିହାସର ତଥ୍ୟ ଓ ତାରିଖ ଦୃଷ୍ଟିରୁ ଗବେଷଣାସାପେକ୍ଷ ହୋଇପାରେ ହେଲେ, ଶାସ୍ତ୍ରୀୟତା ଓ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଓଷାବ୍ରତଗୁଡ଼ିକର ଅଧ୍ୟୟନ ସାମଗ୍ରିକ ଭାବେ ଗୁରୁତ୍ୱପୂର୍ଣ୍ଣ । ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଅଧିକ ଅଧ୍ୟୟନର ଯେ ଆବଶ୍ୟକତା ରହିଛି ଏହା କହିବା ବାହୁଲ୍ୟମାତ୍ର ।

□□

ଲେଖିକାଙ୍କ ଇ-ମେଲ ଠିକଣା:
mitalimadhusmitamohanty2@gmail.com



**ଅନୁବାଦ**

# ହୋଲି



**ମୂଳହିନ୍ଦୀ: ମୁନ୍‌ସି ପ୍ରେମଚାନ୍ଦ          ଅନୁବାଦ: ସଦାନନ୍ଦ ପରିଡ଼ା**

ହୋଲି ଦିନ ମିଷ୍ଟର ଏ.ବି. କ୍ରାସ ଶିକାର କରିବାକୁ ଯାଇଥିଲେ । ଅର୍ଦ୍ଦଳୀ, ମେହେନ୍ତର, ପାଣିବାଲା, ଇସ୍ତ୍ରୀବାଲା ଓ ଅନ୍ୟମାନେ ହୋଲି ପର୍ବରେ ମଗ୍ନଥିଲେ । ସାହେବ ଗଲାପରେ ଏମାନେ ସମସ୍ତେ ମନବୋଧ କରି ଭାଙ୍ଗପଣା ପିଇଥିଲେ । ମୁଖ୍ୟ ଦ୍ୱାରକୁ ଅନେଇଲେ, କାହିଁ? ସାହେବ ତ ଆସୁନାହାନ୍ତି ? ଏହି ସମୟରେ ଶେଖ୍ ନୂର୍‌ଅଲ୍ଲୀ ଆସି ପହଞ୍ଚିଲେ । ସାଇସ୍ ପଚାରିଲା, 'କାନ୍‌ସାମାଜୀ! ସାହେବ କେତେବେଳେ ଆସିବେ ?'

ନୂର୍‌ଅଲ୍ଲୀ - 'ତାଙ୍କର ଯେତେବେଳେ ଇଚ୍ଛା ସେତେବେଳେ ଆସିବେ । ମୁଁ ତ ଆଜି, ଏ ଚାକିରିରୁ ଇସ୍ତଫା ଦେବି' ଅର୍ଦ୍ଦଳୀ କହିଲା, 'ଆଉ ଏମିତିକା ଚାକିରି କେବେ ପାଇବନି ।'



ନୂର୍‌ଅଲ୍ଲୀ - ଆହେ, ମୋ' ଦ୍ୱାରା ଆଉ ଏ ଗୋଲାମୀ କରିବା ହେବନି । ଛାଡ଼ । ଆଜି ତୁମମାନଙ୍କୁ ମସ୍ତ ପିଆଇବି ଯେ, ପୂରା କଲିଜା ଥଣ୍ଡା ହୋଇଯିବ ।

ସାଇସ୍ - ଯଦି ସାହେବ ଆସିଯିବେ ।

ନୂର୍‌ଅଲ୍ଲୀ - ସିଏ ଏବେ ଆସୁନାହାନ୍ତି । ତୁମେ ସମସ୍ତେ ବାହାରି ଆସ ।

ସାହେବଙ୍କ ଚାକର ବାକର ସ୍ୱଭାବତଃ ମଦୁଆ ଥିଲେ । ମାଲିକ ମଦୁଆ ହେଲେ ଚାକର ବାକର ମଦୁଆ ହେବା ସ୍ୱାଭାବିକ । ଏଣେ ଭାଙ୍ଗ ନିଶାରେ ଚୂର୍ ଥିଲା ଅର୍ଦ୍ଦଳୀ । ନିଜ ଦାୟିତ୍ୱ ଛାଡ଼ି ନୂର୍‌ଅଲ୍ଲୀ ସାଙ୍ଗରେ ଆସି ବସିଗଲା ସାହେବଙ୍କ ଚୌକିରେ । ନୂର୍‌ଅଲ୍ଲୀ ହ୍ୱିସ୍କି ବୋତଲ ଧରେଇଦେଲା ତାକୁ । ସେ ଦି'ଚାରି ଗ୍ଲାସ୍ ଖାଲି କରିଦେଲା । ଆଉ ଦି'ଚାରି ଜଣଙ୍କୁ ବି ପିଆଇଲା । ଖାନସାମା ସେମାନଙ୍କୁ ଉତ୍ତେଜିତ କରୁଥିଲା । ନିଶା ଚଢ଼ିଗଲା ପରେ ଭୟ ଛାଡ଼ିଗଲା । ଜଣେ ଗାଇଲା 'ହୋଲିକା ରଙ୍ଗ ଛୋଡ଼... । ନୂର୍‌ଅଲ୍ଲୀ ଢୋଲକି ଆଉ ତାଳ ଆଣି ଥୋଇଦେଲା । ସେଇଠି ଗାନା ବାଜଣାର ଆସର ଜମିଗଲା । ସମସ୍ତେ ଗାଇଲେ ଆଉ ନାଚିଲେ । ସବୁ ରୁମ୍‌ରେ ସେଇ ଅବସ୍ଥା । ପୁଣି ଯାହା ହାତରେ ପଡ଼ିଲା ତାକୁ ବଲ୍ ଖେଳିଲେ । ଚଉକି ଟେବୁଲ୍ ଭାଙ୍ଗିଲା । ଏତିକିବେଳେ ସହରରୁ ଲାଲା ଉଜାଗର ମଲ୍ଲ ଆସି ପହଞ୍ଚିଲେ । ସେ ଏ ଦୃଶ୍ୟଦେଖି ଘାବରେଇଗଲେ । କହିଲେ, 'ଯେ କ'ଣ ହଉଛି ? ସାହେବ ଦେଖିଲେ କ'ଣ କହିବେ?' ନୂର୍‌ଅଲ୍ଲୀ କହିଲା, 'ସାହେବ ତ ଏପରି କରିବାକୁ ଆଦେଶ ଦେଇଛନ୍ତି, ଆମେ କ'ଣ କରିବୁ? ଆଜି ସିଏ ସବୁ ଚାକର ବାକରଙ୍କୁ ଭୋଜି ଦେଉଛନ୍ତି । ତାଙ୍କ ସାଥୀରେ ହୋଲି ଖେଳିବାକୁ କହିଛନ୍ତି । ମିଶିବାକୁ ହସିବାକୁ କହିଛନ୍ତି । ବିଲାତି ମାଲ୍ ଆସିଛି, ବସନ୍ତୁ, ଚଖେଇବି । ମଜାମସ୍ତି କରନ୍ତୁ ।

ଉଜାଗର ମଲ୍ଲ ବଡ଼ ଉଦାର ପ୍ରକୃତିର ଲୋକ ଥିଲେ । କ୍ରାସ୍ ସାହେବଙ୍କର ଖାସ୍ ବନ୍ଧୁଥିଲେ । ଜିଲ୍ଲାଧୀଶଙ୍କ ସହ ଭଲ ବନ୍ଧୁତା ବି ଥିଲା । ନୂର୍‌ଅଲ୍ଲୀ କଥାଶୁଣି ଲାଳସାକୁ ଅବଦମିତ ରଖିପାରିଲେନି । କହିଲେ, 'ଆଚ୍ଛା! ତା'ହେଲେ କିଛି ମଜାଦାର ମାଲ୍ ବାହାରକର, ଗଜଲ ଗାୟନ ହେଉ ।' ନୂର୍‌ଅଲ୍ଲୀ କହିଲା, 'ଆପଣଙ୍କ ପାଇଁ ସବୁ ରେଡ୍ଡି ଅଛି । ଲାଲା ସାହେବ କେତୋଟି ଗ୍ଲାସ୍ ପେୟ ଉଦରସ୍ଥ କଲେ । ପଚାରିଲେ, ଆଜି ସାହେବ ହୋଲି ଖେଳିବେ?'

ନୂର୍‌ଅଲ୍ଲୀ: ଆଜ୍ଞା ହଁ!

ତା'ହେଲେ ଆମ ଘରକୁ ପଠେଇଦିଅ । ସେ ଯାଇ ରଙ୍ଗ ପିଚକାରୀ ଆଣୁ । ଆଜି ସାହେବଙ୍କ ସାଥୀରେ ମୁଁ ହୋଲି

ଖେଳିବି । ମୁଣ୍ଡଫଟା ରଙ୍ଗ ତାଙ୍କ ମୁହଁରେ ବୋଳିବି ।

ନୂର୍‌ଅଲ୍ଲୀ: ସବୁ ଯୋଗାଡ଼ ଅଛି ।

ସାହେବଙ୍କ ଗାଡ଼ି ଆସୁଛି । ଶେଠଜୀ ଯେ ପିଚକାରୀ ଦି'ଟା ନିଅନ୍ତୁ । ସାହେବ ଆସିଲାମାତ୍ରେ ମାରିବେ ।

ମାଳି: ମେଞ୍ଚାଏ ଅବିର ଲଗେଇବି ।

ଗୋପାଳକ: ମେଞ୍ଚାଏ ଗୋଲାପି ରଙ୍ଗ ବୋଳିବି ।

ଇସ୍ତ୍ରୀବାଲା: ବୋତଲ ଉପରେ ବୋତଲ ଉଡ଼େଇବି ।

ଅର୍ଦ୍ଦଳୀ: ଗଜଲ ଶୁଣେଇବି ।

ଉଜାଗର ମଲ୍ଲ: ଆଜି ସାହେବଙ୍କ ସାଥୀରେ ମୋର ବଡ଼ ମଜାହେବ ।

ନୂର୍‌ଅଲ୍ଲୀ: ସମସ୍ତେ ନିଜକୁ ସମ୍ଭାଳ । ସାହେବଙ୍କ ଗାଡ଼ି ଆସୁଛି । ଶେଠଜୀ ଯେ ପିଚକାରୀ ଦି'ଟା ନିଅନ୍ତୁ । ସାହେବ ଆସିଲାମାତ୍ରେ ମାରିବେ । ତମେ ସମସ୍ତେ ରଙ୍ଗ ବୋଳିବାକୁ ପ୍ରସ୍ତୁତ ରୁହ । ମିଷ୍ଟର କ୍ରାସ ନିଜ ବନ୍ଧୁକ ଧରି ଗାଡ଼ିରୁ ଓହ୍ଲେଇଲେ । ଚାକର ବାକରଙ୍କୁ ଡାକିଲେ । କିନ୍ତୁ ଶୁଣୁଚି କିଏ ? ସବୁ ତ ନିଶାରେ ଚୂର୍ । କାନଡ଼େରି ଶୁଣିଲେ, ତାଙ୍କରି ବଙ୍ଗଳାରୁ ଗାୟନ ବାଦନର ସ୍ୱର ଶୁଣାଯାଉଛି । ଆଖି ଲାଲକରି ବଙ୍ଗଳାରେ ପହଞ୍ଚିଲେ । ଡାୟନିଙ୍ଗ ରୁମ୍‌ରୁ ବି ବାଜଣା ଶୁଭୁଥିଲା । କ୍ରୋଧରେ ଚାବୁକ୍ ବାହାରକରି ଡାୟନିଙ୍ଗ ହଲ୍ ଆଡ଼କୁ ଅଗ୍ରସର ହେଲେ । ଦି'ପାଦ ଯାଇଛନ୍ତି କି ନାହିଁ ଉଜାଗର ମଲ୍ଲ ପିଚକାରୀ ମାରିଦେଲେ । ସାହେବ ହଣ୍ଟର ବାହାରକରି ଧରିଲେ । ପୁଣି ଗୋପାଳକ, ମାଳି, ଇସ୍ତ୍ରୀବାଲା, ପାଣିବାଲା, ଅର୍ଦ୍ଦଳୀ ସମସ୍ତେ ସାହେବଙ୍କ ମୁହଁରେ ରଙ୍ଗ ବୋଳିଦେଲେ । ଭାବିଲେ, ସାହେବ ବହୁତ ଖୁସିହେବେ । ସାହେବ ହଣ୍ଟର ଧରି ସମସ୍ତଙ୍କୁ ପିଟି ଚାଲିଲେ । ଶେଠ୍‌ଙ୍କର ହୋସ ଉଡ଼ିଗଲା । ସେ କୌଣସି ପ୍ରକାରେ କୋଠରିରୁ ବାହାରି ଦୌଡ଼ି ପଳେଇଲେ । ଏ ଗୋଡ଼ିଆଗୋଡ଼ି ଦେଖି ଘୋଡ଼ା ଦଉଡ଼ି ଛିଣ୍ଡେଇ କାନ ଠିଆକରି ଦୌଡ଼ିଲା । ଶେଠଜୀ ଥରେ ପଡ଼ିଲେ ଓ ଉଠିକି ପୁଣି ଦୌଡ଼ିଲେ । ସାହେବଙ୍କ ମୁହଁ ସାରା କଳା । ଏ ଅବସ୍ଥାରେ ଆଉ ବେଶୀ ବାଟ ଯିବାକୁ ସେ ଉଚିତ୍ ମଣିଲେନି । ସେ ଫେରି ଆସିଲେ । ଶେଠ ଉଜାଗର ମଲ୍ଲଙ୍କ ଦେହରେ ଯେମିତି ଜୀବନ ପଶିଲା । ଘୋଡ଼ା ଗାଡ଼ିଚାଳକ ତାଙ୍କୁ କୌଣସିମତେ ଧରି ଗାଡ଼ିରେ ବସେଇଲା । ଭାବିଲେ ନୂର୍‌ଅଲ୍ଲୀ ଆମ ସମସ୍ତଙ୍କୁ ଧୋକ୍କାଦେଲା । ବାସ୍ତବରେ ଇଂରେଜ ସାହେବମାନେ କେବେ ହୋଲି ଖେଳନ୍ତି ନାହିଁ । ସେମାନେ ଆମମାନଙ୍କୁ କେବେ ଭଲ ପାଆନ୍ତିନି କି ସମ୍ମାନ ଦିଅନ୍ତିନି । ଏବେ ଜାଣିଲି ଯେ, ସ୍ୱାଧୀନତା ଆଉ ଗୋଲାମୀ ଭିତରେ କେତେ ଫରକ । ସେ ଶୀଘ୍ର ପୋଷାକ ବଦଳେଇ କଂଗ୍ରେସ କମିଟି ଆଡ଼କୁ ଚାଲିଲେ ।

ସେଠାରେ ପହଞ୍ଚି ଦେଖିଲେ, ସେଠାରେ ଛୁଆଁ-ଅଛୁଆଁ-ଜାତି-ଅଜାତି, ବର୍ଣ୍ଣ-ଧର୍ମର ଭେଦଭାବ ନାହିଁ । ସମସ୍ତେ ଖୁସିରେ ହୋଲି ଖେଳୁଛନ୍ତି । ଇଏ ଇଂରେଜମାନଙ୍କ ଗୋଲାମୀ କରୁଥିଲେ । ତାଙ୍କୁ ଦେଖି ଅନ୍ୟମାନେ କହିଲେ, 'କଂଗ୍ରେସ କି ଜୟ' ଶେଠ କହିଲେ, ଅସହଯୋଗ ଆନ୍ଦୋଳନ କି ଜୟ, ଜନୈକ: ତୋଷାମଦି କି ଜୟ, ଶେଠ ଉଜାଗର: ଜୀ ହଜୁର କି କ୍ଷୟ ହେଉ । ଏହା କହି ମଞ୍ଚ ଉପରକୁ ଉଠିଗଲେ । କହିଲେ, 'ବନ୍ଧୁଗଣ ! ମୁଁ ଆଜିପର୍ଯ୍ୟନ୍ତ ଆପଣମାନଙ୍କୁ ସହଯୋଗ ନ କରିଥିବାରୁ କ୍ଷମା ଚାହୁଁଛି । ଜିଲ୍ଲାଧୀଶଙ୍କଠୁ ମୁଁ ଆଜି ମାଡ଼ ଖାଇଛି । ଏହାହିଁ ମୋ' ବନ୍ଧୁତାର ଉପହାର । ଏବେଠୁ ଆମେ ମିଳିମିଶି ଚଳିବା, ମୋ' ମୁଣ୍ଡରୁ ଭୂତ ଓହ୍ଲେଇ ଯାଇଛି । ଏବେ ଆମେ ସମସ୍ତେ ପରସ୍ପରର ବନ୍ଧୁ । ମୁଁ ଆପଣମାନଙ୍କ ସାଥୀରେ ଅଛି । ମୋର ଅବଶିଷ୍ଟ ଜୀବନ ମୁଁ କେବଳ ପ୍ରାୟଶ୍ଚିତ କରିବି ଓ ଆପଣମାନଙ୍କୁ ସହଯୋଗ କରିବି । ଭାରତ ମାତା କି ଜୟ ।

□□

ଲେଖକଙ୍କ ଇ-ମେଲ ଠିକଣା:
parida.sadananda55@gmail.com




'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି ।
ଏହାର କେତେକ ଉପାଦେୟ ଲେଖା ତୁରନ୍ତ
ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କ୍‌କୁ ଯାଆନ୍ତୁ :
www.sahityacharcha.com



# ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଜନଜାତି ସମାଜର ଚିତ୍ର

**ପ୍ରବନ୍ଧ**

**ସ୍ୱାଧୀନ ଚନ୍ଦ୍ର ପଧାନ**

ଉଭୟ କଳାତ୍ମକତା ଓ ଲୋକପ୍ରିୟତା ଦୃଷ୍ଟିରୁ ସାଂପ୍ରତିକ ଓଡ଼ିଆ ଗଳ୍ପସାହିତ୍ୟ ବେଶ୍ ବିଭବଶାଳୀ । ପ୍ରାୟତଃ ୧୯୮୦ ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପର ଅଙ୍ଗ ଓ ଆତ୍ମାରେ ବହୁ ନୂତନତାର ସଂକେତ ପରିଲକ୍ଷିତ ହୋଇଥାଏ । ଏହି କାଳରେ ବହୁ ପ୍ରବୀଣ ସ୍ରଷ୍ଟାଙ୍କ ସମେତ ଅନେକ ତରୁଣ ଗଳ୍ପକାର ବାସ୍ତବବାଦୀ କଥାବସ୍ତୁ ଓ ଚରିତ୍ରଚୟନ ସହିତ ନବୀନ ପରୀକ୍ଷାଧର୍ମୀ କଥକତାର ସ୍ୱାଦରେ ଓଡ଼ିଆ ଗଳ୍ପସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ । ସାଂପ୍ରତିକ ସମୟ ବିଭିନ୍ନ ସମସ୍ୟା ସାଙ୍ଗକୁ ଚର୍ଚ୍ଚିତ ଘଟଣାବଳୀକୁ ନେଇ ଗଳ୍ପ ଆଜି ତା'ର ବିଷୟାନୁଷଙ୍ଗକୁ ପ୍ରଶସ୍ତ କରିଛି । ଗଳ୍ପରେ ଆଜି ବହୁ ପରିମାଣରେ ଧର୍ଷଣ, ବେରୋଜଗାର କଥା, ଯୌନଉତ୍ପୀଡ଼ନ, ଜମିମାଫିଆ, ରାଜନେତାଙ୍କ ସ୍ୱାର୍ଥପରତା, କୃଷି ଓ କୃଷକ ସମସ୍ୟା, ଯୌତୁକପ୍ରଥା, ଲାଞ୍ଚ, ଦୁର୍ନୀତିର କଥା ବେଶ୍ ସଫଳତାର ସହ ପରିପ୍ରକାଶିତ ହେଉଛି । ଗଳ୍ପକାର କାଳ୍ପନିକତାର ମାୟାଜାଲରୁ ଗଳ୍ପକୁ ମୁକ୍ତକରି ବାସ୍ତବ ଘଟଣାର ଅଗ୍ନିକଣିକା ବୁଣିଦେଇ ଗଳ୍ପ ସାହିତ୍ୟକୁ କରିଛି ଅଧିକ ରସାଣିତ । ଏବଂବିଧ ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପସାହିତ୍ୟ କ୍ଷେତ୍ରରେ ଜନଜାତିର କଥା ଓ ତାଙ୍କ ସମାଜ, ସଂସ୍କୃତିର ପ୍ରତିଫଳନ ବେଶ୍ ସଫଳତାର ସହ ଅଙ୍କିତ ।

ଜନଜାତି ସମାଜ କହିଲେ, ସାଧାରଣତଃ ଆଦିବାସୀ, ବଣ୍ୟଜାତି, ଗିରିଜନ, ଆଦିମଜାତି, ବନବାସୀ ମନୁଷ୍ୟମାନଙ୍କୁ ବୁଝାଇଥାଏ । ବିଶେଷତଃ ଏହିମାନେ ସମାଜର ଉପାନ୍ତର ଇଲାକାରେ ବସବାସ କରୁଥିବା ଲକ୍ଷ୍ୟ କରାଯାଏ । ସାଧାରଣ ସଭ୍ୟ ସମାଜଠାରୁ ଏମାନଙ୍କ ଜୀବନଜୀବିକା ଏକ ସ୍ୱତନ୍ତ୍ର ଧରଣର । ଏମାନଙ୍କ ଚାଲିଚଳଣି, ପ୍ରଥା-ପରମ୍ପରା, ପୂଜା-ପାର୍ବଣ, ମେଳା-ମହୋତ୍ସବ, ଯାନି-ଯାତ୍ରାରେ ଏମାନଙ୍କ ସ୍ୱତନ୍ତ୍ରତା ଫୁଟି ଉଠିଥାଏ । ପୁନଶ୍ଚ ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ବିବାହ ପରମ୍ପରାରେ ଏମାନଙ୍କ ସାଂସ୍କୃତିକ ବୈଚିତ୍ର୍ୟ ମହକିତ ହେବା ସହ ପ୍ରାଚୀନ ପରମ୍ପରାର ନୈପୁଣ୍ୟ ବାରିହୋଇପଡ଼େ । ଏହି ଲୋକମାନେ ନିଜର ପ୍ରାଚୀନ ସଂସ୍କୃତି, ଆଚାର, ବିଚାର, ବ୍ୟବହାରକୁ ଜାବୁଡ଼ି ଧରିବା ନିଶ୍ଚିତ ଭାବେ ଗୌରବ ମନେକରନ୍ତି । ପୁନଶ୍ଚ ବିଭିନ୍ନ ପର୍ବପର୍ବାଣି କରମସାନୀ ପୂଜା, ବଏଲଯାତ୍ରା, ନୂଆଖାଇ, କଳସୀଯାତ୍ରା, କାଦୋଯାତ୍ରା, ମାଡ଼େନଯାତ୍ରା, ଜନ୍ମ ଉତ୍ସବ, ନାମକରଣ ଉତ୍ସବ, ରଜୋକ୍ରିୟା, ବିବାହ ପରମ୍ପରାର ସ୍ୱତନ୍ତ୍ରତା, ମୃତ୍ୟୁକାଳୀନ ସଂସ୍କାର ବିଧିରେ ସାଂସ୍କୃତିକ ବୈଚିତ୍ର୍ୟତା ସହ ସାମାଜିକ ରୀତିନୀତି ଫୁଟି ଉଠିଥାଏ ।


> **ଜନଜାତି ସମାଜର କଥାକୁ ଆଧାରକରି ସାଂପ୍ରତିକ କାଳର ଅନେକ ଗଳ୍ପକାର, ସେମାନଙ୍କ ଜୀବନଚର୍ଯ୍ୟାକୁ ଅଙ୍କନ କରିଛନ୍ତି ।**

ଏହିଭଳି ଜନଜାତି ସମାଜର କଥା ଭାଷାକୁ ନେଇ ସାଂପ୍ରତିକ କାଳର ଅନେକ ଗଳ୍ପକାର, ଏମାନଙ୍କ ଜୀବନଚର୍ଯ୍ୟାକୁ ଅଙ୍କନ କରିଛନ୍ତି । ଆଦିବାସୀଙ୍କ ଜୀବନ-ଜିଜ୍ଞାସା, ସେମାନଙ୍କ ଆଶା-ନିରାଶା, ବିଭିନ୍ନ ସମସ୍ୟା; ଶୋଷଣ-କଷଣର କଥାକୁ ଅତି ମାର୍ମିକ ଢଙ୍ଗରେ ଆଲୋଚ୍ୟ କାଳର ଗଳ୍ପର କଥା ଭାଗ ସମୃଦ୍ଧ ହୋଇଛି ।

### ଆଦିବାସୀ ଜୀବନଚର୍ଯ୍ୟା

ଓଡ଼ିଆ ସାହିତ୍ୟର ଅଧିକାଂଶ ବିଭାଗ ଆଦିବାସୀମାନଙ୍କ ଜୀବନଚର୍ଯ୍ୟାକୁ ନେଇ ସମୃଦ୍ଧ । ଏ କ୍ଷେତ୍ରରେ ଗଳ୍ପସାହିତ୍ୟର ଅବଦାନ ଅବିସ୍ମରଣୀୟ । ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ 'ଭୀମ ବାଳକ'ରେ ଏହାର ଆଦ୍ୟ ଆଭାସ ପରିଲକ୍ଷିତ ହୁଏ । ଏହା ପରେ ପରେ ବହୁ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ନିଜର କୃତି ମଧ୍ୟରେ ଏହି ଆଦିବାସୀ ଜୀବନର କଥାଭାଷାକୁ ଅତି ସଫଳ ଭାବରେ ଚିତ୍ରିତ କରିଛନ୍ତି । ଔପନ୍ୟାସିକ ଗୋପୀନାଥ ମହାନ୍ତି ଯେପରି

ଆଦିବାସୀମାନଙ୍କ ଜୀବନର କଥା ଓ ବ୍ୟଥାକୁ ପ୍ରତ୍ୟକ୍ଷ ଭାବେ ଅନୁଭବକରି ଅତି ନିଖୁଣ ଭାବରେ ନିଜ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି, ଅନୁରୂପ ଭାବରେ ସାଂପ୍ରତିକ କାଳର କେତେଜଣ ଗଳ୍ପକାରଙ୍କ ସୃଷ୍ଟିରେ ଏହି ଭାବଚେତନା ଜୀବନ୍ତ ରୂପ ଧାରଣ କରିଛି । ଆଦିବାସୀମାନଙ୍କ ଜୀବନ ଜୀବିକା, ଖାଦ୍ୟପେୟ, ଚାଲିଚଳଣୀ, ପରମ୍ପରାଠାରୁ ଆରମ୍ଭକରି ସେମାନଙ୍କ ଦୁଃଖ ବେଦନା, ସରକାରୀ ସୁବିଧା ସୁଯୋଗ କିପରି ସେମାନଙ୍କ ପାଇଁ ଦୁଃସ୍ୱପ୍ନ, କାମ ଅଭାବରୁ ଦାଦନ ଯିବା, ଆଦିବାସୀ ଯୁବତୀମାନେ ଯୌନ ବ୍ୟଭିଚାରର ସମ୍ମୁଖୀନ ହୋଇ ଅତ୍ୟାଚାରିତ ହେବା, ସାହୁକାରର ଶୋଷଣ, ପୀଡ଼ନ ପ୍ରଭୃତି ପ୍ରସଙ୍ଗକୁ କେନ୍ଦ୍ରକରି ବର୍ତ୍ତମାନ ସମୟର କଥାକାର ସୁନ୍ଦର ଭାବେ ତା'ର ଗଳ୍ପ ପୃଷ୍ଠାରେ ଲିପିବଦ୍ଧ କରିଛି । ଆଦିବାସୀମାନଙ୍କ ଧର୍ମଧାରଣା, ନିଜର ଇଷ୍ଟଦେବତାଙ୍କ ପ୍ରତି ଆନୁଗତ୍ୟ ତଥା ସାମାଜିକ ଚଳଣି କିପରି ପିଢ଼ି ପରେ ପିଢ଼ି ଧରି ସଂରକ୍ଷିତ ହୋଇ ରହିଛି, ତାହାକୁ ଅଙ୍କନ କରିଛି ସାଂପ୍ରତିକ କାଳର ଗଳ୍ପକାର । ପୁନଶ୍ଚ ଆଦିବାସୀ ଜନଜୀବନ ପଲ୍ଲୀକୈନ୍ଦ୍ରିକ ଗ୍ରାମ୍ୟ ସଭ୍ୟତାରେ କିପରି ଅବହେଳିତ, ନିଷ୍ପେଷିତ ସେଥିପ୍ରତି ସମ୍ବେଦନଶୀଳ ପରିପ୍ରକାଶ କରିଛି ଗଳ୍ପସ୍ରଷ୍ଟା । ଆଦିବାସୀ, ହରିଜନ, ଗିରିଜନମାନଙ୍କ ପରୋପକାରିତା, ସରଳତା, ମାନବିକତା ସାଙ୍ଗକୁ ସେମାନେ କିପରି ନିଜ ଭିଟାମାଟି, ନିଜ ଜୀବନଜୀବିକା, ଧରଣୀ ପେନୁ, ଯାନିଯାତ୍ରା, ମେଳାମହୋତ୍ସବ, ଡୁମା (ପିତୃପୁରୁଷ)ଙ୍କ ପ୍ରତି କିପରି ଆନୁଗତ୍ୟ ପ୍ରକାଶକରି ସେବକ ସାଜିଛନ୍ତି, ସେ ପ୍ରସଙ୍ଗ ଅତି ସ୍ପର୍ଶକାତର ଢଙ୍ଗରେ ଆଜିର ଗଳ୍ପ ପୃଷ୍ଠାରେ ଲିପିବଦ୍ଧ ।



ସଂପ୍ରତି ଗଳ୍ପ ରଚନା କରୁଥିବା ଜଣେ ବଳିଷ୍ଠ କଥାକାର ହେଉଛନ୍ତି କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ । ବିଶେଷତଃ ସାଂପ୍ରତିକ ସମୟର ଜୀବନ ଜିଜ୍ଞାସା ସାଙ୍ଗକୁ ଆମ ପୃଥିବୀର ସମସ୍ୟାକୁ ଉତାରି ଗଳ୍ପ ରଚନା କରିବାରେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର । ତାଙ୍କ କେତେକ ଆଦିବାସୀ ଜନଜୀବନ କୈନ୍ଦ୍ରିକ ଗପ ପାଠକର ଚିତ୍ତକୁ ରସାଣିତ କରିବା ସହ ଗଭୀର ଭାବେ ରେଖାପାତ କରିଥାଏ । 'ଗଛ ତଳେ ଗୁରୁଣ୍ଡୁଥିବା ଜୀବନ' ଏକ ଚମତ୍କାର ଆଦିବାସୀ କୈନ୍ଦ୍ରିକ ଗପ । ଏଥିରେ ଜଣେ ସରଳ, ନିରୀହ ଆଦିବାସୀ ପିଲା ବିନୁ କିସ୍କୁର ମହାନତା ଓ ତା'ର ସଂଘର୍ଷମୟ କାହାଣୀ ପ୍ରତିପାଦିତ । ନିଜ ମା'କୁ ହରାଇଲା ପରେ ସାନଭାଇ ସାମୁକୁ ଧରି ବାର / ତେର ବର୍ଷର ବାଳକ ବିନୁ ଜୀବନ ଯୁଦ୍ଧରେ ସଂଘର୍ଷ କରିଛି । କେତେବେଳେ ଅଇଁଠା ବାସନ ମାଜି ଓ ଭିକମାଗି ଜୀବନ ବଞ୍ଚିଛି । ଗଛତଳେ ଯାହା ମିଳିଛି ତା'ର ସାନଭାଇ ସହ କଷ୍ଟେ ମଷ୍ଟେ ଚଳିଯାଇଛି । ମାତ୍ର ସେଦିନ ଏକ ଝୁଲା ମଣିଷଟିଏ ପାଇ ପୋଲିସକୁ ଦେବା ପାଇଁ ଗଲାବେଳେ ତାକୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଆଦିବାସୀମାନଙ୍କ ସରଳତା, ନିଷ୍କପଟତା, ମହାନତା ତଥା ସଙ୍କୋଚପଣିଆ ଗଳ୍ପଟିର ପ୍ରତିପାଦ୍ୟ ବିଷୟ । ସେହିପରି କଥାକାର ରବି ପଣ୍ଡାଙ୍କ 'ଭାଙ୍ଗିପଡୁଥିବା ସମୟ' ଗଳ୍ପଟିରେ ପ୍ରେମ-ପ୍ରଣୟ-ତ୍ୟାଗ ବିଦ୍ରୋହର ମନୋଜ୍ଞ ଆଲେଖ୍ୟ ବର୍ଣ୍ଣିତ । ଗୋଟିଏ ଆଦିବାସୀ ଝିଅ ଜସମନୀର କରୁଣ କାହାଣୀ ଏଠାରେ ଅଭିବ୍ୟଞ୍ଜିତ ।

**ଜୀବନକଥାର ରୂପାୟନ**

ସାଂପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଅନ୍ୟତମ ସ୍ୱନାମଧନ୍ୟ କଥାକାର ହେଉଛନ୍ତି ରଜନୀକାନ୍ତ ମହାନ୍ତି । ଜୀବନର କଥାକୁ ଅତି ସୁନ୍ଦର ଢଙ୍ଗରେ ପରିପ୍ରକାଶିତ କରୁଥିବା ଏକ ଅନନ୍ୟ କଥାଶିଳ୍ପୀ ଭାବେ ପାଠକ ମହଲରେ ସେ ପରିଚିତ । ତାଙ୍କ 'ବାଟୋଇ' ଗଳ୍ପଟି ଆଦିବାସୀମୂଳକ ଏକ ନିଆରା ଗପ । ଏହି ଗଳ୍ପଟିରେ ଅନାଥ ମାରାଣ୍ଡିର ପୁଅ ସଉରା ଦିଲ୍ଲୀକୁ କାମ କରିବାକୁ ଯାଇ ଆଉ ଫେରିନଥିଲା । ବିଶିଷ୍ଟ ରାଜନେତା, ମନ୍ତ୍ରୀ ଭୈରବନନ୍ଦନ ଜୀବନର ଗଭୀର ଅଭିଜ୍ଞତା ହାସଲ ପାଇଁ ବାଟୋଇ ସାଜିଥିବା ବେଳେ ସାକ୍ଷାତ ହୋଇଛି ଅନାଥ ମାରାଣ୍ଡି ସହ । ସେ ସଉରା ମାରାଣ୍ଡିକୁ ଫେରାଇ ଆଣିବାରେ ସମସ୍ତ ଶକ୍ତି ଖର୍ଚ୍ଚକରି ଜୟଲାଭ କରିଛନ୍ତି । ଏହି ମହାନ ଆତ୍ମାକୁ ଅନାଥ ମାରାଣ୍ଡି ପ୍ରଣିପାତକରି ଘରକୁ ନିମନ୍ତ୍ରଣ କଲାବେଳେ, ସେ ତାକୁ ମନା କରିଦେଇଛି । ସେହିପରି ତାଙ୍କର 'ନାରାଚ ଉବାଚ' ଗଳ୍ପଟିରେ ଆଦିବାସୀ ଶବର ସଂପ୍ରଦାୟର ଦାରିଦ୍ର୍ୟ, କାରୁଣ୍ୟ ଏବଂ ସ୍ୱାଭିମାନର

କଥା ପ୍ରକଟିତ । ବାଲେଶ୍ୱର ଜିଲ୍ଲାରେ ବସବାସ କରୁଥିବା ଶବର ସଂପ୍ରଦାୟର ସରଳ ଜୀବନ । ଶୁଚିପୂତନିଶ୍ୱାସ, ପକ୍ଷୀ ଶିକାର, ମହାଜନମାନେ ସେମାନଙ୍କୁ କରୁଥିବା ଶୋଷଣ, ନାରୀମାନଙ୍କ ପ୍ରତି ନିର୍ଯାତନା ଭଳି ପ୍ରସଙ୍ଗକୁ ଏଠାରେ ପ୍ରତିପାଦନ କରାଯାଇଛି । ସେହିପରି ଗାଳ୍ପିକ ନର୍ମଦା ନୀଳୋତ୍ପଳାଙ୍କ 'ମୁଁ ନଥିବା ଯାଏ' ସଂକଳନସ୍ଥ 'ସତ୍ତେଇଖେଳ' ଗଳ୍ପଟି ଏକ ଚମତ୍କାର ଆଦିବାସୀକୈନ୍ଦ୍ରିକ ଗଳ୍ପ । ସମାଜର ନିମ୍ନଜାତି ଭାବେ ବିବେଚିତ ହରିଜନ ଝିଅଟିଏର ଶିକ୍ଷା କଥା ଏଠି ବର୍ଣ୍ଣିତ । ଗାଳ୍ପିକା ଏ କଥାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି - 'ଚମ୍ପି ଭାବେ, ଆଗରୁ ସ୍କୁଲରେ ଭୋଜିଭାତ ହେଲେ ସେ ହତାକୁ ପଶିପାରେନି । ସେ ତ ସ୍କୁଲପିଲା ନୁହେଁ । ତା' ପରେ ବି ସେ ଗରିବ ଓ ଛୋଟଜାତିର । ଗରିବ ପିଲାମାନଙ୍କୁ କିଏ କାହିଁକି ସ୍କୁଲରେ ପାଠ ପଢ଼ିବାର ସୁଯୋଗ ଦେବ? ସାର୍‌ମାନେ ଗୋଡ଼ାନ୍ତି ବେତଧରି । କହନ୍ତି, ଯାଉଚୁ ନା ଦେଖିବୁ? ତୁ ଏ ହତା ମାଡ଼ିପାରିବୁନି । ଚମ୍ପି ଜୀବନରେ ଖୁବ୍‌ଶୀଘ୍ର ଏ ସୁଯୋଗ ଆସିଲା । ଆଦିବାସୀ ହରିଜନ ପିଲାମାନଙ୍କ ପାଇଁ ସରକାର ମାଗଣା ଶିକ୍ଷାର ବନ୍ଦୋବସ୍ତ କଲେ । ଗରିବ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଲା । ଚମ୍ପି ସ୍କୁଲ ଯିବାର ବାଟ ଫିଟିଲା ।' (ପୃଷ୍ଠା-୪୩/୪୪) ପରେ ଚମ୍ପି ଦିନେ ସ୍କୁଲରୁ ଫେରିବା ଡେରି ହେବାରୁ ତା' ମା' ମନରେ କେତେକ ଭ୍ରାନ୍ତ ଧାରଣାମାନ ଆସୁଥିଲା । କିନ୍ତୁ ଶେଷକୁ ଚମ୍ପି ଏକ ନୂଆ ସାଇକେଲ ଧରି ଫେରିବାର ଦୃଶ୍ୟ ତା' ମନର ସବୁ ଭାବନାକୁ ଦୂର କରିଥିଲା ।

ସାଂପ୍ରତିକ ଓଡ଼ିଆ ଗଳ୍ପସାହିତ୍ୟରେ ଗାଳ୍ପିକ ଆଦିତ୍ୟେଶ୍ୱର ମିଶ୍ର ଏକ ଭିନ୍ନ ସ୍ୱାଦର କଥାକାର । ତାଙ୍କ 'ଅନିଷ୍ଟାଚରଣ' ଗଳ୍ପରେ ଆଦିବାସୀମାନଙ୍କ ଜମି, ଜଙ୍ଗଲ, ଝରଣାକୁ ହରଣକରି ସେଠାରେ କମ୍ପାନୀ ବସାଇବାର ଚକ୍ରାନ୍ତ ଚାଲିଥିଲା, ସେ ବିଷୟରେ ଅତି ଜୀବନ୍ତ ଢଙ୍ଗରେ ପ୍ରତିପାଦିତ । ସଂପ୍ରତି ଦେଖାଦେଉଥିବା ଏକ ବାସ୍ତବ କାହାଣୀ ହେଉଛି ଆଲୋଚ୍ୟ ଗପ । ନାଦେନ ଗାଁର ଲୋକଙ୍କୁ ଭ୍ରାନ୍ତଧାରଣା ଦେଇ କଂପାନୀ ସରକାର ଜମିକୁ ଅକ୍ତିଆର କରିବାକୁ ଚାହୁଁଥିଲା । ସେଦିନ ବିରଣ କହଁର ଏହି ଗ୍ରାମକୁ ଆସି ଲୋକଙ୍କୁ ବୁଝାଇଛି, ମୁଁ ତୁମ ଭାଇବନ୍ଧୁ । ଏହି ଗ୍ରାମକୁ ଆଲୁଅ, ପକ୍କାରାସ୍ତା ଆଣିବାର ପ୍ରତିଶ୍ରୁତି ଦେଇଛି । ପୁଣି ନିଜେ ଆଣିଥିବା ମୁଣାରୁ ସଫ୍ଟଡ୍ରିଙ୍କସ ବାହାରକରି ସମସ୍ତଙ୍କୁ ପିଇବା ପାଇଁ କହିଥିଲା ଓ ଏହା ଆମ କମ୍ପାନୀ ତିଆରି ବୋଲି କହିଲା । ଯଦି ଏଠାରେ କଂପାନୀ ବସିବ, ତେବେ ଦିନରାତି ଏହି ମୃଦୁ ପାନୀୟ ପାଇବ ବୋଲି ତାଙ୍କୁ ସ୍ୱପ୍ନ ଦେଖାଇଛି । ପାଠ ପାଇଁ ସ୍କୁଲ, ଡାକ୍ତରଖାନା ସବୁ ହେବ । ଏହି ଆଦିବାସୀମାନଙ୍କ ପାଖରେ କିଛି ନଥିଲେ ବି ତାଙ୍କ ଯେଉଁ ପାହାଡ଼ ଅଛି, ତାକୁ ଦେବା ପାଇଁ ବାବୁମାନେ କହିଛନ୍ତି । ଏହି ପାହାଡ଼ ଦେଶରେ ଆଦିବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ 'ବଂଦଖୁଲିଏନ୍' ପୂଜା ପାଆନ୍ତି । ତେଣୁ ମାଇପ ଜଣେ ଚଡ଼ା ଗଳାରେ କହୁଥିଲା - 'କ'ଣ ଭାବୁଛ, ଇ ପାହାଡ଼, ଜଙ୍ଗଲ କ'ଣ ଇ ରଜା ସର୍କାର ଗଢ଼ିଛି । ଆମର ପୂର୍ବପୂର୍ଷାନୀ ଦେ ଦେବତୀ ଏଇ ପାହାଡ଼ରେ ଅଛନ୍ତି । ଆମର କ'ଣ ହକ୍ ଅଛି ଯେ ଇ ପାହାଡ଼କୁ କିଏ ଭାଙ୍ଗିବ ବୋଲି ଆମେ ଛାଡ଼ିଦେବା । ଆମର ଦେ' ଦେବତୀଙ୍କୁ ତାଙ୍କ ଘରୁ ପରଘରି କରିଦେବା ।' (ପଚାଶ ଜଣ ପ୍ରତିବେଶୀ କଇଳାଶ ପଟ୍ଟନାୟକ, ପୃଷ୍ଠା-୮୭) ବାସ୍ତବରେ ଆଦିବାସୀଙ୍କ ପରମ୍ପରା, ପୂଜାବିଧି ଓ ରକ୍ଷଣଶୀଳ ମନୋଭାବ ତାଙ୍କ ଐତିହ୍ୟକୁ ବଞ୍ଚାଇ ରଖିଛି । ସେହିପରି ଅନୀଲ କୁମାର ପାଢ଼ୀଙ୍କ 'ଝଣ୍ଡା ଉଚ୍ଚା ରହେ ହମାରା' ଗଳ୍ପଟିରେ ମଧ୍ୟ ଅନୁରୂପ କଥାବସ୍ତୁର ଅଭିବ୍ୟଞ୍ଜନା କରାଯାଇଛି । ଆଦିବାସୀ ଯୁବତୀ ସୋନମ ହିକ୍କାର କରୁଣ ଜୀବନଗାଥା ପାଠକର ହୃଦୟକୁ ଅଶ୍ରୁସିକ୍ତ କରିଦିଏ । ବିବାହ ପରେ ଗୋଟିଏ ରୋଗଣା ଶିଶୁକୁ ଧରି ସେ ଜୀବନ ବଞ୍ଚିଛି । ତା'ର ଗେରସ୍ତ ଅନ୍ୟ ଏକ ମାଇପି ସାଙ୍ଗରେ ଚାଲିଯାଇଛି । ଗାଁକୁ ନିର୍ବାଚନ ସମୟରେ ଆସୁଥିବା ନେତାମାନଙ୍କ ଭାଷଣ ଶୁଣି, ଯୋଜନା ପରେ ଯୋଜନାର ତାଲିକା ଶୁଣି ଉନ୍ମାଦିତ ହେବା ସହ ସରକାରଙ୍କୁ ଦେଖାକରିବାର ପ୍ରଲୋଭନ ତା'ମନରେ ଜାତହୁଏ । ଗାଁ ମୁଣ୍ଡିଆର କଥାରେ ପଡ଼ି ସରକାରଙ୍କ ପାଖକୁ ଏକ ସଭାସ୍ଥଳକୁ ଯାଇଛି । ସେଠାରେ



ସେ ନିର୍ଯାତିତ ହୋଇଛି । ଦେହରେ ପୋଷାକ ନଥିବାରୁ ପାର୍ଟିର ବେନରକୁ ଦେହ ମଧରେ ଘୋଡ଼ାଇଛି । ଜୀବନରେ ଚାଲି ଜାଣିନଥିବା ତା'ର ଛୁଆଟି ଝଣ୍ଡାଧରି ଆଗକୁ ବଢ଼ିଛି । ଗଳ୍ପଟିରେ ସ୍ୱାଧୀନତାର ଏତେବର୍ଷ ମଧ ଆଦିବାସୀ ଅଧ୍ୟୁଷିତ ଗାଁକୁ କିପରି ବିକାଶ ଅପହଞ୍ଚ ହୋଇପଡୁଛି, ତା'ର ଚିତ୍ର ଏଠି ପ୍ରକଟିତ । ରାଜନେତାଙ୍କ ମିଛ ପ୍ରତିଶ୍ରୁତି ସହ ରାଜନୈତିକ ବ୍ୟଭିଚାରର କଥା ଗଳ୍ପଟିକୁ ରସସିକ୍ତ କରିଛି । ଅନ୍ୟଏକ ଗଳ୍ପ 'ଆଲୁଅର ଠିକଣା: ମାର୍ଫତ୍ ଲଣ୍ଡା ପାହାଡ଼'ରେ ଅମିୟ ପାଣ୍ଡବ ଆଦିବାସୀମାନଙ୍କ ଭୂ-ସମ୍ପତ୍ତି ତଥା ସେମାନଙ୍କ ଖଣି-ଖାଦାନକୁ ରାଜନେତାମାନେ ଲୁଟିବାର ଚକ୍ରାନ୍ତ କଥାକୁ ପ୍ରଦର୍ଶିତ କରିଛନ୍ତି ।

**ଅସଦାଚରଣ ଓ ଶୋଷଣ**

ଆଦିବାସୀମାନଙ୍କ ପ୍ରତି ଅସଦାଚରଣ ଓ ନାରୀମାନଙ୍କ ପ୍ରତି ଦେହଜ କ୍ଷୁଧା ମେଣ୍ଟାଇବାର ଲାଳସା ବିଭିନ୍ନ ଗପର କଳେବରକୁ କରିଛି ରସସିକ୍ତ । ଆଦିବାସୀ ନାରୀଙ୍କ ଦେହ ଓ ମନ ଉପରେ ଖେଳୁଆ ମନୋଭାବ ପୋଷଣ କରି ବିଭିନ୍ନ ସମୟରେ ସାହୁକାର, ସର୍ଦ୍ଦାର ଓ କେତେକ ଅଫିସରମାନେ ସେମାନଙ୍କ ଦେହକୁ ଭୂଲୁଣ୍ଠିତ କରିଛନ୍ତି । ଏହି କ୍ରମରେ ଜଗନ୍ନାଥ ଦାଶଙ୍କ 'ବାଘା' ଏକ ଚମତ୍କାର ଗପ । ଏଥିରେ ଗଳ୍ପ ନାୟିକା ଜଙ୍ଗଲୀ ନିଜ ମନଦେଇ ବସିଛି ପାଖ ଗାଁର ସମରାକୁ । ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ସ୍ଥିର କରିଛନ୍ତି । ପାହାଡ଼ ପାଖରେ ଆଡ୍ଡା ଜମାଇଥିବା ଡକାୟତି ଦଳ ସମରା ଘରକୁ ଆସି ତାକୁ ଉଠାଇ ନେଇଛନ୍ତି ଓ ତାଙ୍କ ସର୍ଦ୍ଦାର ଜଣକ ଜଙ୍ଗଲୀ ଉପରେ ଅତ୍ୟାଚାର ଆରମ୍ଭ କରିଛି । ଚୁପ୍ ନ ରହିଲେ ଜୀବନରୁ ତା' ସ୍ୱାମୀକୁ ମାରିଦେବାର ଧମକ ଦେଇଛି । ପୁନଶ୍ଚ ଗୋଟିଏ ଦିନ ସମରା ଅନ୍ତର୍ଦ୍ଧାନ ହେବା ପରେ ଜଙ୍ଗଲୀ ସେହି ଡାକୁ ଦଳର କୁଡ଼ିଆକୁ ପହଞ୍ଚିଛି । ସର୍ଦ୍ଦାର ଜଣକ ତାକୁ ପୁଣି ଦେହଜ କାମନର ଶିକାର କରିଛି । ଆଲୋଚ୍ୟ ଗପରେ ଆଦିବାସୀ ଯୁବତୀମାନେ କିପରି ପରିସ୍ଥିତିରେ ପଡ଼ି ଦେହଜ କାମନାର ଶିକାର ହେଉଛନ୍ତି, ତା'ର ଚିତ୍ର ଏଠି ପ୍ରଦର୍ଶିତ । ଅନ୍ୟ ଏକ ଗପ 'ମାମିନାର ସତ୍ୟପାଠ'ରେ ଅଳକା ଚାନ୍ଦ ଏକ ନିଆରା କାହାଣୀକୁ ଉପସ୍ଥାପିତ କରିଛନ୍ତି । ଏଥିରେ ଆଦିବାସୀ ଯୁବତୀମାନେ ଶିକ୍ଷା ଗ୍ରହଣ କରିବାକୁ ଯାଇ କିପରି ସେଠାକାର ଶିକ୍ଷକମାନଙ୍କର ଦେହଜ କାମନାର ଶିକାର ହେଉଛନ୍ତି, ତା'ର ଚିତ୍ର ଏଠି ପ୍ରଦତ୍ତ ।

ପାହାଡ଼ ଅଧ୍ୟୁଷିତ ଅଞ୍ଚଳରେ ଏକ ଜନବସତି ଗଢ଼ି ଉଠିଥିଲା ଗଞ୍ଜୁପାଲି । ସେଠାରେ ଜଣେ ଆଦିବାସୀ ରହୁଥିଲା, ନାଆଁ ତାର ଚମରୁ କିଷାନ । ସ୍ତ୍ରୀ, ଦୁଇଝିଅ ସାକିନା ଓ ମାମିନା, ପୁଅଟିଏକୁ ନେଇ ତା'ର ସଂସାର । ସେଦିନ ମାମିନା ହାଇସ୍କୁଲରେ ନାମ ଲେଖାଇଲା ଓ ହଷ୍ଟେଲରେ ରହିଲା । ତା'ର ଅଙ୍କ ଭଲ ହେଉଥିଲା ଓ ସେ ଫାଷ୍ଟ ହେଉଥିଲା । ଅଙ୍କ ସାର୍ 'ସାଜନ ସାର୍' ପ୍ରତିଦିନ ରାତ୍ରିରେ ଝିଅମାନଙ୍କ ହଷ୍ଟେଲକୁ ଆସି ଦେହ ଭୋଗର ବାସ୍ନା ମେଣ୍ଟାଉଥିଲେ । ଏଥିରେ ଯିଏ ପ୍ରତିବାଦ କରିବା ପାଇଁ ଚାହିଁଛି, ସେ ସାର୍‌ଙ୍କ ଶତ୍ରୁ ପାଲଟିଛି; ମାତ୍ର ମାମିନା ପ୍ରତିବାଦ କରିଛି, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାର୍‌ଙ୍କ ଉପରକୁ ଗରମପାଣି ଫୋପାଡ଼ି ଦେଇଛି । ନିଜ ଦୋଷକୁ ସ୍ୱୀକାର କରି ଜେଲ୍ ମଧ ଯାଇଛି । ତା'ର ମନସ୍ତାତ୍ତ୍ୱିକ ପ୍ରତିକ୍ରିୟାକୁ ଗାଳ୍ପିକା ସୂଚାଇଛନ୍ତି, ଏହିପରି ଭାବରେ - "ସେ ମନେ ମନେ ଦୃଢ଼ ସଂକଳ୍ପ କରିଥିଲା । କିଛି ବି ଗୋଟିଏ ସମାଧାନ ସେ ଦୁର୍ନୀତି ବିରୁଦ୍ଧରେ ନିଶ୍ଚୟ କରିବ । ସେ ପାସ୍ କରୁ କି ନକରୁ । ଝିଅମାନେ କ'ଣ କେବଳ ଜନ୍ମିଛନ୍ତି ବ୍ୟଭିଚାର ପାଇଁ? ସେମାନେ କେବଳ କ'ଣ ଜନ୍ମ ନେଇଛନ୍ତି ଦେହ ବିକ୍ରି ପାଇଁ?? ହଁ, ସେ ଦୁର୍ନୀତି ବିରୁଦ୍ଧରେ ନିଶ୍ଚୟ ଲଢ଼େଇ କରିବ । ହଁ । ଉଃ ବାହାରେ, ଭିତରେ ଚାରିଆଡ଼େ କି ଅସହ୍ୟ ନିର୍ଯାତନା ।" (ସଂପାଦନା- ପଚାଶଜଣ ପ୍ରତିବେଶୀ, କଇଳାଶ ପଟ୍ଟନାୟକ, ପୃଷ୍ଠା-୫୬) ଗାଳ୍ପିକା ନାୟିକା ମାଧମରେ ବିଦ୍ରୋହାତ୍ମକ ଭାବନାରୁ ଗୁଞ୍ଜରଣ ସୃଷ୍ଟି କରିଛନ୍ତି । ଆଦିବାସୀ ହେଲେ ବୋଲି କ'ଣ ସେମାନଙ୍କ ମାନ ମହତ, ଇଜ୍ଜତ କିଛି ବୋଲି ନାହିଁ? କିଛିଟା ମାର୍କ ପାଇଁ କ'ଣ ଦେହକୁ ବାରମ୍ବାର ଘଷିମାଜି ହୋଇ ସାର୍‌ଙ୍କୁ ଅର୍ପଣ କରିବା ବାହାଦୁରପଣିଆ । ବାସ୍ତବରେ ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଆଜି ଗୁରୁ-ଶିଷ୍ୟ ପରମ୍ପରା କିପରି କଳୁଷିତ ରୂପ ଧାରଣ କରିଛି, ତା'ର ଏକ ନଗ୍ନଚିତ୍ର ଏଠି ପ୍ରଦତ୍ତ । ପୁନଶ୍ଚ ଆଦିବାସୀ ଯୁବତୀଙ୍କ ଶୋଷଣ ହେବାର ଚିତ୍ର ପାଠକଙ୍କ ଚିତ୍ତକୁ ପ୍ରସାରିତ କରି ରୋମାଞ୍ଚିତ କରିଦେଇଛି ।

**ଗାଳ୍ପିକା ନାୟିକା ମାଧମରେ ବିଦ୍ରୋହାତ୍ମକ ଭାବନାରୁ ଗୁଞ୍ଜରଣ ସୃଷ୍ଟି କରିଛନ୍ତି ।**

ଆଦିବାସୀମାନଙ୍କ ଜୀବନ ଯେପରି ସରଳ, ତାଙ୍କ ହୃଦୟ ମଧ୍ୟ ସେହିପରି ନିର୍ମଳ, ସ୍ୱଚ୍ଛ । ଅବାରିତ ଗିରି ଝରଣାର ପାଣିପରି ତାଙ୍କ କୋମଳ ହୃଦୟ କନ୍ଦରରେ ଅନ୍ୟମାନଙ୍କ ପ୍ରତି ସର୍ବଦା ଦୟା, କ୍ଷମା, ସହନଶୀଳତା ଓ ପରୋପକାର ଭଳି ମହତ୍ ଗୁଣ ଭର୍ତ୍ତିହୋଇ ରହିଥାଏ । ଏହି ଭାବଧାରାକୁ ଉପଜୀବ୍ୟ କରି ଉତ୍ତମ କୁମାର ପ୍ରଧାନଙ୍କ 'ଶୁକୁରୁ ଜାନୀ ଓ ସକ୍ରେଟିସ୍' ଗପର ପରିକଳ୍ପନା । ଏଥିରେ ଶୁକ୍ରୁଜାନୀ ପରି ଜଣେ ନିଃସ୍ୱାର୍ଥପର ଆଦିବାସୀ କିପରି ସକ୍ରେଟିସଙ୍କ ପରି ନିଜେ ବିଷପାନକରି ଅନ୍ୟମାନଙ୍କ ଜୀବନ ରକ୍ଷା କରିଛି, ସେ ପ୍ରସଙ୍ଗ ବର୍ଣ୍ଣିତ । ୧୯୬୨ ମସିହାରେ କେତେଜଣ ଛାତ୍ର ଭବାନୀପାଟଣା ନିକଟସ୍ଥ 'ରାବଣ ଦର' ନିକଟକୁ ଭୋଜି କରିବା ପାଇଁ ଯାଇଥିଲେ । ସେଠାରେ ମାଂସ ନ ପାଇବାରୁ ଏକ ହରିଣକୁ ମାରି ଫେରୁଥିବା ଶୁକ୍ରୁଜାନୀକୁ ମାଗିଥିଲେ । କିନ୍ତୁ ହରିଣଟିକୁ ସାପ କାମୁଡ଼ିଥିଲା । ତେଣୁ ହରିଣଟିର ମାଂସ ନିଜେ ଭକ୍ଷଣକରି, ଅନ୍ୟମାନଙ୍କ ଜୀବନ ବଞ୍ଚେଇବାର ଦୃଢ଼ ସଂକଳ୍ପ ସେ ନେଇଛି । ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି ।



**ନାରୀ ଜୀବନର ହସକାନ୍ଦ**

ସାଂପ୍ରତିକ କାଳର ଅନ୍ୟତମ ଅଗ୍ରଣୀ ଗାଳ୍ପିକା ଭାବେ କବିତା ବାରିକ ବେଶ୍ ପରିଚିତ । ତାଙ୍କ ଗଳ୍ପର ପରିଧି ମଧ୍ୟରେ ନାରୀ ଜୀବନର ହସ-କାନ୍ଦ ସହ ଆଦିବାସୀ ନର-ନାରୀଙ୍କ କଥା ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ପ୍ରଦର୍ଶିତ । ତାଙ୍କ 'ପାହାଡ଼ ସେପଟେ ସ୍ୱପ୍ନ' ଏକ ମନୋଜ୍ଞ ଆଦିବାସୀମୂଳକ ଗପ । ଏଥିରେ ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିପରି ଜାତିଆଣ ଭେଦାଭେଦ ଓ ଗୋଷ୍ଠୀଗତ ଗର୍ବ, ଅହଂକାର ବଳରେ ବାହାଘର ବେଳେ ଭୋଜିଭାତ ମାଂସ ଆଦି ଦେଇନପାରିଲେ ସାମାଜିକ ବାସନ୍ଦ ଭଳି ପ୍ରଥା ମୁଣ୍ଡ ଟେକି ରହିଛି, ତାହା ବର୍ଣ୍ଣିତ । ଗଳ୍ପ ନାୟକ ଗଜାନନ ତା'ର ସ୍ତ୍ରୀକୁ ପାଇବାକୁ ହେଲେ ଗାଁ ଲୋକଙ୍କୁ ଭୋଜି ପାଇଁ ସଂଘର୍ଷ କରିଛି । ସେ ଗୋଟିଏ ସାହୁକାରର ନିମ୍ବଗଛ ଜଗିବା ପାଇଁ ବର୍ଷକୁ ଏକ ହଜାର ପାଇଁ ବେଠି ଖଟିଛି । ତିନିବର୍ଷ ପରେ ତିନି ହଜାର ଏହିପରି ଥିଲା ତା'ର ସର୍ତ୍ତ । ସତରେ କେତେ ଦୁଃଖଦାୟକ ଏ ପରିସ୍ଥିତି ଓ ସମୟ । ସେହିପରି ସୁଜାତା ମହାପାତ୍ରଙ୍କ 'ଫେରିଆ ସାରିପୁତ୍ତ' ଓ 'ଶୁକ୍ରୁ ମାଝୀର ଗାଆଁ' ଦୁଇଟି ମନଛୁଆଁ ଆଦିବାସୀମୂଳକ ଗଳ୍ପ । ପ୍ରଥମଟିରେ ଆଦିବାସୀ ଝିଅ ଚମ୍ପା ତିବ୍ବତୀୟ ଶରଣାର୍ଥୀ ଛବିଲା ପ୍ରତି ପ୍ରେମରେ ଢ଼ଳିପଡ଼ିଛି । ତାକୁ ସମର୍ପି ଦେଇଛି ଦେହମନ; କିନ୍ତୁ ବୈବାହିକ ଜୀବନରେ ଆବଦ୍ଧ ନହୋଇ ଶରଣାର୍ଥୀ ଛବିଲା ବୌଦ୍ଧଭିକ୍ଷୁ ସାଜି ଚମ୍ପାକୁ ଛାଡ଼ି ଚାଲିଯାଇଛି । ଅନ୍ୟପଟେ ଚମ୍ପା ହୋଇସାରିଥାଏ ଅନ୍ତଃସତ୍ତ୍ୱା । ତା' ପୁଅ ରାଜା ମଧ୍ୟ ବଡ଼ହେଲା ପରେ ବୌଦ୍ଧଭିକ୍ଷୁଙ୍କ ପରି - ମାତା ଭିକ୍ଷାଂ ଦେହୀ ଉଚ୍ଚାରଣ କରିଛି ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରୋଜଗାରର ଅଭାବ ଓ କାମ ନ ମିଳିବାରୁ ଦାଦନ ଖଟିବାକୁ ଯାଇ କିପରି ନିର୍ଯାତିତ ହୁଅନ୍ତି ଜନଜାତି ଲୋକ ତାକୁ କେନ୍ଦ୍ରକରି କେତୋଟି ଗଳ୍ପର ପରିଧି ସୁବିସ୍ତୃତ । ଏହି କ୍ରମରେ କ୍ଷେତ୍ରବାସୀ ନାଏକଙ୍କ 'ଦାଦନ' ଶୀର୍ଷକ ଗଳ୍ପଟି ଏକ ହୃଦୟସ୍ପର୍ଶୀ ଗଳ୍ପ । ଏଥିରେ ଗଳ୍ପ ନାୟକ ମାଗୁଣି ବରିହା ଓ ତା' ସ୍ତ୍ରୀ କାଇଁଚ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଛନ୍ତି । ସେଠାରେ ନିଜ ଜ୍ୱରାକ୍ରାନ୍ତ ପୁଅକୁ ରକ୍ଷା କରିବାକୁ ଯାଇ କାଇଁଚ ମାଲିକ ସଙ୍ଗରେ ରାତ୍ରିଯାପନ ପାଇଁ ରାଜି ହୋଇଯାଇଛି । ସେ କହିଛି - 'ପୁଅର ଜୀବନ ପାଇଁ ରାତିଟାଏ ମାଲିକକୁ ଖୁସ୍ କରିଦେଲେ ଦେହଟା ଶେଷ ହୋଇଯିବନି । ହାଡ଼ ମାଂସର ଦେହକୁ ତୁମକୁ ଦେଇଛି, ମନ ତୁମକୁ ଦେଇଛି, ପୁଅ ପାଇଁ... ତୁମେ ଏତିକି ତ୍ୟାଗ କରିପାରିବନି ।' (ପୃଷ୍ଠା-୨୬) ଆଦିବାସୀ ନରନାରୀ ଦାଦନ ଖଟିବାକୁ ଯାଇ ସେଠାରେ କିପରି ମାଲିକର ଦେହଜ କାମନାର ଶିକାର ହେଉଛନ୍ତି, ସେ ପ୍ରସଙ୍ଗ ଏଠି ବର୍ଣ୍ଣିତ । ସେହିପରି ଅମୂଲ୍ୟମଣି ମିଶ୍ରଙ୍କ 'ଅନ୍ଧାର ଋତୁ ଓ କ୍ଷୁଧାର୍ତ୍ତ ଦାଦନ ହାରୁନ୍ ମାଝୀ' ଗଳ୍ପଟିରେ ଆଦିବାସୀ ଯୁବକର ଦାଦନ ଖଟିଯିବା ଓ ସେଠାରେ ଅତ୍ୟାଚାର ସହ୍ୟ କରିବା ଘଟଣା ଅତ୍ୟନ୍ତ ମାର୍ମିକ ଢଙ୍ଗରେ ଉପସ୍ଥାପିତ । ଗଳ୍ପ ନାୟକ ହାରୁନ ମାଝୀ କିପରି ପାରିବାରିକ ଜଞ୍ଜାଳରେ ଜଡ଼ିତ ହୋଇ ସମସ୍ୟାକୁ ମୁକାବିଲା କରିବା ସକାଶେ ଦଲାଲ ଦେବରାଜ ବନ୍‌ଗୁଲଠାରୁ ପଚାଶ ହଜାର ଟଙ୍କା ଆଣି ଦାଦନ

ଖଟିଯିବାକୁ ପ୍ରସ୍ତୁତ ହେଲା, ସେ ପ୍ରସଙ୍ଗ ଏଠି ପ୍ରଦତ୍ତ । ସେହିପରି ଗାଳ୍ପିକା ଗାୟତ୍ରୀ ସରାଫଙ୍କ 'ବିଶି ମାଝୀ ଓ ଦାଦନ ରତୁ' ଗଳ୍ପଟିରେ ଆଦିବାସୀ ମଣିଷର ଦୁଃଖ ଦୈନ୍ୟ କିପରି ତାକୁ ବାହାର ରାଜ୍ୟକୁ ବେଠି ଖଟିଯିବାକୁ ବାଧକରେ, ସେ ପ୍ରସଙ୍ଗ ଏଠାରେ ବର୍ଣ୍ଣିତ । ଗଳ୍ପ ନାୟକ ବିଶି ମାଝୀ କେତେ ଆଶା ନେଇ ସପରିବାର ଧରି ଦାଦନଖଟି ବାହାରିଛି; କିନ୍ତୁ ସେଠାରେ ନାନା ଅତ୍ୟାଚାରର ସହିବା ପରେ ଗାଁକୁ ଫେରି ଆସି ନିଜ ଦୁଃଖଭରା କାହାଣୀ ଅନ୍ୟମାନଙ୍କୁ ଶୁଣାଇଛି । ସେହିପରି ଚଳନ୍ତି ସମୟର ଜଣେ ବିଶିଷ୍ଟ ଗାଳ୍ପିକ ସଂଜୟ କୁମାର ମିଶ୍ରଙ୍କ ଗଳ୍ପସାହିତ୍ୟରେ ଏହି ଜନଜାତି କଥାର ପରିକଳ୍ପନା କରାଯାଇଛି । ତାଙ୍କ 'ମଲା ସାପର ସମୟ' ଗଳ୍ପଟିରେ ନାୟିକା ଖେଳନ୍ତି ନାୟକ ଡଗରକୁ ପ୍ରେମ କରୁଥିଲା । ଡଗର କନ୍ଧପିଲା । ସେଦିନ ଇଟାଭାଟିର ମାଲିକ ଡଗରକୁ ଭାତ ଥାଳିରୁ ଉଠାଇ ନେଇ ଦାଦନ ଖଟିଯିବାକୁ ନେଇଯାଇଛି । ଯାହାଫଳରେ ପ୍ରେମୀଯୁଗଳଙ୍କ ପ୍ରେମକାହାଣୀ ଅଧୁରା ରହିଯାଇଛି । ତାଙ୍କର ଅନ୍ୟଏକ ଗପ 'ଭଙ୍ଗା ମାଠିଆର ମୁହଁ'ରେ ଆଦିବାସୀ ଝିଅ କୁମୁଦିନୀ ନିଜ ଗାଁର ଝାଙ୍କର ଘରର ମଝିଆ ପିଲାକୁ ଭଲ ପାଉଥିଲା । କିନ୍ତୁ ସେ ପ୍ରେମ ଅଧାରେ ରହିଗଲା । ଅନ୍ୟ ଗପ 'ଘାସ ତଳର ସାପ'ରେ ପ୍ରେମ ପଥରେ କିପରି ଜାତିପ୍ରଥା ମୁଖ୍ୟ କଣ୍ଟାହୋଇ ଉଭା ହୋଇଥାଏ, ତାହା ଏଠାରେ ଦର୍ଶାଯାଇଛି । ଗଳ୍ପଟିରେ ରାଏମତୀ ଓ ରାଜେଶର ପ୍ରେମ କାହାଣୀ ବର୍ଣ୍ଣିତ । ଗାଁର ଅନ୍ୟ ପଡ଼ାର ଛତରପିଲା ରାଜେଶ । ଅର୍ଥ ସିନା ଅଛି, ସମ୍ମାନ ନାହିଁ । ତା' ପାଇଁ – 'ଜାତିଠୁ ପ୍ରେମ ବଡ଼ । ତା'ଠୁଁ ଆଉ ବଡ଼ ମଣିଷ ପଣିଆ ।' (ପୃଷ୍ଠା-୭୭) ଜାତିଆଣ ଭେଦାଭେଦ ସହ ଆଦିବାସୀମାନଙ୍କର ପ୍ରେମର ନିଃସ୍ୱାର୍ଥପରତା, ତ୍ୟାଗ ଓ ନିର୍ମଳତା ଏଠି ପ୍ରଦତ୍ତ ।

ସେହିପରି କଥା ପତ୍ରିକାରେ ପ୍ରକାଶିତ ରୋଜାଲିନ୍ ବେହେରାଙ୍କ 'ସିଏ ବି ଗୋଟିଏ କାହାଣୀ' ଗଳ୍ପଟି ଡିସେମ୍ବର ୨୦୨୪ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏଥିରେ ଗଳ୍ପ ନାୟିକା ନିହାରୀକା ଆଦିବାସୀ ବଣୁଆ ପିଲାମାନଙ୍କୁ ପାଠ ପଢ଼େଇ ଶିକ୍ଷାର ମାର୍ଗ ଦେଖାଇ ନୂଆ ଦୁନିଆ ସୃଷ୍ଟି କରିଛି । ସେଥିପାଇଁ ତାକୁ ଏ ଅଞ୍ଚଳରେ ବିଶେଷ ଖାତିର କରାଯାଇଥାଏ । ପୁନଶ୍ଚ କେତେକ ହୀନ ଚକ୍ରାନ୍ତକାରୀ ଗୋଷ୍ଠୀମାନଙ୍କ ଯୋଗୁଁ ଚକ୍ରାନ୍ତର ଶିକାରହୋଇ ସେ କେତେକ ସମସ୍ୟାର ସମ୍ମୁଖୀନ ମଧ ହୋଇଛି । ସେ ଭାବିଥାଏ – "ଯେଉଁମାନେ ଏ ଟାଙ୍ଗର ଅନାବାଦୀ ଜାଗାକୁ ଚାଷୋପଯୋଗୀ କଲେ, ଏବେ ସେହିମାନଙ୍କୁ ସେହି ଜାଗା ପାଇଁ କେତେ କ'ଣ ସଂଘର୍ଷ କରିବାକୁ ନ ପଡୁଛି ? ଶିଳ୍ପ କମ୍ପାନୀମାନଙ୍କର ବଣୁଆ ମଗଜରେ ସହଜେ ପଶେନି । ତେଣୁ ଏହି ମାଟି, ପାଣି, ପବନ, ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ନିହାରୀକା ଅଣ୍ଟାଭିଡ଼େ ।" (ପୃଷ୍ଠା-୭୯)

ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ, ସାଂପ୍ରତିକ କାଳରେ ଗଳ୍ପକାରଗଣ ନିଜ ସାହିତ୍ୟ ମଧ୍ୟରେ ଜନଜାତି କଥା ଉତାରି ଆଦିବାସୀଙ୍କ ଜୀବନ ଜିଜ୍ଞାସା ପ୍ରତି ବେଶ୍ ଅନୁରକ୍ତି ପ୍ରକାଶ କରିଛନ୍ତି । ଏହି ସମୟଖଣ୍ଡରେ ଆଦିବାସୀମାନଙ୍କ ସମସ୍ୟା ଓ ତାର ନିରାକରଣ କରିବାର ବ୍ୟବସ୍ଥାକୁ ଗାଳ୍ପିକ ନିଜ ଗଳ୍ପର ମୁଖ୍ୟ ସ୍ୱର ଭାବେ ବର୍ଣ୍ଣନା କରିଛି । ପୁନଶ୍ଚ ପ୍ରଶାସନିକ ଅଧିକାରୀ ପାଖରେ ଏମାନଙ୍କ ଉଚିତ ବ୍ୟବସ୍ଥା, ସୁବିଧାସୁଯୋଗ ତଥା ଗମନାଗମନର ସୁ-ବନ୍ଦୋବସ୍ତ କରିବା ନିମନ୍ତେ ବାର୍ତ୍ତା ମଧ ଶୁଣାଇଛି । ଆଦିବାସୀମାନଙ୍କ ମା' ମାଟି, ଦିଅଁ ଦେବତା, ପ୍ରକୃତି, ଗଛଲତା, ପାଣି-ପବନ, ପାହାଡ଼ ପ୍ରତି କୌଣସି ରାକ୍ଷସର ଆଖି ନପଡୁ । ସେମାନଙ୍କୁ ଯଥାଯୋଗ୍ୟ ସୁବିଧାମାନ ପହଞ୍ଚୁ, ସ୍କୁଲ, ଡାକ୍ତରଖାନା ସହ କୌଳିକ ବୃତ୍ତି ପାଇଁ ପ୍ରୋତ୍ସାହନ, ରୋଜଗାରପନ୍ଥା ଦିଆଯାଉ – ଏହାହିଁ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍ । ଆଦିବାସୀମାନଙ୍କୁ ସେମାନଙ୍କ ସଂସ୍କୃତି, ପରମ୍ପରାକୁ ଅକ୍ଷୁଣ୍ଣ ରଖିବାର ସ୍ୱାଧୀନତା ମିଳୁ । ସେମାନଙ୍କ ଜୀବନ ସ୍ୱଚ୍ଛନ୍ଦ ହେଉ, ସାବଲୀଳ ହେଉ, କୌଣସି ପ୍ରକାର ରାଜନୈତିକ ପ୍ରବଞ୍ଚନାରେ ଆଦିବାସୀ ଶୋଷିତ, ନିଷ୍ପେସିତ ନ ହେଉ – ଏହି ବାର୍ତ୍ତା ଗଳ୍ପର ଅନ୍ତଃସ୍ୱରରେ ସାଂପ୍ରତିକ କାଳର ଗଳ୍ପକାର ଖଞ୍ଜି, ଏକ ସୁସ୍ଥ, ସୁନ୍ଦର ଜୀବନର ପରିକଳ୍ପନା କରିଛି ।

**ସାଂପ୍ରତିକ କାଳରେ ଗଳ୍ପକାରଗଣ ନିଜ ସାହିତ୍ୟ ମଧ୍ୟରେ ଜନଜାତି କଥା ଉତାରି ଆଦିବାସୀଙ୍କ ଜୀବନ ଜିଜ୍ଞାସା ପ୍ରତି ବେଶ୍ ଅନୁରକ୍ତି ପ୍ରକାଶ କରିଛନ୍ତି ।**

□□

ଲେଖକଙ୍କ ଇ-ମେଲ ଠିକଣା:
swadhinchandrap@gmail.com

କବିତା



# ହେ ଭାରତ ପୁତ୍ର

ପିନାକୀ ମିଶ୍ର



ଉଠିଲାଣି ଗଛ
ଉଠିଲେଣି ସୂର୍ଯ୍ୟ
ମାଛିଅନ୍ଧାରୁ ଉଠିଲାଣି ଜେଜେମା
ପଲଙ୍କରୁ ଉଠିଲେଣି ଅଯୋଧ୍ୟା କରୁଣାନିଧି ।

ମୁକୁଳା ଅଛି ଗଙ୍ଗୋତ୍ରୀ କବାଟ
ଧ୍ୟାନମଗ୍ନ ତୁଷାରଶୁଭ୍ର ହିମାଳୟ
ଅନାଇଛି ତଟିନୀପଖଲା ବସୁମତୀ
ଉଡୁଅଛି ଅନାହତ ପତିତଉଦ୍ଧାର ନେତ ।

ଉଠିବୁ ନାହିଁକି ମନୁପୁତ୍ର ?
ପଢ଼ିଦେ ପୁରାଣପୋଥିର ମନ୍ମୟ କବିତା,
ଚାଖଣ୍ଡେ ଛାତି ଠୁଳେଇପାରେ କୋଟିଏ ହୃଦୟ,
ଦେଖେନା ନିଜ ଜୀବନର ଗତି ଓ ନିୟତି
ଦୁର୍ଦ୍ଦଶାକୁ ତଡ଼ିପାର କରି
ଲଗାଇଦେ ଚରମ ବାଜି,
ପବନଦୋଳିରେ ଚହଲାଇଦେ ସୁନାର ଫସଲ
ଆଚରଣରେ ଜିଇଁ ଉଠୁ ବସୁଧାବୈକୁଣ୍ଠ ।

ଉଠ ବାବୁ, ହାତରେ ଅଳ୍ପ ସମୟ
ନିଜ ଘର ସଂସାର ଜୀବିକା ଥାଇ ବି
ହୁଅ ରୂପାନ୍ତର,
ହୁଅ ଦେଶବନ୍ଧୁ,
ହୁଅ ବିଶ୍ୱଚେତନ,
ଭୂଇଁରେ ପଡ଼ିଛି ଜୀର୍ଣ୍ଣ ଦୁର୍ଗପ୍ରାଚୀର,
ଉଠାଅ ତା'ରେ ତାଳଗଛ ପରି
ଉଠ ପୁତ୍ରୀ - ଲକ୍ଷ୍ମୀ ତେଜ ଧରି
ଉଠ କଙ୍କାଳ, ତୁଟୁ ଆବିଳ ।

ଧୂଳିଧୂଆଁ ଅନର୍ଥ - ମୁଣ୍ଡ ନୁଆଁଇବ
ଭୟ ଛାଡ଼ିପଳେଇବ କୁଆଁରୀ ଆଖିରୁ
ବୁଢ଼ାବାପ ବୋହୂଠାରୁ ପାଇବ ଅମୃତଆଦର,
ସୀମାନ୍ତ ଆତତାୟୀ ପାଇବ ମରଣ ଭେଟି
ଦିଗହଜା ଗାଁର ବର୍ଣ୍ଣାଳି ଫେରିବ,
କାଉ ଚାଳରେ ବସିବ ।

ଅଛି ଅଳ୍ପ ସମୟ - ହେ ଭାରତପୁତ୍ର
ଦେବତା ବି ଥିଲେ ଗାଇଆଳ
ତୁ ଦେଇଦେ ତୋ ଅନନ୍ତ ତ୍ୟାଗର ଆୟୁଷବଳ ।

□□

କବିଙ୍କ ଇ-ମେଲ ଠିକଣା:
pinakimishra2015@gmail.com

**ଗଳ୍ପ**

# ଦୁଇଟି ମିନିଗପ



ସୁଷମା ଦାଶ

## ଦୃଶ୍ୟପଟ

ପ୍ରଥମ ରଜ । ଭୁବନେଶ୍ୱରରୁ ଗାଁକୁ ଆସିଛନ୍ତି ସ୍ୱାମୀଙ୍କ ସହିତ ମାଳତୀ। ରଜ ଉତ୍ସବ ପାଳନ ସହ ଦେଖା-ସାକ୍ଷାତ ମଧ୍ୟ ହେଇଯିବ । ଏତେ ବର୍ଷ ପରେ ପୁଅ ବୋହୂ ଓ ଚାରି ବର୍ଷର ନାତି ଆସୁଛନ୍ତି ବିଦେଶରୁ । ପ୍ରୌଢ଼ା ମାଳତୀ ସକାଳୁ ପିଠାପଣା କରି ଖୁସି ମନରେ ଅପେକ୍ଷା କରି ବସିଥାନ୍ତି ଦାଣ୍ଡପିଣ୍ଡାରେ। ଚାରି ବର୍ଷ ପରେ ଆଜି ନାତିକୁ ପ୍ରଥମ କରି ଦେଖିବେ। ତାଙ୍କ ଗୋଡ଼ ଆଜି ତଳେ ଲାଗୁନି । ମନରେ କେତେ କଳ୍ପନା ନାତିକୁ ନେଇ।

ରଜରେ ଗାଁ ଗୋଟାକର ଝିଅ ବୋହୂ ଏକତ୍ରିତ। ପିଠା ପଣାରେ ଘର ଭାସୁଛି , ଗାଁ ମୁଣ୍ଡ ବରଗଛରେ ରଜ ଦୋଳି ଲାଗିଛି। ମାଳତୀ ଘରପିଣ୍ଡା ହେଇ ଏପଟ ସେପଟ ହେଉଛନ୍ତି। ସମୟ ଗଡ଼ି ଗଡ଼ି ଯାଉଚି। ଦିପହରକୁ ପୁଅର ଫୋନ ଆସିଲା।" ଏଥର ମୁଁ ଆସିପାରୁନି ମାଆ , ତୋ ନାତିର ଜିଦି ଏଥର ରଜ ତା ଆଈ ସହ କାଟିବ।



## ଦୃଶ୍ୟାନ୍ତର

ଦୀର୍ଘ ପାଞ୍ଚବର୍ଷ ପ୍ରତୀକ୍ଷା ପରେ ଏଥର ଛୁଟିରେ ସାନ ପୁଅ ବୋହୂ ନାତି ଆସୁଛନ୍ତି ଗାଆଁକୁ । ସବୁବେଳେ କିଛି ନା କିଛି ଅସୁବିଧା, ବ୍ୟସ୍ତତା ଯୋଗୁଁ ଆସି ପାରେନି ପୁଅ। ଏକଥା ବୁଝିଲେ ବି ସ୍ୱୀକାର କରି ପାରେନି ମାଆ ମନ। ବଡ଼ ଚାକିରି, ଅନେକ ଦାୟିତ୍ୱ । ସେ ବୁଝନ୍ତି , କିଛି ଦିନ ତୁନି ରହନ୍ତି। ହେଲେ ମାଆ ମନ ତ, ଟିକେ ଦେଖିବାକୁ ପୁଣି ବ୍ୟାକୁଳ ହୁଏ ଆଖି ।



ଏଥର ସେମାନେ ଆସିବା କଥା ଶୁଣି ତାଙ୍କର ଆନନ୍ଦ କହିଲେ ନସରେ । ତାଙ୍କ ପସନ୍ଦର ନ ଡିଅଣ ଛଅ ଭଜା, ପିଠା ପଣା କରି ବାଡ଼ି ଘର ହେଉଥାନ୍ତି। ସେମାନେ ଆସିଲେ ମିଶିକି ଖାଇବେ।

ଭାରି ଭାରି ଲାଗୁଚି ଏ ଅପେକ୍ଷାର ସମୟ ସବୁ। ଆଖି ଲାଖି ରହିଛି ରାସ୍ତା ଉପରକୁ। ଆଜିକାଲି ଭାରି ହାଲିଆ ଲାଗୁଚି। ଦେହ ହାତ ଅବଶ।

ଦିପହର ଗଡ଼ିଲା। ଶେଷରେ ଆସି ପହଞ୍ଚିଲେ ସବୁ।

ବୋହୂ କଅଁଳେଇ କହିଲା-

“ମାଆ ଆପଣ ଖାଇ ନିଅନ୍ତୁ। ଦେହ ଖରାପ ହେବ। ଆମେ ହୋଟେଲରୁ ଖାଇ ଦେଇ ଆସିଛୁ।”

ଭାତ ହାଣ୍ଡିରେ ପାଣି ଢାଳି ସେ ଲୁହରେ ପଖାଳୁ ଥିଲେ ଆଖି।

□□

ଲେଖିକାଙ୍କ ଇ-ମେଲ ଠିକଣା:
susamadash135@gmail.com



ଶିଶୁ ଗଳ୍ପ

# କାଉ ରାବିଲା କା...

**କୁଞ୍ଜ ବିହାରୀ ସାହୁ**

ଘର ମଥାନରେ କାଉଟିଏ ବସିଥିଲା। କା.. କା.. ରାବିଲା । ଜିତୁ ଶେଯରୁ ଉଠିପଡ଼ିଲା ।

ଜିତୁର ବୋଉ କହିଲେ - ଆଜିପରା ରବିବାର, ତୁ କଅଣ ସଅଳ ସଅଳ ଉଠିପଡ଼ିଲୁ । କୁଆଡ଼େ ଯିବୁ କି ?

'ନା ବୋଉ, କାଉର କା... କା.... ଡାକ ଶୁଣି ନିଦ ଭାଙ୍ଗିଗଲା।' ତା' ପରେ ଜିତୁ ମୁହଁଧୋଇ ଦାନ୍ତ ଘଷିଲା। ଏତିକିବେଳେ ତା ସାଙ୍ଗମାନେ ଘରକୁ ଆସିଲେ। ଜିତୁକୁ ଖେଳିବା ପାଇଁ ଡାକିଲେ । ଜିତୁ କହିଲା, ହଁ... ହଁ ଟିକେ ଅପେକ୍ଷାକର ମୁଁ ବାହାରୁଛି ।

ଜିତୁ ଜଳଖିଆ ଖାଇ ସାଙ୍ଗମାନଙ୍କ ସହ ଘରୁ ବାହାରିଗଲା।



ଜିତୁ ସାଙ୍ଗମାନଙ୍କ ସହ ପଡ଼ିଆରେ ବୁଲିଲା । ବିରାଟ ବରଗଛଟିଏ, ଝଙ୍କାଳିଆ ଦିଶୁଛି । ବଡ଼ ବଡ଼ ଓହଳ ତଳକୁ ଲମ୍ବିଛି । ବରଗଛ ଓହଳରେ ସଭିଏଁ ଦୋଳି ଖେଳିଲେ । ମଜା କଲେ। ଜିତୁ ତା' ବୋଉ ଶୁଣେଇଥିବା ଗୀତର ଧାଡ଼ିଟିଏ ମନେପକେଇ ଗାଇଲା -

'ବରଗଛ ଓହଳରେ ଖେଳିଲି ମୁଁ ଦୋଳି ।'

ଏତିକିବେଳେ କାଉଟିଏ ଉଡ଼ି ଉଡ଼ି ଆସି ବରଗଛ ଡାଳରେ ବସିଲା। ମନଖୁସିରେ ବରଫଳ ଖାଇଲା। କା.. କା... ରାବିଲା । ପିଲାଙ୍କର ଦୋଳିଖେଳ ଦେଖିଲା । କାଉକୁ ଦେଖି ଜିତୁ ଗୀତଟିଏ ଗାଇଲା -

'କାଉରେ କାଉ
କା.. କା.. କରି କି ଗୀତ ଗାଉ
ସକାଳୁ ସକାଳୁ ଉଠେଇ ଦେଲୁ
ପାଚିଲା ଫଳଟେ ଗୋଟେଇ ନେଲୁ ।'

କାଉ ସବୁ ଶୁଣିପାରିଲା । ଥଣ୍ଟକୁ ମେଲି କା.. କା.. ରାବି କହିଲା -

'ହଁ ହଁ ହଁ ସକାଳ ହେଲେ
ଏ ଘର ସେ ଘର ନିଇତି ବୁଲେ ।'

କଳା ମଚ ମଚ କାଉର ଗୀତ ଶୁଣି ଜିତୁ, ନଟ ଓ ସୁମା ହସିଦେଲେ ।


କାଉ ବରଫଳ ଖାଇଥିବା କଥା ନଟ ଦେଖିଥିଲା । ନଟ ପଚାରିଲା, 'ଜାଣିଛୁ ଜିତୁ - କାଉ ଏ ଗଛରେ ବସି ବରଫଳଟିଏ ଖାଇଦେଲା । ମଞ୍ଜିଟା ଯଦି ପେଟ ଭିତରକୁ ପଳେଇବ ତାହାହେଲେ ତ ତା' ପେଟବଥା ହେବ । ବିଚରା କାଉ ବହୁତ କଷ୍ଟପାଇବ।'

ଜିତୁ କିଛି କହିବା ଆଗରୁ ତା' ସାଙ୍ଗ ସୁମା କହିଦେଲା - କାଉ ବରଫଳ ଖାଇବା ଦେଖି ତୁମେ ସବୁ ଡରିଯାଉଛ କି ? କାଉର ପେଟବଥା ହେବନି । କାଉଟା ବହୁତ ଚତୁର । ସେ ଯେତେବେଳେ ମଳ ପକେଇବେ ସେଇଠି ସେ ଫଳର ମଞ୍ଜିଟା ତଳକୁ ଖସିପଡ଼ିବ। ମାଟିରେ ମଞ୍ଜି ପଡ଼ିଗଲେ ପାଣି, ପବନ, ଆଲୁଅରେ ମଞ୍ଜିରୁ ଗଛ ଉଠିବ। ଆମେ ଏ ଯେଉଁ ବରଗଛ ଦେଖୁଛୁ ଓହଳରେ ଦୋଳି ଖେଳୁଛୁ, ଏଇଟା ହିଁ କୋଉ କାଉଟିଏ ପକେଇଥିବ । ଆଷାଢ଼ ମାସରେ ଯେତେବେଳେ ବର୍ଷା ଋତୁ ଆସିବ ମାଟି ଓଦା ହେଇଯିବ। ମାଟିରେ ପଡ଼ିଥିବା ମଞ୍ଜିରୁ ଗଛ ଚାରା ବାହାରିବ । ମୋ' ବଡ଼ଭାଇ ପରା ଏ କଥା କହୁଥିଲେ । ସେ ପୁଣି କହୁଥିଲେ..

ଜିତୁ ଓ ନଟ କହିଲେ - କହ କହ ସୁମା, ତୋ' ଭାଇ ଆଉ କଅଣ କହୁଥିଲେ ?

ସୁମା କହିଦେଲା - କାଉର ଏପରି କାମକୁ ବୀଜ ବିକ୍ଷେପ ବୋଲି କହନ୍ତି। କାଉର ଦେହଟା କଳା, ହେଲେ

ତା' ମନଟା ବହୁତ ସଫା । ତାହାର ବହୁତ ଭଲ ଗୁଣ ଅଛି । ସକାଳୁ ସକାଳୁ ଆସି କା... କା... ରାବି ସମସ୍ତଙ୍କୁ ନିଦରୁ ଉଠେଇଦିଏ। ବାରିପଟେ ପଡ଼ିଥିବା ବାସିଭାତ, ପରିବାପତ୍ର, ଫଳ ଖାଇଦିଏ। ପରିବେଶ ସଫାସୁତୁରା ରଖେ । ସେ ଖାଇଥିବା ଫଳରୁ ମଞ୍ଜି ଫୋପାଡ଼ିଦିଏ । ନୋହିଲେ ମଳରେ ବାହାର କରିଦିଏ । ହଁରେ ସାଙ୍ଗ ଭାଇ କହୁଥିଲେ, ଯେଉଁଠି ବରମଞ୍ଜି ପଡ଼ିଥିବ ସେଇଠି ବର୍ଷାଦିନ ଆସିଲେ ବରଗଛ ଉଠିବ। ଝଙ୍କାଳିଆ ବରଗଛ ଅଛି ବୋଲି ଛାଇ ମିଳୁଛି। ବାଟରେ ଯାଉଥିବା ଲୋକଟି ଟିକେ ବସି ହାଲିଆ ମାରୁଛି ।



ଜିତୁ ଚଟାପଟ କହିଦେଲା - ସତରେ ଗଛଟି ଅଛି ବୋଲି ଖେଳ ପଡ଼ିଆଟି ସୁନ୍ଦର ଦିଶୁଛି । ଖରାଦିନେ ଗଛ ତଳେ ବସିବାକୁ ଭଲ ଲାଗୁଛି ।

ନଟ କହିଦେଲା - ସୁମା ତୋ ଭାଇ ଭଲକଥା କହିଛନ୍ତି । ସତରେ କାଉ ବହୁତ ଉପକାରୀ ପକ୍ଷୀଟିଏ। ଦେହଟା କଳା ହେଲେ କଅଣ ହେବ ଯିଏ ଉପକାର କରେ, ସିଏ ହିଁ ସବୁଠୁ ଭଲ। ପକ୍ଷୀ ହେଇ ବି କେତେ ଉପକାର କରୁଛି ।

କାଉଟି ସବୁକଥା ଶୁଣି ଖୁସିରେ କା... କା... ରାବିଲା। ଉଡ଼ି ଉଡ଼ି ପଳେଇଗଲା ।


ଜିତୁ କହିଲା, ଯାହାହେଉ ଆଜି ଭଲ କଥାଟିଏ ଜାଣିଲି। ଘରକୁ ମୋ' ବୋଉକୁ ଏ କଥା କହିଦେବି । କାଲି ସ୍କୁଲକୁ ଗଲେ ବିଜ୍ଞାନ ଗୁରୁଜୀଙ୍କୁ ପଚାରିଦେବି । ତାଙ୍କଠୁ ବୀଜ ବିକ୍ଷେପ ବିଷୟରେ ଅଧିକା କିଛି ଶୁଣିବି ।

ନଟ କହିଲା - ସୁମାଠୁ ଭଲ କଥାଟିଏ ଶୁଣିଲେ । ହଉ ସାଙ୍ଗମାନେ ଚାଲ ସଭିଏଁ ଘରକୁ ଫେରିଯିବା ।

ବାଟ ସାରା ଗପି ଗପି ଜିତୁ ଘରକୁ ଫେରିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com




## ଏ ସଂଖ୍ୟାର ମଲାଟ ଚିତ୍ର

ଏହି ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି, ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର।

ଏହି ଫଟୋଚିତ୍ରରେ ସ୍ଥାନପାଇଛି, ମୌସୁମୀ ଋତୁରେ, ନୟାଗଡ଼ ଜିଲ୍ଲାର ଏକ ଗ୍ରାମାଞ୍ଚଳର ପାହାଡ଼ତଳି ସ୍ଥାନରେ ଥିବା ଧାନକ୍ଷେତର ସବୁଜିମା।

ଏହି ଫଟୋଟି ଉତ୍ତୋଳନ କରିବା ପାଇଁ ଫଟୋଗ୍ରାଫର ମହୋଦୟା ଗୋଟିଏ 'କ୍ୟାନନ୍-୫-ଡି, ମାର୍କ-୪' କ୍ୟାମେରା ବ୍ୟବହାର କରିଥିଲେ।





## *ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଦେଖନ୍ତୁ:**

www.sahityacharcha.com/submit-articles



**ପୁସ୍ତକ ସମୀକ୍ଷା**

# ସ୍ମୃତି ସୌରଭ

**ଲେଖକ : ଭାବଗ୍ରାହୀ ବଳ**

**ପ୍ରକାଶକ: ଗ୍ରନ୍ଥଲିପି, ନୂଆଦିଲ୍ଲୀ / ଭୁବନେଶ୍ୱର**

**ପୃଷ୍ଠା: ୩୮୦, ମୂଲ୍ୟ: ଟ. ୨୫୧/-**

ଏହା ବିବିଧ ପ୍ରସଙ୍ଗ ଉପରେ ଆଧାରିତ ୫୨ଟି ପ୍ରବନ୍ଧର ଏକ ଉପଯୋଗୀ ସଂକଳନ। ଅବଶ୍ୟ ସବୁଗୁଡ଼ିକୁ ପ୍ରବନ୍ଧ ବୋଲି କହିଲେ ଭୁଲ୍ ହେବ। ଏଥିରେ କେତୋଟି ଗାମ୍ଭୀର୍ଯ୍ୟପୂର୍ଣ୍ଣ ପ୍ରବନ୍ଧ ବ୍ୟତିରେକେ କେତୋଟି ଭ୍ରମଣକାହାଣୀ, ଜୀବନାନୁଭୂତି, ଆଖ୍ୟାୟିକା, ଅଧ୍ୟାତ୍ମିକ ପ୍ରସଙ୍ଗ ଓ ବ୍ୟକ୍ତିତ୍ୱ ପରିଚୟ ମଧ୍ୟ ଅନ୍ତର୍ଭୁକ୍ତ। ତେଣୁ ଏହାକୁ ଲେଖକଙ୍କ ଗଦ୍ୟରଚନାର ଏକ ମିଶ୍ରିତ ସଂଗ୍ରହ ଭାବରେ ବିଚାର କରାଯିବା ଅଧିକ ସମୀଚୀନ ହେବ।

ପରିଚ୍ଛନ୍ନ ପରିପାଟୀ ସମ୍ପନ୍ନ ଏହି ପୁସ୍ତକଟିରେ ପରିବେଷିତ ଭାବନାରାଜି ପାଠକକୁ ମୁଗ୍ଧ କରିଦେବାର କ୍ଷମତା ରଖେ। ଲେଖକ ଜଣେ ସୁବିଦିତ ଭ୍ରମଣ-କାହାଣୀକାର। ତେଣୁ ଏଥିରେ ପରିବେଷିତ କେତୋଟି ଭ୍ରମଣ କାହାଣୀ ଆମକୁ ରୋଚକ ଅନୁଭବ ଦିଏ। ଉଦାହରଣ ସ୍ୱରୂପ, 'ମଣ୍ଡାସରୁରେ ସକାଳ, ଦାରିଙ୍ଗିବାଡ଼ି ରେ ସନ୍ଧ୍ୟା' ଶୀର୍ଷକ ରଚନାରେ ଓଡ଼ିଶାର ଦାରିଙ୍ଗିବାଡ଼ିର ପର୍ଯ୍ୟଟନ ବିଶେଷତ୍ୱ, ସାହିତ୍ୟ-ସୁଲଭ ସମ୍ବେଦନଶୀଳତାର ସହିତ ବର୍ଣ୍ଣିତ। ଆସନ୍ତୁ, ଦେଖିବା ତାହାର କିଛି ଧାଡ଼ି:

"ଉପରତଳ ହୋଇ ଲଗାଲଗି ଅନେକ ପାହାଡ଼। ଦୁଇ ପାହାଡ଼ର ଉଚ୍ଚ ଶିଖର ମଧ୍ୟରେ ଅସ୍ତଗାମୀ ସୂର୍ଯ୍ୟ। ଗୋଟିଏ ପଦ୍ମଫୁଲର ଅନେକ ପାଖୁଡ଼ା ପରି ପାହାଡ଼ ସବୁ ସଜାଇ ହୋଇଥାନ୍ତି। ଚାରିଆଡ଼ ସବୁଜିମାରେ ଅନ୍ଧକାର; ତଥାପି ଅଂଶୁମାନଙ୍କ ଶେଷ ସ୍ପର୍ଶରେ ଝଟକି ଉଠୁଥାନ୍ତି। ମୁଁ ତର ତର ହୋଇ ଗଣିଲି, ଅତିକମ୍‌ରେ ୩୦ରୁ ଅଧିକ ଶୃଙ୍ଗ (ପୂରା ଗଣିବା ସମ୍ଭବ ହେଲାନାହିଁ) ବେଷ୍ଟିତ ଥାଇ ଦିନମଣି ବିଦାୟ ନେଇ ମା' କୋଳକୁ ଢ଼ଳିପଡ଼ିଲେ।" ଏଠାରେ ଲକ୍ଷ୍ୟ କରିବାର କଥା ଯେ ଏହି ଅଂଶରେ ସୂର୍ଯ୍ୟଙ୍କୁ 'ସୂର୍ଯ୍ୟ' ବୋଲି କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ବାକ୍ୟଗୁଡ଼ିକରେ କେଉଁଠି ସେହି ଶବ୍ଦଟିର ପୁନରାବୃତ୍ତି କରାଯାଇନାହିଁ; ବରଂ ସୂର୍ଯ୍ୟଙ୍କର ଆଉ ଦୁଇଟି ପ୍ରତିଶବ୍ଦ, 'ଅଂଶୁମାନ' ଓ 'ଦିନମଣି'ର ପ୍ରୟୋଗ କରାଯାଇଛି।

ସନ୍ନିବେଶିତ ପ୍ରବନ୍ଧଗୁଡ଼ିକୁ ପଢ଼ିଲେ ମନେହୁଏ ଯେ ସବୁଗୁଡ଼ିକର ଶୈଳୀ ଗୋଟିଏ ପର୍ଯ୍ୟାୟର ନୁହେଁ। ବିଷୟବସ୍ତୁର ବିବିଧତାକୁ ନେଇ ସେଗୁଡ଼ିକର ଲିଖନଶୈଳୀ ମଧ୍ୟ ଭିନ୍ନ। ଯେପରି 'ହେ ପକ୍ଷୀ ଉଠ' ଶୀର୍ଷକ ରଚନାଟି ଗୋଟିଏ ପର୍ଯ୍ୟଟନ ସ୍ଥଳର ପରିଚୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ, ସେହି ଦିଗଟି ସେଥିରେ ଗୌଣ ହୋଇପଡ଼ିଛି; ଏବଂ ସେହି ସ୍ଥାନ ସହିତ ଜଡ଼ିତ ଏକ ପୌରାଣିକ ଆଖ୍ୟାନକୁ ଉପସ୍ଥାପନ କରିବା ପ୍ରତି ଲେଖକ ଅଧିକ ଦୃଷ୍ଟି ଦେଇଛନ୍ତି।

ସେହିପରି 'କୋଠାର କୋଠାରେ ମା' ସାରଦା', 'ନିଅଂଶୀ ଡିହ', 'ଆୟୁଷ୍ମାନ୍ ଚକ୍ଷୁଷ୍ମାନ' ଆଦି ପ୍ରବନ୍ଧ ଭଳିକି ଭଳି ସ୍ୱାଦ ବହନ କରେ। 'ମୋତେ ଯେବେ ସତୁରି ଛୁଇଁଲା' ପ୍ରବନ୍ଧରେ ଲେଖକ ତାଙ୍କ ସତୁରିତମ ଜନ୍ମଦିନ ପାଳନର ପ୍ରସଙ୍ଗକୁ ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ନେଇ ଆଲୋଚନା କରିଛନ୍ତି।

ପୁସ୍ତକଟି ସମ୍ପର୍କରେ ଅଭିମତ ଦେବାକୁ ଯାଇ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଲେଖିଛନ୍ତି, 'ପ୍ରତିଟି ଆଲେଖ୍ୟର ଶୀର୍ଷକ ଏହି ଲେଖାପ୍ରତି ମନରେ କୌତୁହଳ ସୃଷ୍ଟି କରେ; ଆଲେଖ୍ୟଟିକୁ ପଢ଼ିବାର ଆଗ୍ରହ ସୃଷ୍ଟିକରେ।' ଆମେ ଏଥିରେ ସହମତ।

ତେବେ ଆମେ ଆଶା କରିବୁ ଯେ ଏଥିରେ ବିଭିନ୍ନ ବିଭାଗର ପ୍ରବନ୍ଧ ଗୋଳିଆମିଶା ହୋଇ ସ୍ଥାନ ପାଇଥିବାରୁ, ପରବର୍ତ୍ତୀ ସଂସ୍କରଣ ବେଳକୁ ଲେଖକ ଓ ପ୍ରକାଶକ ଅନ୍ତତଃ ଏହାର ସୂଚୀପତ୍ରରେ ଥିବା ଶୀର୍ଷକଗୁଡ଼ିକୁ ସେଗୁଡ଼ିକର ବିଭାଗ ଅନୁଯାୟୀ ବର୍ଗୀକୃତ କରିବା ପ୍ରତି ଦୃଷ୍ଟି ଦେବେ।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ପାଳନକୁ ନେଇ ପ୍ରଶ୍ନ



ସାରଳା ସାହିତ୍ୟ ସଂସଦ ପକ୍ଷରୁ ଗତ ଜୁଲାଇ ୧୫ ତାରିଖ ଦିନ କଟକଠାରେ ମହାମାନ୍ୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଆୟୋଜିତ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହର ସଭାମଞ୍ଚରେ ଏହା ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ବୋଲି ଲେଖାଯାଇଥିବାରୁ ରାଜ୍ୟର ଅନେକ ବିଶିଷ୍ଟ ଗବେଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଦିକବିଙ୍କର ପ୍ରକୃତ ଜନ୍ମତିଥି କିମ୍ବା ଜନ୍ମବର୍ଷକୁ ନେଇ ଏବେ ବି ଗବେଷଣା ଜାରି ରହିଥିବା ବେଳେ, ଏବଂ ଏ ନେଇ କୌଣସି ସହମତି ପ୍ରକାଶ ପାଇ ନ ଥିବା ସ୍ଥଳେ ୨୦୨୫ ମସିହା ଜୁଲାଇ ୧୫ ତାରିଖକୁ ମହାମାନ୍ୟା ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଭାବରେ ପାଳନ କରାଯିବା ଅନେକ ପ୍ରତିଷ୍ଠିତ ସାହିତ୍ୟିକ ନାପସନ୍ଦ କରିଛନ୍ତି। ଏ ବିଷୟରେ ନିଜର ମତ ଦେଇ ବର୍ଷୀୟାନ ସମାଲୋଚକ ବୈଷ୍ଣବ ଚରଣ ସାମଲ କହିଛନ୍ତି ଯେ ସାରଳା ଦାସଙ୍କ ଜନ୍ମତିଥି ନେଇ କୌଣସି ପ୍ରାମାଣିକ ତଥ୍ୟ ନାହିଁ; ଏବଂ ତାଙ୍କର ଜନ୍ମ ବର୍ଷଟି କେବଳ ଅନୁମାନର ବିଷୟ। ସେ ଦୃଷ୍ଟିରୁ ଏହି ବର୍ଷଟିକୁ ତାଙ୍କ ଜନ୍ମର ୬୦୦ତମ ବର୍ଷ ବୋଲି ଲେଖିବା ଉଚିତ ହୋଇନାହିଁ। ବିଶିଷ୍ଟ ସାରଳା ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ଦାଶ କହିଛନ୍ତି ଯେ ସାରଳାଙ୍କ ଜନ୍ମ ବର୍ଷକୁ ନେଇ ଏବେ ମଧ୍ୟ ବିତର୍କ ଚାଲିଛି; ଏପରିକି ନିଜେ କବି ମଧ୍ୟ ଏ ସମ୍ପର୍କରେ ନିରବତା ଅବଲମ୍ବନ କରିଛନ୍ତି; ଏଣୁ ୨୦୨୫ ମସିହାଟି ତାଙ୍କର ୬୦୦ ତମ ଜନ୍ମଜୟନ୍ତୀର ବର୍ଷ ବୋଲି ଆମେ ନିର୍ଦ୍ଦିଷ୍ଟ ଭାବରେ କହିପାରିବା ନାହିଁ ।

## ଫକୀରମୋହନଙ୍କ ପ୍ରକୃତ ଆତ୍ମଚରିତ ଲୋକଲୋଚନକୁ ଆସିବ କେବେ ?



ଏବେ ବ୍ୟାସକବି ଫକୀରମୋହନଙ୍କର 'ଆତ୍ମଚରିତ' ନାମରେ ଯେଉଁ ପୁସ୍ତକଟି ତାଙ୍କର ଅନୁରାଗୀ ପାଠକ, ଗବେଷକ, ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବହୁ କାଳ ହେଲା ପଠିତ ଓ ଚର୍ଚ୍ଚିତ ହୋଇଆସୁଛି, ତାହା ଯେ ତାଙ୍କର ସମ୍ପୂର୍ଣ୍ଣ ଓ ପ୍ରକୃତ ଆତ୍ମଚରିତ ନୁହେଁ ଏକଥା ଅନେକଙ୍କୁ ଅଜଣା। ଫକୀରମୋହନ ତାଙ୍କର ଜୀବଦ୍ଦଶାରେ ଯେଉଁ ଆତ୍ମଚରିତଟି ରଚନା କରିଥିଲେ ତାହା କଟକର ବାଖରାବାଦରେ ଥିବା ତାଙ୍କର ବାସଭବନର ଅନ୍ଧାରି କୋଣରେ ଗୋଟିଏ ସିନ୍ଦୁକ ଭିତରେ ତାଲା ପଡ଼ି ରହିଛି। ଏହା ଅଦାଲତି ମାମଲା, ପ୍ରକାଶନ ଜନିତ ବିବାଦ ତଥା ଫକୀରମୋହନଙ୍କ ଦାୟାଦଙ୍କ ଖିଆଲର ଜ୍ୱାଳାରେ ଭସ୍ମହୋଇ ଚିରଦିନ ପାଇଁ ହଜିଯିବାକୁ ବସିଛି। ତଥାପି ଏଥିପ୍ରତି ନା ଓଡ଼ିଶା ସରକାର, ନା ଓଡ଼ିଶାର ସାହିତ୍ୟ ଜଗତ, କାହାର ବି ଦୃଷ୍ଟି ପଡୁନାହିଁ। ଫକୀରମୋହନଙ୍କ ଦେହାନ୍ତ ପରେ ତାଙ୍କର ଆତ୍ମଜୀବନୀ ବା 'ଆତ୍ମଚରିତ' ପ୍ରକାଶିତ ହେବା ପୂର୍ବରୁ ତାଙ୍କର ପୁତ୍ର ମୋହିନୀ ମୋହନ ସେନାପତି ନିଜେ ସେଥିର କେତେକାଂଶ ପରିବର୍ତ୍ତନ କରିଦେଇଥିଲେ। ତାଙ୍କ ପିତାଙ୍କର ଭାବମୂର୍ତ୍ତିକୁ ନିର୍ମଳ କରିବା ଉଦ୍ଦେଶ୍ୟରେ ସେ ଏହା କରିଥିଲେ ବୋଲି କୁହାଯାଉଛି। ଏହା ସହିତ ସେ ସେହି ଆତ୍ମଚରିତର ମୂଳ ପାଣ୍ଡୁଲିପିଟି ଲୋକଲୋଚନକୁ ନ ଆଣି ନିଜ ଅଧୀନରେ ରଖିଥିଲେ। ଏବେ ସେହି ମୂଳ ପାଣ୍ଡୁଲିପି ଫକୀରମୋହନଙ୍କ ଅଣନାତୁଣୀ ମିନାକ୍ଷୀ ଦତ୍ତଙ୍କ ଅକ୍ତିଆରରେ ତାଙ୍କର କଟକସ୍ଥିତ ବାସଭବନରେ ରଖାଯାଇଛି।

# ଶେଷ ପୃଷ୍ଠା



# ଅବସ୍ରଂସନ*

ଓଡ଼ିଆ ଭାଷାରେ ଢଗଟିଏ ଅଛି; "ହଡ଼ା ବେଦନା କୁଆ ନ ଜାଣେ; ଠକ ଠକ କରି ଠେଙ୍ଗୁରେ ହାଣେ ।"

ଓଡ଼ିଆ ସାହିତ୍ୟର ଦୁଃଖଦ ଅବସ୍ଥା ଓ ଏହାକୁ ସୁଧାରିବାର ଉପାୟ ବିବେଚନା କରିବାକୁ ଗଲାବେଳେ, ଏହି କଥାଟି ମରମକୁ ଛୁଏଁ। ଗୁଣ୍ଡିଆ ପାଣି ହୋଇଯାଏ।

ଓଡ଼ିଆ ସାହିତ୍ୟ ବର୍ତ୍ତମାନ ଏକ ଗଭୀର ସଙ୍କଟ ଅବସ୍ଥାରେ ଅଛି। ପ୍ରାଚୀନ ସମୟରୁ ଆମେ ଆଦର୍ଶ ଓ ଅନବଦ୍ୟ ସୃଷ୍ଟି ସମଗ୍ର ପଢ଼ିଛୁ ଯେତେବେଳେ କି ପାଠୁଆ ଅଧିକ ନଥିଲେ। ସମସ୍ତେ ରସିକ ଥିଲେ ସାହିତ୍ୟରସ ପାନ କରିବା ନିମନ୍ତେ। ବର୍ତ୍ତମାନ ପାଠୁଆଏ ବଢ଼ିଛନ୍ତି, କିନ୍ତୁ ଆଦର୍ଶସାହିତ୍ୟ କାହିଁ?

"ସୁନାମୁଦିଆ ହାତରୁ ଟାକରାଏ ଖାଇଲେ ଗଙ୍ଗାସ୍ନାନ ଫଳପାଇ ।" ଏହି ନ୍ୟାୟରେ ବଡ଼ବଡ଼ିଆ ସାହିତ୍ୟିକ କିସ ଗୋଟିଏ ଲେଖିଦେଲେ; ଆମର ଅନେକ ତଳତଳିଆ ଉଃ – ଆଃ-ବାଃ ସ୍ୱରରେ ମଞ୍ଚ ଫଟେଇ ଦେଉଛନ୍ତି।

ଓଡ଼ିଆ ସାହିତ୍ୟ ଜଗତର ପରିସ୍ଥିତି ବିଶ୍ଳେଷଣକରି ଏଇ ପ୍ରାଣ ଦେଖୁଛି ଯେ, ଆମ ଓଡ଼ିଆ ସାହିତ୍ୟ ସଂସାରରେ ୩୩% ପ୍ରକାଶକ, ୩୩% ଲେଖକ ଓ ୩୩% ପାଠକ ଅଛନ୍ତି, କିନ୍ତୁ କ୍ରେତା ସେଠାରେ ମାତ୍ର ୧%। କେତେଜଣ ପ୍ରକାଶକ ନିଜେ ଲେଖକ ହୋଇ ନିଜର ପାଠକୀୟ ଗୋଷ୍ଠୀ ଉପରେ ନିର୍ଭରକରି ନିଜର ସ୍ଥିତିକୁ ଦୃଢ଼କରି ରଖିବାକୁ ଚେଷ୍ଟା କରୁଛନ୍ତି। ପ୍ରାୟତଃ ଲେଖକମାନେ ଅଧିକ ଲେଖାଲେଖି କରୁଛନ୍ତି, କିନ୍ତୁ ଅଳ୍ପ ପଢୁଛନ୍ତି, ଫଳରେ ସେମାନଙ୍କ ରଚନାରେ ଗୁଣ ଓ ଗାମ୍ଭୀର୍ଯ୍ୟର ଅଭାବ।

ଏହି ସଙ୍କଟରୁ ଆମ ସାହିତ୍ୟ ସଂସାରକୁ ଉଦ୍ଧାର କରିବାକୁ ହେବ। ଏହି ଅଧୋଗତି ନିମନ୍ତେ ଦାୟୀ ସାହିତ୍ୟିକଗଣଙ୍କୁ ହାଜରଚୋର ହେବାକୁ ପଡ଼ିବ। ଏଥିପାଇଁ ସାହିତ୍ୟପ୍ରେମୀ ସଭିଙ୍କୁ ମିଳିମିଶି କିଛି ଏହିପରି ପଦକ୍ଷେପ ନେବାକୁ ହେବ। ଯେପରିକି,

**ସାହିତ୍ୟ ସାଙ୍ଗଠନିକ ଚେତନା:** ପ୍ରତ୍ୟେକ ଗ୍ରାମ-ସହର-ନଗରରେ ସାହିତ୍ୟ ଗୋଷ୍ଠୀ ସୃଷ୍ଟିହେବା ଦରକାର, ଯେଉଁଠାରେ ନିୟମିତ ଉତ୍ତମ ସାହିତ୍ୟ ପଠନ ଓ ଚର୍ଚ୍ଚାହେବ।

**ଶିଶୁମାନଙ୍କୁ ସାହିତ୍ୟପ୍ରେମ ନିମନ୍ତେ ଅଭିପ୍ରେରଣା:** ପିଲାଟି ଦିନରୁ ଗୁଣବତ୍ତାପୂର୍ଣ୍ଣ ଓଡ଼ିଆ ସାହିତ୍ୟ ପଢ଼ିବା ପାଇଁ ପ୍ରେରଣା ଦେବାକୁ ହେବ।

**ଗୁଣବତ୍ତା ନିୟନ୍ତ୍ରଣ:** ପ୍ରକାଶନ ପୂର୍ବରୁ ତାଲିମପ୍ରାପ୍ତ ସମ୍ପାଦକଙ୍କ ଦ୍ୱାରା ପାଣ୍ଡୁଲିପିର ସମୀକ୍ଷା ଅନିବାର୍ଯ୍ୟ ହେବା ଆବଶ୍ୟକ।

**ସ୍ୱାଭିମାନ ଓ ସମ୍ମାନ:** ଲେଖକ ତଥା ପ୍ରକାଶକ ଗୁଣବତ୍ତା ଓ ଆଦର୍ଶ ସାହିତ୍ୟକୁ ପ୍ରାଧାନ୍ୟ ଦେଲେ ପାଠକଙ୍କ ଗହଣରେ ପୁସ୍ତକ କିଣିବାର ମାନସିକତା ବଢ଼ିବ ଓ ସେମାନେ ମଧ୍ୟ ସମ୍ମାନିତ ହେବେ।

ସୁଧୀବୃନ୍ଦ, ଓଡ଼ିଆ ସାହିତ୍ୟର ଅବସ୍ରଂସନର ଏଇ ଘଡ଼ିରେ, ଲେଖକଙ୍କୁ ଅନୁରୋଧ ରହିବ; ଉତ୍ତମ ମାନର ଲେଖା ଲେଖନ୍ତୁ; ପ୍ରକାଶକଙ୍କ ଉପରେ ଆଶା ରହିବ ଯେ ପାଣ୍ଡୁଲିପିକୁ ଉତ୍ତମ ସମ୍ପାଦନା କରି ପ୍ରକାଶନ କରିବାର ବ୍ୟବସ୍ଥା କରିବା ହେବେ; ପାଠକଙ୍କ ଉପରେ ଏହି ବିଶ୍ୱାସ ରହିବ ଯେ, ଉତ୍ତମ ସାହିତ୍ୟର ଆଦର କରି ଲେଖକ ଓ ପ୍ରକାଶକଙ୍କ ଆଦର ଓ ସମ୍ମାନ କରିବେ।

ସମସ୍ତ ସାହିତ୍ୟପ୍ରେମୀ ସର୍ବସାଧାରଣଙ୍କୁ ଅନୁରୋଧ, ଏଇ ଅବବୋଧ ରଖି ଗୋଟିଏ ଗୋଟିଏ ପୁସ୍ତକ କିଣି ଓଡ଼ିଆ ସାହିତ୍ୟକୁ ହାଉଲେ ହାଉଲେ, ପାହୁଲେ ପାହୁଲେ ଆଗେଇ ନେବାରେ ସହାୟକ ହେବେ।

**- ପ୍ରଭୃ**

***ଅବସ୍ରଂସନ** – ଅଧଃପତନ, ତଳକୁ ଖସିପଡ଼ିବା

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com


imfa
Expanding Horizons, Strengthening Ties
India's emergence as the global growth engine is the driving force for us at IMFA. To actively meet the nation's expanding requirements, arising from an emphasis on infrastructure development, we are increasing our ore raising and smelting capacity. As the largest ferro chrome manufacturer in the country, we are committed to 'Make in India' and supply value-added ferro chrome to leading stainless steel producers worldwide.
WE ARE COMMITTED TO
FUELLING TOMORROW'S GROWTH, TODAY.
Scan to visit our Website
Address
Corporate Headquarters
IMFA Building Bhubaneswar Odisha 751 010
ISPL/IMFA/2023

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own



- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB

**Call : 8093091301**

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

SAHITYA CHARCHA ● August 2025 ● Rs.40 RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy